ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୫ ସଂସ୍କରଣ



 କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ସ୍ନେହ ସଦିଚ୍ଛା ଓ ସହାୟତା ପାଇଁ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| ଏକ୍ସଆଇଏମବିର ବାର୍ଷିକ ଉତ୍ସବ ବିବରଣୀ | | ୪୪ |
| **ଗଳ୍ପ ବିଭାଗ** | | **୪୭** |
| ଅନେକ କଳାଛାଇ - ୩୩ | ଅଶୋକ ବିଶ୍ୱାଳ | ୪୮ |
| ମନର ମଣିଷ | ଡ଼ଃ ନାରାୟଣ ଚନ୍ଦ୍ର ସେନାପତି | ୬୧ |
| ବାପାଙ୍କ ରେଡ଼ିଓ | ଅଭୟ କୁଣ୍ଡ | ୬୬ |
| ପ୍ରଶ୍ନବାଚୀ ଅଟେ ମାନବିକତା | ଦେବାଶିଷ ମାଇତି | ୭୦ |
| ସଂପର୍କ | ଭବାନୀ ଶଙ୍କର ଦାଶ | ୭୫ |
| ଚକୋଲେଟ୍ | ଶୋଭାମୟୀ ପତ୍ରୀ | ୮୧ |
| ସେହି ଘର | ଅନୀତା ମିଶ୍ର | ୮୪ |
| କୁଆଁର ପୁନେଇଁ | ସଂତୋଷିନୀ ଦାଶ | ୮୭ |
| ବାତ୍ୟା ଆସୁଛି | ବିଶ୍ୱ ରଞ୍ଜନ ଜେନା | ୯୦ |
| ରକ୍ତ ଗୋଲାପ | ଆଶୁତୋଷ ମେହେର | ୯୩ |
| ଟିକେ କଥା ଟିକେ ଗୀତ | ଦିବାକର ନାୟକ | ୯୭ |
| ଜଗାଙ୍କୁ ଚିଠି | ଗୌରୀ ପଣ୍ଡା | ୧୦୧ |
| **କବିତା ବିଭାଗ** | | **୧୦୩** |
| ଆତ୍ମଲିପି | ଶିବନାରାୟଣ ଦାସ | ୧୦୪ |
| ଦିହକୁ ନବନି କେହି | ହରେରାମ ପଣ୍ଡା | ୧୦୬ |




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କି ବୋଲିବି ଆଉ | ସରୋଜ କୁମାର ସାହୁ | ୧୦୭ |
| କୃଷ୍ଣଚୂଡ଼ା | ଡଃ ଆଲୋକ କୁମାର ରାୟ | ୧୦୮ |
| ଭବିଷ୍ୟତ ପାଇଁ ପଦେ | ଲକ୍ଷ୍ମୀକାନ୍ତ ପୃଷ୍ଟି | ୧୧୦ |
| ଚିଠି | ନୀଳମଣି ଚାନ୍ଦ | ୧୧୧ |
| ଚିଠି | ସୁନିତା ଦାଶ | ୧୧୩ |
| ଓଡ଼ିଆ ବିଚ୍ଛିନ୍ନ ଭୂଇଁ | ଅଜିତ କୁମାର ରାଉତ | ୧୧୫ |
| ଅଫେରନ୍ତା ସନେଟ | ମଧୁମିତା ମିଶ୍ର | ୧୧୭ |
| ନୂଆ ନୂଆ | ସୁଜିତ୍ କୁମାର ମିଶ୍ର | ୧୧୮ |
| ପ୍ରକୃତି ନାରୀ | ଦଶରଥ ମାଝୀ | ୧୨୦ |
| ତୁମ ଲପନ | ଅଲେଖ ମେହେର | ୧୨୧ |
| ପଢ଼ାଲେଖା କୁଲାଙ୍ଗାର | ଆଶିଷ କୁମାର ସାହୁ | ୧୨୨ |
| ଫେରିବାକୁ ଥିଲା ଯଦି | ବିନୟ ମହାପାତ୍ର | ୧୨୩ |
| ଜୀବନ ଅମର ଧାମେ | ମନୋରଞ୍ଜନ ସୁରୁଜାଲ | ୧୨୬ |
| ହସେ ସୌଦାମିନୀ ନାଚେ ଆକାଶ | ମନ୍ଦାକିନୀ ପାଢ଼ୀ | ୧୨୮ |
| ଗୁରୁ ଦିବସ | ପ୍ରବୀଣ କୁମାର ସାହୁ | ୧୩୦ |
| କାର୍ତ୍ତିକ ପୂର୍ଣ୍ଣିମା | ଅମୃତନାରାୟଣ ଶତପଥୀ | ୧୩୨ |
| ତୁମେ ମୋର ପରି ନୁହଁ | ତାରା ପ୍ରସାଦ ଜେନା | ୧୩୩ |
| ସ୍ମୃତି | ବିନୟ କୁମାର ମିଶ୍ର | ୧୩୫ |
| ଗାଁ'ରେ ଛୁଟିର ମଜା | ଚନ୍ଦ୍ରକାନ୍ତ ଜେନା | ୧୩୮ |
| ଜାତି ଭେଦ | ଏମ୍ ବିଜୟ କୁମାର | ୧୪୦ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ତୁମ କଥା | ଜ୍ୟୋତ୍ସ୍ନାରାଣୀ ମହାନ୍ତ | ୧୪୫ |
| ତୁମେ ମୋ ପାଇଁ | ବିଜୟ କୁମାର ମୁଣ୍ଡା | ୧୪୬ |
| ଡାକ୍ତରଖାନା | ସୁଧୀର ମେହେର | ୧୪୮ |
| ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା | ହେମନ୍ତ କୁମାର ନାୟକ | ୧୫୧ |
| ନିର୍ଦ୍ଧିଷ୍ଟ ଋତୁର ଫୁଲମାନେ | ସୌଭାଗ୍ୟ ପଟ୍ଟନାୟକ | ୧୫୩ |
| ସମୟ ନିର୍ଘଣ୍ଟ | ଡଃ ନିର୍ମଳ ନାୟକ | ୧୫୬ |
| ରଥଯାତ୍ରାରେ ତିନି ଠାକୁର | ଇତିଶ୍ରୀ ପତି | ୧୫୮ |
| ଅବୁଝା ପ୍ରେମିକ | ପ୍ରତିଭା ବେହେରା | ୧୬୦ |
| ସେକାଳ ପଖାଳ ନାହିଁ | ନିତ୍ୟ ରଞ୍ଜନ ନନ୍ଦ | ୧୬୨ |
| ଜୀବନ ସଙ୍ଗୀତ | ସରୋଜିନୀ ମିଶ୍ର | ୧୬୬ |
| ବାପାଙ୍କ ଶେଷ ଚିଠି | ଅଜୟ କୁମାର ପଣ୍ଡା | ୧୬୮ |
| ମୁଁ ତୁମ ପ୍ରେୟସୀ | ଶୁଭସ୍ମିତା ମହାପାତ୍ର | ୧୭୦ |
| ଅନ୍ନ ଦାନ | ରୁଦ୍ରସେନ ଖଟେଇ | ୧୭୨ |
| ଚିଠି ବାସୁଛି ତୁଳସୀ ତୁଳସୀ | ମାହେଶ୍ୱରୀ ଦାଶ | ୧୭୩ |
| ଚିଠି ବାସୁଛି ତୁଳସୀ ତୁଳସୀ | କଳ୍ପନା ବିନ୍ଧାଣୀ | ୧୭୫ |
| ଚିଠି ବାସୁଛି ତୁଳସୀ ତୁଳସୀ | ଅନୀତା ମିଶ୍ର | ୧୭୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ହରିହର ଭୁକ୍ତା | ୧୭୭ |
| ଚିଠି ବାସୁଛି ତୁଳସୀ ତୁଳସୀ | ଜ୍ୟୋତି ରଞ୍ଜନ ପାତ୍ର | ୧୭୯ |
| ଚିଠି ବାସୁଛି ତୁଳସୀ ତୁଳସୀ | ରାଧାଶ୍ୟାମ ମହାନ୍ତି | ୧୮୦ |
| ଚିଠି ବାସୁଛି ତୁଳସୀ ତୁଳସୀ | ସନ୍ତୋଷ କୁମାର ସାହୁ | ୧୮୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଚିଠି ବାସୁଛି ତୁଳସୀ ତୁଳସୀ | ଜ୍ୟୋତ୍ସ୍ନା ପାଣି | ୧୮୨ |
| ଚିଠି ବାସୁଛି ତୁଳସୀ ତୁଳସୀ | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୮୪ |
| ଚିଠି ବାସୁଛି ତୁଳସୀ ତୁଳସୀ | ଦେବେନ୍ଦ୍ର ନାୟକ | ୧୮୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ଜ୍ଞାନ ରଞ୍ଜନ ଦାଶ | ୧୮୭ |
| ଚିଠି ବାସୁଛି ତୁଳସୀ ତୁଳସୀ | କବିତା ଦାଶ | ୧୮୮ |
| ଚିଠି ବାସୁଛି ତୁଳସୀ ତୁଳସୀ | ସବିତା ଦ୍ୱିବେଦୀ ତ୍ରିପାଠୀ | ୧୯୦ |
| ଚିଠି ବାସୁଛି ତୁଳସୀ ତୁଳସୀ | ସଂଯୁକ୍ତା ସାହୁ | ୧୯୨ |
| ଚିଠି ବାସୁଛି ତୁଳସୀ ତୁଳସୀ | ରଞ୍ଜିତା ତ୍ରିପାଠୀ | ୧୯୩ |
| ଚିଠି ବାସୁଛି ତୁଳସୀ ତୁଳସୀ | ସୁଦ୍ୟୁମ୍ନା ପଣ୍ଡା | ୧୯୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ବୀରେନ୍ଦ୍ର କୁମାର ସାହୁ | ୧୯୭ |
| ଚିଠି ବାସୁଛି ତୁଳସୀ ତୁଳସୀ | ସୁନିତା ମହାନ୍ତି | ୧୯୮ |
| ଚିଠି ବାସୁଛି ତୁଳସୀ ତୁଳସୀ | ରବିନାରାୟଣ ମିଶ୍ର | ୧୯୯ |
| ଚିଠି ବାସୁଛି ତୁଳସୀ ତୁଳସୀ | ମଧୁସ୍ମିତା ସାହୁ | ୨୦୦ |
| ଚିଠି ବାସୁଛି ତୁଳସୀ ତୁଳସୀ | ରୀତାରାଣୀ ଦାଶ | ୨୦୧ |
| ଚିଠି ବାସୁଛି ତୁଳସୀ ତୁଳସୀ | ସୌଭାଗ୍ୟ ଦାଶ | ୨୦୩ |
| ଚିଠି ବାସୁଛି ତୁଳସୀ ତୁଳସୀ | ରଞ୍ଜିତା ସାହୁ | ୨୦୪ |
| ଚିଠି ବାସୁଛି ତୁଳସୀ ତୁଳସୀ | କୃଷ୍ଣଚନ୍ଦ୍ର ମହାପାତ୍ର | ୨୦୫ |
| ଚିଠି ବାସୁଛି ତୁଳସୀ ତୁଳସୀ | ମନୋରମା ରାଉତରାୟ | ୨୦୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ବିନୋଦିନୀ ନାୟକ | ୨୦୭ |
| ଚିଠି ବାସୁଛି ତୁଳସୀ ତୁଳସୀ | ହେମନ୍ତ କୁମାର ଗନ୍ତାୟତ | ୨୦୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଚିଠି ବାସୁଛି ତୁଳସୀ ତୁଳସୀ | ବିବାସିନୀ ପଟ୍ଟନାୟକ | ୨୦୯ |
| ଚିଠି ବାସୁଛି ତୁଳସୀ ତୁଳସୀ | ସହଦେବ ଜେନା | ୨୧୧ |
| ଚିଠି ବାସୁଛି ତୁଳସୀ ତୁଳସୀ | ବୁଦ୍ଧିଆ ସାହୁ | ୨୧୩ |
| ଚିଠି ବାସୁଛି ତୁଳସୀ ତୁଳସୀ | ମୁକୁନ୍ଦ ଚନ୍ଦ୍ର ସାମଲ | ୨୧୪ |
| ଚିଠି ବାସୁଛି ତୁଳସୀ ତୁଳସୀ | ଭାରତୀ ଭୂଷଣ ଦାସ | ୨୧୫ |
| ଚିଠି ବାସୁଛି ତୁଳସୀ ତୁଳସୀ | ନର୍ମଦା ରାଉତ | ୨୧୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ଅରୁଣ କୁମାର ବାରିକ | ୨୧୮ |
| ଚିଠି ବାସୁଛି ତୁଳସୀ ତୁଳସୀ | ଶ୍ୟାମା ପ୍ରସାଦ ବୋଷ | ୨୨୦ |
| ଚିଠି ବାସୁଛି ତୁଳସୀ ତୁଳସୀ | ପୁଷ୍ପଲତା ଜେନା | ୨୨୧ |
| ଚିଠି ବାସୁଛି ତୁଳସୀ ତୁଳସୀ | ଗୌରୀ ପଣ୍ଡା | ୨୨୨ |
| ଚିଠି ବାସୁଛି ତୁଳସୀ ତୁଳସୀ | ସୁଜାତା ଶତପଥୀ ଦେବତା | ୨୨୪ |
| ଚିଠି ବାସୁଛି ତୁଳସୀ ତୁଳସୀ | ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ | ୨୨୫ |
| ଚିଠି ବାସୁଛି ତୁଳସୀ ତୁଳସୀ | ଗଙ୍ଗାଧର ପ୍ରଧାନ | ୨୨୬ |
| ଚିଠି ବାସୁଛି ତୁଳସୀ ତୁଳସୀ | ମନୋଜ କୁମାର ପଣ୍ଡା | ୨୨୭ |
| ପୂର୍ଣ୍ଣ ଦୀପାବଳି | ଗାୟତ୍ରୀ ଦାଶ | ୨୨୯ |
| ଅଦ୍ଭୁତ ଅନୁଭବ | ସୁଶାନ୍ତ କୁମାର ସାହୁ | ୨୩୧ |
| ଧନ୍ୟବାଦ ସରକାର | ଶିଶିର କୁମାର ପଣ୍ଡା | ୨୩୩ |
| ଆଦିମ ମଣିଷର ସ୍ମୃତି | ବିକ୍ରମାଦିତ୍ୟ ପୁରୋହିତ | ୨୩୪ |
| ପ୍ରିୟତମଙ୍କ ପାଇଁ ପଦେ | ମଧୁସ୍ମିତା ନନ୍ଦ | ୨୩୬ |
| ଅଯୋଗ୍ୟ ପୁତ୍ର | ବିଭୁ ପ୍ରସାଦ ପଣ୍ଡା | ୨୩୭ |
| ବାତ୍ୟା | ବିଶ୍ୱ ରଞ୍ଜନ ମହାନ୍ତି | ୨୩୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମୋ ପ୍ରିୟା | ପ୍ରଶାନ୍ତ ବ୍ରହ୍ମା | ୨୪୦ |
| ମୋ ତିନୋଟି ହୀରା | ବିକାଶ କୁମାର ମହାନ୍ତ | ୨୪୧ |
| ସଂସାରକୁ ଆଦିତ୍ୟଙ୍କ ଭେଟ | ଜସ୍ମିନ୍ ସାହୁ | ୨୪୨ |
| ଅତୀତର ମାର୍ଗଶୀର | ପ୍ରଦୀପ ମହାନ୍ତ | ୨୪୩ |
| ଭଲ ପାଇବାର ନିଆରା ଛବି - ବାପା | ଅବିନାଶ ପଣ୍ଡା | ୨୪୫ |
| ପ୍ରଶ୍ନ କେତୋଟି ସାମାନ୍ୟ | କିରନ୍ ସ୍ୱାଇଁ | ୨୪୭ |
| କଳାଠାକୁର | ନଳିନୀ ଦାଶ | ୨୪୮ |
| ଆଘାତ | ଅରୁଣ କୁମାର ଦାସ | ୨୪୯ |
| ନଥିବ ଚାନ୍ଦିନୀ ରାତି | ଆକୁଳାନନ୍ଦ ପୃଷ୍ଟି | ୨୫୦ |
| ନକ୍ଷତ୍ରପୁଞ୍ଜ ହେ ବଡ଼ବଡୁଆ | ସ୍ୱର୍ଣ୍ଣ ରଥ ମହାପାତ୍ର | ୨୫୨ |
| ଚିଠିଟିଏ ହଜିଗଲେ | ସତ୍ୟବ୍ରତ ସାହୁ | ୨୫୩ |
| ହେଇଥିବୁ ମାଁ ସାହା | ବବୁନ୍ ସାହୁ | ୨୫୪ |
| **ପ୍ରବନ୍ଧ ବିଭାଗ** | | **୨୫୬** |
| ରାମାୟଣରେ ଭରତ ଚରିତ୍ର | ସଂଜୀବ କୁମାର ଦାସ | ୨୫୭ |
| ସତ୍ୟବାଦୀର ସଖା : ପଣ୍ଡିତ ଗୋଦାବରୀଶ | ଅକ୍ଷୟ କୁମାର ରାଉତ | ୨୫୯ |
| ସ୍କୁଲ୍ ପାଠ ପଢ଼ାରୁ ଇସ୍ରୋ | ରାମ ଚନ୍ଦ୍ର ପ୍ରଧାନ | ୨୬୪ |
| ସିକ୍ସ ପକେଟ୍ ସିଣ୍ଡ୍ରୋମ୍ କଣ ? | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୬୯ |
| ସାହିତ୍ୟ ବ୍ୟକ୍ତିଠାରୁ ଉର୍ଦ୍ଧ୍ୱରେ ! ! ! | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୭୪ |
| ପାଲା ସଂସ୍କୃତି | ଡଃ ବସନ୍ତ କିଶୋର ସାହୁ | ୨୭୮ |
| **ବିଶେଷ ସୂଚନା** | | **୨୯୦** |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ୨୦୨୫ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଯେମିତିକି ମୁଁ ଆଗରୁ ହିଁ ଆପଣମାନଙ୍କୁ ଅବଗତ କରାଇଥିଲି, ଯେ ମୋର ଲାପଟପ୍ ଖରାପ ହୋଇଯିବା ହେତୁ ଏହି ମାସର ସଂସ୍କରଣ ପ୍ରକାଶନରେ ଅହେତୁକ ବିଳମ୍ବ ହୋଇପାରେ, ସେଥିପାଇଁ ମୁଁ ଦୁଃଖିତ । ମୋର ଭଙ୍ଗା ଲାପଟପକୁ ଯଥା ସମ୍ଭବ ମରାମତି କରାଇ ଏହି ସଂସ୍କରଣକୁ ପ୍ରକାଶନ କରିବାର ପ୍ରଚେଷ୍ଟା କରିଛି । ଆଶା କରୁଛି ଆପଣ ମାନଙ୍କୁ ଏହି ସଂସ୍କରଣ ଭଲ ଲାଗିବ । ବିଳମ୍ବ ହୋଇଥିବା ହେତୁ ମୁଁ ଦୁଃଖିତ । ଚାଲନ୍ତୁ ପୁଣି ଥରେ ଓଡ଼ିଆ ଭାଷା ଓ ସାହିତ୍ୟର ଧାରାରେ ବହିଯିବା । ଗଳ୍ପ ଓ କବିତାରେ ଦୁନିଆରେ ହଜିଯିବା ।

ବର୍ଷର ସବୁଠାରୁ ସୁଖଦ ଓ ଅତ୍ୟନ୍ତ ଆଶା କରାଯାଇଥିବା ମାସ ସବୁ ଆସି ପହଞ୍ଚି ଯାଇଛି । କାର୍ତ୍ତିକ ମାସ ଶେଷ ହେବା ସହ ରାଜ୍ୟର ଅନେକ ଅଞ୍ଚଳରେ ବର୍ତ୍ତମାନ ଶୀତଲହରୀ ଦେଖିବାକୁ ମିଳିଲାଣି । ମଠୁଆ ଦିନ ଓ ଲମ୍ବା ରାତି ଆମକୁ ବିଶ୍ରାମ କରିବାକୁ ବାଧ୍ୟ କରିଲାଣି । ପାହାନ୍ତି ପହରର କାକର ବୁନ୍ଦା ସବୁ ପାଦକୁ ଓଦା କରିଦେଇ ଛୁଇଁ ଛୁଇଁ ଗଲାଭଳି ମନେ ହେଉଛି । ଦିନ ଶେଷ ନ ହେଉଣୁ, ସଞ୍ଜ ନଇଁ ଆସୁଛି । ଶୀତର ଛୁଆଁ ମନକୁ ଆନ୍ଦୋଳିତ କରୁଛି । କବିମନ ଆନମନା ହେଉଥିବା ବେଳେ ଗାଳ୍ପିକ ଭାବୁକ ସବୁ ନୁଆ ନୁଆ କଥା ଓ କାହାଣୀର ସମ୍ଭାବନା ଖୋଜିବାକୁ ଲାଗିଲେଣି । ଚଷାଭାଇ ଏବେ କ୍ଷେତରେ ଲହରୀ ଖେଳୁଥିବା ଧାନ ଫସଲକୁ କାଟି ଘରକୁ ଆଣିବାକୁ ତତ୍ପର ହେଲେଣି । ଓଡ଼ିଶାର ପୂରପଲ୍ଲୀରେ ଘର ସାମନାରେ ଧଳା ଚିତା ସବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନ୍ଦର ବାତାବରଣ ସୃଷ୍ଟି କରିଲାଣି । ସଦ୍ୟ ସମାପିତ ପ୍ରଥମାଷ୍ଟମୀରେ ହଳଦୀ ପତ୍ରରେ ତିଆରି ପିଠାର ବାସ୍ନା ଏବେ ବି ବାୟୁ ମଣ୍ଡଳରେ ତରଙ୍ଗାୟିତ ହେଉଛି । ଏହିଭଳି ଏକ ସୁଖକର ସମୟରେ ଦେଶ ଦୁନିଆରେ କଣ ସବୁ ଘଟି ଯାଉଛି ସେ ବିଷୟରେ ସଂକ୍ଷେପରେ ଜାଣିବା ଆସନ୍ତୁ ।

ଐତିହାସିକ କଟକ ବାଲିଯାତ୍ରା ୯ ଦିନ ପରେ ସମାପ୍ତ ହୋଇଛି । ଚଳିତ ବର୍ଷର ଏହି ମେଳା ଆକର୍ଷଣୀୟ କାର୍ଯ୍ୟକ୍ରମ ଏବଂ ବ୍ୟାପକ ବ୍ୟବସାୟ ସହିତ ସମସ୍ତ ପୂର୍ବ ରେକର୍ଡ ଭାଙ୍ଗିଛି । ୯ ଦିନର ଏହି ଯାତ୍ରାରେ ପ୍ରାୟ ୭୦ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ଆକଳନ କରାଯାଉଛି । ଶନିବାର ଓ ରବିବାର ସର୍ବକାଳୀନ ରେକର୍ଡ ଭିଡ଼ ହୋଇଥିଲା, ଯେଉଁଥିରେ କେବଳ ରବିବାର ଦର୍ଶକ ସଂଖ୍ୟା ୧୫ ଲକ୍ଷ ଟପିଥିଲା ।

ଚଳିତ ବର୍ଷ ବାଲିଯାତ୍ରାରେ ପ୍ରାୟ ୩୦୦ କୋଟି ଟଙ୍କାର ବେପାର ହୋଇଥିବା ଅନୁମାନ କରାଯାଉଛି । ପଲ୍ଲୀଶ୍ରୀ ମେଳାରେ ୨,୫୦୦ରୁ ଅଧିକ ଷ୍ଟଲ୍ ସ୍ଥାପିତ ହୋଇଥିଲା ଏବଂ କାରବାର ୫୦ରୁ ୫୫ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଗତ ବର୍ଷର ରେକର୍ଡ (୪୩ କୋଟି) ଭାଙ୍ଗିଛି ।

ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ୍ ଏବଂ ହର୍ଷଦୀପ କୌରଙ୍କ କାର୍ଯ୍ୟକ୍ରମ ବାଲିଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ଏହି ଦିନଗୁଡ଼ିକରେ ୩୦ ଲକ୍ଷରୁ ଅଧିକ ଜନ ସମାଗମ ହୋଇଥିବା ଆକଳନ କରାଯାଇଛି ।

'କଟକ ଇନ୍ କଟକ', 'ଓଡ଼ିଆ ଅସ୍ମିତା', 'ଲେଜର୍ ଲାଇଟ୍ ସୋ', 'ଜଳପରୀ ସୋ' ଏବଂ ବୋଇତ ପ୍ରତିଯୋଗିତା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । କଟକ ଜିଲ୍ଲା ପ୍ରଶାସନ ୬ ମାସ ଧରି ପ୍ରସ୍ତୁତି କରି ୬୦ ଏକର ଜମିରେ ବାଲିଯାତ୍ରା ଆୟୋଜନ କରିଥିଲା ।

ବ୍ୟାପକ ଆୟୋଜନ ସତ୍ତ୍ୱେ ଭିଡ଼, ଟ୍ରାଫିକ୍ ଜାମ୍, ମୋବାଇଲ୍ ନେଟୱର୍କ ସମସ୍ୟା

Listen to Odia Podcast Original at https://youtube.com/@drjyotiprasad

ଏବଂ ଧୂଳି ନିୟନ୍ତ୍ରଣରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯାହା ଇ-ପେମେଣ୍ଟ ଉପରେ ନିର୍ଭର କରୁଥିବା ଦର୍ଶକଙ୍କୁ ଅସୁବିଧାରେ ପକାଇଥିଲା ।

ଐତିହାସିକ ବାଲିଯାତ୍ରାର ଅବଧି ବୃଦ୍ଧି ହେବା ପରେ ଗୁରୁବାର ଥିଲା ଏହାର ଶେଷ ସାଂସ୍କୃତିକ ସନ୍ଧ୍ୟା । ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ମଞ୍ଚରେ ଆୟୋଜିତ 'ବଲିଉଡ୍ ନାଇଟ୍'ରେ ବଲିଉଡ୍‌ର ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲ୍ ନିଜ ସଙ୍ଗୀତର ଯାଦୁରେ ଲକ୍ଷାଧିକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।

ଶ୍ରେୟା ମଞ୍ଚରେ ପହଞ୍ଚିବା ପରେ ସମସ୍ତଙ୍କୁ ସମ୍ବୋଧନ କରି ପ୍ରଥମେ ଉପସ୍ଥିତ ସମସ୍ତଙ୍କର ମନ ଜିଣିଥିଲେ । ସେ ହଠାତ୍ ମଞ୍ଚ ଉପରେ ନିଜ ଚପଲ କାଢ଼ି ରଖିଥିଲେ ଏବଂ 'ଜୟ ଜଗନ୍ନାଥ' କହି ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ ।

ଏହାପରେ ସେ ହିନ୍ଦୀ ଗୀତ ବଦଳରେ ସୁନ୍ଦର ଓଡ଼ିଆ ଭଜନ 'ଶ୍ରୀକ୍ଷେତ୍ରେ ଉଡ଼ି ଉଡ଼ି ଯିବୁ ମନ ପାରାରେ' ଗାଇଥିଲେ, ଯାହା ସେଠାରେ ଉପସ୍ଥିତ ହଜାର ହଜାର ଓଡ଼ିଆଙ୍କ ହୃଦୟକୁ ଛୁଇଁଥିଲା । ଉପସ୍ଥିତ ଜନତା ଶ୍ରେୟାଙ୍କୁ ଭରପୂର୍ ପ୍ରଶଂସା କରିଥିଲେ ।

ପାଖାପାଖି ଅଢ଼େଇ ଘଣ୍ଟା ଧରି ଶ୍ରେୟା ୧୦ରୁ ଅଧିକ ଗୀତ ଗାଇଥିଲେ । ସେ 'ସୁନ୍ ରାହା ହେ ନାଁ ତୁ...', 'ତୁମ୍ କ୍ୟା ମିଲେ...', 'ଯାଦୁ ହେ ନସ ନସା ହେ...', 'ସୟାରା', 'ପିୟା ଓରେ ପିୟା', 'ଦିୱାନୀ ମସ୍ତାନୀ', 'ଘର ମୋରେ ପରଦେଶିଆ' ଭଳି ଦମ୍‌ଦାର୍ ହିନ୍ଦୀ ଗୀତ ସହିତ ଦମ୍‌ଦାର ନୃତ୍ୟ ଗୀତ ମଧ୍ୟ ଗାଇଥିଲେ ।

ତାଙ୍କର ସଙ୍ଗୀତ ଶୁଣିବାକୁ ବାଲିଯାତ୍ରା ପଡ଼ିଆ ଏକ ଜନସମୁଦ୍ରରେ ପରିଣତ ହୋଇଯାଇଥିଲା । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ଛୋଟ ପିଲା ଓ ବୃଦ୍ଧାବୃଦ୍ଧଙ୍କୁ ବାଲିଯାତ୍ରା ନ ଆସିବାକୁ ଅପିଲ୍ କରାଯାଇଥିଲା ।

କଟକ ବାଲିଯାତ୍ରାର ଶେଷ ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଛି । ଏପରିକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଲିଉଡ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମରେ ଠେଲାପେଲା ହୋଇ ୨ଜଣ ଦର୍ଶକ ଅଚେତ୍ ହୋଇଯାଇଥିବା ସୂଚନା ମିଳିଛି । ଆମ୍ବୁଲାନ୍ସ ଯୋଗେ ୨ ଅଚେତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

ଅନ୍ୟପକ୍ଷେ ସ୍ଥିତି ନିୟନ୍ତ୍ରଣ ପାଇଁ ଅତିରିକ୍ତ ସିପିଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି ।

ଡିଜିଟାଲ୍ ଯୁଗରେ ଓଡ଼ିଆ କ୍ଲାସିକ୍ ପୁସ୍ତକର ପ୍ରଚାର ପ୍ରସାର ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ବାଲିଯାତ୍ରାରେ ମାଗଣାରେ ବହି ବଣ୍ଟନ ପାଇଁ ଯେଉଁ ଯୋଜନା କରାଯାଇଥିଲା, ଯାହା ଏବେ ବିବାଦ ଘେରରେ ଫସିଯାଇଛି । ବହୁ ପ୍ରକାଶକ ଜିଏସ୍‌ଟି ପ୍ରମାଣପତ୍ର ଏବଂ ସମୟାନୁବର୍ତ୍ତୀ ବିତରଣ କାର୍ଯ୍ୟସୂଚୀ ସମ୍ବନ୍ଧୀୟ ସମସ୍ୟା ଦର୍ଶାଇ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯିବାରୁ ଏହି ଯୋଜନା ସଫଳ ହୋଇପାରି ନାହିଁ ।

ଫକୀର ମୋହନ ସେନାପତି, ମନୋଜ ଦାସଙ୍କ ଭଳି ବିଶିଷ୍ଟ ଲେଖକମାନଙ୍କର ୨୫ଟି କ୍ଲାସିକ୍ ଓଡ଼ିଆ ବହି (ଯଥା: 'ଛ ମାଣ ଆଠ ଗୁଣ୍ଠ', 'ବଧୂ ନିରୂପମା', 'ମାଟିର ମଣିଷ', 'ପରଜା') ର ମୋଟ ୭୫,୦୦୦ କପି କିଣାଯାଇ ମାଗଣାରେ ବଣ୍ଟନ କରିବାକୁ ପ୍ରଶାସନ ଯୋଜନା କରିଥିଲା ।

ଅକ୍ଟୋବର ୨୨ରେ ପ୍ରଥମ ଟେଣ୍ଡର ଡକା ଯାଇଥିଲେ ହେଁ, ଜିଏସ୍‌ଟି ନିୟମ ଏବଂ ଅଳ୍ପ ସମୟ ମଧ୍ୟରେ ବହି ଯୋଗାଇବାର ସମସ୍ୟା ଯୋଗୁଁ ଅନେକ ପ୍ରକାଶନୀ ସଂସ୍ଥା ଏଥିରୁ ଓହରି ଯାଇଥିଲେ ।

ନଭେମ୍ବର ୩ରେ ଅତିକମରେ ୧୧ଟି ବହିର ୯,୦୦୦ କପି ପାଇଁ ଦ୍ୱିତୀୟ ଥର ଟେଣ୍ଡର ହୋଇଥିଲା, କିନ୍ତୁ ଏଥିରେ ମଧ୍ୟ ଜିଏସ୍‌ଟି ଛାଡ଼କୁ ବୈକଳ୍ପିକ ରଖାଯିବାରୁ ବିବାଦ ବଢ଼ିଥିଲା । ବହି ଚୟନ ପାଇଁ ଗଠନ ହେବାକୁ ଥିବା ବିଶେଷଜ୍ଞ କମିଟିକୁ ମଧ୍ୟ ଅଣଦେଖା କରାଯାଇଥିବାରୁ ପ୍ରଶାସନର ପରିଚାଳନା ଉପରେ ପ୍ରଶ୍ନ ଉଠିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଲିଯାତ୍ରା ସ୍ଥଳରେ ପ୍ରତିଶ୍ରୁତି ମୁତାବକ ବହି ପହଞ୍ଚି ନ ଥିବାରୁ ଅପରାହ୍ଣରେ ଉପସ୍ଥିତ ପାଠକମାନେ ନିରାଶ ହୋଇ ଫେରିଛନ୍ତି । ଏହି ଘଟଣାକୁ ନେଇ ସ୍ୱଚ୍ଛତା, ଦୁର୍ନୀତି ଏବଂ ଅଳ୍ପ ସମୟ ମଧ୍ୟରେ ହଜାର ହଜାର ବହି ବଣ୍ଟନ କରିବାର ବାସ୍ତବତା ଉପରେ ଚିନ୍ତା ପ୍ରକଟ କରାଯାଉଛି ।

ବଣ୍ଟନ ପ୍ରକ୍ରିୟା, ଜିଏସ୍‌ଟି ସମ୍ବନ୍ଧୀୟ ଜଟିଳତା ଏବଂ ପ୍ରକାଶକମାନଙ୍କ କ୍ଷତି ପାଇଁ ଉତ୍ତରଦାୟିତ୍ୱ ବିଷୟରେ ବାଲିଯାତ୍ରା ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି ।

ଓଲିଉଡର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । କିଛି ଦିନ ଧରି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ହ୍ୟୁମାନଙ୍କୁ କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ଅଧିକ ଚିକିତ୍ସା ପାଇଁ ଏମ୍‌ସକୁ ନିଆଯାଇଛି ।

ଏହା ପୂର୍ବରୁ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ସ୍ନାୟୁ ଜନିତ ରୋଗ 'Osmotic Demyelination Syndrome' ଏବଂ ଅନ୍ୟାନ୍ୟ ସଂକ୍ରମଣ ଯୋଗୁଁ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି । ଗତ ୨୫ ସେପ୍ଟେମ୍ବରରେ ତାଙ୍କୁ ମେଡ଼ିସିନ୍ ୱାର୍ଡକୁ ଅଣାଯାଇଥିଲେ ବି, ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଆଜି ତାଙ୍କୁ ପୁଣିଥରେ ଆଇସିୟୁରେ ଭର୍ତ୍ତି କରାଯାଇଛି ।

କିଛି ଦିନ ପୂର୍ବରୁ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ମଧ୍ୟ ଅସୁସ୍ଥତା କାରଣରୁ ହସ୍ପିଟାଲରେ ଆଡମିଟ୍ ହୋଇଥିଲେ । ଏହିପରି ଭାବରେ କ୍ରମାଗତ ଓଲିଉଡର କଳାକାରଙ୍କ ଅସୁସ୍ଥତାକୁ ନେଇ ଚିନ୍ତା ବଢ଼ିଛି ।

କଣ୍ଠଶିଳ୍ପୀ ହ୍ୟୁମାନ ସାଗର କିଡ୍‌ନୀ ଏବଂ ଲିଭରଜନିତ ରୋଗରେ ପୀଡ଼ିତ ଅଛନ୍ତି । ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକରୁ ଏମ୍‌ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସୂଚନା ମିଳିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସମୟରେ ପୁଅର ଚିକିତ୍ସା ପାଇଁ ସହାୟତା ଦେବାକୁ ତାଙ୍କ ମା' ଆକୁଳ ନିବେଦନ କରିଛନ୍ତି । ସେ କହିଛନ୍ତି, ମୋ ପୁଅ ଭେଣ୍ଟିଲେଟର୍‌ରେ ଅଛି । ଦୟାକରି ମୋ ପୁଅ ବାହାରକୁ ନେଇ ଚିକିତ୍ସା କରନ୍ତୁ ବୋଲି ସେ କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ କହିଛନ୍ତି ।

ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ଣ ୧ଟା ୧୦ରେ ହ୍ୟୁମାନଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା । ଜରୁରିକାଳୀନ ବିଭାଗରେ ପ୍ରାରମ୍ଭିକ ସ୍ଥିରତା ପରେ ଇଣ୍ଟେନ୍‌ସିଭିଷ୍ଟ ତଥା ଇସିଏମ୍‌ଓ ସ୍ପେଶାଲିଷ୍ଟ ଡା. ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଆଇସିୟୁରେ ତାଙ୍କର ଚିକିତ୍ସା କରାଯାଉଛି । ଭେଣ୍ଟିଲେଟର ସପୋର୍ଟରେ ରହିଥିବା ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ରହିଛି । ପ୍ରାଥମିକ ଚିକିତ୍ସା ପରେ ତାଙ୍କର ମଲ୍ଟି ଅର୍ଗାନ ଡିସ୍‌ଫଙ୍କ୍‌ଶନ୍ ସିଣ୍ଡ୍ରୋମ୍ (ଏମ୍‌ଓଡିଏସ୍) ଯଥା ଏନ୍‌ସେଫାଲୋପାଥି, ଆଘାତ, ଶ୍ୱାସକ୍ରିୟା ବିଫଳତା, ତୀବ୍ର ବୃକକ୍ ଆଘାତ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ, କୋଆଗୁଲାପାଥି ଚିହ୍ନଟ ହୋଇଛି । ଏଥିସହ ଅତ୍ୟଧିକ କ୍ରନିକ୍ ଯକୃତ ବିଫଳତା, ବିଲାଟେରାଲ ନିମୋନିଆ, ଗୁରୁତର ଏଲ୍‌ଭି ସିଷ୍ଟୋଲିକ୍ ଡିସ୍‌ଫଙ୍କ୍‌ସନ ସହିତ ଡିଲାଟେଡ୍ କାର୍ଡିଓମାୟୋପାଥି ଚିହ୍ନଟ ହୋଇଥିବା ନେଇ ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ, ହ୍ୟୁମାନ ଅସୁସ୍ଥ ହୋଇ ଗତ ୧୧ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତେବେ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ଫ୍ୟାନ୍‌ସ ଓ ସେଲିବ୍ରିଟିମାନେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

କୋରାପୁଟ ଜିଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତସ୍ଥିତ ପୁଟସିଲଠାରେ ଶନିବାର ଇକୋ ରିଟ୍ରିଟ୍ ୨୦୨୫ର ଆଭାସୀ ମାଧ୍ୟମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଇକୋ ରିଟ୍ରିଟ୍ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଫେବୃଆରୀ ମାସ ପର୍ଯ୍ୟନ୍ତ ଖୋଲା ରହିବ। ସମୁଦାୟ ୨୫ଟି ସୁଟ ରହିଛି । ପଞ୍ଚତାରକା ହୋଟେଲର ସୁବିଧା ଏଠି ପର୍ଯ୍ୟଟକମାନେ ପାଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୟଦ ସବୀର ସାହା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ବର୍ଷ ଲାଗି କ୍ୟାଲେଣ୍ଡର ଜାରି କରାଯାଇଛି । ରାଜସ୍ୱ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଆସନ୍ତାବର୍ଷ କ୍ୟାଲେଣ୍ଡରରେ ୨୯ଟି ସାଧାରଣ ଛୁଟି ତଥା ସରକାରୀ ଛୁଟି ରହିଛି । ୨୦୨୬ ବର୍ଷ ପାଇଁ କ୍ୟାଲେଣ୍ଡରରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୯ଟି ଇଚ୍ଛାଧୀନ(ଅପ୍‌ଶନାଲ)ଛୁଟିର ବ୍ୟବସ୍ଥା ରହିଛି ।

ବିଜ୍ଞପ୍ତି ଅନୁଯାୟୀ, ମକର ସଂକ୍ରାନ୍ତି (୧୪ ଜାନୁଆରୀ)ରୁ ସରକାରୀ ଛୁଟି ଆରମ୍ଭ ହେଉଛି । ଏହାପରେ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ/ବସନ୍ତ ପଞ୍ଚମୀ ପାଇଁ ୨୩ ଜାନୁଆରୀ ଛୁଟି ଘୋଷଣା କରାଯାଇଥିବା ବେଳେ ଗଣତନ୍ତ୍ର ଦିବସ (୨୬ ଜାନୁଆରୀ), ଦୋଳପୂର୍ଣ୍ଣିମା (୩ ମାର୍ଚ୍ଚ), ହୋଲି (୪ ମାର୍ଚ୍ଚ), ଇଦ୍-ଉଲ୍-ଫିତର (୨୧ ମାର୍ଚ୍ଚ), ଶ୍ରୀରାମନବମୀ (୨୭ ମାର୍ଚ୍ଚ), ଉତ୍କଳ ଦିବସ (୧ ଏପ୍ରିଲ), ଗୁଡ୍ ଫ୍ରାଇଡେ (୩ ଏପ୍ରିଲ), ଡ. ବି.ଆର୍. ଆମ୍ବେଦ୍‌କର ଜୟନ୍ତୀ/ମହା ବିଷୁବ ସଂକ୍ରାନ୍ତି (୧୪ ଏପ୍ରିଲ), ବୁଦ୍ଧ ପୂର୍ଣ୍ଣିମା (ମେ ୧), ସାବିତ୍ରୀ ଅମାବାସ୍ୟା (ମେ ୧୬), ଇଦ୍-ଉଲ୍-ଜୁହା (ମେ ୨୭), ରଜ ସଂକ୍ରାନ୍ତି (୧୫ ଜୁନ୍), ମହରମ୍ (୨୬ ଜୁନ୍), ରଥଯାତ୍ରା (୧୬ ଜୁଲାଇ), ସ୍ୱାଧୀନତା ଦିବସ (୧୫ ଅଗଷ୍ଟ), ପ୍ରୋଫେଟ୍ ମହମ୍ମଦଙ୍କ ଜନ୍ମଦିବସ (୨୬ ଅଗଷ୍ଟ), ଝୁଲଣ ପୂର୍ଣ୍ଣିମା (୨୭ ଅଗଷ୍ଟ), ଜନ୍ମାଷ୍ଟମୀ (୪ ସେପ୍ଟେମ୍ବର), ଗଣେଶ ପୂଜା (୧୪ ସେପ୍ଟେମ୍ବର), ନୂଆଖାଇ (୧୫ ସେପ୍ଟେମ୍ବର), ନୂଆଖାଇ ପରଦିନ (୧୬ ସେପ୍ଟେମ୍ବର), ଗାନ୍ଧୀ ଜୟନ୍ତୀ (ଅକ୍ଟୋବର ୨), ମହାସପ୍ତମୀ (୧୭ ଅକ୍ଟୋବର), ମହାନବମୀ (୧୯ ଅକ୍ଟୋବର), ବିଜୟାଦଶମୀ (୨୦ ଅକ୍ଟୋବର), ରାସ ପୂର୍ଣ୍ଣିମା (୨୪ ନଭେମ୍ବର) ଏବଂ ବଡ଼ଦିନ (୨୫ ଡିସେମ୍ବର) ଅନ୍ତର୍ଭୁକ୍ତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହିପରି ସରକାରୀ କର୍ମଚାରୀଙ୍କ ଇଚ୍ଛାଧୀନ ଛୁଟି ତାଲିକାରେ ଗୁରୁ ଗୋବିନ୍ଦ ସିଂଙ୍କ ଜନ୍ମଦିବସ (୬ ଜାନୁଆରୀ), ସବ୍-ଏ-କଦର (୧୭ ମାର୍ଚ୍ଚ), ଇଷ୍ଟର ସଟରଡେ (୪ ଏପ୍ରିଲ), ରାଜା ରାମମୋହନ ରାୟଙ୍କ ଜନ୍ମଦିବସ (୨୨ ମେ), ବାହୁଡ଼ା ଯାତ୍ରା (୨୪ ଜୁଲାଇ), ବ୍ରହ୍ମ ସମାଜର ସ୍ଥାପନା ଦିବସ (୨୦ ଅଗଷ୍ଟ), ଅଁଳାନବମୀ (୧୮ ନଭେମ୍ବର), ପ୍ରଥମାଷ୍ଟମୀ (୧ ଡିସେମ୍ବର) ଏବଂ କ୍ରିସ୍‌ମସ୍ ଇଭ୍ (୨୪ ଡିସେମ୍ବର) ରହିଛି । ତେବେ ଆସନ୍ତାବର୍ଷ ସରକାରୀ କର୍ମଚାରୀଙ୍କ ପାଇଁ ୬ ଦିନର ଛୁଟି ଏକପ୍ରକାର ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି । ୫ଟି ଛୁଟି ରବିବାର ପଡ଼ୁଥିବା ବେଳେ ମହାଳୟା ଦ୍ୱିତୀୟ ଶନିବାର ଛୁଟିଦିନ ପଡୁଛି । ରବିବାର ପଡୁଥିବା ଛୁଟି ମଧ୍ୟରେ ମହାଶିବରାତ୍ରି (୧୫ ଫେବୃଆରୀ), ପହିଲି ରଜ (୧୪ ଜୁନ୍), ମହାଷ୍ଟମୀ (୧୮ ଅକ୍ଟୋବର), କୁମାରପୂର୍ଣ୍ଣିମା (୨୫ ଅକ୍ଟୋବର) ଏବଂ ଦୀପାବଳି (୮ ନଭେମ୍ବର) ରହିଛି ।

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡ଼ିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବ । ଦୀର୍ଘ ୧୧ଦିନ ବ୍ୟାପୀ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ୩ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ତେବେ ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ କରାଯିବ। ଏଥିପାଇଁ ଅନେକ ଆଶାୟୀ ଆବେଦନ କରିଥିବାବେଳେ ଆସନ୍ତା ୧୫ତାରିଖରୁ ବିଭିନ୍ନ ଚରିତ୍ର ପାଇଁ କଳାକାର ଚୟନ କରାଯିବ ।

ଦୀର୍ଘ ୩ଦିନ ଧରି ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଚୟନ ଅନୁଷ୍ଠିତ ହେବ । ୧୫ ତାରିଖ ଦେବକୀ, ନାରଦ, ଚାଣୁର, ମୁଷ୍ଟିକ, ସାର୍ତ୍ତକି, ବସୁଦେବ, ଅକ୍ରୁର ଏବଂ ଉଗ୍ରସେନ, ୧୬ତାରିଖ ମହାମନ୍ତ୍ରୀ ଓ ସେନାପତି ଏବଂ ୧୭ ତାରିଖ ଦିନ କଂସ ମହାରାଜ ସକାଶେ ସାକ୍ଷାତକାର ଅନୁଷ୍ଠିତ ହେବ । କଂସ ମହାରାଜ ଚରିତ୍ରରେ ୪୪, ମହାମନ୍ତ୍ରୀରେ ୩୩, ସେନାପତିରେ ୭୪, ଦେବକୀରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୪,ନାରଦରେ ୨୦, ଚାଣୁରରେ ୧୭, ସାର୍ତ୍ତକିରେ ୧୦, ମୁଷ୍ଟିକରେ ୧୮, ବସୁଦେବରେ ୩୦, ଅକ୍ରୁରରେ ୨୦, ଉଗ୍ରସେନରେ ୧୧ ତଥା ସମୁଦାୟ ୨୯୧ କଳାକାର ଚୟନରେ ଅଂଶଗ୍ରହଣ କରିବେ । ଆବେଦନକର୍ତ୍ତା ନିଜ ଭୂମିକା ପାଇଁ ଉଦ୍ଦିଷ୍ଟ ତାରିଖରେ ପୂର୍ବାହ୍ନ ୯ଟା ୩୦ ମିନିଟ୍‌ସୁଦ୍ଧା ବିଜୁ ପଟ୍ଟନାୟକ ଟାଉନ ହଲରେ ପହଞ୍ଚିବା ପାଇଁ ଫୋନ୍ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସୂଚନା ଦେଇଛନ୍ତି ।

ନୂଆପଡାରେ ଭାଜପାର ବିପୁଳ ବିଜୟ ହୋଇଛି । ନୂଆପଡାର ଏହି ଐତିହାସିକ ବିଜୟରେ ଜୟ ଢୋଲକିଆ ବଡ଼ ମାର୍ଜିନରେ ବିଜୟ ହାସଲ କରିଛନ୍ତି । ତେବେ ଏହିକ୍ରମରେ କଂଗ୍ରେସ ଦ୍ୱିତୀୟ ଓ ବିଜେଡି ତୃତୀୟ ସ୍ଥାନରେ ରହିଛି । ବିଜୟକୁ ନେଇ ଜୟ ଢୋଲକିଆଙ୍କର ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଜୟ କହିଛନ୍ତି, ଏହି ବିଜୟ ନୂଆପଡାବାସୀଙ୍କ ବିଜୟ ଏବଂ ବିକାଶର ବିଜୟ। ଭାରତୀୟ ଜନତା ପାର୍ଟିର ବିଜୟ। ପ୍ରଧାନମନ୍ତ୍ରୀ ମୋଦି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିଜୟ। ଆମର ଏତେ ବଡ଼ ବିଜୟକୁ ବିରୋଧୀ ହଜମ କରିପାରୁ ନାହାନ୍ତି । ମୋ ବାପା ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ରଖି ଯେଉଁମାନେ ଶ୍ରେୟ ନେବାକୁ ଚାହୁଁଥିଲେ, ସେମାନଙ୍କୁ କଡ଼ା ଜବାବ ମିଳିଛି ବୋଲି ଜୟ କହିଛନ୍ତି ।

ସେପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡ଼ା ବିଜୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ା ବିଜୟ ଓଡ଼ିଶା ରାଜନୀତିରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ସରକାରଙ୍କ ନୀତି, ଜନକଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ଆସ୍ଥାକୁ ପ୍ରମାଣିତ କରୁଛି । ବିରୋଧୀଙ୍କ ଅପପ୍ରଚାର, ମିଥ୍ୟା ପ୍ରତିଶ୍ରୁତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିକାଶକୁ ସମର୍ଥନ କରି ଲୋକେ ଭାଜପାକୁ ସ୍ପଷ୍ଟ ଜନାଦେଶ ଦେଇଛନ୍ତି । ଦେଶରେ ମୋଦିଙ୍କ ନେତୃତ୍ୱ ବିକାଶର ଏକମାତ୍ର ପରିଭାଷା ବୋଲି ମୁଖ୍ୟମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଛନ୍ତି ।

ରାଜ୍ୟରେ ଶୀତର ପ୍ରଭାବ ଦେଖିବାକୁ ଅନୁଭୂତ ହେଉଥିବା ବେଳେ ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ମଧ୍ୟ ଶୀତ ଲହରି ଜାରି ରହିଛି । ତେବେ ଗତ ୩ ଦିନ ହେଲା ଅଞ୍ଚଳରେ ପାଗ ଶୁଖିଲା ରହିଥିବା ବେଳେ କୁହୁଡି ହୋଇ ନ ଥିଲା କିନ୍ତୁ ଶନିବାର ପୁଣି ଘନ କୁହୁଡ଼ି ଶୀତର ପ୍ରଭାବକୁ ଦ୍ୱିଗୁଣିତ କରିଥିଲା । ଶନିବାର ଦାରିଙ୍ଗବାଡ଼ି ଅଞ୍ଚଳରେ ୧୦ ଡିଗ୍ରୀ ତଳେ ତାପମାତ୍ରା ରହିଥିଲା ସକାଳ ୮ ଟା ସୁଦ୍ଧା ୮ ଡିଗ୍ରୀ ରହିଥିଲା ଯାହାକି ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୭.୫ ଡିଗ୍ରୀ ତାପମାତ୍ରା ରହିଥିଲା । ଶନିବାର ଜିଲା ତଥା ରାଜ୍ୟର ସବୁଠାରୁ ଥଣ୍ଡା ସହର ବୋଲି କୁହାଯାଉଛି। ଅଞ୍ଚଳରେ ଲୋକମାନେ ନିଆଁ ଜାଳି ଶୀତ ଦାଉରୁ ନିଜକୁ ସୁରକ୍ଷା ଦେଉଥିବା ଜଣାପଡ଼ିଛି ।

ସେହିପରି ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ଶନିବାର ଖୋଲିଥିବାରୁ ପଶ୍ଚିମବଙ୍ଗରୁ ପ୍ରାୟ ୩୦ ପର୍ଯ୍ୟଟକ ଇକୋ ରିଟ୍ରିଟ୍‌ରେ ରାତ୍ରିଯାପନ କରିଛନ୍ତି । ଏଥିସହ ଦାରିଙ୍ଗବାଡ଼ିର ମଜା ନେଉଛନ୍ତି । ସେହିପରି ଅନ୍ୟ ହୋଟେଲ ଗୁଡ଼ିକରେ ମଧ୍ୟ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିରେ ରହି ଶୀତର ମଜା ନେଉଛନ୍ତି । ମିଳିଥିବା ସୂଚନାନୁଯାୟୀ, ଫୁଲବାଣୀ ସହରରେ ୯.୫ ଡିଗ୍ରୀ ତାପମାତ୍ରା ରହିଛି ।

ଭାରତୀୟ ପାଣିପାଗ ବିଭାଗ (IMD) ଓଡ଼ିଶାର ଖୋର୍ଦ୍ଧା, କଟକ, ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ଏବଂ ସୁନ୍ଦରଗଡ଼ ସମେତ ଅନେକ ଜିଲା ପାଇଁ ଶୀତଲହରୀ ସତର୍କତା ଜାରି କରିଛି । ଆସନ୍ତା ଦୁଇ ଦିନ ମଧ୍ୟରେ ରାତିର ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଆଇଏମଡି ଅନୁଯାୟୀ, ନଭେମ୍ବର ୧୧ ଏବଂ ୧୨ ତାରିଖରେ ଉପରୋକ୍ତ ଜିଲ୍ଲାଗୁଡ଼ିକର କିଛି ଅଞ୍ଚଳରେ ଶୀତଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ସମଗ୍ର ଓଡ଼ିଶାରେ ସର୍ବନିମ୍ନ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବାର ସମ୍ଭାବନା ରହିଛି, ଯାହା ଥଣ୍ଡାକୁ ଆହୁରି ବଢ଼ାଇବ ।

ସୁନ୍ଦରଗଡ଼ର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଦେଖାଯାଇଥିବା ବେଳେ କଳାହାଣ୍ଡି ଏବଂ ଝାରସୁଗୁଡ଼ା ଜିଲାରେ ହାଲୁକା କୁହୁଡ଼ି ଦେଖାଦେଇଛି ।

ଦିଲ୍ଲୀ ବିସ୍ଫୋରଣ ପରେ ହାଇଆଲର୍ଟରେ ପୁରୀ । ହାଇଆଲର୍ଟ ନେଇ ପୁରୀ ଏସ୍‌ପି ସୂଚନା ଦେଇଛନ୍ତି । ବେଳାଭୂମି, ସମୁଦ୍ରକୂଳ ଓ ବଡ଼ଦାଣ୍ଡ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ହାଇଆଲର୍ଟ ଜାରି କରାଯାଇଛି । ପାଟ୍ରୋଲିଂ ବୃଦ୍ଧି ସହ ସମସ୍ତ ଆଇଆଇସିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୋମବାର ଦିନ ଲାଲକିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ଏକ କାର ବିସ୍ଫୋରଣ ଯୋଗୁଁ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଛି । ଏହି ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଦିଲ୍ଲୀ ପୋଲିସ ସମେତ ଅନେକ ତଦନ୍ତକାରୀ ସଂସ୍ଥା ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ, ଜାତୀୟ ତଦନ୍ତ ସଂସ୍ଥା (NIA), ଜାତୀୟ ସୁରକ୍ଷା ଗାର୍ଡ (NSG) ଏବଂ ଫୋରେନସିକ ବିଶେଷଜ୍ଞଙ୍କ ଦଳ ପହଞ୍ଚିଛନ୍ତି। ଏହି ଘଟଣା ପରେ, ସମଗ୍ର ଦିଲ୍ଲୀ-NCR ଏବଂ ସମଗ୍ର ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି । ସମସ୍ତ ଆହତଙ୍କୁ ଦିଲ୍ଲୀର LNG ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ରବିବାର ସକାଳୁ ଶ୍ରୀମନ୍ଦିର ସମ୍ମୁଖରେ ଦେଖିବାକୁ ମିଳିଥିଲା ଏକ ହୃଦୟବିଦାରକ ଦୃଶ୍ୟ, ଯାହା ଦେଖିଲେ ଯେ କେହି ବି ଭାବବିହ୍ୱଳ ହୋଇଯିବେ । ଜଣେ ଦୁଃଖି ବାପା ତାଙ୍କର ଅସୁସ୍ଥ ପୁଅର ଜୀବନ ଭିକ୍ଷା ମାଗିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ସବୁକିଛି ଅଜାଡ଼ି ଦେଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ କୁନି ପୁଅକୁ ସିଂହଦ୍ୱାର ସମ୍ମୁଖରେ ଶୁଆଇ ଦେଇ ସେହି ବାପା ଜଣକ ଛାତି ପିଟି କାନ୍ଦୁଥିଲେ । 'ଜୟ ଜଗନ୍ନାଥ' ବଦଳରେ ସେ ଆଖିରୁ ଧାର ଧାର ଲୁହ ଝରାଇ ଅନନ୍ତ କୋଟି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କୁ ବାରମ୍ବାର 'ମଣିମା... ମଣିମା...' ଡାକୁଥିଲେ । ତାଙ୍କ ଆଖିର ଲୁହରେ ଶ୍ରୀମନ୍ଦିରର ସିଂହଦ୍ୱାର ଭିଜି ଯାଉଥିଲା। ତାଙ୍କର ଏହି କରୁଣ ଚିତ୍କାର ଶୁଣି ବଡ଼ଦାଣ୍ଡରେ ଉପସ୍ଥିତ ଥିବା ଭକ୍ତ ଏବଂ ପଣ୍ଡାମାନଙ୍କ ହୃଦୟ ବି କାନ୍ଦି ଉଠିଥିଲା ।

ସେ ଅତ୍ୟନ୍ତ ଆକୁଳ ଭାବରେ ପ୍ରଭୁ ଜଗନ୍ନାଥଙ୍କୁ ନିବେଦନ କରୁଥିଲେ, "ଆହେ ଦୟାମୟ ବିଶ୍ୱ ନାୟକ... ଗୁହାରି ଶୁଣ ହେ ମଣିମା... ଜଗା, ତୁ ରତ୍ନସିଂହାସନରୁ ଓହ୍ଲାଇ ଆସି ଏ ବାପାର ମନର କଥା ପୂରଣ କରିଦେ । ମୋ ପିଲାକୁ ଥରେ କୋଳରେ ହସେଇ ଦେ। ତା' କୁନି ପାଟିରେ ଆଉ ଥରେ ଚମକ ଦେଇଦେ ।" ଏହି ବାପାଟି ତା'ର ସବୁ ଭୁଲ୍ ଓ ଦୋଷ ପାଇଁ କ୍ଷମା ମାଗି ପୁଅ ପାଇଁ ଜୀବନ ଭିକ୍ଷା କରୁଥିଲା ।

ଏହି ବାପାଙ୍କ ହୃଦୟରେ ଅଗାଢ଼ ବିଶ୍ୱାସ ଥିଲା ଯେ ଯଦି ମହାପ୍ରଭୁ ଚକାଡୋଳା ତାଙ୍କ ପୁଅ ଉପରେ ଥରେ ନଜର ପକାଇ ଦିଅନ୍ତି, ତେବେ ତା'ର ସବୁ କଷ୍ଟ ଦୂର ହୋଇଯିବ ଏବଂ ସେ ଆଗ ଭଳି ହସିବ ଓ କଥା କହିବ ।

ସେଠାରେ ଉପସ୍ଥିତ ଥିବା ପଣ୍ଡାମାନେ ତାଙ୍କୁ ସାନ୍ତ୍ୱନା ଦେବା ସହ ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ଏବଂ ଗୁହାରି ଜଣାଇବାକୁ କହିଥିଲେ ।

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିରେ ବନସ୍ପତି ଘିଅ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (SJTA) ଜଣେ ମହାସୁଆର ନିଯୋଗ ସେବକଙ୍କୁ ଜବାବ୍ ତଲବ କରିଛି ।

ମନ୍ଦିର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହାପ୍ରସାଦ ଏବଂ ଅନ୍ୟାନ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୀତିନୀତି ପାଇଁ କେବଳ ଓମଫେଡ୍ ଘିଅ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅଭିଯୁକ୍ତ ସେବକ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିଛନ୍ତି ।

ଏସଜେଟିଏର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୋମବାର କହିଛନ୍ତି ଯେ ଶ୍ରୀମନ୍ଦିରରେ କେବଳ ଓମଫେଡ୍ ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ବଳବତ୍ତର ରହିଛି ଏବଂ କୌଣସି ପ୍ରକାର ଅନୁଶାସନହୀନତାକୁ ବରଦାସ୍ତ କରାଯିବ ନାହିଁ । ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ମହାପ୍ରସାଦର ପବିତ୍ରତା ବଜାୟ ରଖିବା ପାଇଁ ଅନୁମୋଦିତ ମାନଦଣ୍ଡ ପାଳନ କରିବା ବାଧ୍ୟତାମୂଳକ ବୋଲି ଏସଜେଟିଏ ପୁନରାବୃତ୍ତି କରିଛି ।

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମ୍ବ୍ରାଞ୍ଚକୁ ବଡ଼ ସଫଳତା । ରାକେଟ୍ର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ । ନେପାଳ ବର୍ଡର ସ୍ଥିତ ଉତ୍ତରାଖଣ୍ଡ ଅଞ୍ଚଳରୁ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ତେବେ ଘଟଣା ପରଠାରୁ ସେ ନେପାଳ ବର୍ଡରରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ଏହି ଜାଲିଆତିରେ ବହୁ କୋଟି ଟଙ୍କାର ଠକେଇ ହୋଇଥିବା ତଦନ୍ତରୁ ଜଣାପଡ଼ିଛି । କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ରାକେଟର ମୁଖ୍ୟ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି । ଏପର୍ଯ୍ୟନ୍ତ ୧୧୪ ଜଣ ପ୍ରାର୍ଥୀ ଓ ୯ ଜଣ ଦଲାଲ ଗିରଫ ହୋଇଥିଲେ । ଅକ୍ଟୋବର ୨୯ରେ ବିଶେଷ ଭିଜିଲାନ୍ସ କୋର୍ଟ ୧୧୪ ଜଣ ପ୍ରାର୍ଥୀଙ୍କୁ ଶର୍ତସାପେକ୍ଷ ଜାମିନ ଦେଇଛନ୍ତି (୫୦,୦୦୦ ଟଙ୍କା ବଣ୍ଡ ଓ ୨ ଜଣ ଜାମିନଦାର) । ୭ ଜଣ ଦଲାଲଙ୍କ ଜାମିନ ନାମଞ୍ଜୁର ହୋଇଛି । ତେବେ ଠକେଇରେ ପ୍ରତ୍ୟେକ ପ୍ରାର୍ଥୀଠାରୁ ୨୫ ଲକ୍ଷ ଟଙ୍କା ନେଇ ଚାକିରି ନିଶ୍ଚିତ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା । ଅନେକ ପ୍ରାର୍ଥୀଙ୍କୁ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ବାହାରେ "ବିଶେଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଚିଂ” ନାମରେ ନିଆଯାଉଥିଲା । ସମ୍ପୂର୍ଣ୍ଣ ଟଙ୍କା ନମିଳିବା ପର୍ଯ୍ୟନ୍ତ ମୂଳ ସାର୍ଟିଫିକେଟ ଜବତ ରଖାଯାଉଥିଲା ।

ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶଙ୍କର ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ପୂର୍ବରୁ ତାଙ୍କର ସହଯୋଗୀ ମୁନା ମହାନ୍ତି ସହ ୫ ଜଣ ଗିରଫ ହୋଇଛନ୍ତି । ଘଟଣାର ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର ସୁପାରିଶ କରିଛନ୍ତି । ଏହି ପରୀକ୍ଷା ବାତିଲ ହୋଇଛି । ଆଗାମୀ ଦିନରେ ନୂଆ ତାରିଖ ଘୋଷଣା ହେବ। ଘଟଣା ପରେ ପ୍ରକୃତ ପ୍ରାର୍ଥୀମାନେ ଭୁବନେଶ୍ୱରରେ ବିକ୍ଷୋଭ ଜାରି ରଖିଛନ୍ତି ।

ବିହାର ବିଧାନସଭା ନିର୍ବାଚନରେ ସଂରକ୍ଷିତ ଆସନରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଦେଖାଯାଇଥିଲା । ବିଶେଷକରି, ଭାଜପା ସମସ୍ତ ୧୧ଟି ଅନୁସୂଚିତ ଜାତି (SC) ଆସନ ଜିତି ଏକ ରେକର୍ଡ ଭାଙ୍ଗି ବିଜୟ ହାସଲ କରିଛି । ଏହି ପ୍ରଦର୍ଶନକୁ ଦଳର ଇତିହାସରେ ସର୍ବୋଚ୍ଚ ଷ୍ଟ୍ରାଇକ ହାର ବୋଲି ବିବେଚନା କରାଯାଏ । ୨୦୨୦ରେ ଭାଜପା କେବଳ ନଅଟି ଅନୁସୂଚିତ ଜାତି (SC) ଆସନ ଜିତିଥିଲା, ଏଥର ଏହା ୧୧ ରୁ ୧୧ ଟି ଜିତି ୧୦୦% ବିଜୟ ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିଛି ।

ସଂରକ୍ଷିତ ଆସନରେ ଭାଜପାର ୧୦୦% ଷ୍ଟ୍ରାଇକ ହାର ୨୦୨୫ ନିର୍ବାଚନର ସବୁଠାରୁ ବଡ଼ କାହାଣୀ ଭାବରେ ଉଭା ହୋଇଛି । ଏହି ପ୍ରଦର୍ଶନ କେବଳ ସାଂଗଠନିକ ଶକ୍ତି ପ୍ରଦର୍ଶନ କରେ ନାହିଁ ବରଂ ଦଳିତ ଭୋଟରଙ୍କ ମଧ୍ୟରେ NDAର ବଢୁଥିବା ପ୍ରଭାବକୁ ମଧ୍ୟ ସୂଚିତ କରେ ।

ବର୍ତ୍ତମାନ ଏହା ବିଶ୍ୱାସ କରାଯାଉଛି ଯେ ଦଳିତ ଆସନରେ ଭାଜପା ଉତ୍କୃଷ୍ଟ ପ୍ରଦର୍ଶନ NDA ସହଯୋଗୀଙ୍କ ନିଦ ହଜାଇ ଦେଇଛି । ଯାହାର ପ୍ରମୁଖ ଭୋଟ ବ୍ୟାଙ୍କ ହେଉଛି SC ଭୋଟର । ଚିରାଗ ପାସୱାନ ଏବଂ ଜିତନ ରାମ ମାଞ୍ଝିଙ୍କ ପାଇଁ ଏହା ଚିନ୍ତାର ବିଷୟ ଯେ ଯଦି ସଂରକ୍ଷିତ ଆସନରେ ଭାଜପା ଭୋଟରଙ୍କଠାରୁ ପୂର୍ଣ୍ଣ ସମର୍ଥନ ପାଏ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେବେ ଭବିଷ୍ୟତରେ NDAରେ ସେମାନଙ୍କର ଆଉ ଆବଶ୍ୟକତା ନ ଥାଇପାରେ ।

ରାଜ୍ୟର ୪୦ ଟି ସଂରକ୍ଷିତ ଆସନରେ ୩୮ SC ଆସନ ଏବଂ ୨ଟି ST ଆସନ ଏକତରଫା ଭାବେ ବିଜୟ ହାସଲ କରିଛି । ଏନଡିଏ ୩୪ SC ଆସନ, ଗୋଟିଏ ST ଆସନ ଦଖଲ କରିଛି, ଯେତେବେଳେ ମହାଗଠବନ୍ଧନ ମାତ୍ର ୪ ଟି SC ଏବଂ ୧ ଟି ST ଆସନକୁ ହ୍ରାସ ପାଇଥିଲା । ୨୦୨୦ ନିର୍ବାଚନର ନିକଟତର ହୋଇଥିଲେ ମଧ୍ୟ, ୨୦୨୫ ନିର୍ବାଚନରେ ଏକପାଖିଆ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲା ।

ଏନଡିଏର ସଫଳତାରେ ଜେଡିୟୁ ଏବଂ ଭାଜପା ଉଭୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜେଡିୟୁ ୧୬ଟି ଏସସି ଆସନରୁ ୧୩ଟି ଜିତିଥିଲା, ଯାହା ପୂର୍ବ ନିର୍ବାଚନ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି । ଭାଜପାର ୧୦୦% ଷ୍ଟ୍ରାଇକ ହାର ଆଲୋଚନାର ବିଷୟ ହୋଇଛି । ଚିରାଗ ପାସୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ୮ଟି ଆସନରୁ ୫ଟି ଜିତିଥିଲା, ଯେତେବେଳେ ଜିତନ ରାମ ମାଞ୍ଝିଙ୍କ ଏଚଏଏମ ୪ଟିରୁ ୪ଟି ଜିତି ନିଜର ସ୍ଥିତିକୁ ମଜବୁତ କରିଥିଲା ।

ଏହି ନିର୍ବାଚନ ମହାଗଠବନ୍ଧନ ପାଇଁ ଏକ ବଡ଼ ନିରାଶା ଥିଲା । ଆରଜେଡି ୨୦ଟି ଏସସି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ଏବଂ କେବଳ ୪ଟି ଜିତିଥିଲା । କଂଗ୍ରେସ ୧୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା କିନ୍ତୁ ଗୋଟିଏ ବି ଜିତିପାରିଲା ନାହିଁ । ସିପିଆଇ (ଏମଏଲ)ଏଲ ଏବଂ ସିପିଆଇ ମଧ୍ୟ ସେମାନଙ୍କର ଖାତା ଖୋଲିପାରିଲା ନାହିଁ । ଅନେକ ଆସନରେ ମହାଗଠବନ୍ଧନ ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା – ଯେପରିକି ରାଜପାକରରେ କଂଗ୍ରେସ ବନାମ ସିପିଆଇ ଏବଂ ସିକନ୍ଦ୍ରାରେ ଆରଜେଡି ବନାମ କଂଗ୍ରେସ – ଯାହା ଭୋଟ ବିଭାଜନ କରିଥିଲା ଏବଂ ସିଧାସଳଖ ଏନଡିଏକୁ ଲାଭ ଦେଇଥିଲା ।

୨୦୨୫ ବିହାର ବିଧାନସଭା ନିର୍ବାଚନରେ NDAର ବିପୁଳ ବିଜୟ ପରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଖ୍ୟମନ୍ତ୍ରୀଙ୍କ ପଦବୀ ସମ୍ପର୍କରେ ଆଲୋଚନା ଏବେ ତୀବ୍ର ହେବାରେ ଲାଗିଛି । ଏହି ସମୟରେ, HAM (ଧର୍ମନିରପେକ୍ଷ) ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ କୁମାର ସୁମନ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରି ତାଙ୍କ ଦଳର ସମର୍ଥନ ସ୍ପଷ୍ଟ କରିଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସନ୍ତୋଷ କହିଛନ୍ତି, "ଆମେ ଲୋକଙ୍କୁ ଧନ୍ୟବାଦ ଦେଉଛୁ; ଏହା ଗଣତନ୍ତ୍ରର ବିଜୟ । ଆମେ ନୀତିଶ କୁମାରଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇଥିଲୁ । ଏହି ଜନାଦେଶ ତାଙ୍କ ନେତୃତ୍ୱରେ ମିଳିଛି, ତେଣୁ ସେ ନିଶ୍ଚିତ ଭାବରେ ମୁଖ୍ୟମନ୍ତ୍ରୀ ହେବେ ।"

ସେ ଆହୁରି କହିଛନ୍ତି ଯେ ବିଜୟର ଶ୍ରେୟ ଜନତାଙ୍କୁ ଯାଏ । ନୀତିଶ କୁମାର ଅଭିନନ୍ଦନ ପାଇବା ଉଚିତ । ସେ ପ୍ରଧାନମନ୍ତ୍ରୀ ଏବଂ ସମସ୍ତ ମେଣ୍ଟ ନେତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ । ସନ୍ତୋଷ ସୁମନ ଏହା ମଧ୍ୟ କହିଛନ୍ତି ଯେ ସମସ୍ତେ ଜାଣନ୍ତି ନୀତିଶ କୁମାରଙ୍କ ବିହାରକୁ ନେତୃତ୍ୱ ନେବାର କ୍ଷମତା ଅଛି । ତେଣୁ, ସେ ନିଶ୍ଚିତ ଭାବରେ ମୁଖ୍ୟମନ୍ତ୍ରୀ ହେବେ । ଏହି ବିବୃତ୍ତି ସ୍ପଷ୍ଟ ହେଉଛି ଯେ ନୀତିଶ କୁମାରଙ୍କ ପଛରେ HAM (ଧର୍ମନିରପେକ୍ଷ) ସମ୍ପୂର୍ଣ୍ଣ ଏକଜୁଟ ।

ନୀତୀଶ କୁମାରଙ୍କ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସମ୍ପର୍କରେ ଚିରାଗ ପାସୱାନ କହିଛନ୍ତି ଯେ ସେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ନିର୍ବାହ କରିବେ । ସେ ମହାଗଠବନ୍ଧନକୁ ମଧ୍ୟ ଟାର୍ଗେଟ କରି କହିଥିଲେ ଯେ ସେମାନେ ଏକଛତ୍ରବାଦ ବିଷୟରେ କଥା ହେଉଛନ୍ତି ।

ଜେଡିୟୁ ନେତାଙ୍କ ବିବୃତ୍ତି

ବରିଷ୍ଠ ଜେଡିୟୁ ନେତା ଶ୍ୟାମ ରାଜକ ଏହି ବିତର୍କ ଉପରେ ଏକ ଦୃଢ଼ ବିବୃତ୍ତି ଦେଇ ଏହାକୁ ସ୍ପଷ୍ଟ କରିଥିଲେ । ସେ କହିଥିଲେ ଯେ ସମଗ୍ର ମେଣ୍ଟ ନୀତିଶ କୁମାରଙ୍କ ସହିତ ରହିଛି ଏବଂ ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯାଇଥିଲା । ତାଙ୍କ ଅନୁସାରେ, ଏନଡିଏ ଭିତରେ କୌଣସି ମତଭେଦ ନାହିଁ ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ରହିବେ । ଶ୍ୟାମ ରାଜକଙ୍କ କଥା ଜେଡିୟୁ ତାର ପୂର୍ବ ନିଷ୍ପତ୍ତିରେ ଅଟଳ ରହିଛି ବୋଲି ଅନୁମାନକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆହୁରି ମଜବୁତ କରିଥିଲା ।

ଏନଡିଏର ବିଜୟର କିଛି ଘଣ୍ଟା ପରେ, ଭାଜପା ମହାସଚିବ ବିନୋଦ ତାୱଡେ କହିଥିଲେ ଯେ ସମସ୍ତ ଏନଡିଏ ଦଳ ମିଳିତ ଭାବରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ । ଏହି ଗୋଟିଏ ଧାଡି ରାଜନୈତିକ ପରିବେଶକୁ ଉଷ୍ମ କରିବା ପାଇଁ ଯଥେଷ୍ଟ ଥିଲା । ଯଦିଓ ସେ ପରେ କହିଥିଲେ ଯେ ନୀତିଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯାଇଥିଲା, ତାଙ୍କର ପ୍ରାରମ୍ଭିକ ବିବୃତ୍ତି ସମଗ୍ର ରାଜ୍ୟରେ ସସପେନ୍‌ସ ସୃଷ୍ଟି କରିଥିଲା । ଫଳସ୍ୱରୂପ, ଜେଡିୟୁ ନେତାମାନେ ବାରମ୍ବାର ସ୍ୱଷ୍ଟ କରିଥିଲେ ଯେ ନେତୃତ୍ୱ ର୍ନିବାଚନ ସମୟରେ ଯେପରି ଥିଲା ସେହିପରି ରହିବ ।

ଲାଲୁ ପ୍ରସାଦ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ବିହାର ନିର୍ବାଚନର ଫଳାଫଳ ପରେ ରାଜନୀତି ଛାଡିବା ନେଇ ଏକ ଆଶ୍ଚର୍ଯ୍ୟଜନକ ଘୋଷଣା କରିଛନ୍ତି । ଇନଷ୍ଟାଗ୍ରାମରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ ସେ ରାଜନୀତିରୁ ଅବସର ନେଉଛନ୍ତି ଏବଂ ନିଜ ପରିବାରଠାରୁ ନିଜକୁ ଦୂରେଇ ନେଉଛନ୍ତି । ରୋହିଣୀ ଦାବି କରିଛନ୍ତି ଯେ ସେ ସଂଜୟ ଯାଦବ ଏବଂ ରମିଜଙ୍କ ଚାପରେ ଏହି ପଦକ୍ଷେପ ନେଇଛନ୍ତି, ଏବଂ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି । ତାଙ୍କର ବୟାନ ଆରଜେଡି ଶିବିର ମଧ୍ୟରେ ହଇଚଇ ସୃଷ୍ଟି କରିଛି । ନିର୍ବାଚନ ପରାଜୟ ମଧ୍ୟରେ ପାରିବାରିକ ବିବାଦ ଦେଖାଦେବା ଦଳର ସମସ୍ୟାକୁ ଆହୁରି ଜଟିଳ କରିପାରେ ।

ରୋହିଣୀ ଆଚାର୍ଯ୍ୟଙ୍କ ପ୍ରମୁଖ ନିଷ୍ପତ୍ତି ପରେ, ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏକ ବିବୃତ୍ତି ଜାରି କରି କହିଛି ଯେ ଏହା ଏକ ଆଭ୍ୟନ୍ତରୀଣ ପାରିବାରିକ ମାମଲା । ଭାଜପା ନେତା ପ୍ରଦୀପ ଭଣ୍ଡାରୀ ମଧ୍ୟ ଇନଷ୍ଟାଗ୍ରାମରେ ଏହି ଘୋଷଣା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବାର ବନାମ ପରିବାରର ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉଛି । ଆରଜେଡିର ଆଭ୍ୟନ୍ତରୀଣ ସଙ୍କଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ସାମ୍ନାକୁ ଆସିଛି ।' ଆରଜେଡି ସୂତ୍ର ଅନୁସାରେ, ଲାଲୁ ଏବଂ ରାବ୍ରି ସଂଜୟ ଯାଦବଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେଜସ୍ୱୀଙ୍କୁ ଏପର୍ଯ୍ୟନ୍ତ ଚାପ ପକାଇ ନାହାଁନ୍ତି । ଦଳ ଭିତରେ, ଏହାକୁ ରୋହିଣୀଙ୍କ ଏକ ଭାବପ୍ରବଣ ପଦକ୍ଷେପ ଭାବରେ ଦେଖାଯାଉଛି, ଯାହାଙ୍କ ପରିବାର ସହିତ ସମ୍ପର୍କ ଭାଙ୍ଗିବାର ବୟାନକୁ ତାଙ୍କ ପିତାମାତାଙ୍କୁ ଏକ ବାର୍ତ୍ତା ପଠାଇବାର ପ୍ରୟାସ ଭାବରେ ବ୍ୟାଖ୍ୟା କରାଯାଉଛି ।

ଦେଶର ଶତ୍ରୁମାନେ ଆତଙ୍କବାଦୀ ଆକ୍ରମଣ ପାଇଁ ସବୁବେଳେ ଚାହିଁ ରହିଛନ୍ତି । ପ୍ରତି ମୁହୂର୍ତ୍ତରେ ଏବଂ ପ୍ରତି ଘଣ୍ଟାରେ ଷଡ଼ଯନ୍ତ୍ର ରଚନା କରାଯାଉଛି । ଗୁଜରାଟ ଆତଙ୍କବାଦ ନିରୋଧୀ ଦଳ (ଗୁଜରାଟ ATS) ଏପରି ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି । ତିନି ଜଣ IS ତାଲିମପ୍ରାପ୍ତ ଆତଙ୍କବାଦୀଙ୍କୁ ଆତଙ୍କବାଦୀ ଆକ୍ରମଣ ଯୋଜନା ପାଇଁ ଗିରଫ କରାଯାଇଛି । ରିପୋର୍ଟ କରାଯାଉଛି ଯେ ଏହି ତିନି ଜଣ ଆତଙ୍କବାଦୀ କିଛି ମାସ ଧରି ଗୁଜରାଟ ATS ର ରାଡାରରେ ଥିଲେ। ପୂର୍ବରୁ, ଦେଶରେ ଆକ୍ରମଣ ଯୋଜନା କରୁଥିବା ଏବଂ ଯୁବକମାନଙ୍କୁ ଆତଙ୍କବାଦର କାଦୁଅରେ ଭୁଆଁ ବୁଲାଇଥିବା ଏକ ମଡ୍ୟୁଲ ପର୍ଦ୍ଦାଫାସ କରାଯାଇଥିଲା । ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ମଧ୍ୟ କିଛି ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା ।

ATS କର୍ମଚାରୀମାନେ ତିନି ଜଣ IS ଆତଙ୍କବାଦୀଙ୍କୁ ଧରିବାରେ ସଫଳ ହୋଇଛନ୍ତି । ରିପୋର୍ଟ କରାଯାଉଛି ଯେ ଏହି ସନ୍ଦିଗ୍ଧ ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ବିନିମୟ ପାଇଁ ଗଜନାଦ ଯାତ୍ରା କରିଥିଲେ । ସେମାନେ ଦେଶ ସାରା ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରୁଥିଲେ । ଏଥିପାଇଁ ଏକ ବଡ଼ ଷଡ଼ଯନ୍ତ୍ର ରଚନା କରାଯାଇଥିଲା । ଆତଙ୍କବାଦୀ ଯୋଜନାର ପର୍ଦ୍ଦାଫାସ କରି ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଏହା ଚିନ୍ତାର ବିଷୟ ଯେ IS ଆତଙ୍କବାଦୀମାନେ ଦେଶରେ ସେମାନଙ୍କର ଉପସ୍ଥିତି ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି । ଗୁଇନ୍ଦା ସୂଚନା ଆଧାରରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିରୁଦ୍ଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

ଗୁଜୁରାଟର ଗାନ୍ଧୀନଗରରେ ଗିରଫ ହୋଇଥିବା ତିନି ଜଣ IS ଆତଙ୍କବାଦୀଙ୍କ ମଧ୍ୟରୁ ଦୁଇ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କର ଉତ୍ତର ପ୍ରଦେଶ ସହିତ ସମ୍ପର୍କ ଅଛି । ସୂଚନା ମିଳିଛି ଯେ ଏହି ସନ୍ଦିଗ୍ଧ ଆତଙ୍କବାଦୀ ଉଭୟ ପଶ୍ଚିମ ଉତ୍ତର ପ୍ରଦେଶର ବାସିନ୍ଦା, ଯେତେବେଳେ ତୃତୀୟ ଆତଙ୍କବାଦୀ ହାଇଦ୍ରାବାଦର ବାସିନ୍ଦା । ସୂଚନା ଅନୁଯାୟୀ, ସମସ୍ତ ତିନି ଜଣ ଆତଙ୍କବାଦୀଙ୍କ ବୟସ ୩୦ ରୁ ୩୫ ବର୍ଷ ମଧ୍ୟରେ । ଗୁଇନ୍ଦା ସୂତ୍ରରୁ ଦାବି କରାଯାଇଛି ଯେ ଏହି ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀ ସମ୍ପୂର୍ଣ୍ଣ ତାଲିମପ୍ରାପ୍ତ ।

ସୋମବାର ଲାଲକିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ଏକ କାର୍ ବିସ୍ଫୋରଣ ଯୋଗୁ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଛି । ଖବର ମିଳିଛି ଯେ ବିସ୍ଫୋରଣରେ ନିକଟରେ ଥିବା ତିନୋଟି ଗାଡ଼ିରେ ମଧ୍ୟ ନିଆଁ ଲାଗିଯାଇଛି । ଲାଲକିଲ୍ଲା ମେଟ୍ରୋ ଷ୍ଟେଶନର ଗେଟ୍ ନମ୍ବର ୧ ନିକଟରେ ଏହି ବିସ୍ଫୋରଣ ଘଟିଥିବା ଜଣାପଡିଛି । ଦିଲ୍ଲୀ ପୋଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିଛି । ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଏବଂ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ହେଲେ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇନାହିଁ ।

ଦିଲ୍ଲୀ ଅଗ୍ନିଶମ ବିଭାଗ କହିଛି, ଲାଲକିଲ୍ଲା ନିକଟରେ ବିସ୍ଫୋରଣ ପରି ଶବ୍ଦ ହୋଇଥିବା ଖବର ଅଗ୍ନିଶମ ବିଭାଗ ପାଇଥିଲା । ଦଶଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି । ଲାଲକିଲ୍ଲା ମେଟ୍ରୋ ଷ୍ଟେଶନର ଗେଟ୍ ନମ୍ବର ୧ ନିକଟରେ ଏକ କାର ବିସ୍ଫୋରଣ ହୋଇଛି, ଯାହା ଫଳରେ ନିକଟରେ ଥିବା ତିନୋଟି ଗାଡ଼ିରେ ନିଆଁ ଲାଗିଯାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଟିମ୍ ପଠାଯାଇଛି ।

ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଏହି ଭୟଙ୍କର ବିସ୍ଫୋରଣ ଦେଶକୁ ଥରାଇ ଦେଇଛି । ଏଥିରେ ଦଶ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୦ରୁ ଅଧିକ ଆହତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ LNJP ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ସମୟରେ, ଦିଲ୍ଲୀ ସରକାର ପୀଡିତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଲାଲକିଲ୍ଲା ବିସ୍ଫୋରଣରେ ମୃତକଙ୍କ ପରିବାର ଏବଂ ଆହତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି । ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ । ଆର୍ଥିକ ସହାୟତା ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ପ୍ରଭାବିତ ପରିବାର ସହିତ ଠିଆ ହୋଇଛି ଏବଂ ଦିଲ୍ଲୀ ସରକାର ଆକ୍ରମଣରେ ଆହତ ଯେକୌଣସି ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବ ।

ମୁଖ୍ୟମନ୍ତ୍ରୀ ରେଖା ମଙ୍ଗଳବାର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ରାଜଧାନୀରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ସମଗ୍ର ସହରକୁ ମର୍ମାହତ କରିଛି । ସେ କହିଛନ୍ତି ଯେ ଏହି କଷ୍ଟକର ସମୟରେ, ଦିଲ୍ଲୀ ସରକାରଙ୍କ ଗଭୀର ସମବେଦନା ସମସ୍ତ ପରିବାର ସହିତ ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ଏବଂ ଏହି ଘଟଣାରେ ଆହତ ହୋଇଛନ୍ତି । ସେ କହିଛନ୍ତି ଯେ ଦିଲ୍ଲୀ ସରକାର ପ୍ରତ୍ୟେକ ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି ଏବଂ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଏକ ସମ୍ବେଦନଶୀଳ ନିଷ୍ପତ୍ତି ନେଇଛି ।

ଦିଲ୍ଲୀରେ ଘଟିଥିବା ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ସମଗ୍ର ସହରକୁ ମର୍ମାହତ କରିଛି । ଏହି କଷ୍ଟକର ସମୟରେ, ଦିଲ୍ଲୀ ସରକାରଙ୍କ ଗଭୀର ସମବେଦନା ସମସ୍ତ ପରିବାର ପ୍ରତି ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ଏବଂ ଏହି ଘଟଣାରେ ଆହତ ହୋଇଛନ୍ତି । ଦିଲ୍ଲୀ ସରକାର ପ୍ରତ୍ୟେକ ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି ଏବଂ ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପୋଷ୍ଟରେ କହିଛନ୍ତି । ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ପରିବାରକୁ ୧୦ ଲକ୍ଷ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥାୟୀ ଭାବରେ ଅକ୍ଷମ ହୋଇଥିବା ଲୋକଙ୍କୁ ୫ ଲକ୍ଷ ଏବଂ ଗୁରୁତର ଭାବରେ ଆହତ ହୋଇଥିବା ଲୋକଙ୍କୁ ୨ ଲକ୍ଷ ସହାୟତା ରାଶି ପ୍ରଦାନ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ସରକାର ଆହତଙ୍କ ଉପଯୁକ୍ତ ଏବଂ ଗୁଣାତ୍ମକ ଚିକିତ୍ସା ପାଇଁ ଦାୟିତ୍ୱ ନେବ । ସେ କହିଛନ୍ତି, "ଦିଲ୍ଲୀରେ ଶାନ୍ତି ଏବଂ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା । ପ୍ରଶାସନ ସର୍ବାଧିକ ସତର୍କତାର ସହିତ କାର୍ଯ୍ୟ କରୁଛି ଏବଂ ସମସ୍ତ ପ୍ରଭାବିତ ବ୍ୟକ୍ତି ଏବଂ ସେମାନଙ୍କ ପରିବାର ସହିତ ଠିଆ ହୋଇଛି ।"

ଲାଲକିଲ୍ଲାରେ ଏକ କାର ବିସ୍ଫୋରଣରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଅନେକ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ଗୁରୁତର । ସୋମବାର ସଂଧ୍ୟାରେ, ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଏକ ଫାଟକ ନିକଟରେ ଏକ ଆଇ୨୦ କାର ବିସ୍ଫୋରଣ ହୋଇଥିଲା, ଯାହା ଫଳରେ ନିକଟରେ ଥିବା ଅନ୍ୟ ଅନେକ ଯାନରେ ନିଆଁ ଲାଗିଯାଇଥିଲା । ଏହି ଘଟଣା ବ୍ୟାପକ ଆତଙ୍କ ସୃଷ୍ଟି କରିଥିଲା । ମଙ୍ଗଳବାର ଦିନ, ଗୃହ ମନ୍ତ୍ରଣାଳୟ (MHA) ବିସ୍ଫୋରଣର ତଦନ୍ତ ଜାତୀୟ ତଦନ୍ତ ସଂସ୍ଥା (NIA)କୁ ହସ୍ତାନ୍ତର କରିଛି ।

ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣାର ତଦନ୍ତ କରୁଥିବା ଅଧିକାରୀମାନେ ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଖୁଲାସା କରିଛନ୍ତି । ଜୈଶ-ଏ-ମହମ୍ମଦ (JeM) ସହ ଜଡ଼ିତ ସନ୍ଦିଗ୍ଧ 'ଡାକ୍ତର ମଡ୍ୟୁଲ୍' ଆସନ୍ତା ଡିସେମ୍ବର ୬ ତାରିଖରେ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳ (NCR) ର ୬ରୁ ୭ଟି ସ୍ଥାନରେ ସିରିଜ୍ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ।

ଗିରଫ ହୋଇଥିବା ସନ୍ଦିଗ୍ଧମାନେ ପଚରାଉଚରା ବେଳେ ପ୍ରକାଶ କରିଛନ୍ତି ଯେ, ସେମାନେ ବାବ୍ରି ମସଜିଦ୍ ଭାଙ୍ଗିବାର ବାର୍ଷିକୀ ଦିନ (ଡିସେମ୍ବର ୬, ୧୯୯୨)କୁ ପ୍ରତିଶୋଧ ନେବା ପାଇଁ ଟାର୍ଗେଟ୍ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି ଯେ, ଏହି ମଡ୍ୟୁଲ୍ ଏକ ପାଞ୍ଚ-ପର୍ଯ୍ୟାୟ ବିଶିଷ୍ଟ ଯୋଜନା ପ୍ରସ୍ତୁତ କରିଥିଲେ । ଜୈଶ-ଏ-ମହମ୍ମଦ ଓ ଅନ୍‌ସାର୍ ଗଜୱାତ-ଉଲ-ହିନ୍ଦ୍ ସହ ଯୋଡ଼ି ହୋଇ ମଡ୍ୟୁଲ୍ ଗଠନ କରିଥିଲେ । ହରିୟାଣାର ନୂହ ଓ ଗୁରୁଗ୍ରାମରୁ IED ତିଆରି ପାଇଁ କଞ୍ଚାମାଲ ଓ ଗୋଳାବାରୁଦ ସଂଗ୍ରହ କରାଯାଇଥିଲା । ଏଥିରେ ଘାତକ ରାସାୟନିକ IED ତିଆରି କରିବା ଏବଂ ବିସ୍ଫୋରଣ ପାଇଁ ସମ୍ଭାବ୍ୟ ସ୍ଥାନଗୁଡ଼ିକର ରେକି (ଅନୁଧ୍ୟାନ) କରିବା ଏବଂ ସଂଗୃହୀତ ବୋମାକୁ ମଡ୍ୟୁଲ୍ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରିବା । ଏହାପରେ ଦିଲ୍ଲୀ-NCR ର ୬-୭ଟି ସ୍ଥାନରେ ସମନ୍ୱିତ ବିସ୍ଫୋରଣ କରିବା ଲକ୍ଷ୍ୟ ଥିଲା ।

ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ କାଶ୍ମୀରୀ ଡାକ୍ତର ଉମର ମହମ୍ମଦ ହିଁ ବିସ୍ଫୋରଣ ହୋଇଥିବା ଆଇ୨୦ କାର୍ ଚଳାଉଥିଲେ । ତଦନ୍ତକାରୀଙ୍କ ମତରେ, ତାଙ୍କ ସହଯୋଗୀ ଡାକ୍ତର ମୁଜାମ୍ମିଲ ଶେଖ ଓ ଶାହୀନ୍ ସୟୀଦ୍ ଗିରଫ ହେବା ପରେ ଉମର ଭୟଭୀତ ହୋଇ ହତାଶାରେ ଏହି କାର୍ ବିସ୍ଫୋରଣ ଘଟାଇଥିଲେ ।

ଏହି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଥିଲେ । ଜାତୀୟ ତଦନ୍ତକାରୀ ସଂସ୍ଥା (NIA) ଦ୍ୱାରା ଘଟଣାର ଅଧିକ ତଦନ୍ତ ଚାଲିଛି ।

ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣାରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ଖୁଲାସା ହୋଇଛି । ତଦନ୍ତକାରୀ ସଂସ୍ଥାମାନଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ଆତଙ୍କବାଦୀମାନେ ବାବ୍ରି ମସଜିଦ୍ ଭାଙ୍ଗିବାର ବାର୍ଷିକୀ ଡିସେମ୍ବର ୬ ତାରିଖରେ ଦିଲ୍ଲୀ ସମେତ ୬ଟି ସ୍ଥାନରେ ସିରିଜ୍ ଆକ୍ରମଣ ପାଇଁ ୩୨ଟି କାର୍ (ଯେଉଁଥିରେ i20, Brezza, Swift Dzire ଓ EcoSport ସାମିଲ) ବ୍ୟବହାର କରିବାକୁ ଯୋଜନା କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୈଶ-ଏ-ମହମ୍ମଦ (JeM) ସହ ଜଡ଼ିତ ଏହି 'ଡାକ୍ତର ମଡ୍ୟୁଲ୍' ପୁରୁଣା ଓ ବାରମ୍ବାର ବିକ୍ରି ହୋଇଥିବା ଗାଡ଼ି (ଯେପରିକି Maruti Brezza, Swift Dzire, Ford EcoSport) ବ୍ୟବହାର କରିବାକୁ ଯୋଜନା କରିଥିଲେ, ଯାହାଦ୍ୱାରା ପୋଲିସ ସେମାନଙ୍କୁ ଚିହ୍ନଟ କରିପାରିବ ନାହିଁ ।

ହରିୟାଣାର ଫରିଦାବାଦରେ ଥିବା 'ଅଲ-ଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର' ଏହି ଆତଙ୍କବାଦୀ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ର ପାଲଟିଥିଲା । ଏଠାରୁ Brezza କାର୍ ଜବତ ହୋଇଛି । Swift Dzire କାରରୁ ଆକ୍ରମଣକାରୀ ରାଇଫଲ୍ ଏବଂ ଗୁଳି ଜବତ କରାଯାଇଛି ।

Ford EcoSport (DL10 CK 0458) କାର୍ ଫରିଦାବାଦରୁ ଉଦ୍ଧାର ହୋଇଛି । ଏହି କାର୍‌ରେ ବିସ୍ଫୋରକ ସାମଗ୍ରୀ ପରିବହନ କରାଯାଉଥିଲା । ଜଣେ ଯୁବକ ସେହି କାର୍ ଭିତରେ ଶୋଇଥିବା ଅବସ୍ଥାରେ ଗିରଫ ହୋଇଛି ।

ଆଇ୨୦ କାରରେ ଉଚ୍ଚମାନର ବିସ୍ଫୋରକ ଏବଂ ଆମୋନିୟମ୍ ନାଇଟ୍ରେଟ୍ ଥିଲା । ତେବେ ଡାକ୍ତର ଉମର ମହମ୍ମଦ ଓରଫ୍ ଉମର ଉନ୍-ନବୀ ନାମକ ଜଣେ ଆତଙ୍କବାଦୀ ସାଥୀମାନଙ୍କ ଗିରଫଦାରୀ ଓ ଫରିଦାବାଦରୁ ପ୍ରାୟ ୩,୦୦୦ କିଲୋଗ୍ରାମ ବିସ୍ଫୋରକ ଜବତ ହେବା ପରେ ଭୟଭୀତ ହୋଇ ଯୋଜନା ପୂର୍ବରୁ ହିଁ ବିସ୍ଫୋରଣ ଘଟାଇଥିଲେ । ଏହି ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ DNA ପରୀକ୍ଷାରେ ଉମରଙ୍କ ମୃତ୍ୟୁ ପ୍ରମାଣିତ ହୋଇଛି ।

ମୂଳ ଯୋଜନା ଲାଲକିଲ୍ଲା ଭିତରର ପାର୍କିଂରେ ବିସ୍ଫୋରଣ କରିବା ଥିଲା, କିନ୍ତୁ ଉମର ସୋମବାର ଲାଲକିଲ୍ଲା ବନ୍ଦ ଥିବାରୁ ନିକଟସ୍ଥ ମେଟ୍ରୋ ଷ୍ଟେସନ୍ ସାମ୍ନାର ଏକ ବ୍ୟସ୍ତବହୁଳ ଟ୍ରାଫିକ୍ ସିଗନାଲ୍ ନିକଟରେ ବିସ୍ଫୋରଣ ଘଟାଇଥିଲେ ।

ସନ୍ଦିଗ୍ଧ ଆତଙ୍କବାଦୀମାନେ ଡାକ୍ତର ଭଳି 'ହ୍ୱାଇଟ୍ କଲାର୍ ପ୍ରଫେସନାଲ୍' ଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର ପରିଚୟ ଲୁଚାଉଥିଲେ। ଆତଙ୍କବାଦ ନିରୋଧୀ ସଂସ୍ଥା NIA ଏହି ଘଟଣାର ତଦନ୍ତ କରୁଛି ।

ଦିଲ୍ଲୀରେ ହୋଇଥିବା କାର୍ ବିସ୍ଫୋରଣ, ଯେଉଁଥିରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି, ସେହି ଘଟଣାକୁ ଜମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ନିନ୍ଦା କରିବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଦେଇଛନ୍ତି । ସେ କାଶ୍ମୀରୀ ମୁସଲମାନ ସମ୍ପ୍ରଦାୟକୁ ସାମୂହିକ ଭାବେ ସନ୍ଦେହ ନ କରିବାକୁ ଅନୁରୋଧ କରିଛନ୍ତି ।

ଅବଦୁଲା ଏହି ଆକ୍ରମଣକୁ "ଅକ୍ଷମଣୀୟ" ବୋଲି କହିବା ସହ ତଦନ୍ତକାରୀଙ୍କୁ ଦୋଷୀମାନଙ୍କୁ ଧରିବାକୁ କହିଛନ୍ତି । ସେ କହିଛନ୍ତି, କୌଣସି ଧର୍ମ ନିରୀହ ଲୋକଙ୍କ ବିରୋଧରେ ହିଂସାକୁ ସମର୍ଥନ କରେ ନାହିଁ । ଏହା ସହିତ ସେ ଚେତାବନୀ ଦେଇଛନ୍ତି ଯେ ଏପରି ଘଟଣାକୁ ଆଳ କରି ସମଗ୍ର ସମ୍ପ୍ରଦାୟକୁ ଦୋଷୀ ବୋଲି ଭାବିବା ଉଚିତ ନୁହେଁ ।

"ସମଗ୍ର ଜମ୍ମୁ ଓ କାଶ୍ମୀର ଏବଂ ସମସ୍ତ କାଶ୍ମୀରୀ ସମ୍ପ୍ରଦାୟ ଉଗ୍ରବାଦୀ ହୋଇ ନାହାନ୍ତି । ପ୍ରତି ଆକ୍ରମଣ ପରେ କାହିଁକି କାଶ୍ମୀରୀ ମୁସଲମାନମାନଙ୍କୁ ବାରମ୍ବାର ନିଜ ଦେଶଭକ୍ତି ପ୍ରମାଣ କରିବାକୁ ପଡୁଛି ? ଆମ ସମସ୍ତଙ୍କୁ ସନ୍ଦେହ କରିବା ବନ୍ଦ କରନ୍ତୁ," ବୋଲି ସେ କହିଛନ୍ତି ।

ପୂର୍ବରୁ ଆତଙ୍କବାଦୀ ଲିଙ୍କ୍ ଥିବା ଅଭିଯୋଗରେ ବରଖାସ୍ତ ହୋଇଥିବା ଡାକ୍ତରଙ୍କ ବିରୋଧରେ କାହିଁକି କଠୋର କାର୍ଯ୍ୟାନୁଷ୍ଠାନ କରାଗଲାନି କିମ୍ବା ନିଯୁକ୍ତି ସଂସ୍ଥାଗୁଡ଼ିକ ଠିକ୍ ଭାବରେ ପୃଷ୍ଠଭୂମି ଯାଞ୍ଚ କଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଏହି ଆକ୍ରମଣରେ ଡାକ୍ତର ଆଦିଲ ଅହମଦ ନାମକ ଜଣେ କାଶ୍ମୀରୀ ଡାକ୍ତରଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି, ଯିଏ ଆକ୍ରମଣର କିଛି ଦିନ ପୂର୍ବରୁ ଶ୍ରୀନଗରରୁ ଦିଲ୍ଲୀ ଯାତ୍ରା କରିଥିଲେ । ଏଥିସହ ୨୦୨୩ରେ ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ବରଖାସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ଡାକ୍ତର ନିସାରୁଲ ହାସନ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି । ଏହି ଘଟଣାଟି ରାଜ୍ୟ ରାଜ୍ୟରେ କାମ କରୁଥିବା 'ହ୍ୱାଇଟ୍-କଲର୍ ଟେରର୍ ଇକୋସିଷ୍ଟମ୍' ସହ ଜଡ଼ିତ ବୋଲି କୁହାଯାଉଛି ।

ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଉମର ମହମ୍ମଦ ଓରଫ୍ ଉମର ଉନ୍-ନବିର ଜମ୍ମୁ ଓ କାଶ୍ମୀରସ୍ଥିତ ଘରକୁ ସୁରକ୍ଷା ବାହିନୀ ଆଜି ଭାଙ୍ଗି ଦେଇଛନ୍ତି ।

ଶୁକ୍ରବାର ସକାଳେ ଦକ୍ଷିଣ କାଶ୍ମୀରର ପୁଲୱାମାଠାରେ ଥିବା ଏହି ଡାକ୍ତରର ଘରକୁ ଭାଙ୍ଗିବା ପ୍ରକ୍ରିୟାକୁ ସୁରକ୍ଷା ବାହିନୀ ତଦାରଖ କରିଥିଲେ। ସୋମବାର ସନ୍ଧ୍ୟାରେ ଲାଲକିଲ୍ଲା ନିକଟସ୍ଥ ନେତାଜୀ ସୁଭାଷ ମାର୍ଗର ଏକ ଟ୍ରାଫିକ୍ ସିଗନାଲ୍ ନିକଟରେ ହୋଇଥିବା ଏହି ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଥିଲେ ।

ତଦନ୍ତରୁ ଜଣାପଡ଼ିଛି ଯେ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ଡାକ୍ତର ଥିବା ଉମର ହିଁ ସେହି Hyundai i20 କାର୍ ଚଲାଉଥିଲା, ଯେଉଁଥିରେ ବିସ୍ଫୋରଣ ହୋଇଥିଲା ।

ସୁରକ୍ଷା ବାହିନୀର ଏହି କାର୍ଯ୍ୟାନୁଷ୍ଠାନ ଭାରତୀୟ ମାଟିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଥିବା ଲୋକଙ୍କୁ ଏକ କଡ଼ା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ କରାଯାଇଛି । ଏହା ପୂର୍ବରୁ ମଧ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରରେ ସାମିଲ୍ ଥିବା ଲୋକଙ୍କ ବିରୋଧରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ।

ଗୁରୁବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଦିଲ୍ଲୀ ବିସ୍ଫୋରଣର ଦୋଷୀମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ, ଯାହା ବିଶ୍ୱକୁ ଏକ ବାର୍ତ୍ତା ଦେଇଛି ଯେ ଆଉ କେହି ଏପରି ଆକ୍ରମଣ କରିବାକୁ ସାହସ କରିବେ ନାହିଁ । ଶାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗୁଜରାଟର ମେହସାଣା ଜିଲ୍ଲାର ବୋରିଆଭି ଗ୍ରାମରେ ଶ୍ରୀ ମୋତିଭାଇ ଆର. ଚୌଧୁରୀ ସାଗର ସୈନିକ ସ୍କୁଲ ଏବଂ ସାଗର ଜୈବିକ ପ୍ଲାଣ୍ଟର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରୁଥିଲେ ।

ଏକ ସରକାରୀ ବିଜ୍ଞପ୍ତିରେ ତାଙ୍କ ଉଦ୍ଧୃତି ଦିଆଯାଇଛି ଯେ, 'ଏହି କାପୁରୁଷତାପୂର୍ଣ୍ଣ କାର୍ଯ୍ୟ ପାଇଁ ଦାୟୀ ଏବଂ ଏହା ପଛରେ ଥିବା ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରାଯିବ ଏବଂ କଠୋରତମ ଦଣ୍ଡ ଦିଆଯିବ। ଭାରତ ସରକାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ।' ସେ ବିସ୍ଫୋରଣ ପୀଡିତଙ୍କ ପରିବାର ପ୍ରତି ଗଭୀର ସମବେଦନା ମଧ୍ୟ ପ୍ରକାଶ କରିଛନ୍ତି ।

ପ୍ରେସ ଇନଫର୍ମେଶନ ବ୍ୟୁରୋ (PIB) ର ଏକ ବିଜ୍ଞପ୍ତି ଅନୁଯାୟୀ, ଶାହା କହିଛନ୍ତି, 'ଏହି ଆତଙ୍କବାଦୀ କାର୍ଯ୍ୟ ପାଇଁ ଦାୟୀ ସମସ୍ତ ଲୋକଙ୍କୁ କଠୋରତମ ଦଣ୍ଡ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂକଳ୍ପ ନିଶ୍ଚିତ ଭାବରେ ପୂରଣ କରାଯିବ ।' ସେ କହିଛନ୍ତି, 'ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣର ଦୋଷୀମାନଙ୍କୁ ଦିଆଯାଇଥିବା ଦଣ୍ଡ ବିଶ୍ୱକୁ ଏକ ବାର୍ତ୍ତା ଦେବ ଯେ ଆମ ଦେଶରେ କେହି ଏପରି ଆକ୍ରମଣ କରିବାକୁ ମଧ୍ୟ ସାହସ କରିବେ ନାହିଁ ।'

ସେ କହିଛନ୍ତି ଯେ ଗତ ୧୧ ବର୍ଷ ମଧ୍ୟରେ ମୋଦିଙ୍କ ନେତୃତ୍ୱରେ ଭାରତର ଆତଙ୍କବାଦ ବିରୋଧରେ ଲଢ଼େଇକୁ ସମଗ୍ର ବିଶ୍ୱ ସ୍ୱୀକୃତି ଦେଇଛି ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱବ୍ୟାପୀ ଏହି ଲଢ଼େଇର ନେତୃତ୍ୱ ନେବାରେ ସବୁଠାରୁ ଆଗରେ ଅଛନ୍ତି । ନଭେମ୍ବର ୧୦ ତାରିଖ ସା ୬ଟା୫୨ ସମୟରେ, ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ହୁଣ୍ଡାଇ ଆଇ୨୦ କାର ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ । ବିସ୍ଫୋରଣର ପ୍ରଭାବ ଏତେ ତୀବ୍ର ଥିଲା ଯେ ଅନେକ ଯାନ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଘଟଣାସ୍ଥଳରୁ ମିଳିଥିବା ଦୃଶ୍ୟରେ ବିକୃତ ଶରୀର ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଛାଡ଼ି ହୋଇଥିବା ଭଗ୍ନାବଶେଷ ଦେଖାଯାଇଥିଲା ।

ଜମ୍ମୁ କଶ୍ମୀରର ଶ୍ରୀନଗରର ନୌଗାମ ପୋଲିସ ଷ୍ଟେଶନ ଭିତରେ ଏକ ବଡ଼ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୨୯ ଜଣ ଆହତ ହୋଇଛନ୍ତି। କୋଠାଟି ମଧ୍ୟ ବହୁତ କ୍ଷତିଗ୍ରସ୍ତ ହୋଇଛି । ପୋଲିସ ଷ୍ଟେଶନ ପରିସରରେ ଜବତ ଆମୋନିୟମ ନାଇଟ୍ରେଟ ଗଚ୍ଛିତ ଥିବା ରିପୋର୍ଟ କରାଯାଉଛି, ଯାହାର ଫରେନସିକ ଦଳ ତଦନ୍ତ କରୁଛି । ଏହି ଆମୋନିୟମ ନାଇଟ୍ରେଟ ଯୋଗୁ ବଡ଼ ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି ।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ସହିତ ଜମ୍ମୁ କାଶ୍ମୀରର ସଂଯୋଗ ଜଣାପଡ଼ିବା ପରେ, ସେଠାରେ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀମାନଙ୍କୁ ନୌଗାମ ପୋଲିସ ଷ୍ଟେଶନ ପରିସରରେ ପଚରାଉଚରା କରାଯାଉଥିଲା । ଏହି ସମୟ ମଧ୍ୟରେ, ଶୁକ୍ରବାର ବିଳମ୍ବିତ ରାତିରେ ଏକ ବିସ୍ଫୋରଣରେ ଅନେକ ପୋଲିସ ଆହତ ହୋଇଥିବା ଜଣାପଡ଼ିଛି ।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ଏହା ଆଉ ଏକ ବଡ଼ ବିସ୍ଫୋରଣ । ନୌଗାମ ପୋଲିସ ଷ୍ଟେସନ କମ୍ପ୍ଲେକ୍ସ ହେଉଛି ଜୈଶ-ଏ-ମହମ୍ମଦର 'ହ୍ୱାଇଟ-କଲର' ଆତଙ୍କୀ ମଡ୍ୟୁଲ ତଦନ୍ତର କେନ୍ଦ୍ର । ଏହି ପୋଲିସ ଷ୍ଟେଶନ ବିମାନବନ୍ଦର ଅଞ୍ଚଳ ନିକଟବର୍ତ୍ତୀ ମଧ୍ୟ ।

ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥାରେ ବାରମ୍ବାର ତ୍ରୁଟି ଦେଖାଯାଉଛି । କିଛି ଘଣ୍ଟା ପୂର୍ବରୁ ସରକାର ଜେଲ୍ ଭିତରେ କଏଦୀମାନଙ୍କୁ VVIP ସୁବିଧା ଦେଉଥିବା ଅଧିକାରୀଙ୍କୁ ଟାଣିବା ପରେ, ବର୍ତ୍ତମାନ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ କଏଦୀମାନେ ମଦ୍ୟପାନ କରି ପାର୍ଟି କରୁଥିବା ଏବଂ ନାଚୁଥିବା ଦେଖାଯାଇଛି ।

ଭାଇରାଲ୍ ହୋଇଥିବା ଭିଡିଓରେ ଡିସପୋଜେବଲ୍ ଗ୍ଲାସରେ ମଦ, କଟା ଫଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଭଜା ବାଦାମ ସହିତ ପାର୍ଟି ପାଇଁ ଉତ୍ତମ ଆୟୋଜନ ଦେଖିବାକୁ ମିଳିଛି । ଅନ୍ୟ ଏକ ଦୃଶ୍ୟରେ, କିଛି କଏଦୀ ବାସନକୁସନ ବାଡ଼େଇ ନାଚୁଥିବା ବେଳେ ଚାରିଟି ଛୋଟ ମଦ ବୋତଲ ମଧ୍ୟ ଦେଖିବାକୁ ମିଳିଛି ।

ଏହି ଘଟଣା ଜେଲ୍ ଭିତରେ ଥିବା ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ପୂର୍ବରୁ ମଧ୍ୟ ଅପରାଧୀମାନେ ଜେଲ୍ ଭିତରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଏବଂ ଟିଭି ଦେଖିବା ଭଳି ଘଟଣା ସାମ୍ନାକୁ ଆସିଛି ।

ISIS ପାଇଁ ନିଯୁକ୍ତି କରୁଥିବା ମନ୍ନା ଜେଲ୍ ଭିତରେ ଫୋନ୍ ସ୍କ୍ରୋଲ୍ କରି ଚା' ପିଉଥିବାର ଭିଡିଓ ସାମ୍ନାକୁ ଆସିଛି । ୧୮ଟି ଦୁଷ୍କର୍ମ ଓ ହତ୍ୟା ମାମଲାରେ ସମ୍ପୃକ୍ତ ଉମେଶ ରେଡ୍ଡୀଙ୍କୁ ତାଙ୍କ ବାରାକ୍ସ ଭିତରେ ଦୁଇଟି ଆଣ୍ଡ୍ରଏଡ୍ ଏବଂ ଗୋଟିଏ କୀ-ପ୍ୟାଡ୍ ମୋବାଇଲ୍ ସହ ଟିଭି ବ୍ୟବହାର କରୁଥିବା ଦେଖାଯାଇଛି । ସୁନା ଚୋରାଚାଲାଣ ମାମଲାରେ ଧରାପଡ଼ିଥିବା ତରୁଣ ରାଜୁ ମଧ୍ୟ ଜେଲ୍ ଭିତରେ ଫୋନ୍ ବ୍ୟବହାର କରିବା ସହ ରୋଷେଇ କରୁଥିବାର ଚିତ୍ର ସାମ୍ନାକୁ ଆସିଛି ।

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଗୃହମନ୍ତ୍ରୀ ଜି. ପରମେଶ୍ୱରା ଆଜି ସକାଳେ ଏହି ଘଟଣାକୁ 'ଅସହ୍ୟ' କହି ଜେଲ୍ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି ।

ଇସଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ ପରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏକ ପ୍ରମୁଖ ବିବୃତ୍ତି ଦେଇଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ପୂର୍ବ ସୀମାରେ ଭାରତ ଏବଂ ପଶ୍ଚିମ ସୀମାରେ ଆଫଗାନ ତାଲିବାନ ବିରୋଧରେ ଦୁଇ ମୋର୍ଚ୍ଚା ଯୁଦ୍ଧ ଲଢ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଖ୍ୱାଜା ଆସିଫଙ୍କ ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଆଭ୍ୟନ୍ତରୀଣ ଅସ୍ଥିରତା, ଆର୍ଥିକ ମାନ୍ଦାବସ୍ଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଉଭୟ ପଡ଼ୋଶୀଙ୍କ ସହ ବଢ଼ୁଥିବା ଉତ୍ତେଜନା ସହିତ ସଂଘର୍ଷ କରୁଛି । ଏହି ସମୟରେ, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ ପାକିସ୍ତାନ କ'ଣ ପ୍ରକୃତରେ ଦୁଇ ମୋର୍ଚ୍ଚା ଯୁଦ୍ଧ ପାଇଁ ସକ୍ଷମ ? ଆସନ୍ତୁ ଜାଣିବା ।

ଯେକୌଣସି ଯୁଦ୍ଧ, ଏବଂ ବିଶେଷକରି ଦୁଇ ମୋର୍ଚ୍ଚା ଯୁଦ୍ଧ ପାଇଁ, ବିପୁଳ ଆର୍ଥିକ ସଂରକ୍ଷଣ, ଏକ ଦୃଢ଼ ଉତ୍ପାଦନ ପାଇପଲାଇନ ଏବଂ ସ୍ଥିର ଶାସନ ଆବଶ୍ୟକ । ପାକିସ୍ତାନରେ ଏଗୁଡ଼ିକର ଅଭାବ ଅଛି । ପାକିସ୍ତାନ ବର୍ତ୍ତମାନ ଅତ୍ୟନ୍ତ କମ ବୈଦେଶିକ ମୁଦ୍ରା ସଂରକ୍ଷଣ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ବାରମ୍ବାର IMF ପାଣ୍ଠି ବ୍ଲାକଆଉଟ ସହିତ ସଂଘର୍ଷ କରୁଛି । ଯୁଦ୍ଧର ମୂଲ୍ୟ ଏହାର ଦୁର୍ବଳ ଅର୍ଥନୀତିର ଅବଶିଷ୍ଟ ଅଂଶକୁ ନଷ୍ଟ କରିଦେବ । ଏହି ଯୁଦ୍ଧ ମାସ ନୁହେଁ, ଦିନରେ ପାକିସ୍ତାନକୁ ଆର୍ଥିକ ପତନ ଆଡ଼କୁ ଠେଲି ଦେବ ।

ଆଇସିସି ମହିଳା ବିଶ୍ୱକପ୍ ୨୦୨୫ ଜିତି ଇତିହାସ ରଚିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ଟାଟା ମୋଟର୍ସ ଏକ ବଡ଼ ଉପହାର ଦେବାକୁ ଘୋଷଣା କରିଛି । ପ୍ରଶଂସାର ସ୍ୱରୂପ, ଦଳର ପ୍ରତ୍ୟେକ ସଦସ୍ୟଙ୍କୁ କମ୍ପାନୀର ଖୁବ୍ ଶୀଘ୍ର ଲଞ୍ଚ୍ ହେବାକୁ ଥିବା ଆଇକନିକ୍ 'ଟାଟା ସିଏରା' (Tata Sierra) ଏସୟୁଭିର ଟପ୍-ଏଣ୍ଡ୍ ମଡେଲର ପ୍ରଥମ ବ୍ୟାଚ୍ ପ୍ରଦାନ କରାଯିବ ।

ଗତ ସପ୍ତାହରେ ନଭି ମୁମ୍ବାଇରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତୀୟ ମହିଳା ଦଳ ପ୍ରଥମ ବିଶ୍ୱକପ୍ ଟାଇଟଲ୍ ହାସଲ କରିଛି ।

ଟାଟା ମୋଟର୍ସ ଏକ ବିବୃତ୍ତିରେ କହିଛି, "ଲିଜେଣ୍ଡ୍ସ ସହିତ ଲିଜେଣ୍ଡ୍ସଙ୍କର ଭେଟ । ଭାରତୀୟ ମହିଳା କ୍ରିକେଟ୍ ଦଳ ଏବଂ ସେମାନଙ୍କର ଐତିହାସିକ ଆଇସିସି ମହିଳା ବିଶ୍ୱକପ୍ ପ୍ରଦର୍ଶନକୁ ପାଳନ କରି ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଗର୍ବର ସହ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ 'ଟାଟା ସିଏରା' ପ୍ରଦାନ କରୁଛି – ଯାହାକି ଏକ ସାହସୀ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁମୁଖୀ ଏବଂ କାଳଜୟୀ ଲିଜେଣ୍ଡ୍ ।"

ଏହି ଖୁସିର ମାହୋଲ ମଧ୍ୟରେ ଗୁରୁବାର ଦଳର ସଦସ୍ୟମାନେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ । ଅଧିନାୟକ ହରମନପ୍ରୀତ କୌର ସମସ୍ତ ଖେଳାଳିଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଜର୍ସି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ ଏବଂ ବିଶ୍ୱକପ୍ ଟ୍ରଫି ମଧ୍ୟ ପ୍ରଦର୍ଶନ କରିଥିଲେ ।

ରାଷ୍ଟ୍ରପତି ମୁର୍ମୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ସେମାନେ କେବଳ ଇତିହାସ ସୃଷ୍ଟି କରିନାହାଁନ୍ତି, ବରଂ ଯୁବପିଢ଼ି ପାଇଁ ଆଦର୍ଶ ପାଲଟିଛନ୍ତି । ସେ କହିଥିଲେ ଯେ ଏହି ଦଳ ଭାରତର ପ୍ରତିଫଳନ, ଯେଉଁଠି ବିଭିନ୍ନ ଅଞ୍ଚଳ, ସାମାଜିକ ପୃଷ୍ଠଭୂମିର ଖେଳାଳିମାନେ ଗୋଟିଏ 'ଟିମ୍ – ଇଣ୍ଡିଆ' ଭାବରେ ପ୍ରତିନିଧିତ୍ୱ କରୁଛନ୍ତି ।

ଭୋଟ ଚୋରି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ପୁଣି ଥରେ ନିର୍ବାଚନ କମିଶନଙ୍କୁ ଆକ୍ରମଣ କରିଛନ୍ତି । ଏଥର ସେ ହରିୟାଣା ବିଧାନସଭା ନିର୍ବାଚନ ଫଳାଫଳରେ ଜାଲିଆତି ଅଭିଯୋଗ କରିଛନ୍ତି । ତାଙ୍କ ପାଖରେ ଥିବା 'H Files' କୁହାଯାଉଥିବା କଥାକୁ ଉଦ୍ଧୃତ କରି ସେ ଏକ ରହସ୍ୟମୟୀ ଝିଅର ଫଟୋ ଦେଖାଇଲେ । ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ ଏହି ମହିଳା ହରିୟାଣାର ବିଭିନ୍ନ ବୁଥରେ ବିଭିନ୍ନ ନାମରେ ଅନେକ ଥର ଭୋଟ ଦେଇଥିଲେ ।

ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ ଏହି ରହସ୍ୟମୟୀ ଯୁବତୀ ଜଣଙ୍କ ହରିୟାଣାରେ ୨୨ ଥର ଭୋଟ ଦେଇଥିଲେ । ସେ ବ୍ୟାଖ୍ୟା କରିଥିଲେ ଯେ କିଛି ବୁଥରେ ସମାନ ମହିଳାଙ୍କ ଫଟୋ ସୀମା, ସରସ୍ୱତୀ ଏବଂ ବିମଳା ଭଳି ବିଭିନ୍ନ ନାମରେ ତାଲିକାଭୁକ୍ତ ଥିଲା । ରାହୁଲ କହିଥିଲେ ଯେ ତାଙ୍କ ଦଳ ୧୦ ଟି ଭିନ୍ନ ଭିନ୍ନ ବୁଥରେ ସମାନ ଫଟୋ ଏବଂ ନାମ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ।

ରାହୁଲ ଗାନ୍ଧୀ କହିଥିଲେ ଯେ ଯେତେବେଳେ ସେ ଏହି 'ରହସ୍ୟମୟୀ ଯୁବତୀ'ଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫଟୋ ତାଙ୍କ ଦଳକୁ ଦେଖାଇଲେ, ସେମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ । ତଦନ୍ତ ପରେ, ସେମାନେ ଜାଣିବାକୁ ପାଇଲେ ଯେ ଏହା ଜଣେ ବ୍ରାଜିଲିୟ ମଡେଲର ଏକ ଷ୍ଟକ ଫଟୋ । ରାହୁଲ ଗାନ୍ଧୀ କହିଥିଲେ ଯେ ଏହା ଏକ ବାହ୍ୟ/ଷ୍ଟକ ଇମେଜ ଥିଲା, ପ୍ରକୃତ ସ୍ଥାନୀୟ ଭୋଟର ନୁହେଁ ।

ରାହୁଲ ଗାନ୍ଧୀ କହିଛନ୍ତି ଯେ ଏହା ପ୍ରକୃତରେ ଜଣେ ବ୍ରାଜିଲିୟ ମଡେଲ, ଏବଂ ତାଙ୍କ ଫଟୋ ବ୍ୟବହାର କରି ବିଭିନ୍ନ ନକଲି ଆଇଡି ତିଆରି କରାଯାଇଥିଲା, ଯାହା ଦ୍ୱାରା ହରିୟାଣାର ବାଇଶଟି ସ୍ଥାନରେ ଭୋଟ ଦିଆଯାଇଥିଲା । ରାହୁଲଙ୍କ ଅନୁଯାୟୀ, ଏହି ପଦ୍ଧତି ବ୍ୟବହାର କରି ହରିୟାଣାରେ ୨.୫ ମିଲିୟନ ଲୋକ ନକଲି ଭୋଟ ଦେଇଥିଲେ ।

ରାହୁଲ ଗାନ୍ଧୀ କହିଛନ୍ତି ଯେ ଏହା ପ୍ରକୃତରେ ଏକ ବ୍ରାଜିଲିୟ ମଡେଲ, ଏବଂ ତାଙ୍କ ଫଟୋ ବ୍ୟବହାର କରି ବିଭିନ୍ନ ନକଲି ଆଇଡି ତିଆରି କରାଯାଇଥିଲା, ଯାହା ଦ୍ୱାରା ହରିୟାଣାର ୨୨ଟି ସ୍ଥାନରେ ଭୋଟ ଦିଆଯାଇଥିଲା । ରାହୁଲଙ୍କ ଅନୁଯାୟୀ, ଏହି ପଦ୍ଧତି ବ୍ୟବହାର କରି ହରିୟାଣାରେ ୨.୫ ମିଲିୟନ ଲୋକ ନକଲି ଭୋଟ ଦେଇଥିଲେ ।

ସେ କହିଛନ୍ତି, 'ଆମର ଦୃଢ଼ ପ୍ରମାଣ ଅଛି ଯେ ହରିୟାଣାରେ ୨.୫ ମିଲିୟନ ଭୋଟ ଦିଆଯାଇଥିଲା । ଏହାର ଅର୍ଥ ହେଉଛି ପ୍ରତି ଆଠଟି ଭୋଟରେ ଗୋଟିଏ ନକଲି ଥିଲା । ଏହା ସତ୍ତ୍ୱେ, କଂଗ୍ରେସ ଦଳ ଏହି ନିର୍ବାଚନରେ ମାତ୍ର ୨୫,୦୦୦ ଭୋଟରେ ହାରିଗଲା ।'

କଂଗ୍ରେସ ଏମପି ଶଶି ଥରୁରଙ୍କ ବଂଶବାଦ ରାଜନୀତି ଉପରେ ମନ୍ତବ୍ୟ ହଇଚଇ ସୃଷ୍ଟି କରିଛି । କଂଗ୍ରେସ ଦଳ ପ୍ରତିରକ୍ଷାମୂଳକ ସ୍ଥିତିରେ ଥିବା ବେଳେ, ଭାଜପା ଏକ ପ୍ରସ୍ତୁତ ପ୍ରସଙ୍ଗ ଏବଂ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ ଟାର୍ଗେଟ କରିବାର ସୁଯୋଗ ପାଇଛି । ଏକ ଲେଖାରେ ଶଶି ଥରୁର ଭାରତର ବଂଶବାଦ ରାଜନୀତିକୁ ସମାଲୋଚନା କରିଥିଲେ । ଲେଖାଟିର ଶୀର୍ଷକ ଥିଲା 'ଭାରତୀୟ ରାଜନୀତି ଏକ ପାରିବାରିକ ବ୍ୟବସାୟ ।' ଥରୁର ନେହେରୁ-ଗାନ୍ଧୀ ପରିବାରକୁ ବଂଶବାଦ ରାଜନୀତିର ଆରୋପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଗାଇ କଂଗ୍ରେସ ନେତାମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

କଂଗ୍ରେସ ଏମପି ପ୍ରମୋଦ ତିୱାରୀ ଗାନ୍ଧୀ ପରିବାର ବିରୁଦ୍ଧରେ ଶଶି ଥରୁରଙ୍କ ଅଭିଯୋଗର ଜବାବ ଦେଇ କହିଛନ୍ତି, 'ପଣ୍ଡିତ ଜବାହରଲାଲ ନେହେରୁ ଏହି ଦେଶର ସବୁଠାରୁ ଦକ୍ଷ ପ୍ରଧାନମନ୍ତ୍ରୀ ଥିଲେ । ଇନ୍ଦିରା ଗାନ୍ଧୀ ନିଜ ଜୀବନ ବଳିଦାନ ଦେଇ ନିଜକୁ ପ୍ରମାଣିତ କରିଥିଲେ । ଦେଶ ସେବା ପାଇଁ ରାଜୀବ ଗାନ୍ଧୀ ମଧ୍ୟ ନିଜ ଜୀବନ ବଳିଦାନ ଦେଇଥିଲେ । ଏପରି ପରିସ୍ଥିତିରେ, ଯଦି କେହି ଗାନ୍ଧୀ ପରିବାରର ବଂଶବାଦ ବିଷୟରେ କଥାବାର୍ତ୍ତା କରନ୍ତି, ତେବେ ଦେଶର ଅନ୍ୟ କେଉଁ ପରିବାର ଏତେ ତ୍ୟାଗ, ସମର୍ପଣ ଏବଂ ଦକ୍ଷତା ଦେଖାଇଛି ? ଏହା କ'ଣ ଭାଜପା ?'

କଂଗ୍ରେସ ନେତା ରସିଦ ଆଲଭି କହିଛନ୍ତି ଯେ ପରିବାର ଇତିହାସ ଯୋଗୁ ଜଣେ ବ୍ୟକ୍ତିଙ୍କୁ ରାଜନୀତିରେ ପ୍ରବେଶ କରିବାରୁ ରୋକାଯାଇ ପାରିବ ନାହିଁ । ସେ କହିଛନ୍ତି, 'ଗଣତନ୍ତ୍ରରେ, ଲୋକମାନେ ନିଷ୍ପତ୍ତି ନିଅନ୍ତି । କେବଳ ତାଙ୍କ ପିତା ଏମପି ଥିଲେ ବୋଲି ଆପଣ କାହାକୁ ରାଜନୀତିରେ ପ୍ରବେଶ କରିବାରୁ ରୋକିପାରିବେ ନାହିଁ । ଏହା ପ୍ରତ୍ୟେକ କ୍ଷେତ୍ରରେ ଘଟୁଛି । ଆପଣ ଏହାକୁ କିପରି ଏଡାଇ ପାରିବେ ?'

କଂଗ୍ରେସ ନେତା ଉଦିତ ରାଜ ଗାନ୍ଧୀ ପରିବାରର ବଂଶବାଦ ରାଜନୀତିକୁ ସମର୍ଥନ କରି କହିଛନ୍ତି ଯେ ଜଣେ ଡାକ୍ତରଙ୍କ ପୁଅ ଡାକ୍ତର ହୁଏ, ଏବଂ ଜଣେ ବ୍ୟବସାୟୀଙ୍କ ପୁଅ ବ୍ୟବସାୟୀ ହୁଏ । ରାଜନୀତି ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ଯଦି ଜଣେ ରାଜନେତାର ଅପରାଧିକ ଇତିହାସ ଥାଏ, ତେବେ ଏହା ଆମ ସମାଜର ବାସ୍ତବତାକୁ ପ୍ରତିଫଳିତ କରେ। ଜାତି ଏବଂ ପରିବାର ଆଧାରରେ ନିର୍ବାଚନ ଟିକେଟ ବଣ୍ଟନ କରାଯାଏ । ଉଦିତ ରାଜ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବଂଶବାଦ ରାଜନୀତିକୁ ପ୍ରୋତ୍ସାହିତ କରିବାର ଅଭିଯୋଗ ମଧ୍ୟ କରିଛନ୍ତି ।

ଏହି ସମୟରେ, କେନ୍ଦ୍ରରେ କ୍ଷମତାସୀନ ଭାଜପା ଦଳ ଥରୁରଙ୍କ ବୟାନ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଂଗ୍ରେସକୁ ତାଚ୍ଛଲ୍ୟ କରିଛି । ଭାଜପା ମୁଖପାତ୍ର ଶହଜାଦ ଜୟହିନ୍ଦ ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏକ ପୋଷ୍ଟରେ ଲେଖିଛନ୍ତି ଯେ ଶଶି ଥରୁର ଭାରତର 'ପରିବାରବାଦ ପିଲା' ରାହୁଲ ଗାନ୍ଧୀ ଏବଂ 'ଛୋଟ ପରିବାରବାଦ ପିଲା' ତେଜସ୍ୱୀ ଯାଦବଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି । ଶହଜାଦ ଲେଖିଛନ୍ତି, 'ଡକ୍ଟର ଥରୁର ଜଣେ ସାହସୀ ହୋଇଯାଇଛନ୍ତି । ସେ 'ନେପୋ କିଡ' କିମ୍ବା 'ରାଜବଂଶର ନବାବ' ଉପରେ ସିଧାସଳଖ ଟାର୍ଗେଟ କରିଛନ୍ତି ।

ବଲିଉଡ ଅଭିନେତା ସଲମାନ ଖାନଙ୍କ ବେଲୁଚିସ୍ତାନକୁ ଏକ ପୃଥକ ଦେଶ ବୋଲି ବୟାନ ପାକିସ୍ତାନରେ ବ୍ୟାପକ ହଇଚଇ ସୃଷ୍ଟି କରିଥିଲା । ଏହି ବୟାନ ପରେ ପାକିସ୍ତାନ ସଲମାନ ଖାନଙ୍କୁ ତାର ଆତଙ୍କବାଦୀ ତାଲିକାରେ ସାମିଲ କରିଛି ବୋଲି ଅନେକ ରିପୋର୍ଟରେ ଦାବି କରାଯାଇଛି । ପାକିସ୍ତାନ ସରକାର ଏବେ ଏହି ବିଷୟରେ ଏକ ସ୍ପଷ୍ଟୀକରଣ ଜାରି କରିଛନ୍ତି ।

ପାକିସ୍ତାନ ସରକାର ଏକ ସ୍କ୍ରିନସଟ ପୋଷ୍ଟ କରିଛନ୍ତି ଯେଉଁଥିରେ ଦାବି କରାଯାଇଛି ଯେ ସଲମାନ ଖାନଙ୍କୁ ଆତଙ୍କବାଦୀ ନଜର ତାଲିକାରେ ରଖାଯାଇଛି । ପାକିସ୍ତାନ ସରକାର ଏହାକୁ ମିଥ୍ୟା ବୋଲି ଖାରଜ କରିଛନ୍ତି । ପୋଷ୍ଟରେ ଗଣମାଧ୍ୟମ ରିପୋର୍ଟକୁ ଉଦ୍ଧୃତ କରାଯାଇଛି ଯେ ସଲମାନ ଖାନଙ୍କୁ ବେଲୁଚିସ୍ତାନ ବିଷୟରେ ମନ୍ତବ୍ୟ ଦେବା ଯୋଗୁ ତାଙ୍କୁ ଆତଙ୍କବାଦ ବିରୋଧୀ ଆଇନର ଚତୁର୍ଥ ସୂଚୀରେ ରଖାଯାଇଛି । ଏହି ରିପୋର୍ଟରେ ସଲମାନ ଖାନଙ୍କୁ ଆତଙ୍କବାଦର ସମର୍ଥକ ଭାବରେ ବର୍ଣ୍ଣନା କରାଯାଇଛି ।

ଏହି ଖବର ପାକିସ୍ତାନର ବ୍ୟାପକ ସମାଲୋଚନା କରିଥିଲା । ପାକିସ୍ତାନ ସରକାର କହିଛି, 'NACTA ନିଷିଦ୍ଧ ବ୍ୟକ୍ତି ପୃଷ୍ଠାରେ କିମ୍ବା କୌଣସି ଗୃହ ମନ୍ତ୍ରଣାଳୟ ଗେଜେଟରେ ସଲମାନ ଖାନଙ୍କୁ ଚତୁର୍ଥ ସୂଚୀରେ ସାମିଲ କରିବା ବିଷୟରେ ସୂଚନା ଦେଇ କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରୀ ବିବୃତ୍ତି ପାକିସ୍ତାନ ସରକାରଙ୍କ ପକ୍ଷରୁ ମିଳିନାହିଁ ।' ଭାରତୀୟ ଗଣମାଧ୍ୟମ ରିପୋର୍ଟରେ ଏପରି ଦାବି କରାଯାଇଛି, କିନ୍ତୁ ସେମାନଙ୍କର କୌଣସି ସରକାରୀ ପାକିସ୍ତାନୀ ନଜର ତାଲିକା କିମ୍ବା ଆନୁଷ୍ଠାନିକ ଘୋଷଣା ସହିତ କୌଣସି ସମ୍ପର୍କ ନାହିଁ ।

ସୂଚନାଯୋଗ୍ୟ, ଏହି ମାସର ଆରମ୍ଭରେ, ବଲିଉଡ ଅଭିନେତା ସଲମାନ ଖାନ ସାଉଦି ଆରବର ରିୟାଦରେ ଜୟ ଫୋରମ ୨୦୨୫ରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ଶାହରୁଖ ଖାନ ଏବଂ ଆମିର ଖାନଙ୍କ ସହିତ ମଞ୍ଚ ଶେୟାର କରିଥିଲେ । ମଧ୍ୟପ୍ରାଚ୍ୟରେ ଭାରତୀୟ ଫିଲ୍ମର ଲୋକପ୍ରିୟତା ବିଷୟରେ କହି ସଲମାନ ଖାନ କହିଥିଲେ, 'ବର୍ତ୍ତମାନ, ଯଦି ଆପଣ ଏକ ହିନ୍ଦୀ ଫିଲ୍ମ ତିଆରି କରନ୍ତି ଏବଂ ଏହାକୁ ଏଠାରେ (ସାଉଦି ଆରବରେ) ରିଲିଜ କରନ୍ତି, ତେବେ ଏହା ସୁପରହିଟ ହେବ। ଯଦି ଆପଣ ଏକ ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଫିଲ୍ମ ତିଆରି କରନ୍ତି, ତେବେ ଏହା କୋଟି କୋଟି ଟଙ୍କା ରୋଜଗାର କରିବ କାରଣ ଅନ୍ୟ ଦେଶରୁ ଏତେ ଲୋକ ଏଠାକୁ ଆସିଛନ୍ତି । ଏଠାରେ ବେଲୁଚିସ୍ତାନର ଲୋକ, ଆଫଗାନିସ୍ତାନର ଲୋକ, ପାକିସ୍ତାନର ଲୋକ... ସମସ୍ତେ ଏଠାରେ କାମ କରୁଛନ୍ତି ।'

ବହୁତ କଷ୍ଟ କରିବା ପରେ ଏହି ସଂସ୍କରଣ ପ୍ରକାଶନ ହେଉଛି । ଆଶା କରୁଛି ଆପଣଙ୍କୁ ଏହି ସଂସ୍କରଣ ଭଲ ଲାଗିବ । ସବୁବେଳ ଭଳି ଆପଣଙ୍କ ସଦିଚ୍ଛା, ସ୍ନେହ ଓ ଆଶୀର୍ବାଦ ଏହି ପତ୍ରିକାକୁ ମିଳୁଥାଉ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ

(XIM ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ଜାଭିୟର୍ ସ୍କୋୟାର୍, ଭୁବନେଶ୍ୱର - 751013, ଓଡିଶା ।

ଇ-ମେଲ୍: media-oc@xim.edu.in ।

ୱେବ୍: https://xim.edu.in/

# ପ୍ରତିଷ୍ଠାନ ଦିବସ ପ୍ରେସ୍ ଟିପ୍ପଣୀ




XIM ବିଶ୍ୱବିଦ୍ୟାଳୟରେ ବହୁ ଆଡମ୍ବର ସହିତ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, XIM ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ନଭେମ୍ବର ୨୦୨୫ରେ ଭୁବନେଶ୍ୱରର ପୁରୁଣା କ୍ୟାମ୍ପସରେ ଏହାର ପ୍ରତିଷ୍ଠା ଦିବସ ପାଳନ କରିଥିଲା । ଏହି ଉତ୍ସବ ବିଶ୍ୱବିଦ୍ୟାଳୟର କୀର୍ତ୍ତି, ନିରନ୍ତର ବିକାଶ ଓ ଶ୍ରେଷ୍ଠତା ପାଇଁ ପ୍ରତିବଦ୍ଧତାର ଅନୁସ୍ମାରକ ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଅମ୍ବୁଜା ନିଓଟିଆ ଗ୍ରୁପ୍‌ର ଚେୟାରମ୍ୟାନ୍ ଶ୍ରୀ ହର୍ଷବର୍ଦ୍ଧନ ନେଓଟିଆ । ଜଣେ ବିଶିଷ୍ଟ ଉଦ୍ୟୋଗୀ ତଥା ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି, ଶ୍ରୀ ନେଓଟିଆଙ୍କୁ ସାମାଜିକ ବିକାଶ କ୍ଷେତ୍ରରେ ଅବଦାନ ପାଇଁ ୧୯୯୯ରେ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା । ସୁଲଭ ସହରାଞ୍ଚଳ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସେ ପଶ୍ଚିମବଙ୍ଗ ସରକାରଙ୍କ ସହଯୋଗରେ ପ୍ରତିଷ୍ଠିତ ବଙ୍ଗଳା ଆମ୍ବୁଜା ହାଉସିଂ ଡେଭଲପମେଣ୍ଟ ଲିମିଟେଡର ଭାରତର ଅନ୍ୟତମ ଅଗ୍ରଣୀ ମିଳିତ ଉଦ୍ୟୋଗର ପ୍ରତିଷ୍ଠାତା ଅଟନ୍ତି ।

ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ "ଉଦୟନ"କୁ ଭାରତ ସରକାର ଏକ "ମଡେଲ ହାଉସିଂ ପ୍ରୋଜେକ୍ଟ" ଭାବରେ ମାନ୍ୟତା ଦେଇଥିଲେ । ଶ୍ରୀ ହର୍ଷବର୍ଦ୍ଧନ ନିଓଟିଆ ଭାରତର ଆର୍ଥିକ ଅଭିବୃଦ୍ଧି, ବୈଶ୍ୱିକ ସ୍ଥିତି, ଭିତ୍ତିଭୂମି ଏବଂ ଡିଜିଟାଲ୍ ନବସମ୍ଭାବନାରେ ହୋଇଥିବା ଅବିଶ୍ୱାସନୀୟ ଅଗ୍ରଗତିକୁ ପ୍ରଶଂସା କରିଥିଲେ । ଭୂ-ରାଜନୀତି , ଅସମାନତା, ଏବଂ ଟେକ୍ନୋଲୋଜିଆଲ୍ ବ୍ୟବସ୍ଥାରେ ପରିବର୍ତ୍ତନ ଭଳି ଆହ୍ୱାନଗୁଡ଼ିକ ଉପରେ ବିଚାର କରି ସେ ଯୁବପିଢ଼ିଙ୍କୁ ସଚ୍ଚୋଟତା, ଉତ୍ସାହ, କୁତୂହଳ, ଅନୁଶାସନ ଏବଂ ବିନମ୍ରତା ସହିତ ଭବିଷ୍ୟତକୁ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ ।

ରେଭରେଣ୍ଡ ଶ୍ରୀ. ରାଜୀବ କାଉଲ, ଫା. ଜେରୋମ କୁଟିନହା, ଏସ.ଜେ., ଡା. ଫା. କାସିମିର, ଏସ୍ ଜେ, କୁଳପତି, ରେଭରେଣ୍ଡ ଫା. ଏସ୍. ଆଣ୍ଟୋନି ରାଜ, ଏସ୍ ଜେ, ରେଜିଷ୍ଟ୍ରାର୍, ରେଭରେଣ୍ଡ ଫା. ଭି. ଆରୋକିୟାଦାସ, ଏସ ଜେ, ଡେପୁଟି ରେଜିଷ୍ଟ୍ରର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ବୋର୍ଡ ସଦସ୍ୟ, ଅଧ୍ୟାପକ ଅଧ୍ୟାପିକା ବୃନ୍ଦ, କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଏହି ସମାରୋହ ରେ ଉପସ୍ଥିତ ଥିଲେ । ସେ ଏହା ମଧ୍ୟ କହିଥିଲେ, "ଯଦି ତୁମେ ଯାହା କରୁଛ ସେଥିରେ ଆଗ୍ରହ ପାଇବ, ତେବେ ସଫଳତାର ସମ୍ଭାବନା ବହୁତ ଅଧିକ ।

ଏହି ସମାରୋହରେ ଶ୍ରୀ ହର୍ଷବର୍ଦ୍ଧନ ନିଓଟିଆଙ୍କୁ ତାଙ୍କର ଉଲ୍ଲେଖନୀୟ ନେତୃତ୍ୱ ତଥା ଶିଳ୍ପ ତଥା ସମାଜରେ ଅବଦାନକୁ ସମ୍ମାନ ଜଣାଇ ବ୍ୟବସାୟ ପରିଚାଳନାରେ ସମ୍ମାନିତ ଡକ୍ଟରାଲ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଦୃଢ ଶିଳ୍ପ ସଂଯୋଗ ଏବଂ ରାଷ୍ଟ୍ର ନିର୍ମାଣରେ ସହଯୋଗ କରୁଥିବା ସାମାଜିକ ଦାୟିତ୍ୱବାନ ଅଗ୍ରଣୀ ବ୍ୟକ୍ତିବିଶେଷ ଙ୍କ ବିକାଶ କରିବାର ପ୍ରତିବଦ୍ଧତାର ଉଦାହରଣ ଦେଇଛି ।

ଏହି ଉତ୍ସବରେ ମଧ୍ୟ ଅନୁଷ୍ଠାନକୁ ଦୀର୍ଘ ଦିନର ଏବଂ ସମ୍ମାନଜନକ ସେବା ପାଇଁ ପାଞ୍ଚ ଜଣ କର୍ମଚାରୀକୁ ସମ୍ମାନିତ କରାଯାଇଥିଲା । ରେଭରେଣ୍ଡ ଡା. ଫା. କାସିମିର, ଏସ୍ ଜେ, କୁଳପତି ଏହି ଉତ୍ସବର ସଫଳତା ପାଇଁ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି ଏବଂ ବିଶ୍ୱବିଦ୍ୟାଳୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୩୩

ଅଶୋକ ବିଶ୍ୱାଳ



ସବୁଜ ଦିଗବଳୟର ଲାଲ ସୂର୍ଯ୍ୟ-୩

ଦିଆଯାଇଥିବା ଲେଖା ଅନୁସାରେ ଗୁପ୍ତଚର ସଂସ୍ଥା ପରିଚାଳନା କାମରେ ଇଂରେଜମାନେ ଅତି ପାରଙ୍ଗମ ଥିଲେ । ମିଲିଟାରୀ ପୁଲିସ କମାଣ୍ଡାଣ୍ଟ ଡେନିସ ମାକକାରଥି ଏହାକୁ ଗୁପ୍ତରେ 'ଅପରେସନ ବାଲ୍ଡ ହେଡ' ନାମରେ ଚଳାଉଥିଲେ । ଆଗରୁ ଇଂରେଜମାନେ ଗୁପ୍ତରେ କିଛି ଗ୍ରାମର ମୁଖିଆ ଆଉ କିଛି ଗ୍ରେଟ ଆଣ୍ଡାମାନିଜଙ୍କୁ ନିଜ ଦଳରେ ସାମିଲ କରିଥିଲେ । ସେମାନେ ଯେମିତି ଧରା ନପଡିବେ ସେଥିପାଇଁ ବହୁ ଯୋଜନା କରାଯାଇଥିଲା । ଫଳରେ ଜାପାନିଜମାନେ ସେମାନଙ୍କୁ ଜାଣିପାରିଲେ ନାହିଁ । ସେମାନଙ୍କର ଏକ ଅନୁଷ୍ଠାନ 'ଜ୍ୱାନ-ଥ୍ରୀ-ସିକ୍ସ' ଗୁପ୍ତରେ ଖବର ସଂଗ୍ରହ କରୁଥିଲା । ଆଉ ସେହି ଗୁପ୍ତଚରମାନେ ଖବର ସିଧା ଦକ୍ଷିଣ ପୂର୍ବ ଏସିଆର କମାଣ୍ଡର ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଦେଉଥିଲେ । ଆଶ୍ଚର୍ଯ୍ୟର କଥା ଥିଲା ଯେ ବ୍ରିଟିଶରମାନଙ୍କ ପାଇଁ ଲେଉକା ନାମରେ ଏକ ଗ୍ରେଟ ଆଣ୍ଡାମାନିଜ ମଧ୍ୟ ଖବର ସଂଗ୍ରହ କରୁଥିଲା । ସେ ଏକଦମ ସାଧାରଣ ଜୀବନ ଯାପନ କରୁଥିଲା, ଏକ ଆଖି କଣା ଆଉ ତା' କଥା ମୋଟେ ଜଣା ପଡିଲା ନାହିଁ ।

ଭରଚୁଆଲ ଟୁର ଆରମ୍ଭ ହୋଇଗଲା । ଇଂରେଜ ମିଲିଟାରୀ ପୁଲିସ କମାଣ୍ଡାଣ୍ଟ ମିଷ୍ଟର ଡେନିସ ମାକକାରଥି ଜାପନିଜମାନଙ୍କ ଆସିବା ଆଗରୁ ନିଜର ସାଥି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଂରେଜମାନଙ୍କ ସହ ସିଲୋନ (ଶ୍ରୀଲଙ୍କା) ଚାଲିଗଲେ । ତାଙ୍କର କାମ ଥିଲା ଯଦି ଜାପାନୀମାନେ ଅଧିକାର କରନ୍ତି ତେବେ ଏକ ଗୁପ୍ତଚର କେନ୍ଦ୍ର ଆଣ୍ଡାମାନରେ ସ୍ଥାପନ କରିବେ । ସେ ଏକ ଡଚ ସବମେରିନରେ ଗୁପ୍ତରେ ଆଣ୍ଡାମାନ ଆସିଲେ । ସାଙ୍ଗରେ ଥିଲେ ହାବିଲଦାର ଜ୍ଞାନ ସିଂହ ଓ ଆଉ କେତେଜଣ । ସେମାନେ ମିଡିଲ ଆଣ୍ଡାମାନର ଫ୍ଲାଟ ଆଇଲାଣ୍ଡର ପାଖରେ ଓହ୍ଲାଇ ପଡିଲେ । ସେମାନଙ୍କ ଗୁପ୍ତ କ୍ୟାମ୍ପ ପୋର୍ଟ କ୍ୟାମ୍ପବେଲ, ଦକ୍ଷିଣ ଆଣ୍ଡାମାନରେ ଥିଲା । ତା'ପରେ ଜଙ୍ଗଲ ରାସ୍ତାରେ ପୋର୍ଟବ୍ଲେଆର ପର୍ଯ୍ୟନ୍ତ ଆସିଲେ ଆଉ ଫେରାରଗଞ୍ଜରେ ପହଞ୍ଚିଲେ । ସେଠାକାର ଗାଁ ମୁଖିଆ ସେମାନଙ୍କୁ ସାହାର୍ଯ୍ୟ କଲାନାହିଁ । ସେ ନିଜ ସହ କିଛି ବର୍ମିଜ ଲୋକଙ୍କୁ ସାଙ୍ଗରେ ରଖିଥାନ୍ତି, ଫଳରେ କେହି ସେମାନଙ୍କୁ ସନ୍ଦେହ କରିବ ନାହିଁ । ସେମାନେ ଗୁପ୍ତରେ ଯାହାହେଉ ଖବର ପଠାଇଲେ ଆଉ ମିତ୍ରଶକ୍ତିର ବୋମାମାଡ ଆରମ୍ଭ ହୋଇଗଲା । ଜାପାନିଜମାନେ ଯଦିଓ ରେଡିଓ ସିଗନାଲ ଜାଣିପାରୁଥିଲେ କିନ୍ତୁ ଠିକ ଠିକଣା ପାଇପାରୁନଥିଲେ ।

ଯୁଦ୍ଧରେ ସାହାସ ଏକମାତ୍ର ବିଜୟୀ ଲକ୍ଷଣ ନୁହେଁ । ବିଜୟ ବହୁ ଉଦ୍ୟମର ସମାହାରରେ ତିଆରି ହୁଏ । ଅସ୍ତ୍ର ଅଛି, କିନ୍ତୁ ଗୋଳା ବାରୁଦ ନାହିଁ । ତାହାହେଲେ ସେ ଅସ୍ତ୍ର ଏକ ଠେଙ୍ଗା ଛଡା କିଛି ବେଶି ନୁହେଁ । ଏକ ରାଇଫଲକୁ ଏକ ଖଣ୍ଡା ସହଜରେ ହରାଇ ଦେଇପାରେ । ରାଇଫଲ ତ ଫୁଟିବନି ଆଉ ଖଣ୍ଡାର ତେଜ ଧାରରେ ଶତ୍ରୁର ମସ୍ତକ ଭୂଲୁଣ୍ଠିତ ହେବ । ଇଂରେଜମାନେ ଲଜିଷ୍ଟିକସ ଉପରେ ଆକ୍ରମଣ କଲେ । ସେମାନେ ଜାପାନୀଙ୍କ ସପ୍ଲାଏ ଲାଇନ ଉପରେ ଆକ୍ରମଣ କରି ଜାପାନୀମାନଙ୍କ ମନୋବଳ ଭାଙ୍ଗୁଥିଲେ । ଖାଲି ଆଣ୍ଡାମାନ ନୁହେଁ, ସେମାନେ ତାହା ମଧ୍ୟ ଇମ୍ଫାଲ ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋହିମା ଯୁଦ୍ଧରେ କରିଛନ୍ତି । ଜାପାନିଜଙ୍କ ପାଖରେ ରେସନ ସରିଯାଉଛି ଆଉ ସେମାନେ ନିଃସହାୟ ହୋଇଉଠୁଛନ୍ତି ।- ତା' ପାଖରେ ବସିଥିବା ଲୋକଜଣଙ୍କ ତାଙ୍କ ସାଥିକୁ କହୁଥିଲେ ।

ଅବିନାଶ ଭାବୁଥିଲା ଏହା ଯୁଦ୍ଧର ଏକ ପ୍ରମାଣିତ ଉପାୟ । ଆଉ ଏକ ଅପେକ୍ଷାକୃତ ସହଜ ଉପାୟ । ଅଳ୍ପ ରକ୍ତପାତ ଆଉ ତା'ର ଫଳ ଅତି ବ୍ୟାପକ । ଏକ ବଡ଼ ସେନାକୁ ଆକ୍ରମଣ କରିବାକୁ ହେଲେ ଲଜିସଟିକ୍ସ ଉପରେ ଆକ୍ରମଣ କରିବାକୁ ପଡ଼ିବ ।

ଏଣେ ସ୍କିନରେ ଯୁଦ୍ଧ ସମୟରେ ଅସୁବିଧାମାନ ପ୍ରଦର୍ଶିତ ହେଉଥିଲା । ଭିତରେ ଦ୍ୱୀପ ଅଧିକାର କରିଥିବା ଜାପାନୀମାନଙ୍କ ପାଇଁ ଖାଦ୍ୟ ଆଉ ଅନ୍ୟ ଯୁଦ୍ଧ ସାମଗ୍ରୀ ନିୟମିତ ଭାବେ ଯୋଗାଡ କରିବା କଠିନ ହୋଇପଡୁଥିଲା । ଏହି ସମୟରେ ଶ୍ରୀଲଙ୍କାରେ ଥିବା ବ୍ରିଟିଶ ସେନାବାହିନୀ ଆଣ୍ଡାମାନକୁ ଆକ୍ରମଣ କରିବା ଆରମ୍ଭ କରିଦେଲେ । ଜାପାନୀମାନଙ୍କ ଉପରେ ଜଳମାର୍ଗରେ ଯୁଦ୍ଧବିମାନରୁ ଆଉ ବୁଡାଜାହାଜରୁ ଆକ୍ରମଣ ହେଉଥିଲା । ଥରେ ଏକ ଜାପାନୀ ଜାହାଜ ଚାଥାମରେ ଖାଦ୍ୟ ଉତ୍ତାରିବାକୁ ଆସିଥିଲା, କିନ୍ତୁ ଟର୍ପେଡୋ ମାଡରେ ପାଣିରେ ବୁଡିଗଲା । ଜାପାନୀମାନେ ନିଶ୍ଚିତ ହୋଇଗଲେ ଯେ ବ୍ରିଟିଶ ଗୁପ୍ତଚରମାନେ କେଉଁଠି ଲୁଚି ରହିଛନ୍ତି । ସେମାନେ ଭାବିଲେ ଯେ ବ୍ରଟିଶମାନେ ବୋଧେ ଜାରୱା ହଟରେ ଲୁଚିଛନ୍ତି । ଏଣୁ ସେମାନେ ଅନେକ ଜାରୱା ହଟ ଉପରେ ବୋମାମାଡ କଲେ । ବ୍ରଟିଶ ଗୁପ୍ତଚରମାନେ ଯେ ସବମେରିନରେ ଆସି ପୋର୍ଟ କ୍ୟାମ୍ପବେଲରେ ଅଛନ୍ତି ବୋଲି ସେମାନେ ମୋଟେ ଜାଣି ପାରିଲେ ନାହିଁ ।

ଏଣେ ଜାପାନୀ ଅଫିସର ହାଶିଦାଙ୍କ ନେତୃତ୍ୱରେ ଗୁପ୍ତଚରମାନଙ୍କୁ ଖୋଜିବା କାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲୁରହିଥିଲା । ତାଙ୍କୁ ଖଲାସ ହୋଇଥିବା ଦଳେ କଇଦୀ ମନ୍ତ୍ରଣା ଦେଉଥିଲେ । ଏମିତି ବୋମାମାଡ ଜାରିରହିବାରୁ ହାଶିଦା ନିଶ୍ଚିତ ହେଲେ ଯେ ଦ୍ୱୀପବାସୀମାନଙ୍କ ମଧ୍ୟରୁ କିଛି ଗୁପ୍ତ ଖବର ଦେଉଛନ୍ତି । ସେମାନେ ସାଧାରଣ ଲୋକଙ୍କୁ ଗିରଫ୍ତାର କରିବାରେ ଲାଗିଲେ ଆଉ ସେଲୁଲାର ଜେଲର ଷଷ୍ଠ ଅଂଶ ଏମିତି କଇଦୀଙ୍କ ଦ୍ୱାରା ଭରିଗଲା ।

ଗୁପ୍ତଚରର ମହତ୍ତ୍ୱ ଦେଖୁଛ । ଗୁପ୍ତ ସନ୍ଦେଶ ବିନା ଏକ ସାମରିକ ଶକ୍ତିର ଯୁଦ୍ଧ ପ୍ରସ୍ତୁତି ଠିକ ଭାବେ ଜାଣିବା ସହଜ ନୁହେଁ । ସେଇ କାମରେ ବ୍ରଟିଶମାନେ ଅତି ଧୁରନ୍ଧର ଥିଲେ ।- ତା' ପାଖର ବ୍ୟକ୍ତି କହୁଥିଲେ ।

ଆଉ ସ୍କ୍ରିନରେ ଜାପାନୀମାନେ ଚେଷ୍ଟା ଜାରି ରଖିଥିଲେ । ଜାପାନୀ ସେନାବାହିନର ଗୁଇନ୍ଦା ଅଫିସର ହୟାଶି ସାନଙ୍କୁ ଗୁପ୍ତଚରମାନଙ୍କୁ ଖୋଜିବା ପାଇଁ ଦାୟିତ୍ୱ ଦିଆଗଲା । ସେ ଆଦେଶ ପାଇ କୁକୁର, କିଛି ବର୍ମିଜ ଆଉ ଭାରତୀୟ ଅଫିସରଙ୍କ ସହ ରେଡିଓ ସିଗନାଲ ଖୋଜିବାକୁ ଲାଗିଗଲେ । ସେମାନେ ମାନରଘାଟ ଗାଁରେ ପହଞ୍ଚି ସେଠାରୁ ଶୋଆଲ ବେ ଆଡକୁ ଚାଲିଲେ । ଶୋଆଲ ବେ ଅପେକ୍ଷାକୃତ ନିର୍ଜ୍ଜନ ଅଞ୍ଚଳ, ସେଠାରେ ସେମାନେ କିଛି ତାଜା ପାଦଛାପ ପାଇଲେ । ପାଦଛାପର ପିଛା କରିକରି ସେମାନେ ଏକ ଗଛ କୋରଡ ପାଖରେ ପହଞ୍ଚିଲେ । ମଶାଲ ଆଲୋକରେ ଅନ୍ଧାରିଆ କୋରଡ ଦେଖି ଖୋଜିବାରୁ ଦୁଇଟା ରବର ବୋଟ, ଔଷଧ ଓ କିଛି ଖାଇବା ଇତ୍ୟାଦି ପାଇଲେ । ତା'ପରେ ଗଛରେ ଚଢ଼ି ସେମାନେ ଏକ ସବମେରିନ ଦେଖିଲେ । କିନ୍ତୁ କୁକୁରମାନେ ଏତିକିବେଳେ ଭୁକିଦେଲେ ଆଉ ସବମେରିନରୁ ବାହାରୁଥିବା ଲୋକମାନେ ସତର୍କ ହୋଇ ଆଉ ଆଗକୁ ନଆସି ସବମେରିନରେ ପଳାଇଲେ । ହୟାଶି ଶାନ ସାଙ୍ଗେସାଙ୍ଗେ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମାଣ୍ଡକୁ ଓ୍ୟାରଲେସରେ ଖବର ଦେଲେ, ଜାପାନିଜ ଉଡାଜାହାଜ ସେ ଜାଗାରେ ଉଡିବାକୁ ଲାଗିଲା, କିନ୍ତୁ ସେତେବେଳକୁ ବୁଡାଜାହାଜ କେଉଁଠାରେ ଲୁଚିଯାଇଥିଲା ।

ହତାଲେଖା ଅନୁସାରେ ଶାନ୍ତି କମିଟି ଆଉ ଜାପାନିଜ ଶାସନ ମଧ୍ୟରେ ମତର ବିଭେଦ ଦେଖାଗଲା । ସେମାନେ ଅନ୍ୟ ଅନ୍ୟ ସ୍ଥାନରେ ନିଜ ଭିତରେ କଥା ହେଉଥିଲେ । ଯଦିଓ ଶାନ୍ତି କମିଟି ବହୁ କାମ କରୁଥିଲା, କିନ୍ତୁ ଜାପାନିଜମାନଙ୍କ ହିସାବରେ ଚାଲିବାକୁ ସବୁବେଳେ ପ୍ରସ୍ତୁତ ନଥିଲା । ପି.ଜି.ଆଇ (ପ୍ରୋଭିନସିଆଲ ଗମେଣ୍ଟ ଅଫ ଇଣ୍ଡିଆ)ର ବାବା ହରି ସିଂହଙ୍କୁ ଜୁନ ୧୯୪୨ ମସିହାରେ ଆଣ୍ଡାମାନ ପଠାଗଲା । ବାବା ହରି ସିଂହ ରାସ ବିହାରୀ ବୋସଙ୍କ ଭଳି ଜାପାନିଜମାନଙ୍କ ସୁନଜରରେ ଥିଲେ । ସେ ଚାହୁଁଥିଲେ ଆଣ୍ଡାମାନରୁ କେହି ପ୍ରତିନିଧି ଆସୁଥିବା ବ୍ୟାଙ୍କକ କନଫରେନ୍‌ସରେ ଭାଗ ନିଅନ୍ତୁ । ଡକ୍ଟର ଦିଵାନ ସିଂହ ଜାପାନିଜଙ୍କ ଉପରେ ମନ ଭିତରେ ଖୁସି ନଥିଲେ । ତାଙ୍କ ହିସାବରେ ଜାପାନୀମାନେ କେବେବି ପ୍ରକୃତ ସ୍ୱାଧୀନତା ଦେବେନାହିଁ । ଫଳରେ ଆଣ୍ଡାମାନରୁ କେହି ବ୍ୟାଙ୍କକ କନଫରେନ୍‌ସକୁ ଗଲେ ନାହିଁ ଯେତେବେଳେ ଆଉ ସବୁ ଇଂରେଜ ଅଧିକୃତ ପ୍ରଦେଶରୁ ଭାରତୀୟ ପ୍ରତିନିଧି ଆସିଥିଲେ । ଯଦି ସତରେ କେହି ଆଣ୍ଡାମାନରୁ ବ୍ୟାଙ୍କକ କନଫରେନ୍‌ସରେ ଯୋଗ ଦେଇଥାନ୍ତେ ତେବେ ହୁଏତ ଜାପାନିଜମାନେ ସ୍ଥାନୀୟ ଲୋକଙ୍କ ପ୍ରତି ଏତେ କଠୋର ହୋଇନଥାନ୍ତେ ।

ଏଣେ ଜାପାନିଜମାନଙ୍କ ଯୁଦ୍ଧପାଇଁ ପ୍ରସ୍ତୁତି ସ୍କ୍ରିନରେ ପ୍ରଦର୍ଶିତ ହେଥିଲା । କାମ ଜୋରସୋରରେ ଚାଲିଲା । ଜାପାନୀମାନେ ଦ୍ୱୀପରେ ନିଜର ସାମରିକ ସ୍ଥିତି ସୁଦୃଢ଼ କରିବାରେ ଲାଗିଗଲେ । ମାଲୟେସିଆ ଇଦୋନେସିଆରୁ ମଧ୍ୟ ଶ୍ରମିକମାନେ ଆସିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେରାଇନରୁ ରଙ୍ଗାଚାଙ୍ଗ ପର୍ଯ୍ୟନ୍ତ ଅଞ୍ଚଳକୁ ଫେନସିଙ୍ଗ କରାଗଲା । ବଡ଼ ବଡ କମାଣକୁ ସମୁଦ୍ରକୂଳରେ ଅପେକ୍ଷା କରାଯାଉଥିବା ମିତ୍ରଶକ୍ତିର ଆକ୍ରମଣ ସମ୍ମୁଖୀନ ହେବପାଇଁ ମୁତୟନ କରାଗଲା । ଆଣ୍ଟି ଏଆରକ୍ରାଫ୍ଟ ଗନମାନ ଉପଯୁକ୍ତ ସ୍ଥାନମାନଙ୍କରେ ଲଗାଗଲା । ସେମାନଙ୍କର ଗନ ସବୁ ଉପଯୁକ୍ତ ସ୍ଥାନରେ ଥିଲା । କିନ୍ତୁ ଏତେ ପ୍ରସ୍ତୁତି ବ୍ୟର୍ଥ ଯାଉଥିଲା କାରଣ କେହି ଦ୍ୱୀପରୁ ସବୁ ବିଷୟରେ ସଠିକ ଖବର ମିତ୍ରଶକ୍ତିକୁ ଦେଇଦେଉଥିଲା । ଆଉ ସେମାନଙ୍କର ବାୟୁ ରକ୍ଷା ପ୍ରଣାଳୀ ବିଫଳ ହେବାର ମୁଖ୍ୟ କାରଣ ହେଉଛି ସେମାନଙ୍କ ପାଖରେ ରାଡାର ଷ୍ଟେସନ ନଥିଲା ଆଉ ଯଥେଷ୍ଟ ଆଣ୍ଟି ଏଆରକ୍ରାଫ୍ଟ ଗନ ନଥିଲା ।

ଆଉ ସେଇଟା ମିତ୍ରଶକ୍ତି ଆରମ୍ଭରୁ କଳିନେଇଥିଲେ । ପ୍ରକୃତରେ ପ୍ରଥମେ ପ୍ରଥମେ ମିତ୍ରଶକ୍ତିର ବିମାନ ଆକାଶ ମାର୍ଗରୁ ଜାପାନୀମାନଙ୍କ ସାମରିକ ଅବସ୍ଥାନର ଚିତ୍ର ଉତ୍ତୋଳନ କରି ସେହି ହିସାବରେ ବୋମାମାଡ ଆରମ୍ଭ କରିଥିଲେ । ଆଗକୁ ମିତ୍ରଶକ୍ତିର ବୋମାମାଡ ଦ୍ୱୀପରେ ଚାଲୁରହିଲା । ସେଥିରେ ସାଧାରଣ ଲୋକଙ୍କ ଘରକୁ ବୋମାମାଡ ହେଉନଥିଲା, କିନ୍ତୁ ଜାପାନିଜ ଜାହାଜ ବା ସାମରିକ ଅନୁଷ୍ଠାନମାନ କ୍ଷତିଗ୍ରସ୍ତ ହେଉଥିଲା । ଜାପାନୀମାନେ ଏମିତି ବୋମାମାଡରେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ମିତ୍ରଶକ୍ତିର ଆକ୍ରମଣରେ ଜାପାନୀ ବିମାନମାନଙ୍କରେ ନିଆଁ ଲାଗିଗଲା । ସେମାନେ ଏକ ବଡ଼ ଜାପାନୀ ମାଲବାହୀ ଜାହାଜକୁ ରସ ଦ୍ୱୀପ ପାଖରେ ବୁଡାଇଦେଲେ । ଚାଥାମ ସ' ମିଲ ଉପରେ ବୋମା ବର୍ଷଣରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଲା ଆଉ ଏକ ଶହ ପଚାଶରୁ ଊର୍ଦ୍ଧ୍ୱ ଜଣ ଘାଇଲା ହେଲେ । ଏଣେ ମିତ୍ରଶକ୍ତିର ସବମେରିନମାନ ପୋର୍ଟ ବ୍ଲେଆର ଚାରିପାଖ ଘେରି ରହିଲେ ଆଉ ବହୁ ଜାପାନୀ ଜାହାଜ ବୁଡାଉଥିଲେ । ଫଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋର୍ଟ ବ୍ଲେଆର ଭିତରକୁ ଆଉ ଜାପାନିଜ ଜାହାଜ ଆସିପାରିଲା ନାହିଁ ।

ତା'ପରେ ସ୍କ୍ରିନରେ ଚିତ୍କାର ଆଉ ଆତଙ୍କର ଦୃଶ୍ୟମାନ ପ୍ରଦର୍ଶିତ ହେଲା । ଜାପାନୀମାନଙ୍କ ପକ୍ଷରୁ ପ୍ରଥମ ଧରପଗଡ ୨୧ ଜାନୁଆରୀ ୧୯୪୩ ମସିହାରେ ହେଲା । ପରେ ଆଉଥରେ ୨୩ ଅକ୍ଟୋବର ୧୯୪୩ ମସିହାରେ ହେଲା । ଅନେକ ଇଣ୍ଡିଆନ ଇଣ୍ଡିପେଣ୍ଡେଣ୍ଟ ଲିଗର ସଦସ୍ୟଙ୍କୁ ମଧ୍ୟ ବନ୍ଦୀ କରାଗଲା । ସେମାନଙ୍କ ଭିତରୁ ପ୍ରମୁଖ ଥିଲେ ଡକ୍ଟର ଦିୱାନ ସିଂହ, ଶ୍ରୀ ଦୁର୍ଗା ପ୍ରସାଦ ଇତ୍ୟାଦି । ସେମାନଙ୍କୁ ସେଲୁଲାର ଜେଲର ଷଷ୍ଠ ବାହୁରେ ରଖାଗଲା ଆଉ ସେମାନଙ୍କ ଉପରେ ଅତି ଅମାନୁଷିକ ଅତ୍ୟାଚାର କରାଗଲା । ସେ ସମୟରେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ୍ତାର କରାଯାଇଥିଲା । ସେତେବେଳକୁ ପୁଲିସ ମୁଖ୍ୟ ଥାଆନ୍ତି ମିତସୁବାସି ଆଉ ତାଙ୍କର ଆସିଷ୍ଟାଣ୍ଟ ଥାଆନ୍ତି ହାଶିଦା । ହାଶିଦା ଅତି କଠୋର ଥିଲେ ।

ଚେଷ୍ଟା ସଫଳ ହୋଇନି । ଇଂରେଜ ଗୁପ୍ତଚରମାନେ ଧିଆଁରେ ମିଳାଇଯାଇଛନ୍ତି । ଆଉ ଫଳ । ଜାପାନୀମାନଙ୍କ ଅତୁଟ ବିଶ୍ୱାସ ଭାଙ୍ଗିଯାଉଛି । ଏକ ଅଦୃଶ୍ୟ ଶତ୍ରୁ ସହ ଲଢାଇ କରିବା ସହଜ ନୁହେଁ । ଦେଖାଯାଉନି ଆଉ ଅଜଣା କୋଣରୁ ଗୁଳି ଛୁଟିଆସୁଛି ।- ଅବିନାଶ ମନକୁ ମନ କହିଲା ।

ଲେଖା ହିସାବରେ ୧୯୪୩ ମସିହା ଆଣ୍ଡାମାନ ଦ୍ୱୀପର ଜାପାନିଜ ଶାସନର ସବୁଠାରୁ ବଡ଼ କଳା ସମୟ । ସେତେବେଳକୁ ଦ୍ୱୀପର ସର୍ବୋଚ୍ଚ ସେନାଧିକାରୀ ଇଶିକାୱା ଥାଆନ୍ତି । ଆଉ ତାଙ୍କର କାମଥାଏ ଶାସନକୁ ସଂମ୍ପୂର୍ଣଭାବେ ଜାପାନିଜମାନଙ୍କ ନିୟନ୍ତ୍ରଣରେ ରଖିବା । ମିତ୍ରଶକ୍ତିର ବୋମାବର୍ଷଣରେ ଜାପାନିଜମାନେ ଅତିଷ୍ଠ ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠିଥାନ୍ତି । ଶାନ୍ତି କମିଟିକୁ ଭାଙ୍ଗି ଦିଆଗଲା । ସେମାନେ ଯାହା କିଛି କରୁଥିଲେ ସବୁ ସାମରିକ ଦୃଷ୍ଟିକୋଣରୁ ଠିକଥିଲା, କିନ୍ତୁ ସାଧାରଣ ଲୋକଙ୍କ ପାଇଁ ସେମିତି କିଛି ଆଖିଦୃଷ୍ଟିଆ ନଥିଲା । ସେମାନଙ୍କ ପାଇଁ ଆଣ୍ଡାମାନ ଏକ ନାଭାଲ ଷ୍ଟେସନ ମାତ୍ର ଥିଲା । ଇଶିକାୱାଙ୍କ ପୂର୍ବରୁ ସେମିତି କିଛି ବେଶି ମୃତ୍ୟୁଦଣ୍ଡ ମିଳିନଥିଲା । କିନ୍ତୁ ତାଙ୍କ ସମୟରେ ବହୁମାତ୍ରାରେ ଗିରଫଦାରୀ ଆରମ୍ଭ ହୋଇଗଲା ।

ଜାପାନୀମାନଙ୍କ ଦଣ୍ଡ ଅତି ଯନ୍ତ୍ରଣାପୂର୍ଣ୍ଣ ଥିଲା । ହାତଗୋଡ ଟାଣି, ଲୋକଟିକୁ ଲଙ୍ଗଳା କରି ବେତମାରିବା ଷ୍ଟାଣ୍ଡରେ ଅମାନୁଷିକ ଭାବେ ବେତ୍ରାଘାତ କରାଯାଉଥିଲା । ଯଦି ଯନ୍ତ୍ରଣାରେ ଚେତା ବୁଡିଯାଏ, ତେବେ ପାଣି ଛିଟିକାଇ ତା'ର ଚେତା ଫେରାଇ ଆଣାଯାଉଥିଲା ଓ ପୁଣି ବେତ୍ରାଘାତ ଚାଲୁରହୁଥିଲା । ଯଦି ଜଣେ ଏମିତି ଦଣ୍ଡକୁ ସହିନେଲା, ତେବେ ତା'ର ନଖମୂଳେ ତତଲା ଲୁହାପିନ ଫୁଟାଯାଉଥିଲା । ଦେହରେ ଚାକୁଦ୍ୱାରା ଖଣ୍ଡିଆ କରାଯାଇ ସେଥିରେ ଲୁଣ ଛିଟିକାଯାଉଥିଲା । କେତେବେଳେ ଲୋକଙ୍କୁ ଲଙ୍ଗଳା ବସାଇ ସେମାନଙ୍କୁ ମହମବତୀଦ୍ୱାର ଜଳାଯାଉଥିଲା । ପ୍ରତି କଥାରେ ବେତ୍ରାଘାତ ଥିଲା । ଧରାହୋଇଥିବା ଏତେ ଲୋକଙ୍କ ଭିତରୁ କେତେକଙ୍କୁ ଧରି ଫାୟାରିଙ୍ଗ ପାର୍ଟି ଦ୍ୱାରା ମୃତ୍ୟୁଦଣ୍ଡ ମଧ୍ୟ ମିଳୁଥିଲା । କିନ୍ତୁ ପକ୍କା ଗୁପ୍ତଚରର ଖବର କିଛି ମିଳିଲାନି ଆଉ ମିତ୍ରଶକ୍ତିର ବୋମାମାଡ କିଛି କମିଲାନି । ପରନ୍ତୁ ମିତ୍ରଶକ୍ତିର ଉଡାଜାହାଜ ଆକ୍ରମଣରେ ଅଧିକରୁ ଅଧିକ କ୍ଷତି ଘଟିବାକୁ ଲାଗିଲା । ଜାପାନିଜ ଯୁଦ୍ଧ ଉଡାଜାହାଜମାନ ଆକାଶରେ ଉଡୁଥିଲେ କିନ୍ତୁ ସେମାନେ ବେଶି କିଛି କରିପାରୁନଥିଲେ ।

ଯୁଦ୍ଧରେ ମନୋବଳ ଭାଙ୍ଗିଦେବା ହେଉଛି ପାଖରେ ଅଭାବ ଆଉ ଯନ୍ତ୍ରଣାର ଛାୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେଳାଇଦେବା । ପ୍ରକୃତ ଗୁଳି ନଫୁଟାଇ, ଯୁଦ୍ଧ ନକରି ଶତ୍ରୁକୁ ନିପାତ କରିବା ହେଉଛି ଏକ ଶ୍ରେଷ୍ଠ ସାମରିକ ନୀତି । ଗୋଳା ବାରୁଦ, ସୈନିକ ନଷ୍ଟ ହେଉନାହିଁ ଆଉ ଶତ୍ରୁ ନିଜ ସନ୍ଦେହ ଭିତରେ ପେଶି ହେଉଛି । ନିଜ ଆଚରଣ ନିଜ ଲୋକଙ୍କ ଭିତରକୁ ସନ୍ଦେହ ନେଇଆସୁଛି । ଶତ୍ରୁ ଗୃହଯୁଦ୍ଧରେ ଧ୍ୱଂସ ହୋଇଯାଉଛି । ଗୃହଯୁଦ୍ଧଠାରୁ ଆଉ ଭଲ ରଣନୀତି କିଛି ନାହିଁ । ଅତି ବୁଦ୍ଧିମାନ ସେନାପତିର ରଣନୀତି । ମଣିଷ ମଣିଷକୁ ଅବିଶ୍ୱାସ କରୁ ।- ଅବିନାଶ ମନ ଭିତରେ କିଏ କିଛି ବିଶ୍ଳେଷଣ କରୁଥିଲା ।

ଗୁପ୍ତଚର ଦମନ କେମିତି ହୋଇଥାନ୍ତା ?- ତା' ପାଖରେ ଥିବା ବ୍ୟକ୍ତି ନିଜ ସାଥିକୁ ପଚାରୁଥିଲେ ।

ଅତି କଷ୍ଟକର । ଏକ ଧୂଆଁକୁ ଖୋଜିବ କେମିତି ? ଖୋଜିବାପାଇଁ ତୁମକୁ ସଂନ୍ଧ୍ୟା ବା ସକାଳକୁ ଅପେକ୍ଷା କରିବାକୁ ପଡ଼ିବ । ତାହାହେଲେ ତୁମେ ଧୂଆଁର ଉତ୍ସ ଜାଣିପାରିବ । ସେଇମିତି ଗୁପ୍ତଚର ବୃତ୍ତି ଏକ ଧୂମିଳ ଛାୟା । ଆଉ ତା'କୁ ଖୋଜିବା ପାଇଁ ସକାଳ ବା ରାତି ତିଆରି କରିବାର ଅଛି । ରାତି କହିପାର ଯନ୍ତ୍ରଣାର ଗନ୍ତାଘର । ସେଥିରେ କିଛି ଲୋକ ଡରି ନିଜ ଭିତରୁ କିଛି ନା କିଛି ତଥ୍ୟ ଉଗାଳି ପକାନ୍ତି । ଆଉ ସକାଳେ କିଛି ଧୂଆଁ ଦିଶିଯାଏ । ହୁଏତ ତାହା ସେମାନେ ନିଜର ବୈଷୟିକ ଜ୍ଞାନ ମାଧ୍ୟମରେ କରିପାରି ଥାନ୍ତେ । କିନ୍ତୁ ତାହା ପୋର୍ଟବ୍ଲେଆର ପର୍ଯ୍ୟନ୍ତ ପହଞ୍ଚିନଥିଲା । ତେଣୁ ସେମାନେ ରାତିର ନିୟମ ଖୋଜିଲେ ।- ତା' ପାଖରେ ବସିଥିବା ଆଉ ବ୍ୟକ୍ତିଟି କହୁଥିଲେ । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଉତ୍ତର ନଥିଲା ।

ଏଣେ ସ୍କ୍ରିନରେ ସେହି ସମୟର ଘଟଣାମାନ ପ୍ରଦର୍ଶିତ ହୋଇଚାଲିଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାପାନୀମାନେ ପ୍ରଥମ ଗୁପ୍ତଚର ବୃତ୍ତି ଗଟଣାରେ ସାତଜଣ ଦ୍ୱୀପବାସୀଙ୍କୁ ମୃତ୍ୟୁଦଣ୍ଡ ଦେଲେ । ସେ ଭିତରେ ଥିଲେ ସିଭିଲ ଆଡମିନଷ୍ଟ୍ରେସନ କମିଟିର ମୁଖ୍ୟ କର୍ମଧାର ଯଥା ଚିଫ କମିଶନର ଭି ଗୋପାଳକ୍ରିଷ୍ଣନ, ସୁପରିଟେନଡେଣ୍ଟ ଅଫ ପୁଲିସ ଶ୍ରୀ ନାରାୟଣ ରାଓ, ସୁରେନ୍ଦ୍ରନାଥ ନାଗ ଇତ୍ୟାଦି । ସେମାନେ ଅତି ଯାତନାର ଶିକାର ହୋଇ ଗୁପ୍ତଚର ବୋଲି ସ୍ୱୀକାର କଲେ । କେବଳ ଯାତନାରୁ ମୁକ୍ତି ପାଇବା ପାଇଁ ଏହି ସ୍ୱୀକାରୋକ୍ତି ଥିଲା, କିନ୍ତୁ ସେମାନେ ପ୍ରକୃତରେ ଗୁପ୍ତଚର ନଥିଲେ । ସେମାନଙ୍କୁ ୩୦ ମାର୍ଚ୍ଚ ୧୯୪୩ ମସିହାରେ ଫାୟାରିଙ୍ଗ ସ୍କ୍ୱାର୍ଡ ଦ୍ୱରା ଗୁଳିମାରି ହତ୍ୟା କରାଗଲା । ସେଲୁଲାର ଜେଲରେ ଏହା ବ୍ୟତୀତ ଅନେକ ପ୍ରମୁଖ ଯାତନାର ଶିକାର ହୋଇ ମରିଗଲେ ।

ଅବିଶ୍ୱାସର ଘନ କଳାଛାୟା । ବ୍ରିଟିଶରମାନେ ଆଣ୍ଡାମାନରେ ସେହି କାଳିମାକୁ ଘନ କରିଦେଇପାରିଲେ । ଯୁଦ୍ଧ ଏକ ଛଳନା ଆଉ ପ୍ରତାରଣାର ପୁସ୍ତକ ତ । ଯୁଦ୍ଧରେ କେବଳ ବିଜୟ ଶ୍ରେୟ । ଆଉ ଯୁଦ୍ଧରେ ଉପଯୁକ୍ତ ନୀତି କିଏ ଆପଣାଏ ?- ଅବିନାଶ ମନେମନେ କହିଲା ।

ଛଳନାରେ ପ୍ରମାଣିତ ହେଲା ଦିହ୍ୱାନ ସିଂହ ରେଡିଓ ଟ୍ରାନସମିସନ ଦ୍ୱାର ମିତ୍ରଶକ୍ତିଙ୍କୁ ଖବର ଦେଉଛନ୍ତି । ଦିହ୍ୱାନ ସିଂହଙ୍କୁ ଅକଥନୀୟ ଯାତନା ଦେବାସତ୍ତ୍ୱେ ସେ ନିଜକୁ ଗୁପ୍ତଚର ବୋଲି ସ୍ୱୀକାର କରି ଯାତନାରୁ ମୁକ୍ତି ପାଇବା ପାଇଁ ଇଚ୍ଛା କଲେ ନାହିଁ । ଏମିତି ଯାତନାର ଶିକାର ହୋଇହୋଇ ଦିହ୍ୱାନ ସିଂହ ନିଜର ପ୍ରାଣ ଦେଲେ । ଏତଦ୍‌ଛଡା ଶ୍ରୀ ଭିକାମ ସିଂ, ସନ୍ତା ସିଂ, ବକଶୀଶ ସିଂ, ମହମ୍ମଦ ଖାନ ଇତ୍ୟାଦି ଜୀବନ ଦେଇଛନ୍ତି ଜାପାନୀଙ୍କର ଯାତନାରେ । ଆଉ ଏତେ ମିଥ୍ୟା ସ୍ୱୀକାରୋକ୍ତି ପରେ ମଧ୍ୟ ପ୍ରକୃତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁପ୍ତଚରଙ୍କ ସଠିକ ସୁରାକ ମିଳିଲା ନାହିଁ । ଇଶିକାୱା ଆଉ ମିତସୁବାଶିଙ୍କ ଆଦେଶରେ ବହୁ ଲୋକ ଯାତନାର ଶିକାର ହୋଇ ଫାୟାରିଙ୍ଗ ସ୍କ୍ୱାର୍ଡ ଦ୍ୱାରା ଗୁଳିର ଶିକାର ହେଲେ । ପୋର୍ଟବ୍ଲେଆରରେ କୋକୁଆ ଭୟ ଲାଗି ରହିଲା । ପରେ ଅବଶ୍ୟ ଇଶିକାୱାଙ୍କ ବଦଳି ହୋଇଗଲା ।

ଏବେ ସ୍କ୍ରିନରେ କିଛି ସୁନ୍ଦରୀ ଝିଅ ଦେଖାଗଲେ । ଯୁଦ୍ଧର ଘନଘଟା ଆଉ ଯାତନା ଭିତରେ ଏମିତି ସୁନ୍ଦରୀ ତରୁଣୀଙ୍କୁ ଦେଖିବା ବଡ଼ ଆଶ୍ଚର୍ଯ୍ୟଜନକ ଥିଲା । ସେମାନେ ଧାଡିକରି ଚାଲୁଥିଲେ । ଦେହରେ ସୈନ୍ୟଙ୍କ ପୋଷାକ ନଥିଲା ଆଉ ମୁହଁରେ ଦୃଢତା ବା ନୃଶଂସତା ମଧ୍ୟ ନଥିଲା । ସମସ୍ତେ ପ୍ରାୟ ଭାଙ୍ଗି ଗଲାପରି ଲାଗୁଥିଲେ । ଯେମିତି ସେମାନଙ୍କୁ କିଏ ଠେଲିକରି ନେଉଛି । ସ୍କ୍ରିନରେ ଲେଖା ହୋଇଗଲା କମ୍ଫୋର୍ଟ ଗାର୍ଲ୍‌ସ ।

ଲେଖା ହିସାବରେ -ପୋର୍ଟବ୍ଲେଆରରେ କମ୍ଫୋର୍ଟ କେନ୍ଦ୍ରମାନ ଖୋଲିଥିଲା ସୈନ୍ୟମାନଙ୍କ ଯୌନକ୍ଷୁଧା ମେଣ୍ଟାଇବା ପାଇଁ ।

ସ୍କ୍ରିନରେ ସୁଦୂର କୋରିଆ ବା ଅନ୍ୟ ଦେଶରୁ ଝିଅମାନଙ୍କୁ ଜାହାଜରେ ଅଣାଯାଉଥିଲା । ସେମାନଙ୍କୁ ସାଉଥ ପଏଣ୍ଟର ବ୍ୟାରାକରେ ରଖାଗଲା । କିଛି ସ୍ଥାନୀୟ ମହିଳା ମଧ୍ୟ ସେ ଭିତରେ ଥିଲେ । ସେମାନେ ଜାପାନୀମାନଙ୍କର କେବେ ଶାନ୍ତ ହେଉନଥିବା ଯୌନ କ୍ଷୁଧାକୁ ମେଣ୍ଟାଇ ଚାଲିଲେ । ଜାପାନୀ ଅଧିକାରୀମାନେ ମନେ କରୁଥିଲେ ଯେ ଅଫିସର ଆଉ ଅନ୍ୟମାନଙ୍କ ଯୌନ କ୍ଷୁଧା ଶାନ୍ତ କରିବା ଆବଶ୍ୟକ ଅଛି । ଆଗରୁ ଠିକ ଚରିତ୍ର ନଥିବା ମହିଳାଙ୍କୁ ଉପଯୁକ୍ତ ଡାକ୍ତରୀ ପରୀକ୍ଷା ପରେ ଜାପାନିଜ ରିକ୍ରିଏସନ କ୍ଲବକୁ ପଠାଇ ଦିଆଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ସୁନ୍ଦରୀ ତରୁଣୀ ସ୍କ୍ରିନରେ ନିଜ କଥା କହୁଥିଲେ । ତାଙ୍କ ଫଟୋ ତଳେ ଲେଖାଥିଲା କିମ୍-ହାକ-ସୁନ । ସେ ଅନ୍ୟ ଜାଗାର କମ୍ଫୋର୍ଟ ଗାର୍ଲ । ସେ ଆଖିରୁ ଲୁହ ପୋଛୁଥିଲେ, ଏକ କମ୍ଫୋର୍ଟ ଗାର୍ଲର ଜୀବନ ଉପରେ କହୁଥିଲେ ।–

"କେମିତି ମୁଁ କ୍ଷମା କରିଦେବି ? ଆମେ ଯୌନ କ୍ଷୁଧା ଉପଶମ ପାଇଁ ଯେ ପଶୁ ଭଳି ପାଳିତ ହେଉଥିଲୁ । ଆମକୁ ଲାଗୁଥିଲା ସୈନିକମାନଙ୍କ ପାଇଁ ଆମେ ଏକ ସାଧାରଣ ଶୌଚାଳୟ ।"

କଷ୍ଟକର ଶବ୍ଦଗୁଡା, ଅତ କଷ୍ଟକର । ଯନ୍ତ୍ରଣାଦାୟକ ।- ଅବିନାଶ ମନକୁ ମନ କହିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୭୦ ହଜାରରୁ ୨ ଲକ୍ଷ କୋରିଆନ ତରୁଣୀ କମ୍ଫୋର୍ଟ ଗାର୍ଲ ହିସାବରେ ଚୀନ ଆଉ ଦକ୍ଷିଣ ଏସିଆରେ ଯୁଦ୍ଧ କରୁଥିବା ଜାପାନୀ ସୈନିକଙ୍କର ଯୌନକ୍ଷୁଧା ଶାନ୍ତ କରିବା ପାଇଁ ନିୟୋଜିତ ହୋଇଥିଲେ । ଯୌନକ୍ଷୁଦ୍ଧାର ଶାନ୍ତି ଯୁଦ୍ଧର ଏକ ସଠିକ ଉପାୟ କି ନୁହେଁ -ଏହା ଏକ ପ୍ରଶ୍ନବାଚୀ ସମସ୍ତଙ୍କ ପାଇଁ । କିନ୍ତୁ ଅତ୍ୟାଚାର ନିଶ୍ଚିତ ଭାବେ, ଅକ୍ଷମଣୀୟ ଅପରାଧ । ସୈନ୍ୟ ଭାବେ ତା'ର ସବୁ ଦରକାରୀ ପଦାର୍ଥ ତା'ର କମାଣ୍ଡ ଯୋଗାଇ ଦେଉଛି । ତେଣିକି ତା'ର ବିଶ୍ୱାସ ନିଜ କମାଣ୍ଡ ଉପରେ ବଢିଯାଏ । ସେତେବେଳେ ସେ ନିଜକୁ କେବେ ପରିତ୍ୟକ୍ତ, ବ୍ୟର୍ଥ୍ୟ ମନେକରେନା । ସେଇଟା ବୋଧେ ଜାପାନୀମାନଙ୍କ କ୍ଷେତ୍ରରେ ହେଉଥିଲା । ଜାପାନୀ ସୈନ୍ୟମାନେ କେବେ ସହଜରେ ଆତ୍ମସମର୍ପଣ କରିନାହାନ୍ତି । ମୃତ୍ୟୁବରଣ କରିଛନ୍ତି, କିନ୍ତୁ ସହଜରେ ନିଜର ଆତ୍ମସମ୍ମାନକୁ ତଳେ ପକାଇ ଦେଇନାହାନ୍ତି । ପ୍ରାୟ ଜାପାନୀମାନଙ୍କ ସହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ସବୁ ଯୁଦ୍ଧରେ ଏହା ଦେଖାଯାଇଛି ।- ତା' ପାଖରେ ଜଣେ କହୁଥିଲେ ।

ମନୁର୍ଷ୍ୟ ଭିତରେ ପ୍ରତି ପାଶବିକ ଗୁଣ ଅଛି । କିଛିକୁ ସତରେ ଆମେ ପାଶବିକ କହୁଛେ କ'ଣପାଇଁ? ସବୁଗୁଡାକ ଆମ ଡେଫିନେସନ ।-ଅବିନାଶ ପାଖରେ କିଏ କହୁଥିଲା ।

ସବୁଠି ମଣିଷ ନିଜ ଅନୁଯାୟୀ ଡେଫିନେସନମାନ ତିଆରି କରିଛି । ଏକ ପ୍ରଚ୍ଛନ୍ନ ବିଶ୍ୱାସ । ଏକ ତିମିରାଚ୍ଛନ୍ନ ବିଶ୍ୱାସ । ଅନିଚ୍ଛା ପାଇଁ ମାନଦଣ୍ଡ । ସେଇଥିପାଇଁ ପି.ଜି.ଆଇ.ରସହମତି ତ ଥିଲା । ଲଜିକ ଅଛି ।- ଆଉ ଜଣେ ଉତ୍ତର ଦେଉଥିଲା

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନର ମଣିଷ

ଡ଼ଃ ନାରାୟଣ ଚନ୍ଦ୍ର ସେନାପତି



ନଅ ବର୍ଷର କୁନି ଝିଅ ଶେଫାଳି । ଘର କାମରେ ମସଲା ବୋହୁ ବୋହୁ ହଠାତ୍ ଚେତା ହରାଇ ପଡ଼ିଗଲା ତଳେ । ଖୁବ୍ ଜୋରରେ ସେଠାକାର ମୂଲିଆ ମାନଙ୍କ  ପାଟିରୁ ବାହାରି ପଡ଼ିଲା, ପଡ଼ିଗଲା ପଡ଼ିଗଲା ଛୁଆଟା । ବିଚାରୀ ଛୋଟ ଛୁଆଟା, ଏତେ କଷ୍ଟ କାମ, ପ୍ରଚଣ୍ଡ ଖରା ହେଉଛି, କେମିତି ସହି ପାରନ୍ତା ତା ତେଜ !

ଏସବୁ କଥା ଠିକାଦାର ରମେଶ ବାବୁଙ୍କ କାନରେ ବାଜିଲା । ସେ ବିଜୁଳି ବେଗରେ ଦୌଡ଼ି ଆସିଲେ ଛାତ ଉପରୁ ତଳକୁ । ଯାହା ଦେଖିଲେ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଭାରି ହୃଦୟୀ ମଣିଷଟିଏ ସେ । ତାଙ୍କ ହୃଦୟକୁ ବହୁତ୍ ବାଧୁଥାଏ । କୁନି ଝିଅଟା, ଏଇ ବୟସରେ କୋଉ ବାପା ମାଆ ଛାଡନ୍ତି କାମକୁ । ଝିଅଟିର ଚେତା ଆସିଲା । ରମେଶ ବାବୁ ପଚାରିଲେ, ଆରେ ଝିଅ, ତୋତେ କିଏ କହିଲା କାମକୁ ଆସିବାକୁ ? କାହିଁ ତୋତେ ତ ଆଗରୁ ଏଠି ଦେଖିନି । ଏଇ ବୟସରେ ତୋ ବାପା ମାଆ କେମିତି ଛାଡ଼ିଲେ କାମକୁ ? ଲୁହ ଛଳ ଛଳ ଆଖିରେ ଶେଫାଳୀ କହିଲା, ନାଇଁ ଆଜ୍ଞା, ମୋ ମାଆ କାମ କରିବାକୁ ଆସନ୍ତି, ହେଲେ ତାଙ୍କ ଦେହ ଖରାପ, ତେଣୁ ମୁଁ ଆସିଛି କାମ କରିବାକୁ । ରମେଶ ବାବୁ କହିଲେ ତୋ ବାପା ? ଶେଫାଳି କିଛି ନ କହି ଭୋ ଭୋ ହୋଇ କାନ୍ଦିଲା । ତାକୁ ବୋଧ କରି ରମେଶ ବାବୁ ନିଜ ଚାରି ଚକିଆ ଯାନରେ ନେଇଗଲେ ଡାକ୍ତରଖାନାକୁ । ସେଠାରେ ମୁଣ୍ଡରେ ଷ୍ଟିଚ୍ ପକାଇ ସାରି କିଛି ମେଡ଼ିସିନ୍ ଧରି ଆସିବା ବାଟରେ କଥାବାର୍ତ୍ତାରେ ଜାଣିଲେ, ସେ ଆଜି କିଛି ଖାଇନି ଆଉ କାମ କରିବାକୁ ଆସିଛି । ନିଜ ବାପା କଥା କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହୁନି, ପଚାରିଲେ ଖାଲି କାନ୍ଦୁଛି । ଶେଫାଳିକୁ ଠିକଣା ପଚାରି ରମେଶ ବାବୁ ତାଙ୍କ ଘର ପାଖରେ ପହଞ୍ଚି ଗଲେ । ଏକ ନୁଆଣିଆ ଟାଇଲ ଘରେ ଭଡ଼ାରେ ରହୁଥାଏ ଝିଅଟି ତା ମାଆ ସହିତ । ଘରକୁ ଯାଇ ଦେଖିଲେ ତା ମାଆ ମିନତି ଜ୍ୱରରେ କମ୍ପୁଛି । ମେଡ଼ିସିନ୍ ଖାଇନି କି କିଛି ଖାଦ୍ୟ ବି ଖାଇନି । ଝିଅର ମୁଣ୍ଡରେ ବ୍ୟାଣ୍ଡେଜ ଦେଖି ମିନତି ବି ଖୁବ୍ ଜୋରରେ କାନ୍ଦିଲା । ରମେଶ ତାକୁ ବୁଝାଇଲେ ଓ ତାକୁ  ମେଡିକାଲ ନେଇ କିଛି ଔଷଧ ଧରି ଘରେ ଛାଡ଼ିଲେ । ମିନତି ଆଉ ଶେଫାଳିକୁ ଦେଖି ରମେଶ ଭାବି ପାରୁ ନଥିଲା ସେ ଦୁହେଁ ଏକ ଛୋଟ ପରିବାରର ଲୋକ ବୋଲି ।

ମିନତିର କଥାବାର୍ତ୍ତା, ଶେଫାଳିର କଥା ଓ ବ୍ୟବହାରରୁ ଅନୁଭବ ହେଉଥାଏ ସେମାନେ କୌଣସି ପରିସ୍ଥିତିର ଚାପରେ ବୋଧେ ଏସବୁ ଭୋଗୁଛନ୍ତି । ଜାଣିବାକୁ ଚାହିଁଲା ରମେଶ । କହିଲା ତୁମ ଦୁହିଁଙ୍କୁ ଦେଖି ମୋତେ ଲାଗୁଛି ତୁମେ ନିଶ୍ଚୟ ଉଚ୍ଚ ଘରର ମଣିଷ ହୋଇଥିବ । କିଛି ଆପତ୍ତି ନ ଥିଲେ ତୁମ ବିଷୟରେ କିଛି ଜାଣି ପାରେ କି ?

ମିନତି କହିଲା, କଣ କହିବି ବାବୁ, ଆମେ ତ ଦୁଃଖୀ ମଣିଷ । ଭଗବାନ ଆମକୁ ହତଭାଗ୍ୟ କରି ଗଢ଼ିଛନ୍ତି । କ'ଣ ଆଉ କହିବି ।

ରମେଶର ଆଗ୍ରହ ଆଗରେ ମିନତିର ହୃଦୟର କଥା ଲୁଚାଇ ପାରିଲା ନାହିଁ । ସେ ଆରମ୍ଭ କଲା ତା ସ୍ୱାମୀର ନିର୍ଯ୍ୟାତନା ଘଟଣା ସବୁ ।

ମିନତି ଆରମ୍ଭ କଲା ତା ଦୁଃଖ ମୁଣିର ଯନ୍ତ୍ରଣା ଦାୟକ ଘଟଣା ସବୁ ।

ମୁଁ ବିଏ ପାଶ କରିଛି ବାବୁ । ସ୍ୱାମୀ ମୋର ଷ୍ଟିଲ ପ୍ଲାଣ୍ଟରେ ଚାକିରି କରିଛନ୍ତି । ବଡ ସୁଖର ସଂସାର ଥିଲା ଆମର । ସ୍ୱାମୀ ବହୁତ୍ ଜିଦଖୋର ଆଉ ବଦରାଗୀ । ଛୋଟିଆ ଛୋଟିଆ କଥାରେ ସେ ହୋଇଯାଆନ୍ତି ହିଂସ୍ର, ଆଉ ସେତେବେଳେ ରାକ୍ଷସ ପରି ବ୍ୟବହାର କରନ୍ତି । ସବୁଠୁ ବଡ ସନ୍ଦେହୀ ବି ସିଏ ।

ଦିନେ କ୍ଷୀରବାଲା କ୍ଷୀର ମାପି ଦେଉଥାଏ । ମୋ ସହ ହସି ଦୁଇପଦ କଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଥାନ୍ତି । ମୁଁ କାହିଁକି ହସି ତା ସହ କଥା ହେଲି କହି ସେ କ୍ଷୀର ବାଲାକୁ ଧକ୍କା ଦେଇ ଓ ଧମକ ଦେଇ ନ ଆସିବାକୁ କହିଲେ । ପରିବାବାଲା ଭଲ ଅଛନ୍ତି ନା ମାଡାମ କହିବାରୁ ହଁ ଏଇମିତି ଦୂଃଖେ ସୁଖେ ଅଛି କହିଲି, ତା ପରେ ମୋ ଶାଢ଼ୀ କାନିଟି ବାହାରି ପଡ଼ିବାରୁ ମୁଁ ଟେକି ଦେଲି । ତାଙ୍କ ନଜର ପଡ଼ିବାରୁ ସେ ରାଗି ପରିବା ବାଲାକୁ ତ ପିଟିବି ମାରିବି କହିଲେ, ତା ପରେ ମୋ ଶାଢ଼ୀ କାନିକୁ ପେଟ୍ରୋଲରେ ପୋଡ଼ି ଦେବାକୁ ବସିଥିଲେ । ମୋ ଶାଶୁ ଶ୍ୱଶୁରଙ୍କ ଯୋଗୁଁ ମୁଁ ବଞ୍ଚିଗଲି । ପୋଷ୍ଟ ପିଅନଟି ମୋ ରେଜିଷ୍ଟ୍ରି ଚିଠିରେ ସାଇନ୍ କରିବା ପାଇଁ ଭାଉଜ ବୋଲି ସମ୍ବୋଧନ କରିବାରୁ ତାକୁ ତ ମାଡ ମାରିଲେ, ଆଉ ମୋତେ ଜୀବନରୁ ମାରି ଦେବାକୁ ଗୋଡାଇଲେ । ଏସବୁ ନିର୍ଯାତନା ସହି ନପାରି ମୁଁ ଝିଅକୁ ଧରି ଚାଲି ଆସିଲି । ଆଉ ଦୁହେଁ ପେଟ ପୋଷିବା ପାଇଁ ଆଉ ଝିଅ ଦି ଅକ୍ଷର ପଢ଼ିବା ପାଇଁ ମୋତେ କାମ କରିବାକୁ ପଡୁଛି । ଖବର ପାଇଲି ସେ ବି ଦ୍ୱିତୀୟ ବିବାହ କରିଛନ୍ତି ବୋଲି ।

ରମେଶ ପଚାରିଲେ ତୁମ ବାପ ଘର । ସେମାନେ କଣ ତୁମକୁ ସାହାଯ୍ୟ କଲେନି ?

ମିନତି କଥା ଛଡେଇ କହିଲେ, ସେ ରାସ୍ତା ମୋର ବନ୍ଦ ହୋଇ ଯାଇଛି ଆଜ୍ଞା ମୋ ଭୁଲ ପାଇଁ । ସେ ଗୋଟିଏ ଲମ୍ବା କାହାଣୀ ଆଜ୍ଞା ।

ମୁଁ ପଢୁଥାଏ ଏମ ପି ସି କଲେଜ ବାରିପଦାରେ, ଯେଉଁ କଲେଜର ଛାତ୍ର ଥିଲେ ମୋ ସ୍ୱାମୀ ବିଜୟ ଚୌହାନ । ମୋ ପଢା, ଭାଷଣ, ସଙ୍ଗୀତ, ଖେଳ ସବୁଥିରେ ବିଜୟୀ ଦେଖି ସେ ମୁଗ୍ଧ ହୋଇ ଯାଇଥିଲେ । ମୋତେ ଭଲ ପାଇବାକୁ ଅନେକ ପିଲା ଆଶାୟୀ ଥିବା ବେଳେ ମୋର ଲକ୍ଷ୍ୟ ଥିଲା ସବୁଠୁ ଭଲ କରିବା । ବିଜୟ ମଧ୍ୟ ଜଣେ ଭଲ ଛାତ୍ର ଥିଲେ ଆଉ ଜିଦ୍ ଖୋର ଥିଲେ ।

ମୋ ସହ ଭାରି ଭଲ କଥାବାର୍ତ୍ତା କଲେ । ମୋତେ ଭଲ ପାଇବାକୁ ଓ ବିବାହ କରିବାକୁ ସେ ଜିଦ୍ ଧରିଲେ ଏମିତିକି ମୁଁ ରାଜି ନ ହେଲେ ସେ ଆତ୍ମହତ୍ୟା କରିବେ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି ଦୃଢ଼ ପ୍ରତିଜ୍ଞା ହେଲେ । ମୋ ବାପା ଆମ ଅଞ୍ଚଳର ଜଣେ ପ୍ରମୁଖ ବ୍ୟକ୍ତି ଥିଲେ । ବିଜୟ୍ ଓ ମୋର ଭିନ୍ନ ଜାତି ହୋଇଥିବାରୁ ଓ ତାଙ୍କ ଘର ମୋ ବାପାଙ୍କର ପସନ୍ଦ ନ ଥିବାରୁ ଏ ପ୍ରସ୍ତାବ ବାରଣ କଲେ । ଆଉ ଯଦି ମୁଁ ବାପାଙ୍କର କଥାରେ ରାଜି ନ ହେଲେ ସେ ମୋତେ ତେଜ୍ୟ ପୁତ୍ରୀ କରିବେ ବୋଲି ରୋକ୍ ଠୋକ୍ କହିଦେଲେ ।

କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ କ'ଣ କରିବି ମୋତେ ବୁଦ୍ଧି ବାଟ ଦିଶିଲା ନାହିଁ । ଏପଟେ ସଂପର୍କ ସେପଟେ ଜଣଙ୍କ ଜୀବନ, ଶେଷରେ ବିଜୟ୍ କଥାରେ ରାଜି ହୋଇ ଚାଲି ଆସିଲି ତାଙ୍କ ଘରକୁ । ବାପା ଭାଙ୍ଗି ପଡିଲେ ଆଉ ମୋ ସହ ସବୁ ସଂପର୍କ କାଟି ଦେଲେ । ମୁଁ ଜାଣି ନଥିଲି କି ବିଜୟ୍ ମନ ଭିତରେ ଗୋଟେ ହିଂସ୍ର ପଣିଆ ଲୁଚିଛି । ସେ ଜଣେ ସାଇକୋ ପେସେଣ୍ଟ ଅର୍ଥାତ୍ ମାନସିକ ରୋଗୀ । ଯାହାର ଶିକାର ହୋଇ ଆଜି ମୁଁ ମୋ ନିଜକୁ ଆଉ ମୋ ଛୁଆକୁ ନିଃସ୍ୱ କରି ଦେଇଛି ।

ଏତିକି ଶୁଣିବା ପରେ ରମେଶ ଆଖିର ଲୁହ ବି ସ୍ଥିର ହୋଇ ରହି ପାରିଲା ନାହିଁ ।

ସେ କହିଲେ ଆଜିଠୁ ଶେଫାଳି ପାଠ ପଢ଼ିବ, କାମ କରିବାକୁ ଯିବନି । ତୁମେ ବି କାମ କରିବାକୁ ଯିବା ଦରକାର ନାହିଁ । ଯଦି ଖରାପ ନ ଭାବିବ ମୁଁ ଗୋଟିଏ ପ୍ରସ୍ତାବ ଦେବି । ମୋର ଘର ଦ୍ୱାର ଧନ ସମ୍ପତ୍ତି ପୁରିଛି ହେଲେ ଏସବୁ ଦେଖାଶୁଣା କରିବାକୁ କେହି ନାହିଁ । ମୋର ବି ସାତ ବର୍ଷର ପୁଅଟେ । ତାର ଯତ୍ନ ନେବା ମୋ ପକ୍ଷରେ ଅସମ୍ଭବ ।

ମିନତି କହିଲା, ଆପଣଙ୍କ ସ୍ତ୍ରୀ ?

ରମେଶ କୋହମିଶା ଗଳାରେ କହିଲା, କଣ କହିବି ତା କଥା । ବଡ ଘରର ଝିଅ ଭଲ ସଂସ୍କାର ଥିବ ଭାବି ମୁଁ ଭଲପାଇ ବିବାହ କରିଥିଲି ଅନିଶାକୁ । ହେଲେ ତାର କଦର୍ଯ୍ୟ ଆଚରଣ ଅତ୍ୟାଧୁନିକତା ଅମଣିଷ ପଣିଆ ମୋତେ ବ୍ୟତିବ୍ୟସ୍ତ କରି ପକାଇଲା । ବାର୍ ପାର୍ଟି ମଦ୍ୟପାନ ବୟ୍ ଫ୍ରେଣ୍ଡ ସହ ହୋଟେଲରେ ରାତ୍ରୀଯାପନ ଏସବୁ ମୁଁ ବାରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ପରେ ସେ ମୋ ପାଖରୁ ଚାଲିଯାଇଛି ଓ ତା ପ୍ରେମିକ ସହ ବିବାହ କରିଛି । ଯିବାବେଳେ ୨ ବର୍ଷର ପୁଅ ଥିଲା । ନିଜେ ବାପା ମାଆ ହୋଇ ବହୁତ୍ ଚେଷ୍ଟା କରିଛି ସମ୍ଭାଳିବାକୁ, ହେଲେ ପାରିନି । ଯଦି ତୁମର ଆପତ୍ତି ନ ଥାଏ .. ତେବେ .... ।

ମିନତି ଆଖି ବୁଜି ଭାବିଲା, ବିଶ୍ଲେଷଣ କଲା, ଆଉ ଶେଷରେ ହଁ ବି ଭରିଲା । ରମେଶଙ୍କ ସ୍ୱଚ୍ଛ ବ୍ୟବହାର ପାଖରେ ମାଆ ଝିଅ ଦୁହେଁ ଆପଣାର ସ୍ପର୍ଶ ପାଇଲେ । ଆଉ ମିନତିର ଶ୍ରଦ୍ଧା ଭକ୍ତି ସମ୍ମାନ ଭିତରେ ରମେଶ ପାଇଲା ପ୍ରେମ ଆଉ ଆନ୍ତରିକତାର ଆଭାସ । ଦିନେ ରମେଶ ତା ମନର କଥା ମିନତିକୁ କହିଲା, ମିନତି ତୁମର ଯଦି ଆପତ୍ତି ନ ଥାଏ ତେବେ ଆମେ ଦୁହେଁ ବିବାହ କଲେ ଭାବୁଛି ଭଲ ହେବ, ତୁମର ଯଦି କିଛି ଆପତ୍ତି ନ ଥାଏ । ମୁହଁ ତଳକୁ କରି ପାଛିଏ ଲାଜ ଧରି  ମିନତି ମୁରୁକି ହସୁଥିବା ବେଳେ ରମେଶ ମିନତିର ମୁହଁ ଟେକି ଆଖିରେ ଆଖି ମିଶେଇଲା । ସତେ ଯେମିତି ରାଧା କୃଷ୍ଣଙ୍କ ମହା ମିଳନ । ପରସ୍ପରକୁ ମିଳିଗଲା ମନର ମଣିଷ ଆଉ ସତେ ଯେମିତି ପ୍ରକୃତି ହସି ସାଉଁଟୁଥିଲା ଦୁଇ ହୃଦୟର ଅମାପ ଭଲ ପାଇବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପାଙ୍କ ରେଡ଼ିଓ

ଅଭୟ କୁଣ୍ଡ



ଏଗାର ବର୍ଷ ପରେ ଗାଁକୁ ଫେରିଛି ପୁଅ ବିଜୟ । ବାପାଙ୍କ ଉପରେ ରାଗି ଘରବାର, ଗାଁ ଆଉ ଭିଟାମାଟି ଛାଡ଼ି ଚାଲି ଯାଇଥିଲା ସୁରାଟକୁ । ଏବେ ବାପାଙ୍କର ମୃତ୍ୟୁ ଖବର ଶୁଣି ଗାଁକୁ ଫେରି ଆସିଛି ପୁଅ । ବାପା ରତ୍ନାକର ପଞ୍ଚଷଠି ବୟସରେ ହୃଦଘାତରେ ଆରପାରିକୁ ଚାଲିଗଲେ । ଏବେ ଗାଁ ଲୋକମାନେ ପୁଅ ବିଜୟକୁ ଦୋଷୀ ବୋଲି କହୁଛନ୍ତି । କିନ୍ତୁ ବିଜୟ ଘରେ ପହଞ୍ଚିଲା ପରେ ଦେଖେ ତ ବାପା ତାଙ୍କ ଭଙ୍ଗା ଖଟ ଉପରେ ଶୋଇଛନ୍ତି, ଚାରିପଟେ ଲୋକ, ହଲ ନାହିଁ କି ଚଲ୍ ନାହିଁ । ସମସ୍ତେ ନୀରବ, ସ୍ତବ୍ଧ ହେଇଗଲା ବିଜୟ ଯେତେବେଳେ ବାପାଙ୍କ ହାତରେ ତାଙ୍କ ରେଡ଼ିଓଟି ଦେଖି ।

ଲୋକେ କହୁଛନ୍ତି କାଲି ରାତିରେ ରେଡ଼ିଓଟି ବାଜୁଥିଲା ଆଜି ତା'ର ବ୍ୟାଟେରୀ ସରି ଯିବାରୁ ବନ୍ଦ ହେଇଯାଇଛି । ତାହା ସହ ରତ୍ନାକରର ନିଃଶ୍ୱାସ ବି ବନ୍ଦ ହୋଇଯାଇଛି । ସବୁକିଛି ଶୁଣି ସାରିବା ପରେ ବିଜୟ ବାପାଙ୍କ ନିକଟକୁ ଦୌଡ଼ି ଯାଇ ବାପାଙ୍କୁ ଛାତିରେ ଚାପି ଧରି ବହୁତ୍ କାନ୍ଦିଲା । ମନେ ମନେ ବହୁତ କଥା ଗପିଗଲା । ତା ପାଇଁ ଆଜି ତା ବାପାର ମୃତ୍ୟୁ ହୋଇଛି ବୋଲି ଚିତ୍କାର କରି କହି ଉଠିଲା । ଗାଁର ଦାଦା ଭାଇମାନଙ୍କୁ ନେଇ ଶବ ସତ୍କାର କରି ଫେରି ଆସି ବହୁତ୍ କାନ୍ଦୁଥାଏ ବିଜୟ । ହଠାତ୍ ନଜର ପଡିଗଲା ସେହି ରେଡ଼ିଓ ଉପରେ, ଯାହା ପାଇଁ ସେ ଘର ଦ୍ୱାର ସବୁ ଛାଡ଼ି ବିଦେଶ ଯାଇଥିଲା । ସେହି ରେଡ଼ିଓଟିକୁ ଛାତିରେ ଚାପି ଧରି କଣ ଗୁଡ଼ିଏ ଭାବୁଥାଏ । ଏଇ ରେଡ଼ିଓ ..........

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇ ରେଡ଼ିଓ ବାପାଙ୍କୁ ତାଙ୍କ ବାପା ଦେଇଥିଲେ । ମାଆର ମୃତ୍ୟୁ ପରେ ବାପା ସେହି ରେଡ଼ିଓଟିରେ ସବୁବେଳେ ଆକାଶବାଣୀ ଲଗାଇ ଶୁଣନ୍ତି । ରାମାୟଣ ମହାଭାରତ ପ୍ରତିଦିନର ଖବର ଜାଣନ୍ତି । ଜେଜେବାପାଙ୍କର ସ୍ମୃତି ରୂପେ ରଖିଥିଲେ ସେହି ରେଡିଓକୁ । ରେଡ଼ିଓଟିର ବହୁତ୍ ଯତ୍ନ ନିଅନ୍ତି ବାପା । "ମତେ ମଧ୍ୟ ବହୁତ୍ ଭଲ ପାଆନ୍ତି । ମାଆ ଛେଉଣ୍ଡ ଥିଲି ମୁଁ । ମାଆର ସ୍ନେହ କ'ଣ ଜାଣିନଥିଲି । ବାପା କେବେ ହେଲେ ବି ମାଆ ସ୍ନେହର ଅଭାବ ରଖିନଥିଲେ । ବହୁତ୍ ଦୁଷ୍ଟ ଥିଲି ମୁଁ । ପାଠ ଶାଠ କିଛି ବି ପଢୁନଥିଲି । ବହୁତ୍ ଜିଦିଆ ଥିଲି । " ଏ କଥା ଭାବି ଭାବି କାନ୍ଦୁଥାଏ ବିଜୟ ।

ଏଇ ଛୋଟିଆ ଯନ୍ତ୍ରଟି ଥିଲା ତାଙ୍କ ବାପାଙ୍କର ପ୍ରିୟ ସାଧନ ଏବଂ ଏହା ହିଁ ଥିଲା ବିଜୟ ଓ ତାଙ୍କ ବାପାଙ୍କ ମଧ୍ୟରେ ବଡ଼ ଦୂରତା ।

ଏଗାର ବର୍ଷ ତଳର କଥା ମନେପଡିଗଲା । ବିଜୟର ସେତେବେଳେ ମାତ୍ର ଷୋହଳ ବର୍ଷ ବୟସ । ଗାଁରେ ମାଟ୍ରିକ ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରିଥାଏ ବିଜୟ । ସେ କଳାକାର ହେବାକୁ ଚାହୁଁଥିଲା ଗୀତ ଗାଇବାକୁ ଭଲ ପାଉଥିଲା । ସବୁଦିନ ତାର ଗୋଟିଏ ଜିଦ୍ ଥିଲା ବାପା ତା'କୁ ସହରକୁ ପଠାନ୍ତୁ ସଙ୍ଗୀତ ଶିକ୍ଷା ଲାଭ ପାଇଁ । କିନ୍ତୁ ବାପା ରତ୍ନାକର ଜଣେ ପୁରୁଣା କାଳିଆ ମଣିଷ । ତାଙ୍କ ଇଚ୍ଛା ଥିଲା ପୁଅ ଗୋଟେ ସରକାରୀ ଚାକିରି କରୁ ହାକିମ ହେଉ ।

ସେଦିନ ବିଜୟ ରାତିରେ ନିଜ ପସନ୍ଦର ଏକ ରେଡ଼ିଓ କାର୍ଯ୍ୟକ୍ରମ ଶୁଣୁଥିଲା । ପୁରୁଣା ଖଟର ଏକ ଭଙ୍ଗା ଡେସ୍କ ଉପରେ ସେହି ରେଡ଼ିଓଟି ଥୁଆ ହୋଇଥାଏ । ବାପା ଆସିଲେ ଏବଂ ଉଚ୍ଚ ସ୍ୱରରେ କହିଲେ, "କେତେ ଦିନ ଆଉ ଏହି ଅକାମୀ ଯନ୍ତ୍ରରେ ନିଜର ସମୟ ନଷ୍ଟ କରିବୁ । ପାଠ ପଢ଼ିବୁ କି ନାହିଁ ? ଚାକିରି ନକଲେ ଗାଁରେ ମୁଣ୍ଡ ଟେକି ଚାଲିବୁ କିପରି ?”

ବିଜୟର ରାଗ ମୁଣ୍ଡକୁ ଚଢ଼ିଗଲା । ସେ କହିଲା ମୁଁ ଚାକିରି କରିବି ନାହିଁ । ମୋତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୀତ ଗାଇବାକୁ ପସନ୍ଦ । ତେଣୁ ମୁଁ ଗୀତ ଗାଇବାକୁ ଚାହେଁ । ବାପା ରାଗରେ ତାଙ୍କ ହାତ ପାଖରେ ଥିବା ରେଡ଼ିଓଟିକୁ ତଳକୁ ଫିଙ୍ଗି ଦେବା ବେଳକୁ ବିଜୟ ତାଙ୍କ ହାତକୁ ଠେଲି ଦେଲା ।

ଏହା ପରେ ବାପାଙ୍କ ଆଖିରେ କ୍ରୋଧ ନୁହେଁ ବରଂ ଗଭୀର ଆଘାତର ଛାଇ ଦେଖାଗଲା । ସେ ରାଗି କହିଲେ, "ଯଦି ତୋର ଏହି ପଥରେ ଯିବାର ଅଛି ତେବେ ତୁ ଏଇ ଘରେ ରହି ପାରିବୁ ନାହିଁ । ଏ ଘରେ ତୁ ରହିବା ଯୋଗ୍ୟ ନୁହଁ ।" ତା ପରେ ବିଜୟ ଘର ଛାଡ଼ି ଯାଇଛି ଯେ ଯାଇଛି । ଏହି କଥାକୁ ଭାବି ଭାବି ଆଖିରୁ ଲୁହ ସରୁନଥାଏ ।

ସେହି ରାତି ବାପା ଆଉ ନାହାଁନ୍ତି ବିଜୟ ରେଡ଼ିଓଟିକୁ ଧରି ବସିଛି । ରେଡ଼ିଓଟି ପୁରୁଣା ହୋଇଯାଇଛି ଓ ବ୍ୟାଟେରୀ ସରିଯାଇଛି । ସେ ରେଡ଼ିଓଟିକୁ ଛାତିରେ ଚାପି ଧରିଥାଏ । ହଠାତ୍ ରେଡ଼ିଓ ଉପରେ ହାତ ବୁଲେଇ ଆଣିଲା । ସେଥିରେ ଲାଗିଥିବା ଏକ ପୁରୁଣା କାଗଜ ଟୁକୁରା ଉପରେ ନଜର ପଡିଗଲା ।

କାଗଜଟି ଥିଲା ଏକ ପୁରୁଣା ଖବରକାଗଜର ଏକ କଟା ଅଂଶ । ସେଥିରେ ଲେଖାଥିଲା "ଆଜି ସନ୍ଧ୍ୟାରେ ଆପଣମାନେ ଶୁଣିବେ ନୂଆ ପ୍ରତିଭା ବିଜୟ କୁମାରଙ୍କର ସୁଲଳିତ କଣ୍ଠ । ବିଜୟର ମନେ ପଡିଗଲା । ସେ ସୁରଟ ଯିବା ପୂର୍ବରୁ ଲୁଚି ଛପି ଭୁବନେଶ୍ୱର ଆକାଶବାଣୀ କେନ୍ଦ୍ରକୁ ଯାଇ ଏକ ସାକ୍ଷାତକାର ଦେଇ ନିଜର ଏକ ଗୀତ ରେକର୍ଡ କରିଥିଲା । ସେ ଭାବିଥିଲା ବାପା କେବେ ବି ଜାଣିପାରିବେ ନାହିଁ । କିନ୍ତୁ ତାର ବାପା ରତ୍ନାକର ସେହି ରେଡ଼ିଓକୁ ନିଜ ପାଖରେ ରଖୁଥିଲେ । ଖବରକାଗଜର ସେହି ଅଂଶଟିକୁ କାଟି ନିଜ ପାଖରେ ରଖିଥିଲେ ଓ ପ୍ରତିଦିନ ତାକୁ ଦେଖୁଥିଲେ ବୋଲି ବିଜୟ ଗାଁ ଲୋକଙ୍କ ଠାରୁ ଶୁଣିବାକୁ ପାଇଲା । ଲୋକମାନେ ମଧ୍ୟ କହିଲେ ରତ୍ନାକର ପ୍ରତିଦିନ ରେଡ଼ିଓଟିକୁ ବହୁତ୍ ଧୀରେ ବଜାଉଥିଲେ ଓ କହୁଥିଲେ ଏଥିରେ ମୋ ପୁଅର ସ୍ୱର ଅଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକଥା ଶୁଣିବା ପରେ ବିଜୟର ଆଖିରୁ ଲୁହ ଝରିଗଲା ।

ସେ ଜାଣିପାରିଲା ଯେ ବାପା ତାଙ୍କ ହାତରୁ ଯେଉଁ ରେଡ଼ିଓଟିକୁ ଫିଙ୍ଗି ଦେବାକୁ ଚାହୁଁଥିଲେ ତାକୁ ହିଁ ପରବର୍ତ୍ତୀ ଏଗାର ବର୍ଷ ନିଜ ଛାତିରେ ଚାପି ଧରି ସମୟ ଅତିବାହିତ କରୁଥିଲେ ।

ବାପା କ୍ରୋଧିତ ନ ଥିଲେ । ସେ ତା'ର ସ୍ୱପ୍ନକୁ ବୁଝିଥିଲେ କିନ୍ତୁ ସମାଜର ଭୟରେ ପ୍ରକାଶ କରି ପାରୁନଥିଲେ ।

ସେ ବାପାଙ୍କର ଭଙ୍ଗା ଖଟ ଉପରେ ବସିଲା । ହାତରେ ସେହି ପୁରୁଣା ରେଡ଼ିଓ । ସେ ରେଡ଼ିଓର ବ୍ୟାଟେରୀ ବନ୍ଦ ହେଇ ଯାଉଥିଲା କିନ୍ତୁ ବିଜୟର ହୃଦୟ ଭିତରେ ତାର ବାପାଙ୍କର ପ୍ରେମର ସ୍ୱର ସବୁ ଦିନ ପାଇଁ ବାଜି ଉଠିଥିଲା ।ସେ ବୁଝି ପାରିଲା ବାପା ତାର ଶତ୍ରୁ ନ ଥିଲେ ଥିଲେ ଜଣେ ନୀରବ ସମର୍ଥକ । ବିଜୟ ପାଇଁ ତା ବାପା ମରି ନାହାଁନ୍ତି , ସେହି ରେଡ଼ିଓରେ ଶେଷ ସ୍ୱର ହୋଇ ତାର ହୃଦୟରେ ବାଜି ରହିଛନ୍ତି ।

ବ୍ୟାଟେରୀ ଶେଷ ହେଲେ ରେଡ଼ିଓ ବନ୍ଦ ହୁଏ, ଖଟ ପୁରୁଣା ହେଲେ ଭଙ୍ଗିଯାଏ କିନ୍ତୁ ସମ୍ପର୍କ, ସ୍ମୃତି ପୁରୁଣା ହେଲେ ଇତିହାସ ପାଲଟି ଯାଏ । ଯାହାର ଇତି ନାହିଁ ତାହା ଇତିହାସ । ବାପା ଚାଲିଗଲା ପରେ ଆମ ବଂଶ କୁଳର ଇତିହାସ ପାଲଟି ଯାଆନ୍ତି । ତାକୁ ସ୍ମୃତିରେ ସାଇତି ରଖିବା ସବୁ ପୁଅ ଝିଅଙ୍କର ଧର୍ମ । ଭୁଲିବା କେମିତି ?

ତାଙ୍କ ବାଣୀ ରେଡ଼ିଓ ଭଳି ଆମ ହୃଦୟରେ ନିନାଦୀତ ହେବ । ବିପଦ ଆପଦରେ ମାର୍ଗ ଦର୍ଶନ କରିବ ଆମକୁ ମଧ୍ୟ ଜୀବନ ଥିବା ପର୍ଯ୍ୟନ୍ତ ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡ଼ିଆଭଙ୍ଗା ତାଳଚେର

ମୋ ୯୫୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଶ୍ନବାଚୀ ଅଟେ ମାନବିକତା

ଦେବାଶିଷ ମାଇତି




ଆଖିର ଲୁହକୁ ଛାତିରେ ଚାପି ଯନ୍ତ୍ରଣାର ଭାରରେ ମଣିଷ ଆଜିକା ଦୁନିଆରେ ଅଗ୍ରସର ତଥାପି ଜୀବନ ଶୈଳୀର ପ୍ରଭାବ ଗୋଟେ ଦିଗହରା ପାଲଟି ଗଲାଣି । ହଁ ବନ୍ଧୁ ନୁହେଁ କାଳ୍ପନିକ ନୁହେଁ କାହାଣୀ, ସ୍ୱତନ୍ତ୍ର ନିରାଟ ସତ୍ୟ ଏବଂ ବାସ୍ତବିକ୍ । ଶିକ୍ଷାଗତ ସମାଜରେ ପିଲାଟି ପାଠପଢ଼ି ଯେତେବେଳେ ବଡ଼ ମଣିଷ ହୋଇଯାଏ ସେତେବେଳେ ଦାୟିତ୍ୱ ଭାର କାନ୍ଧରେ ବହି ସମାଜ ସହ ତାଳଦେଇ ଚାଲେ, ସୁନ୍ଦର୍ ସମାଜରେ ପାଦ ସିନା ପଡ଼େ ହେଲେ, ସମୟ ଅନୁଯାୟୀ ଏ ଭଦ୍ର ସମାଜରେ ଅତିଶୟ ନୃଶଂସ ଏବଂ ଅଭଦ୍ର ମଣିଷର ପରିଚୟ ଦେବାକୁ ବେଳେ ବେଳେ ସେହି ମଣିଷଟି ପଛାଏ ନାହିଁ । କାରଣ କଣ ! କଣ ହୋଇଥାଇପାରେ... ? ଭୟରେ.., ନା କାହାର ଶାସନ ପ୍ରଭାବରେ.., ନା ଅମାପ ଧନ ସଂପତ୍ତିର ଅହଂକାରରେ.., ସେଇଟା ସାଜେ ପ୍ରଶ୍ନବାଚୀ.. ? କେହି ଭାବେ ଥଣ୍ଡା କାର୍ ଘରେ ଦୁଇ ଚାରିଟା ଅଛି.., କେହି ବିଳାସ ବ୍ୟସନରେ ଜୀବନ, କେହି ପୁଣି ଭାବେ ନେତା ମନ୍ତ୍ରୀ ହାତରେ ରଖିଛନ୍ତି ସର୍ବଶେଷରେ ବୋଧେ ଭଗବାନଙ୍କ ଠାରୁ ଅମର ବର ପାଇଛନ୍ତି ସେଥିଲାଗି ମାନବିକତା ଘର ଶୂନ ହେଇଯାଇଛି । ତ୍ରେତୟାରେ ରାକ୍ଷସ ରାଜା ରାବଣ ତ ମାତା ସତୀ ସୀତାଙ୍କୁ ଉଠାଇ ଆଣିଥିଲା ହେଲେ, କୌଣସି କ୍ଷତି ପହଞ୍ଚାଇ ନଥିଲା, ତାର ପ୍ରକୃତ ଉଦ୍ଦେଶ୍ୟ ଥିଲା ରାକ୍ଷସ ଜାତିର ହିଂସ୍ର ମନୋଭାବକୁ ନାଶ କରି ସତ୍ ପଥରେ ଚାଲିବା, ସେ ବଡ଼ ପଣ୍ଡିତ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୱାନ୍ ମଧ୍ୟ ଥିଲା, ସେ ଜାଣି ସାରିଥିଲା ଯେ ରାକ୍ଷସ ଜାତିକୁ ଉଦ୍ଧାର ନକଲେ, ଜାତି ସର୍ବନାଶ ହେଇଯିବ ସତ୍ ପଥରେ ନ ଚାଲିଲେ ସଂସାରରେ ସବୁ ପିଢ଼ି ବଦଳିଯିବ, ସେଥିଲାଗି ସେ ଗୋଟେ ବାଟ ଆପଣେଇ ଥିଲେ ରାମଙ୍କ ବିନା ଶରଣରେ ଉଦ୍ଧାର ପାଇ ହେବନି ସେଥିଲାଗି ଯୁଦ୍ଧ ନିହାତି ଆବଶ୍ୟକ..। ତେଣୁ ସ୍ୱୟଂ ଭଗବାନ ବିଷ୍ଣୁ ରାବଣକୁ ଉଦ୍ଧାର କରିଥିଲେ । ହେଲେ ତୁମେ କିଛି ଶିଖି ପାରିଲନି, ରାଜଧାନୀରେ ରହୁଛ ଓଡ଼ିଶା ଭଳି ପବିତ୍ର ଶ୍ରୀକ୍ଷେତ୍ର ମାଟିର ସ୍ୱର୍ଶ ବାଜି ମଧ୍ୟ ତୁମେ ମିଛ ମରୀଚିକା ଦୁନିଆରେ ଗୋଟେ ବହୁତ୍ ବଡ଼ ପାପୀ ଆଉ ହିଂସ୍ର କେମିତି ହେଇପାର, ହଁ ଏଇ ଘଟଣାଟି ସେଇ ରାଜଧାନୀ ଉପରେ, ଦୁର୍ଗାପୂଜାର ତିଥି ମଧ୍ୟ ଆରମ୍ଭ ହୋଇଯାଇଥାଏ ଗୋଟେ ଲୋକ ହାଇଟେକ୍ ହସ୍ପିଟାଲ୍ ଭୁବନେଶ୍ୱରରୁ ଅନତୀ ଦୂରରେ ରାଜ ରାସ୍ତା ଉପରେ ଗଲାବେଳେ ପଛ ପଟୁ କାର ଆସି ଧକ୍କାଦିଏ । ମୋଟର ସାଇକେଲ ଗୋଟେ ଜାଗାରେ, ହେଲମେଟ ଆଉ ଗୋଟେ ଯାଗାରେ, ସଙ୍ଗେ ସଙ୍ଗେ ଛିଟିକ୍ ହୋଇ ତଳେ ପଡ଼ି ଯାଆନ୍ତି ଏତିକି ବେଳେ ସେନ୍‌ସ ଚାଲିଯାଏ, ଅଚେତ୍ ଅବସ୍ଥାରେ ବିଚ୍ ରାସ୍ତା ଉପରେ ଲୋକଟି ପଡ଼ିଥାଏ । କାର ଡ୍ରାଇଭର ସଙ୍ଗେ ସଙ୍ଗେ ଫେରାର୍ ହେଇଯାଏ, ରକ୍ତ ଯୁଡୁବୁଡୁ ଅବସ୍ଥାରେ ଲୋକଟି ପଡ଼ି ରହେ ସେମିତି । କେହି ଲୋକେ ଦଉଡ଼ି ଯାଇ ପାଣି ଟିକେ ଦେବା ଦୂରର କଥା, ରାସ୍ତା ସାଇଟ୍ କରି ଚାଲିଗଲେ, କେହି କହେ ଏ ହେ ଲୋକଟି ପଡ଼ିଛି ଉଠାଓରେ, କିଏ କହେ ପାଣି ଦିଅ, ଥଣ୍ଡା କାର ଭିତରୁ କେହି କେହି କହେ ମଦୁଆ ହୋଇଥିବ, ଆଉ କିଛି ଏଠୁ ପଳେଇବା ଚାଲ ପୋଲିସ ଆସିବ । ଆଉ କିଛି ପିଲା ଛିଡ଼ା ହୋଇ ଏଇ ଭିଡିଓଟା କର ଭିୟୁ ଅଧିକା ଯିବ, ଫଟୋ ଉଠେଇ ନେଇ ଚାଲିଗଲେ, ସର୍ବ ଶେଷରେ ପୁଣି ଆମ୍ବୁଲାନ୍‌ସକୁ ଫୋନ୍ କରରେ ଭାଇ, ନ ହେଲେ ମରିଯିବ ଲୋକଟି, କିନ୍ତୁ ମୁ ଯିବିନି କିଛି ଅସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ମୋତେ ପୋଲିସ୍ ନେଇଯିବ । ଏମିତି ଡାଇଲଗ ମାରିବି କିନ୍ତୁ ମୁଁ ଯିବିନାହିଁ, ଦୀର୍ଘ ୩୦ ମିନିଟ୍ ଭଳି ଲୋମ ଟାଙ୍କୁରା ଦୃଶ୍ୟ ସତେ ଯେମିତି ଭଗବାନ ଅନ୍ଧ ମଣିଷର ପରିଚୟ ଗୋଟି ଗୋଟି କରି ନେଉଛନ୍ତି । ବହୁତ୍ ସମୟ ପରେ ରାସ୍ତାରେ ରକ୍ତର ସୁଅ ଛୁଟିଲା ପରେ, ପୋଲିସ୍ ନିଜେ ଆସି ହାଇଟେକ୍ ହସ୍ପିଟାଲ୍ ନେଇକି ଚାଲିଗଲା, ଆଉ ଖବର ପାଇ ପାଖ କୋଚିଙ୍ଗ ସେଣ୍ଟରରୁ ସହଯୋଗୀ ଆସି ଡାକ୍ତର ବାବୁଙ୍କୁ ଅନୁରୋଧ କ୍ରମେ ବଡ଼ ଚିକିତ୍ସା ଆରମ୍ଭ କରନ୍ତି, କାହିଁକି ନା ସେ ଲୋକ ଜଣେ କୋଚିଙ୍ଗ ସେଣ୍ଟର ଶିକ୍ଷକ ଥିଲେ । ୩ ଦିନ ବ୍ରେନ୍ ସର୍ଜରୀ ପରେ, ଭଲ ଖବର ଟିକେ ମିଳେ ଯେ ସେ ସୁସ୍ଥ ହେବାକୁ ଲାଗିଲେଣି, ସାର୍ ଘଟଣା ଦିନ ବି ସେଇ ରାସ୍ତା ଦେଇ ପିଲାଙ୍କ ଭବିଷ୍ୟତ ପାଇଁ ଗୋଟେ କୋଚିଙ୍ଗ ସେଣ୍ଟରରୁ ଆଉ ଗୋଟେ କୋଚିଙ୍ଗ ସେଣ୍ଟରକୁ ଯାଉଥିଲେ । ଏଇ ରାଜଧାନୀର ପିଲାଙ୍କ ଭବିଷ୍ୟତ ପାଇଁ ତା ସହ ସାରା ଓଡ଼ିଶାର ଅନଲାଇନ୍ ରେ ପଢୁଥିବା ପିଲାଙ୍କ ପାଇଁ... ହେଲେ ବିଧାତାର ଚକ୍ର ଅଲଗା ଥିଲା ଗାଡ଼ି ଧକ୍କା ହେଇ ଡାକ୍ତରଖାନରେ ପଡ଼ିଗଲେ । ଆଉ ସମୟ ଏମିତି ଖେଳିଲା ହଠାତ୍ ଖବର ଆସିଲା, ଭଲ ହେବା ପାଇଁ ଯେଉଁ ଆଇସିୟୁରେ ରଖା ଯାଉଥିଲା.. ଶେଷ ନିଃଶ୍ୱାସ ସେଇଠି ଚାଲିଗଲା । ଡାକ୍ତର ବାବୁଙ୍କ ଅନୁସାରେ ବୋଧ୍ ହୁଏ ଅପରେସନ ବିଳମ୍ବ ହେଇଗଲା । ସେ କେହି ନଥିଲେ, ଆମର ଅତିପ୍ରୀୟ "ସତ୍ୟରଞ୍ଜନ ବାରିକ୍ ସାର୍" ସବୁଦିନ ପାଇଁ ଦୁନିଆ ଛାଡ଼ି ଚାଲିଗଲେ, ପେଡାଗୋଜି ବିଷୟର ଉଚ୍ଚକୋଟୀର ଶିକ୍ଷା ଦେଉଥିଲେ ସାର୍ । ତାଙ୍କର ଗୋଟେ କଥା "ଡରିବନି ଏବଂ ହାର୍ ମାନିବନି" ଥରେ ନାହିଁ, ୨ଥର ନାହିଁ ୩ୟ ଥର ବି ନାହିଁ ନିରାଶ କିନ୍ତୁ ୪ର୍ଥ ଥର ନିଶ୍ଚୟ ଚାକିରି ମିଳିବ । କିନ୍ତୁ ଲକ୍ଷ ଲକ୍ଷ ରାଜଧାନୀର ଲୋକ ଗହଳିର ସହାୟତା ବି ସାରଙ୍କ ପାଇଁ କଣ ଟିକେ ନଥିଲା । କଉ ଛାତ୍ରର ସହାୟତା ବି କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାରଙ୍କ ପାଖେ ପହଞ୍ଚି ପାରିଲାନି,.. ! ଦୁଃଖର କଥା ବିଚ୍ ରାସ୍ତାରେ ୩୦ ମିନିଟ୍ ଜୀବନ ମୃତ୍ୟୁର ସଂଘର୍ଷ ଲଢ଼ି ଲଢ଼ି ଶେଷରେ ୫ ଦିନ ପରେ ଡାକ୍ତଖାନାରେ ଚାଲିଗଲେ..। ଏ ଅଭଦ୍ର ସମାଜର ନିର୍ଲଜ ମଣିଷ ଧିକ୍ ତମ ମଣିଷ ଜନ୍ମକୁ.. ସତ ଧିକ୍ ତୁମ ଶିକ୍ଷାକୁ.., କଣ ଶିକ୍ଷା ଦିଅ ସମାଜକୁ ନିଜେ ଶିକ୍ଷିତ ହୋଇ ଆଜି ଜଣା ପଡ଼ିଗଲା । କଥାରେ ଅଛି "କର୍ମ କା ଫଲ୍ ସିଧା ହୋତା ହେ, ଛଲ୍ କା ଫଲ୍ ଛଲ୍, ଆଜ୍ ନେହିଁ ତୋ କଲ୍" ସଜାଗ ରୁହ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସବୁ ଦେଖୁଛନ୍ତି । କଥା ଏଠି ଖାଲି ସତ୍ୟ ସାର୍ ଙ୍କ ଜୀବନ ପଡିନି, ସବୁଦିନ ଲକ୍ଷ ଲକ୍ଷ ଲୋକ ସମାଜରେ ପ୍ରାଣ ହରାଉଛନ୍ତି, କେହି ନିର୍ଦ୍ଦୟ ଭାବେ ସମାଜରେ ବଳାତ୍କାର କରେ, କିଏ ଶରୀରକୁ ହାଣି ହତ୍ୟା କରେ, ପୁଣି କିଏ ରୋଗରେ ଜୀବନ ହାରିଦିଏ । କିନ୍ତୁ ସେ ଘଟଣା ଆଖି ଆଢୁଆଳରେ ନ ହେଲେ ନିରୁପାୟରେ ହୁଏ । ହେଲେ ଏଠି ପ୍ରଶ୍ନବାଚୀ ହୁଏ ତୁମ ମାନବିକତା ଉପରେ, ସବୁ ଉପାୟ ଥାଇ ତୁମେ ନିରୁପାୟ କାହିଁକି ? ସବୁ ସୁବିଧା ଥାଇ ଅସୁବିଧା କୋଉଠି ? ସବୁ ଆଖି ଥାଇ ତୁମେ ଅନ୍ଧ କିପରି ? କୁହ କିଛି ଉତ୍ତର ଅଛି । ନାହିଁ ନା । ରହିବ ବା କିପରି... ତୁମେ ପରା ଛଦ୍ମ ବେଶି କଳା ମୁଣ୍ଡିଆ... ହୁଏତ ସେଦିନ ସଙ୍ଗେ ସଙ୍ଗେ ତୁମର ମାତ୍ର ଅଳ୍ପ ପ୍ରଚେଷ୍ଟା ହସ୍ପିଟାଲ୍ ନେବାରେ ସେ ମୂଲ୍ୟବାନ୍ ଜୀବନ ରଖି ପାରିଥାନ୍ତେ, କିନ୍ତୁ ନା ସତ୍ୟ ରଞ୍ଜନ ବାରିକ୍ ସାର୍ ସବୁଦିନ ଆଖି ବୁଜିଦେଲେ, ଆଜି ରାସ୍ତାରେ ତୁମେ ଅଣଦେଖା କରି ଚାଲିଗଲ, କାଲି ତୁମେ ରାସ୍ତା ଉପରେ ପଡ଼ିଥିବ ତୁମ ପିଲା ଥଣ୍ଡା କାର ଭିତରେ ରହି ସେଇ ଗୋଟିଏ ଶବ୍ଦ ବୋଧେ ମଦୁଆ ହେଇଥିବ ଚାଲ ପଳେଇବା । ପୋଲିସ୍ କେସ ହେବ, ନ ହେଲେ ଅଜାଣତରେ ଭିଡିଓ କର୍ ଭିୟୁ ବଢ଼ିବ କହି ସେଠୁ ଚାଲିଯିବ । ଆଉ କିଛି ବାଟ ଗଲାପରେ ପୁଅ ପାଖକୁ ତୁମ ମୋବାଇଲ୍ ରୁ ଅଜଣା ଲୋକର ଫୋନ୍ ଯିବ.. ଆପଣ କିଏ ଆସନ୍ତୁ ଗାଡ଼ି ଧକ୍କାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆପଣଙ୍କ ବାପା ପଡ଼ି ଯାଇଛନ୍ତି, ସେତେବେଳେ ତୁମ ପୁଅ ଗାଡ଼ି ବୁଲେଇ ଆସିଲା ବେଳକୁ ହୁଏତ ତୁମେ ଆଖି ବୁଜି ଦେଇଥିବ । କାହିଁକି ନା ତୁମେ ନିଜେ ତ ଶିକ୍ଷା ଦେଇଛ ନା । ମାନବିକତା ସିନା ଥିଲେ ସେ ଓହ୍ଲେଇ ଦେଖିବେ ମଦୁଆ ନା ନିଜ ବାପା । କିମ୍ବା ଅନ୍ୟ କେହି ପରିବାର ବର୍ଗ, ଶିକ୍ଷା ଯାହା ଦେବ ସେ ବୁଲିକି ତୁମ ପାଖକୁ ଆସିବ କର୍ମ ଯାହା କରିବ ଫଳ ନିଜ ପାଖକୁ ବୁଲିକି ଆସିବ । ନ ହେଲେ ଆହୁରି ଦୁର୍ଦ୍ଦିନ ସତ୍ୟ ସାର୍ ଙ୍କ ଭଳି ତୁମେ ଦେଖିବ । କଥାରେ ଅଛି ପରା ଏକା "ମାଘକେ ଶୀତ ଯାଏନି" ମହାପ୍ରଭୁ ଶ୍ରୀକ୍ଷେତ୍ରରେ ବସି ଅନ୍ଧ ଭଳି ଅଭିନୟ କରନ୍ତି ଆଉ ତୁମ ଅଜଣାତରେ ତୁମକୁ ଶାସନ କରନ୍ତି । ଉଚିତ୍ ଶିକ୍ଷା ନିଜେ ନିଅନ୍ତୁ ଅନ୍ୟକୁ ଶିଖାନ୍ତୁ ଦେଖିବେ ତୁମ କର୍ମଫଳ ସଫା ରହିବ....।

ଏଠି କାହାକୁ ଆକ୍ଷେପ କରି ଲେଖା ଯାଇନି, କେବଳ ଗୋଟିଏ ଲୋମହର୍ଷଣକାରୀ ଘଟଣାକୁ ବାସ୍ ତୁମ ଆଖି ସାମ୍ନାକୁ ଅଣାଯାଇଛି ଆଉ ସମାଜରେ ଏ ନିନ୍ଦନୀୟ ଘଟଣା କେତେ ଠିକ୍ ଆପଣ ମନେ ନିଜେ ବିଚାର କରିବେ..।

ସହିଦ୍ ଇରମ, ବାସୁଦେବପୁର, ଭଦ୍ରଖ

ମୋ: ୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କ

ଭବାନୀ ଶଙ୍କର ଦାଶ



ସମ୍ପର୍କ ଏକ ଏମିତି ଏକ ଶବ୍ଦ ଯାହା କଥା କହିବା ଶୈଳୀରେ ଭାଙ୍ଗିଯାଏ ଏବଂ ଗଢ଼ି ହୋଇଯାଏ । ସମ୍ପର୍କ ଭିନ୍ନପ୍ରକାର ଅଛି, ସେଥିମଧ୍ୟରୁ ନିବିଡ ସମ୍ପର୍କ ଅନ୍ୟତମ । ଦୁଇ ସାଙ୍ଗ, ବାପା ଝିଅ, ଭାଇ ଭଉଣୀ, ସ୍ୱାମୀ ସ୍ତ୍ରୀ ସମ୍ପର୍କ ବହୁ ଚର୍ଚ୍ଚିତ । ଏହି କାହାଣୀଟି ସେମିତି ଏକ ନିବିଡ଼ ସମ୍ପର୍କରେ ଆଧାରିତ ।

ଚିଲିକା ହ୍ରଦ ମଧ୍ୟରେ ଏକ ଗାଁ ମାଲୁଦ, ଯେଉଁଠି ଏକ ଯୌଥ ପରିବାର ବାସ କରୁଥିଲେ । ସେଥିରେ ୪ ଭାଇ ସହିତ ବୁଢ଼ା ବାପା ଓ ମା ଏବଂ ସବୁ ଭାଇମାନଙ୍କର ୨ ଅବା ୩ ଟା ଛୁଆ । ସବୁଠାରୁ ସାନଭାଇ ମିହିର ବାବୁଙ୍କର ଗୋଟେ ପୁଅ ଯାହାର ନା ଆକାଶ,ଗୋଟିଏ ଝିଅ ମୁକ୍ତା । ସବୁ ଝିଅ ମାନଙ୍କ ମଧ୍ୟରେ ସିଏ ବଡ଼ ତେଣୁ ସମସ୍ତଙ୍କର ଅଲିଅଳି ସିଏ।ସେଇ ଗାଁ ରେ ଲୋକମାନେ ଚାକିରି କରିବା ସହିତ ଚିଙ୍ଗୁଡ଼ି ଚାଷ ପ୍ରବଳ ମାତ୍ରା ରେ କରନ୍ତି। କହିବାକୁ ଗଲେ ଘରେ ଘରେ ଯେତିକି ସଦସ୍ୟ ସେତିକି ଭାଗ ।

୧୯୯୯ ମସିହାରେ ବୃଦ୍ଧ ମା ଏବଂ ବାପାଙ୍କର ଦେହାନ୍ତ ହେଇଗଲା । ସେମାନଙ୍କ ମୃତ୍ୟୁ ପରେ ଯେମିତି ଘରେ ପାହାଡ ମାଡି ବସିଲା, ବାତ୍ୟା ହେଇଗଲା ସବୁ ଚିଙ୍ଗୁଡ଼ି ବାଡ଼ ଭାଙ୍ଗି ନଷ୍ଟ ହେଇଗଲା, କହିବାକୁ ଗଲେ ଲକ୍ଷ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ପାଇଁ କେହି ସମର୍ଥ ହେଲେ ନାହିଁ । ସମସ୍ତେ ନିଜ ନିଜର ପିଲାମାନଙ୍କୁ ନେଇ ଚାଲିଗଲେ ସହର ଅଭିମୁଖେ କିନ୍ତୁ ମିହିର ବାବୁ ।

ଗାଁରେ ମାଷ୍ଟର ଥିବା ହେତୁ ସେ ଗାଁରେ ରହିଗଲେ । ଆକାଶ ପାଠ ପଢିବାରେ ଏତେ ଉନ୍ନତ ନଥିଲା, କିନ୍ତୁ ମୁକ୍ତା ପାଠ ପଢ଼ାରେ ବହୁତ ଉନ୍ନତ । ସମୟର ଖେଳ ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲା ମୁକ୍ତା କଲେଜ୍ ଗଲା ପ୍ରଥମ୍ ଦୁଇ ବର୍ଷ ସୁରୁଖୁର ରେ ଚାଲିଗଲା ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା, ଯେମିତି ସ୍ନାତକ କମ୍ପ୍ୟୁଟର ବିଜ୍ଞାନ ଆରମ୍ଭ ହେଲା ମୁକ୍ତା ଯୌବନର ପ୍ରଥମ ଖସଡ଼ାରେ ଖସିଗଲା, ମାନେ ତାଙ୍କ ବିଭାଗର ୩ୟ ବର୍ଷ ଛାତ୍ର ସନ୍ଦୀପ ସହିତ ପ୍ରେମରେ ପଡ଼ିଗଲା । ସନ୍ଦୀପ ଗୋଟିଏ ଉତ୍ତୀର୍ଣ୍ଣ ପିଲା କିନ୍ତୁ ଜାତିରେ ଟିକିଏ ଛୋଟ । ପାଠ ସରିଲା ପରେ ସେ ଚାକିରି ଖଣ୍ଡେ କ୍ୟାମ୍ପସରେ ପାଇ ହାଇଦ୍ରାବାଦକୁ ଚାଲି ଆସିଲା କିନ୍ତୁ ମୁକ୍ତାର ମନ କଣ ଆଉ ସେଠି ରହିଲା, ସେ ଗାଁରେ ମାଛ ଯେମିତି ପାଣିରୁ ବାହାରିଲେ ଛଟପଟ ହୁଏ ସିଏ ବି ସେମିତି ହେଲା, ତାହାର ଏ ପ୍ରକାର ଦେଖି ବାପା ତାକୁ ତାଗିଦ୍ କରିବାକୁ ଚେଷ୍ଟା କଲେ ହେଲେ ବାପାଙ୍କୁ ସେ ନମାନି ବିବାହ ପାଇଁ ବାଧ୍ୟ କରିଲା, ବାପା ତାର ଜାଣିଥିଲେ ସନ୍ଦୀପ ଗୋଟେ ଭଲ ପିଲା ହେଲେ ଜାତି ତାର ଛୋଟ ତେଣୁ ସେ ବିଲକୁଲ ରାଜି ହେଲେ ନାହିଁ । ଘରେ ଘମା ଘୋଟ୍ ଲଢେଇ ହେଲା, ଦିନେ ସନ୍ଦୀପ ଗାଁକୁ ଆସିଛି ମୁକ୍ତା ତା ସହିତ ଚକ୍ରାନ୍ତ କରି ଘରୁ ଫେରାର ହୋଇଗଲା ।

ଏତିକି ଭିତରେ ଆକାଶ ପାଠରେ ଏତେ ଭଲ ନଥିଲା ତେଣୁ ସେ ମ୍ୟାଟ୍ରିକ ପରୀକ୍ଷା ରେ ୩ୟ ଡିଭିଜନରେ ଉତ୍ତୀର୍ଣ୍ଣ ହେବା ପରେ ବାପାଙ୍କ ଡ଼ରରେ ଲୁଚି ସେ ବମ୍ବେ ଚାଲିଆସିଛି । ଘରେ ଏ ଗୋଟେ ଟେନସନ ରେ ଆଉ ଗୋଟେ ଟେନସନ ମୁକ୍ତା ଫେରାର ହୋଇଯିବା । ସତେ ଯେମିତି ମିହିର ବାବୁ ପାଗଳ ପରି ହୋଇଗଲେ । ଘରେ ଦୁଃଖର ପରିବେଶ କାହାକୁ ଅବା କହିବେ ଭାଇ ମାନଙ୍କୁ କହିଲେ ଭାଈ ଭାଉଜ ନାକରେ ହସିବେ କାରଣ ସେମାନେ ସହର ବାସିନ୍ଦା ଏବେ ।

ମିହିର ବାବୁ ମାନସିକ ଅବସାଦରେ ରହିଲେ, ଏକଥା ତାଙ୍କ ସ୍ତ୍ରୀ ସମ୍ଭାଳି ନପାରି ନିଜେ ଅଣ୍ଟା ଭିଡ଼ି ବାହାରିଲେ ଘରକୁ ସଜଡ଼ିବା ପାଇଁ । ପ୍ରଥମେ ସେ ପୁଅର ଠିକଣା ଖୋଜି ବାହାର କରିବାକୁ ଚେଷ୍ଟା କଲେ । ଏତିକି ଭିତରେ ଆକାଶ ନିଜ ବୁଦ୍ଧି ଖଟେଇ, ଗୋଟିଏ ଶ୍ରମିକ ଠିକାଦାର ହେଇଗଲାଣି, ଟଙ୍କାରେ ସିଏ ପୋତି ହେଇଗଲାଣି । ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜେ ଗାଁକୁ ଆସିଲା ୩ବର୍ଷ ପରେ, ତାକୁ ଜଣାନାହିଁ ଘରେ ଏପ୍ରକାର ହେଇଛି ବୋଲି, ଘରେ ଆସିଲା ପରେ ବାପାଙ୍କ ଏ ଅବସ୍ଥା ଦେଖି, ଘରର ଏ ଅବସ୍ଥା ଦେଖି ସେ ସ୍ଥବ୍ଧ ହେଇଗଲା, ତାର ଚେହେରା ଏମିତି ପରିବର୍ତ୍ତନ ହେଇଥିଲା ଯେ ନିଜେ ବାପା ମା ଚିହ୍ନିବା କଷ୍ଟ ହେଇଗଲା, ଉଚ୍ଚତା, ବଳିଷ୍ଠ ଶରୀର ହେଇଥିଲା ।

ଘରେ ମାଆଙ୍କ ଠାରୁ ସବୁ ଶୁଣିଲା ପରେ, କିଛି ସମୟ ନିଜକୁ ନିଜେ ଦାୟୀ କରି ଚୁପ୍ ହେଇ ବସିରହିଲା, ତା ପରଦିନ ବାପାଙ୍କୁ ନେଇ ଭୁବନେଶ୍ୱରରେ ଡକ୍ଟର୍ ଦେଖାଇ ତାଙ୍କ ସ୍ୱାସ୍ଥ୍ୟ ପାଇଁ ଯାହା ଦରକାର ସବୁ କରି ଗାଁ କୁ ଫେରିଲା । ପୁଣି ତାର ମନେ ପଡ଼ିଲା ତାର ପିଲା ଦିନର ସବୁଠାରୁ ଭଲ ବନ୍ଧୁ ନିହାର କଥା ସେ ଆଉ ଆକାଶ ବହୁତ୍ ଭଲ ସାଙ୍ଗ, କିନ୍ତୁ କେବେଠାରୁ ଆକାଶ ଯାଇଛି ତାର କୌଣସି ସମ୍ପର୍କ ହୋଇ ନାହିଁ, ନିହାର ହାଇଦ୍ରାବାଦରେ ରହୁଛି । ଦିନେ ସେ ମୁକ୍ତା ଅପାକୁ ଦେଖି ତାଙ୍କ ପିଛା କରି ତାଙ୍କର ଠିକଣା ଖୋଜି ବାହାର କରିଛି କିନ୍ତୁ କାହାକୁ କହିପାରୁ ନଥିଲା । କାରଣ ଆକାଶ ସହ ତାର ସଂପର୍କ ହେଇ ପାରିନଥିଲା । ହଠାତ ତା ମୋବାଇଲ ରିଙ୍ଗ ହେଲା ଦେଖିଲା ଟ୍ରୁ କଲରରେ ନା ଦେଖାଉଛି ଆକାଶ, କାଳ ବିଳମ୍ବ ନକରି ଉଠାଇ ସବୁ କଥା କହିଲା, ଦୁଇ ସାଙ୍ଗ ମିଶି ପୁଣି ଯୋଜନା କଲେ କେମିତି ମୁକ୍ତା ଦିଦିକୁ ଫେରାଇ ଆଣିବେ ।

ଆକାଶ ନିଜ ଶ୍ରମିକ ଠିକାଦାର କାମକୁ ହାଇଦ୍ରାବାଦକୁ ପରିବର୍ତ୍ତନ କରିଦେଲା, ମୁକ୍ତା ଦିଦି ରହୁଥିବା ପାଖରେ ଘର ଭଡ଼ା ନେଇ ସେଠି ରହିଲା । ଦିନେ ମୁକ୍ତା ଦିଦିର ଅନୁପସ୍ଥିତିରେ ତାଙ୍କରି ଘରକୁ ସର୍ଭେ ବ୍ୟକ୍ତି ହେଇଗଲା ଏ କଣ ଦେଖିଲା, ଜ୍ୱାଇଁ ସନ୍ଦୀପର ଏ କି ଅବସ୍ଥା ଦୁର୍ଘଟଣାରେ ଗୋଟେ ହାତ କଟି ଯାଇଛି, ଗୋଟେ ଗୋଡ଼ ଅକାମୀ ହେଇଯାଇଛି, ୨ଟା ପୁଅ ଭାରି ସୁନ୍ଦର୍ । ମୁକ୍ତା ଦିଦି ପାଠ ପଢ଼ିକରି ମଧ୍ୟ କିଛି କରିପାରୁନାହିଁ ଚାକିରି ।

ଏ ସବୁ ଦେଖି ଲୁହ ଛଳଛଳ ହୋଇ ଘରକୁ ଆସିଲା । ମନେ ପଡିଗଲା ତାର ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଲା ଦିନ କେମିତି ତାର ଦିଦି ସବୁ ଜିନିଷ ତା ପାଇଁ ଲୁଚେଇ ରଖିଥିବ, ବାପାଙ୍କ ମାଡ଼କୁ କେମିତି ସିଏ ଏଡେଇ ଦିଏ ନିଜ ଆଡ଼କୁ । ପାଠ ପଢାରେ କେମିତି ତାକୁ ସାହାଯ୍ୟ କରେ, ଯେତେବେଳ ଟଙ୍କା ବୋଉ ହଉ ବାପାଙ୍କୁ ମାଗିଲେ କେହି ଦେବେନି, ଦିଦି ଲୁଚେଇ ରଖିଥାଏ ଦିଏ ଆଇସକ୍ରିମ ଖାଇବାକୁ । ରାକ୍ଷୀରେ ବାପା ଦେଇଥିବା ଟଙ୍କାରେ ଗାଁ ହୋଟେଲରେ ଗୁଲୁ ଗୁଲା ଖାଇଥିବା, ଦେଲା ବେଳକୁ ଦିଦି କେମିତି ମିଛ କହିଦେବ ସେ ଆଗରୁ ଦେଇ ଦେଇଛି ଖର୍ଚ୍ଚ ହେଇଯିବ ବୋଲି । ମନେ ପଡିଗଲା ସେ ଭାଇ ଭଉଣୀ ସଂପର୍କ । ମନରେ କୋହ ଧରି ସବୁ କଥା ସାଙ୍ଗକୁ କହିଲା, ଦୁଇ ସାଙ୍ଗ ମିଶି ଯୋଜନା କଲେ କେମିତି ତାଙ୍କୁ ସ୍ୱାବଲମ୍ବୀ କରେଇବେ ।

ଆଉ ଗୋଟେ ଦିନ ସର୍ଭେ ବ୍ୟକ୍ତି ହୋଇ ଦୁଇସାଙ୍ଗ ଗଲେ ତାଙ୍କୁ ନିକଟସ୍ଥ ବଡ଼ ସଂସ୍ଥାରେ ଡାଟା ବୈଜ୍ଞାନିକ ପାଠ୍ୟକ୍ରମର ପ୍ରସ୍ତାବ ଦେଲେ କହିଲେ, ଆମ ସଂସ୍ଥା ଏଗୁଡ଼ିକର ଟଙ୍କା ଦେବ ଆପଣଙ୍କୁ ପାଠ ପଢ଼ି ଚାକିରୀ କରିବାକୁ ହେବ, ଏ ସବୁ ଦେଖି ମୁକ୍ତା ଦିଦି ବିଲକୁଲ ଦୁଇ ସାଙ୍ଗକୁ ଚିହ୍ନି ପାରିଲାନି, ରାଜିହେଇ ପାଠ ପଢାରେ ମନ ଲଗାଇବାକୁ ଆଗ୍ରହ କଲା, ଏମାନେ କହିଲେ ଆପଣ ଘରର ଏକମାତ୍ର ଆୟର ଉତ୍ସ ତେଣୁ ଆପଣଙ୍କୁ ଆମେ ୩ମାସ ଯାଏଁ ମାସିକ ଖର୍ଚ୍ଚ ଦେବୁ, ଆପଣ ଚାକିରି ପାଇଲା ପରେ ୧ ବର୍ଷ ଭିତରେ ଆମର ସବୁ ଖର୍ଚ୍ଚ ପୈଠ କରିବେ ।

ଆପଣଙ୍କ ଚାକିରି ପାଇବାରେ ଆମେ ପୂର୍ଣ୍ଣ ସହଯୋଗ କରିବୁ ।

ମୁକ୍ତା ଦିଦି ପାଠରେ ବହୁତ ଭଲ ତେଣୁ ସେ ୨ମାସ ଭିତରେ ସବୁ ପାଠ୍ୟକ୍ରମ ସାରି ଚାକିରୀ ପାଇଁ ପ୍ରସ୍ତୁତ ହେଇଗଲା ଏବଂ ଚାକିରି ୩ୟ ମାସରେ ପାଇବି ଗଲା ସେଇଟା ମଧ୍ୟ ୮ ଲକ୍ଷ ଟଙ୍କାର ପ୍ୟାକେଜରେ, ଏତିକି ଭିତରେ ଦୁଇ ସାଙ୍ଗ ତାଙ୍କ ଜ୍ୱାଇଁକୁ ନିକଟସ୍ଥ ଅସ୍ଥିଶଲ୍ୟ ସମ୍ବନ୍ଧୀୟ ବିଭାଗକୁ ନେଇ ଦେଖାଇ ତାଙ୍କ ଅଚଳ ଗୋଡ଼କୁ ଠିକ୍ କରିଛନ୍ତି, କଟାଯାଇଥିବା ଅଧା ହାତରେ ଗୋଟେ ନକଲି ହାତ ଲଗେଇ ଗୋଟେ ସାଧାରଣ ମଣିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରି କରି ଦେଇଛନ୍ତି ।

ଆଜି ଅଗଷ୍ଟ ୪ ତାରିଖ ରାକ୍ଷୀପୂର୍ଣ୍ଣିମା, ମୁକ୍ତାର ଆଜି ପ୍ରଥମ ମାସର ଦରମା ଆସିଛି, ଦୁଇ ସାଙ୍ଗ ବାହାରି ଗଲେ ମିଠା ଆଉ ରାକ୍ଷୀ କିଣି ମୁକ୍ତା ଘରକୁ, କାରଣ ଟଙ୍କା ଆଦାୟ ପାଇଁ ଯୋଉ ପାଠ୍ୟକ୍ରମ ପାଇଁ ସେଇମାନେ ଟଙ୍କା ଖର୍ଚ୍ଚ କରିଥିଲେ ତାକୁ ପ୍ରତି ମାସରେ ଆଦାୟ କରିବେ ।

ମୁକ୍ତା ଏମାନଙ୍କୁ ଦେଖି ବଡ଼ ଶ୍ରଦ୍ଧା ସହିତ ଡାକି ନେଲା ବସାଇଲା କିନ୍ତୁ ଟଙ୍କା ଦେବାକୁ ହାତ ବଢ଼ାଇ ଦେଲା, ସେତିକିବେଳେ ଲୁହ ଛଳଛଳରେ ଆକାଶ ନିଜର ପ୍ୟାକେଟ ଦେଇ, ଡାହାଣ ହାତକୁ ଟେକି କହିଲା ଦିଦି ରାକ୍ଷୀ ବାନ୍ଧିବୁନି, ଏ କଥା ଶୁଣି ମୁକ୍ତା ଯେମିତି ସକ୍ ହେଇଗଲା । ପୁଣି ଥରେ ତାକୁ ସିଏ ତୀକ୍ଷ୍ଣ ନଜରରେ ଦେଖିଲା କହିଲା ଇଏ ତ ମୋ ଭାଇ ଆକାଶ, ସେପଟେ ଦେଖିଲା ଇଏ ତ ତା ସାଙ୍ଗ ନିହାର । ଆଜି ଯାଏଁ ସେ କେବେ ହେଲେ ଏମାନଙ୍କୁ ସେପରି ଦେଖିନି, କାରଣ ଘରର ପରିସ୍ଥିତି ଏପରି କୋଠୁ ଟିକିଏ ସାହାଯ୍ୟ ମିଳିଲେ କେମିତି ତାକୁ କାମରେ ଲଗେଇବା ସେ ଚିନ୍ତା କରି ଆସିଛି, ତା ପରେ ଏମାନଙ୍କର ଶରୀର ଏମିତି ବଳିଷ୍ଠ, ମୁଖ ପରିବର୍ତ୍ତନ ହେଇଛିଯେ ଯଦି ଜଣେ ୩ବର୍ଷ ଯାଏଁ ଦେଖିନାହିଁ ବୋଲେ ଚିହ୍ନିବା ଭାରି କଷ୍ଟ ।

ମୁକ୍ତା କିଛି ସମୟ ପରେ ସକରୁ ଆସିଲା ପରେ କାନ୍ଦି କାନ୍ଦି ବେହାଲ ହେଲା, ସନ୍ଦିପକୁ କହିଲା ଇଏ ମୋ ନିଜଭାଇ ଆକାଶ, ତାର ସାଙ୍ଗ ନିହାର ଆଜି ଯାଏଁ ଆମକୁ ସାହାଯ୍ୟ କରି ଆସୁଥିଲେ ଆମେ ଜାଣି ପାରିଲେ ନାହିଁ ।

ଆକାଶ ଠାରୁ ବାପା ବୋଉ କଥା ସବୁ ବୁଝିଲା, ବୋଉ ସହିତ ଫୋନରେ କଥା ହୋଇ ଦୀପାବଳୀରେ ଗାଁକୁ ଯିବାପାଇଁ ଠିକ୍ କଲା ।

ଆଜି ମୁକ୍ତା ନିଜେ ସ୍ୱାବଲମ୍ବୀ ହେଇଗଲା, ସନ୍ଦିପ ଛୋଟ କମ୍ପାନୀରେ ଚାକିରି ପୁଣି ଆରମ୍ଭ କରିଲା, ଏବେ ଦୁହେଁ ବହୁତ୍ ଖୁସିରେ ଅଛନ୍ତି । ମୁକ୍ତା ଗାଁକୁ ଫେରି ଆକାଶର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାଘର କରିଲା ଏବେ ଭାଇ, ଭଉଣୀ ବହୁତ୍ ଖୁସିରେ ଅଛନ୍ତି । ଏସବୁ ସଫଳ ହୋଇ ପାରିଲା ଆକାଶର  ନିଷ୍ଠା ସଂପର୍କ ମୁକ୍ତା ପାଇଁ, ନିହାରର ନିଷ୍ଠା ସଂପର୍କ ଆକାଶ ପାଇଁ ।

ଆଜିକାର ଦୁନିଆରେ ସମ୍ପର୍କର ଆଉ ମୂଲ୍ୟ ନାହିଁ, ଭାଇ ବାହା ହେଇଗଲା, ସ୍ତ୍ରୀର ଆଗମନରେ ସବୁ ପରିବର୍ତ୍ତନ ହେଇଯାଉଛି, ସେ ବୁଝିପାରୁ ନାହାନ୍ତି ଆଜି ମୁଁ ମୋ ସ୍ୱାମୀର ସମ୍ପର୍କରେ ଫାଟ କରୁଛି, କାଲି ମୋ ଭାଇର ସ୍ତ୍ରୀ ସେମିତି କରିବ, ସମସ୍ତେ ନିଜ ନିଜର ବାପା ଘରକୁ ଧରି ରହିବାକୁ ଚେଷ୍ଟା କରୁଛନ୍ତି, ଶଶୁର ଘରକୁ ପ୍ରାଥମିକତା ଦେବାରେ କଷ୍ଟ ହେଉଛି । ତେଣୁ ମଧୁର ବଚନ କହି ସମ୍ପର୍କକୁ ରଖିବାକୁ ଚେଷ୍ଟା କରିବା, କଟୁ ବଚନ କହି କାହାର ମନକୁ କଷ୍ଟ ନଦେଇ ସମ୍ପର୍କରେ ଫାଟ ସୃଷ୍ଟି କରିବା ନାହିଁ । ତେଣୁ କଥାରେ ଅଛି "କଥାରେ କାହିଁକି ଦରିଦ୍ରତା ।"

ଠିକଣା- ଗୌରାଦେଇପୁର,କୋଦଳା,

ଗଞ୍ଜାମ, ଓଡିଶା, ୭୬୧୦୩୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚକୋଲେଟ୍

ଶୋଭାମୟୀ ପତ୍ରୀ



ଷଷ୍ଠ ଶ୍ରେଣୀର ଛାତ୍ରୀ ବବଲି କଣ ଗୁଡ଼ାଏ ଭାବିଲା ପରି ଗୁମ୍ ମାରି କ୍ଲାସରୁମରେ ବସିଥିଲା । ଗୁରୁମା ସୂଚନା ଦେଲେ କି ଆସନ୍ତା କାଲି ଠାରୁ ଏକ ତିନି ଦିନିଆ ଖେଳ ପ୍ରତିଯୋଗିତା ହେବ, ଏଥିରେ ଜିତିଥିବା ପିଲାଙ୍କୁ ପଇସା ସହ ଅନେକ ଜିନିଷ ଉପହାର ମିଳିବ । ବବଲିକୁ ତା ସାଙ୍ଗ ମିନିକୁ ହସାଇବା ପାଇଁ ସୁଯୋଗ ମିଳିଗଲା ପ୍ରାୟ । ଖେଳରେ ଶେଷ ଓ ତୃତୀୟ ଦିନ ଥିଲା ଚକୋଲେଟ ଖାଇବାର ପ୍ରତିଯୋଗିତା । ପ୍ରତିଯୋଗିତାର ନିୟମ ଅନୁସାରେ ପ୍ରତିଯୋଗୀକୁ ତିନି ମିନିଟ ଭିତରେ ବହୁତ ଗୁଡିଏ ଚକୋଲେଟ ଖାଇବାର ଥିଲା ଆଉ ଯିଏ ଯେତେ ଅଧିକ ଖାଇବ ପୁରସ୍କାର ହିସାବରେ ତାକୁ ତା ମନ ପସନ୍ଦର ଦୁଇଟି ବଡ଼ ବଡ଼ ଚକୋଲେଟ ପ୍ୟାକେଟ ମିଳିବ । ବବଲିକୁ ତା ପାପା ମାମାଙ୍କର ତାଗିଦ୍ ଏବଂ ଡ଼କ୍ଟର ଅଙ୍କଲଙ୍କ ପରାମର୍ଶ ବାରମ୍ବାର ଡରାଉଥିଲା କି ଯଦି ସେ ଚକୋଲେଟ ଖାଇବ ତେବେ ତା ପୋକଖିଆ ଦାନ୍ତମୂଳ ପାଚି ବିନ୍ଧା, ଦରଜ ଭଳି ବହୁତ କଷ୍ଟ ହେବ ଏବଂ ପାଟି ଭିତରର ଦୁଇଧାଡି କଳ ଦାନ୍ତ ଉପାଡିବାକୁ ହେବ ଯାହା ଫଳରେ ସେ ଆଉ ଭଲମନ୍ଦ କିଛି ଖାଇ ପାରିବ ନାହିଁ ଆଉ ପାକେଇ ହୋଇ ସାଙ୍ଗମାନଙ୍କ ଠାରୁ ଅପମାନ ପାଇବ । ସମସ୍ତେ ଜାଣନ୍ତି କି ବବଲି ଚକୋଲେଟ ଖାଇବାକୁ ଖୁବ୍ ଭଲପାଏ ପୁଣି ବଡ଼ଘରର ଝିଅ ବୋଲି ତା ପାପାମାମା ସବୁବେଳେ ତା ପାଇଁ ଦାମୀ ଚକୋଲେଟ ଖଞ୍ଜା ରଖିଥାନ୍ତି ତଥାପି ପ୍ରତିଯୋଗିତରେ ତା ନାମ ନଦେଖି ସମସ୍ତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶ୍ଚର୍ଯ୍ୟ ହେଉଥାନ୍ତି । ପରେ ପରେ ପ୍ରତିଯୋଗୀମାନଙ୍କ ନାମ ଘୋଷଣା ବେଳେ ବବଲିର ନାଁ ଆଗରେ ଥିବା ଶୁଣି ସେଠାରେ ଉପସ୍ଥିତ ଥିବା ତା ମାମା ରାଗି ଯାଇଥିଲେ ହେଲେ ସେତେବେଳେ ଆଉ ନାଁ କାଟି ହେବନାହିଁ ବୋଲି ସେ ଚୁପ୍ ହୋଇ ବସିରହିଥିଲେ । ବବଲି ପ୍ରଥମ, ଦ୍ୱିତୀୟ ଦିନ ଭଳି ତୃତୀୟ ଦିବସର ଖେଳରେ ମଧ୍ୟ ପ୍ରଥମ ହୋଇଥିବାରୁ ତାକୁ ପୁରସ୍କାର ରାଶି ସହିତ ଅନେକ ଗୁଡିଏ ଉପହାର ମିଳିଥିଲା । ସେ ବିଦ୍ୟାଳୟ ଛୁଟି ହେବା କ୍ଷଣି ମିଳିଥିବା ସବୁତକ ଖେଳନା, ଖାତା ବହି କଲମ, ଚକୋଲେଟ ଏବଂ ପଇସା ଧରି କେଉଁ ଆଡ଼କୁ ନଜର ନକରି ଏକ ନିଶ୍ୱାସରେ ଧାଇଁ ଥିଲା ସ୍କୁଲ ଠାରୁ କିଛି ଦୂରରେ ଅନ୍ଦି କନ୍ଦି ଗଳି ଡେଇଁ ଯାଇଥିବା ବସ୍ତି ଆଡେ ଆଉ ତା ପାପାମାମା ଯାଉଥିଲେ ତା ପଛେ ପଛେ ।

ଦୀପାବଳିର ଚାରିଦିନ ଆଗରୁ ତାଙ୍କ କଲୋନୀ ଆଲୋକ ମାଳାରେ ସଜହୋଇ ବହୁତ ସୁନ୍ଦର ଲାଗୁଥିଲା । ତିନିମହଲା ଉପରୁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଲିଚୁ ଆଲୁଅରେ ଝଲସୁଥିବା ତା କଲୋନୀର ଶୋଭା ଦେଖିବା ପରିବର୍ତ୍ତେ ବବଲି ଦେଖୁଥିଲା କଲୋନୀ ପଛପଟର ଘନ ଅନ୍ଧକାରମୟ ବସ୍ତିକୁ ଆଉ ଖୁବ୍ ଦୁଃଖିତ ହେଉଥିଲା, ତାର ସେହି ବସ୍ତିର ଝିଅ ସ୍କୁଲରେ ସବା ପଛଧାଡ଼ିରେ ବସୁଥିବା ମେଧାବୀ ଓ ପ୍ରିୟ ସାଙ୍ଗ ମିନା କଥା ଭାରି ମନେ ପଡୁଥିଲା । ସେ ଭାବୁଥିଲା ମିନାର ସେହି ଡରୁଆ ଡରୁଆ କଥା କି ଆମ ଘରେ ତ  ଦୁଇ ଓଳା ଚୁଲି ଜଳେନା କି ଡିବିରି ଜଳେଇବାକୁ ପଇସା ନାହିଁ ଦୀପାବଳୀରେ ଦୀପ ଓ ବାଣ କୋଉଠୁ ଆସିବ । ତା ଆଖି ଜକେଇ ଆସିଲା ।

କିଛି ସମୟ ପରେ ସେ ଏକ ଚିରା ଦଦରା ଜରିପାଲ ଘେରା ନୁଆଁଣିଆ ଝାଟି ମାଟିର ଛପର ଘର ଆଗରେ ଅଟକି ପାଲକୁ ଖସ ଖସ କରିବାରୁ ଘର ଭିତରୁ କୁନି କୁନି ଚାରିଜଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୁଆଙ୍କ ସହିତ ତାଙ୍କ ବିଧବା ମାଆ ପଦାକୁ ବାହାରି ଆସିଲେ । ବବଲି ସେମାନଙ୍କ ହାତକୁ ତାର ସବୁତକ ଚକୋଲେଟ ଓ ଅନ୍ୟାନ୍ୟ ପୁରଷ୍କାର ସହିତ ଘରୁ ସ୍କୁଲ ବ୍ୟାଗରେ ଲୁଚେଇ ଆଣିଥିବା ମହମବତୀର କେତେଗୁଡିଏ ପ୍ୟାକେଟ ବଢ଼ାଇଦେଲା ଆଉ ସେମାନଙ୍କ ମାଆକୁ ପ୍ରଣାମ କରି ଦୀପାବଳିର ଶୁଭେଚ୍ଛା ଜଣାଇ ନିଜେ ତାଙ୍କ ଘର ଆଗରେ ମହମବତୀ ଜଳାଇ ଖୁବ୍ ଆଶ୍ୱସ୍ତ ଅନୁଭବ କରୁଥିଲା ଏବଂ ତା ମାମପାପା ନିଜକୁ ଗର୍ବିତ ଓ ଭାଗ୍ୟବାନ ମଣୁଥିଲେ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେହି ଘର

ଅନୀତା ମିଶ୍ର



ରାତ୍ରିର ନିର୍ମଳ ଆକାଶକୁ ଚାହିଁ ରହିଛନ୍ତି ବରୁଣ । ତାଙ୍କୁ ଭାରି ଅସ୍ତବ୍ୟସ୍ତ ଲାଗୁଛି । ଅସୀମ ନୀରବତା ମଧ୍ୟରେ ଏକୀଭୂତ ହୋଇ ସୁବାସର ପ୍ରଶ୍ନାବଳୀର ପରିଧିରେ ଛନ୍ଦି ହୋଇ ପଡିଛନ୍ତି ସେ । କ'ଣ କରିବେ ନକରିବେ କିଛି ଭାବି ପାରୁ ନାହାନ୍ତି । ପୁଅକୁ ସେ ବହୁତ ଭଲ ପାଆନ୍ତି, ନିଜ ଜୀବନର ଟୁକୁଡ଼ା । ମା ବନିତାଙ୍କର ହୃଦସଙ୍ଖାଳି । ପୁଅର ପ୍ରଶ୍ନରେ ଦୁଇ ଜଣ ବିଚଳିତ ହୋଇ ପଡ଼ିଛନ୍ତି ।

ପୁଅ ସୁବାସର ତାଗିଦ୍ ବାପା ତୁମେ ଗାଁର ଜମିବାଡ଼ି ଘରଦ୍ୱାର ବିକି ଦେଇ ଆମ ପାଖରେ ସବୁଦିନ ପାଇଁ ଆସି ରୁହ । ତୁମ ଦେହ ଆଜିକାଲି ଭଲ ରହୁନାହିଁ । ଡାଇବେଟିସ ରକ୍ତଚାପ ରୋଗରେ ଦିନକୁ ଦିନ ତୁମେ ଦୁର୍ବଳ ହୋଇ ଯାଉଛି । ବୋଉର ବି ଦେହ ଭଲ ରହୁନାହିଁ । ଆଣ୍ଠୁଗଣ୍ଠି ବାତ ଧରିଲାଣି ତା'ର । ସେ ଠିକ୍ ଭାବରେ ଚାଲି ପାରୁନି । ତାକୁ ଘର କାମରେ ସାହାଯ୍ୟ କରିବାକୁ କେହି ଜଣେ ବି ଭଲ ଲୋକ ମିଳୁ ନାହାଁନ୍ତି । ବାପା କ'ଣ ବିଚାର କଲ ଶୀଘ୍ର ଜଣେଇବ ।

ପୁଅର ଡାକରେ ବରୁଣ ବାବୁ ପ୍ରକୃତିସ୍ଥ ହେଲେ । ପୁଅର କଥାରେ ବୋହୂ ସୁହାନା ବି ଏକମତ । ତା'ର ବି ଇଚ୍ଛା ଆମେ ସମସ୍ତେ ଏକାଠି ମିଳିମିଶି ରହିବା । ନାତି ଅଖଣ୍ଡର ଜେଜେବାପା ଜେଜେ ମାଆଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭଲ ପାଇବାର ପଟାନ୍ତର ନାହିଁ ।

କିନ୍ତୁ ବରୁଣ ବାବୁଙ୍କୁ ବାଙ୍ଗାଲୋରରେ ସବୁଦିନ ରହିବା ପାଇଁ ମନ ବଳାଉ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଳବାୟୁ ମଧ୍ୟ ସୁହାଉ ନାହିଁ । ସବୁବେଳେ ଥଣ୍ଡା କାଶ ଲାଗି ରହୁଛି । ଯାହା ହେଲେବି କଥାରେ ଅଛି ନିଜ ଯାଗାରେ ନିଜେ ରାଜା । ଶେଷରେ ବରୁଣ ବାବୁ ନିଷ୍ପତ୍ତି ନେଲେ ଯେ ସେ ଘରଦ୍ୱାର ଜମିବାଡ଼ି ଇତ୍ୟାଦି ବିକି ପାରିବେ ନାହିଁ । ତାଙ୍କର ସେହି ଘର ସହିତ କେତେ ଯେ ଅଭୁଲା ସ୍ମୃତି ଜଡିତ । ବାପା ଜେଜେ ଅମଳର ସେହି ଜନ୍ମମାଟିକୁ କେମିତି ବା ମୂର୍ଚ୍ଛି ପାରିବେ ସେ ।

ବରୁଣ ବାବୁଙ୍କର ଅହେତୁକ ମମତା ନିଜ ଘର ନିଜ ଜନ୍ମମାଟି ପ୍ରତି ଅନନ୍ୟ ଅସୀମ । ସେହି ଘର ତାଙ୍କର ନିଶ୍ୱାସ ପ୍ରଶ୍ୱାସ । ସେହି ଘରେ ସେ ତାଙ୍କର ପୁରା ଜୀବନ କଟାଇ ଦେଇଛନ୍ତି । ପାଖ ଗାଁ ବିଦ୍ୟାଳୟରେ ଶିକ୍ଷକତା ସହ ଜମିବାଡ଼ି ଚାଷବାସରେ ତାଙ୍କ ପିତା ନରହରିଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ବାପା ଦୁଇ କକେଇ ଏକାଠି ରହୁଥିଲେ । ପରିବାର ଭିତରେ ସ୍ନେହ, ଶ୍ରଦ୍ଧା ଆଉ ଅସରନ୍ତି ମମତାର ଝଙ୍କାର ସୃଷ୍ଟି ହେଉଥିଲା । ପର୍ବପର୍ବାଣୀରେ ଏକାଠି ହେବା ସେମାନଙ୍କର ଆନନ୍ଦର ଉତ୍ସ ଥିଲା । ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା, ବିଶ୍ୱାସ ଭରଷା, ସଦିଚ୍ଛା, ଶୁଭେଚ୍ଛା ଥିଲା ସେମାନଙ୍କର ଜୀବନର ମାପକାଠି । ଖୁବ୍ ସ୍ୱଚ୍ଛନ୍ଦରେ ଖୁସିରେ ଜୀବନ ଯାପନ କରୁଥିଲେ । ତାଙ୍କର ସେହି ଘର ତଥା ଜମିବାଡ଼ିକୁ ବିକିବେ ନାହିଁ ବୋଲି ପୁଅ ସୁବାସକୁ ସଫା ମନା କରିଦେଲେ । ବନିତାଙ୍କ ଖୁସି କହିଲେ ନ ସରେ । କିଛି ଦିନ ବାଙ୍ଗାଲୋରରେ ରହିବା ପରେ ପୁଅର ଅନିଚ୍ଛା ସତ୍ତ୍ୱେ ସେ ସସ୍ତ୍ରୀକ ତାଙ୍କର ସେହି ଘରକୁ ଫେରି ଆସିଲେ ।

ଏହା ଭିତରେ ଦୁଇଟି ବର୍ଷ ବିତି ଯାଇଛି । ହଠାତ୍ ଦିନେ ସୁବାସର ଫୋନ୍ ଆସିଲା, ବାପା ଆମେ ସମସ୍ତେ ଗାଁ ଘରକୁ ଫେରି ଆସୁଛୁ । ବରୁଣ ବାବୁଙ୍କର କପାଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିସ୍ମୟର ଚିହ୍ନ । ପୁଅର କଥା ଶୁଣି ସେ ନିଜକୁ ବିଶ୍ୱାସ କରିପାରିଲେ ନାହିଁ । କ'ଣ ହେଲା ବାପା ? ତୁ କାହିଁକି କାନ୍ଦୁଛୁ । ବିମର୍ଷ କଣ୍ଠରେ ସୁବାସ କହିଲା, ବାପା, ମୋତେ କମ୍ପାନୀରୁ ସବୁଦିନ ପାଇଁ ବାହାର କରି ଦେଇଛନ୍ତି । ଏହି କଥା ଜାଣି ବରୁଣ ବାବୁ ଦୁଃଖରେ ମ୍ରିୟମାଣ ହୋଇପଡ଼ୁଥାନ୍ତି । ମା'ଙ୍କର ମନ ମଧ୍ୟ ବହୁତ କଷ୍ଟ ଲାଗୁଥାଏ ।

ସୁବାସ କ'ଣ ଆଉ କରିଥାନ୍ତା । ଶେଷରେ ସେହି ଘରେ, ଯେଉଁଠି ତା'ର ପିଲାଦିନ ସ୍ମୃତି ଏବେ ବି ସତେଜ ଓ ଜୀବନ୍ତ ଅଛି, ସେହିଠାରେ ରହିବାକୁ ସୁଦୂର ବାଙ୍ଗାଲୋରରୁ ଫେରି ଆସିଲା ସେ । ଆଜି ଯଦି ସେହି ଘର ତା' ବାପା ବିକ୍ରି କରିଦେଇ ଥାଆନ୍ତେ, ସେ କେଉଁଠି ରହିଥାନ୍ତା । ସେହି ଘର ଏବେ ସୁବାସ ପାଇଁ ମନ୍ଦିର ଅଟେ । ଆଉ ତା'ର ବାପା ମାଆ ତା' ପାଇଁ ଜୀବନ୍ତ ଈଶ୍ୱର ଈଶ୍ୱରୀ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁଆଁର ପୁନେଇଁ

ସଂତୋଷିନୀ ଦାଶ



ଆଜି କୁଆଁର ପୁନେଇଁ । ରାତିର ତୋଫା ଜହ୍ନକୁ ଚାହିଁ ତା ଭିତରେ ବିନୟ ଖୋଜୁଥିଲା ତା ମନର ମାନସୀକୁ । ଆଖିରୁ ଥପ ଥପ ହୋଇ ବୋହି ଯାଉଥିଲା ଶ୍ରାବଣର ଧାରା । କାନ୍ଧରେ କାହାର ସ୍ପର୍ଶ ଅନୁଭବ କରି ସେ ପଛକୁ ଚାହିଁଲା । ବିଶ୍ୱାସ କରି ପାରିଲା ନାହିଁ ନିଜ ଆଖିକୁ । ତାରି ପିଲାଦିନର ସାଥି ସୀମା । ଫୁଙ୍ଗୁଳା ହାତ, ପରିଧେୟ ଏକ ଧଳା ଶାଢ଼ୀ, ଶୁଖିଲା ମୁହଁ । କଣ କହିବ ସୀମାକୁ, କଣ ପଚାରିବ ତାକୁ କିଛି ବୁଝି ପାରିଲାନି ।

ଏଇ ସୀମା ତାରି ଗାଁ ର ଝିଅ । ଏକା କ୍ଲାସରେ ପଢୁଥିଲେ । ପର୍ବ ପର୍ବାଣୀ ଏକା ସାଥିରେ ପାଳୁଥିଲେ । ଦୁହେଁ ଭଲ ପଢୁଥିଲେ । ଜଣେ ପ୍ରଥମ ହେଲେ ଆର ଜଣକ ଦ୍ୱିତୀୟ । ଗୋଟିଏ ଗୋଟିଏ ପାହାଚ ଚଢ଼ିବା ଭିତରେ ପରସ୍ପରର ନିକଟତର ହୋଇଥିଲେ । ଉଭୟେ ଉଭୟଙ୍କୁ ଭଲ ପାଉଥିଲେ । ସେଦିନ ବି ଥିଲା କୁଆଁର ପୁନେଇଁ ରାତି । ଚନ୍ଦ୍ରଙ୍କୁ ପୂଜା କରି ଉଭୟେ ଜୀବନସାଥୀ ହେବାର ଶପଥ ନେଇଥିଲେ ।

ମେଟ୍ରିକ ପରୀକ୍ଷା ପରେ ପାଖ କଲେଜରେ ପଢିଥିଲା ସୀମା । ଉଚ୍ଚଶିକ୍ଷା ପାଇଁ ଦୂର ସହରକୁ ଚାଲି ଯାଇଥିଲା ବିନୟ । ବି ଏ ପାସ କରିବା ପରେ ଏକ ଇଞ୍ଜିନିୟର ପୁଅ ସହିତ ସୀମାର ପିତାମାତା ତାର ବିବାହ କରାଇ ଦେଇଥିଲେ । ପ୍ରତିବାଦ କରି ପାରି ନ ଥିଲା ସୀମା । ମନର ଦୁଃଖକୁ ମନରେ ଚାପି ଶାଶୁଘରକୁ ଚାଲି ଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହରରେ ଥାଇ ଏ ଖବର ପାଇଥିଲା ବିନୟ । ଦୁଃଖରେ ଭାଙ୍ଗି ପଡିଥିଲା । ସେ ଏବେ ବି ପାଠପଢ଼ା ସାରି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇନି । ବିବାହ କଥା ଚିନ୍ତା କରିବ କେମିତି ? ମନକଥା ମନରେ ମାରି ପାଠପଢ଼ାରେ ମନ ଦେଲା । କିନ୍ତୁ ଜୀବନର ପ୍ରଥମ ପ୍ରେମକୁ ଭୁଲି ପାରିଲା ନାହିଁ । କଲେଜ ଜୀବନରେ ଅନେକ ଝିଅ ତା ସହିତ ସମ୍ପର୍କ ଯୋଡିବା ପାଇଁ ଚାହିଁଛନ୍ତି କିନ୍ତୁ ସେ କାହାକୁ ବି ପ୍ରଶ୍ରୟ ଦେଇନି ।

ପଢ଼ା ସରିବାପରେ ଭଲ ଚାକିରୀ ପାଇଛି । ବାପାମା ତାର ବିବାହ କଥା ପକାଇଛନ୍ତି । ବିନୟ କିନ୍ତୁ ବିଭିନ୍ନ ଆଳ ଦେଖାଇ ରାଜି ହୋଇନି । ପିତାମାତାଙ୍କୁ ନିଜ ପାଖରେ ଆଣି ରଖିଛି । ସେବାଶୁଶ୍ରୁଷା କରିଛି । କିଛି ବର୍ଷ ପରେ ପିତାମାତାଙ୍କ ଦେହାନ୍ତ ହୋଇ ଯାଇଛି । ଜୀବନରେ ସମ୍ପୂର୍ଣ୍ଣ ନିସ୍ୱ ହୋଇ ପଡିଛି ବିନୟ । ସହରରେ ଆଉ ମନ ଲାଗୁନି । ଗାଁ କଥା ମନେ ପଡୁଛି ବାରମ୍ବାର । ଏ ଭିତରେ ଗୋଟିଏ ଦୁଃଖଦ ଖବର ମଧ୍ୟ ସେ ପାଇଛି । ହୃଦଘାତରେ ସୀମାର ସ୍ୱାମୀ ମୃତ୍ୟୁବରଣ କରିଛନ୍ତି । ସୀମାର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଛୁଆ ଦୁଇଟିଙ୍କୁ ଧରି ସୀମା ଆସି ବାପଘରେ ରହୁଛି । ଏ ଖବର ଶୁଣିବା ପରଠାରୁ ଗାଁର ଆକର୍ଷଣ ତୀବ୍ରତର ହୋଇଛି । ସୀମା ସୁଖରେ ଅଛି ବୋଲି ସେ ନିଜ ମନକୁ ବୁଝାଇ ଦେଉଥିଲା । କିନ୍ତୁ ସୀମାର ଦୁଃଖ ଖବର ଶୁଣି ସେ ନିଜେ ଭାଙ୍ଗି ପଡିଛି ।

ଏଥର ପୂଜା ଛୁଟିରେ ଗାଆଁକୁ ଯାଇଛି ବିନୟ । ପୁନେଇଁ ଜହ୍ନକୁ ଦେଖି ଉଦାସ ହୋଇ ବସି ରହିଛି । ଆଖିରୁ ବୋହି ଯାଉଛି ଶ୍ରାବଣର ଧାରା । କାନ୍ଧରେ କାହାର ହସ୍ତ ସ୍ୱର୍ଶ ଅନୁଭବ କରି ପଛକୁ ଅନାଇ ଚମକି ପଡିଲା । ଆଖି ଆଗରେ ଝାଉଁଳା ମୁହଁ ନେଇ ଛିଡା ହୋଇଛି ସୀମା । ବିନୟକୁ ଆବେଗରେ ଚାପି ଧରି କାନ୍ଦି ଉଠିଲା । ତାକୁ ବୁଝାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଝାଇ ଶାନ୍ତ କରିବା ପରେ ସୀମା ଓ ଦୁଇ ଛୁଆର ଦାୟିତ୍ୱ ନିଜେ ନେବ ବୋଲି ପ୍ରତିଶ୍ରୁତି ଦେଲା ବିନୟ । ସୀମାର ବାପାଙ୍କ ଅନୁମତି ନେଇ ସୀମାର ମଥାରେ ସିନ୍ଦୁର ପିନ୍ଧାଇ ନିଜ ଘରକୁ ବୋହୂ କରି ଆଣିଲା । କୁନି କୁନି ପୁଅଝିଅଙ୍କ କଳରବରେ ମୁଖରୀତ ହୋଇ ଉଠିଲା ଘର ଅଗଣା । ଆଜି ବି ଆକାଶରେ ଜହ୍ନ ହସୁଥିଲା ତାର ପରିବାର ଉପରେ ଆଶିଷ ଝରାଇ । ବିନୟ କହୁଥିଲା ଆମ ଭିତରେ କିଛି ଅଛି ସୀମା ଯାହା ଆଜି ଆମକୁ ଏକାଠି କରି ଦେଇଛି । ବିନୟ ଛାତିରେ ଆଉଜି ପଡ଼ି ସୀମା ହସୁଥିଲା ।

ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାତ୍ୟା ଆସୁଛି

ବିଶ୍ୱ ରଞ୍ଜନ ଜେନା



(୧)

ବାତ୍ୟା ଆସୁଛି । ଟିଭିରେ ଘନ ଘନ ଖବର ଦେଖାଇବାରେ ଲାଗିଛି । ଯେଉଁ ଚ୍ୟାନେଲ୍ ଲଗାଇବ ସେଥିରେ ସେଇ କଥା। ଲାଗୁଛି ଯେମିତି ବାତ୍ୟା ଆସୁନାହିଁ ତ ଏ ଖବରକୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଏକ ରୀତିମତ ପ୍ରତିଯୋଗିତା ଚାଲିଛି ଚ୍ୟାନେଲ୍ ମାନଙ୍କରେ । କିଏ କହୁଛି ସଠିକ୍ ଓ ନିର୍ଭୁଲ ଖବର ପାଇଁ ଆମ ଚ୍ୟାନେଲ୍ ଦେଖ ତ କିଏ କହୁଛି ଗ୍ରାଉଣ୍ଡ ଜିରୋରୁ ଖବର ପାଇଁ ଆମ ସହ ଯୋଡି ହୋଇ ରୁହ। ବେଳେବେଳେ ଲାଗୁଛି ବାତ୍ୟା ଆସୁଛି ବୋଲି ଯେତିକି ଡର ଲାଗୁନାହିଁ ଏ ନିଉଜ୍ ଚ୍ୟାନେଲ୍ ଦେଖିଲେ ତା'ଠାରୁ ଅଧିକ ଡର ଲାଗୁଛି ।

(୨)

ବାତ୍ୟା ଆସୁଛି । ସରକାର ଖୁବ୍ ତତ୍ପର ହୋଇ ଯାଇଛନ୍ତି । ଯେମିତି ବି ହେଲେ ସଠିକ୍ ପରିଚାଳନା କରିବାକୁ ପଡିବ। 'ଜିରୋ କାଜୁଆଲିଟି' ବା 'ଶୂନ୍ୟ ମୃତ୍ୟୁ' ହିଁ ପ୍ରଥମ ପ୍ରାଧାନ୍ୟ । କାହା ଆଖିକୁ ନିଦ ନାହିଁ । ଘନ ଘନ ବୈଠକ ବସୁଛି । ବିଚାର ବିମର୍ଷ ଚାଲୁଛି । ଯେତେ ଯାହା ହେଲେ ନୂଆ ସରକାର । ଯଦି କିଛି ଏପଟ ସେପଟ ହୋଇଗଲା ବିରୋଧୀମାନେ ତ ଅନାଇ ବସିଛନ୍ତି ଜିରାରୁ ଶିରା କାଢି ସମାଲୋଚନା କରିବାକୁ ।

(୩)

ବାତ୍ୟା ଆସୁଛି । ଯେବେଠାରୁ ଏ ଖବର ଆସିଲା ସରକାରୀ ବାବୁଜଣଙ୍କର ମନ ପୁରା ଖଟା ହୋଇଗଲା । ଚତୁର୍ଥ ଶନିବାର ଓ ରବିବାରକୁ ମିଶାଇ ଚାରିଦିନ ଛୁଟିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଏ ବି ଆଉ ତିନି ଦିନ ଛୁଟି ପାଇଁ ଆବେଦନ କରିଥିଲେ ଯାହା କି ମଞ୍ଜୁର ହୋଇ ଯାଇଥିଲା । ଭାବିଥିଲେ ଏ ଲମ୍ବା ଛୁଟିରେ ପରିବାର ଟିକିଏ ଶ୍ୱଶୁରଘର ଆଡେ ବୁଲିଆସିବେ । କି ବାତ୍ୟା ଆସିଲା ଯେ ସବୁ ଛୁଟି ବାତିଲ୍ ।

(୪)

ବାତ୍ୟା ଆସୁଛି । ଏ ଖବର ପ୍ରଚାର ହେବା ପରେ ବଡ ହେଉ ଅବା ଛୋଟ ସବୁ ଦୋକାନରେ ଭିଡ ଅହେତୁକ ଭାବରେ ବଢିଯାଇଛି । କିଲେ ଜାଗାରେ ଲୋକମାନେ ଦୁଇ ତିନି କିଲୋ ନେଇ ଯାଉଛନ୍ତି । ପରିବା ରେଟ୍ ମଧ୍ୟ ସେହି ଅନୁପାତରେ ବଢିଚାଲିଛି ଘଣ୍ଟାକୁ ଘଣ୍ଟା । ସବୁ ପରିବା ଯେମିତି ନିଜ ନିଜ ଭିତରେ ଏକ ପ୍ରତିଯୋଗିତା ଚଲାଇଛନ୍ତି । ସକାଳେ ପରିବା ରେଟ୍ ଯାହାଥିଲା ଖରାବେଳେ ଦୁଇଗୁଣ ତ ରାତିକୁ ତିନିଗୁଣ । ଦୋକାନୀଟି ବି ମନେ ମନେ ଭାବୁଛି, ବେଶି ନହେଲେ ନାହିଁ ବର୍ଷରେ ଏମିତି ସାତ ଆଠଟା ବାତ୍ୟା ଆସିଲେ ବେପାର ଭଲ ଜମିଯା'ନ୍ତା ।

(୫)

ବାତ୍ୟା ଆସୁଛି । ଯେବେଠାରୁ ସିଏ ଏକଥା ଶୁଣିଲାଣି ତା ମନରେ ଛନକା ପଶିଗଲାଣି । ସକାଳୁ ନିଜ କଚା ଚାଳ ଛପର ଘରକୁ ସଜାଡିବାରେ ଲାଗିଛି । କେଉଁଠି ଖୁଣ୍ଟା ମାରୁଛି ତ କେଉଁଠି ପଲିଥିନ୍ ପକାଇ ରସିରେ ବାନ୍ଧିଦେଉଛି । ବେଶି ପଛେ ନହେଉ ବାଆକୁ ବତା ଭଳି ଏ ଖୁଣ୍ଟା ଆଉ ପଲିଥିନ୍ କିଛି ତ କାମଦେବ । ଛେଳି ଆଉ ଗାଈଙ୍କ ପାଇଁ ଘାସପତ୍ର ବି ସଜାଡି ରଖିବାକୁ ପଡିବ । ମଣିଷ ସିନା ଦିନେ ଦି ଦିନ ଉପାସ ରହି ଯାଇପାରେ ହେଲେ ଏ ନୀରିହ ଜନ୍ତୁ, ସେମାନେ କଣ ବୁଝିବେ ? ଏ ବାତ୍ୟା କାହା ପାଇଁ କ'ଣ ହୋଇପାରେ କିନ୍ତୁ ତା ଭଳି ଲୋକମାନଙ୍କ ପାଇଁ ଏକ ଅଭିଶାପ ।

(୬)

ବାତ୍ୟା ଆସୁଛି । ଚଷାପୁଅ ମୁଣ୍ଡରେ ହାତ ଦେଇ ବସିଛି । ଧାନକ୍ଷେତକୁ ଦେଖିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ କୋରି ହୋଇଯାଉଛି । ଏସନ ଭଲ ପାଳକ ହୋଇଥିଲା । ବିଲକୁ ଦେଖିଲେ ପେଟ ପୁରି ଯାଉଥିଲା । ଆଉ କିଛିଦିନ ଅପେକ୍ଷା କରିଥିଲେ ବିଲରୁ ଧାନ ଆଣି ଖଳାରେ ଗଦା କରି ଦେଇଥାନ୍ତା । କିନ୍ତୁ ଏବେ ଏମିତି ଏବସ୍ଥା ଯେ ନା ଘରକୁ ନେଇ ହେଉଛି ନା ମନ ସମ୍ଭାଳି ହେଉଛି । ଯଦି ଜୋର୍‌ରେ ପବନ ବର୍ଷା ହେଲା ସବୁ ଧାନଗଛ ନଷ୍ଟ ହୋଇଯିବ । କେତେ କଷ୍ଟ କରି ମାଟି ସହ ମାଟି ହୋଇ ସିଏ ଲାଗିଥିଲା କ୍ଷେତରେ। ଆଶା କରିଥିଲା ଭଲ ଫସଲ ହେଲେ ଯାହା ଋଣ ଆଣିଥିଲା ସବୁ ସୁଝିଦେବ । କିନ୍ତୁ ନାହିଁ, ଦଇବ ବୋଧେ ସହିଲା ନାହିଁ । ଏକଥା ଭାବିଲା ମାତ୍ରେ ଆଖି ଜକେଇ ଆସୁଛି ।

(୭)

ବାତ୍ୟା ଆସୁଛି । ଟିଭି ଆଉ ମୋବାଇଲ୍‌ରେ ଏ ଖବର ଶୁଣି ଶୁଣି ବଡ ଚିନ୍ତା ଲାଗିଲାଣି । ସେଥିପାଇଁ ଅଫିସ୍‌ରୁ ଆସି ମୁଁ ବସିଗଲି ବହି ପଢିବାରେ । ବଜାରରୁ ଯାଇ କିଛି ପରିବା ନେଇ ଆସୁନ । – ଧର୍ମପତ୍ନୀ କହିଲେ ।

ଦି ଦିନ ପୂର୍ବରୁ ପରା ହାଟରୁ ଏତେ ପରିବା ଆଣିଥିଲି । ସବୁ କ'ଣ ସରିଗଲାଣି । ବାତ୍ୟା ଆସୁଛି ବୋଲି ଜାଣିପାରୁନ ବୋଧେ । ସମସ୍ତେ କେତେ କ'ଣ କିଣି ଆଣି ଘରେ ରଖୁଛନ୍ତି । କି ଲୋକ କେଜାଣି ଇଏ ? ସବୁ ଜାଣି ବି ପଶିଗଲେ ସେ ବହି ଭିତରେ । ଯ୍ୱା ପୂର୍ବରୁ କି ବାହାରର ବାତ୍ୟା ମୋ ଘରେ ଝଡର ତାଣ୍ଡବ ସୃଷ୍ଟି କରିବ ମୁଁ ବିନା କିଛି ଉତ୍ତରରେ ବାଧ୍ୟ ହୋଇ ବ୍ୟାଗ ଧରି ବାହାରିଗଲି ଚଢାଦରରେ ପରିବା କିଣିବାକୁ ।

ମାର୍ଫତ୍ - ବିଜୟ କୁମାର ଜେନା
ବାସନ୍ଦରା, ଜଗତସିଂହପୁର - ୭୫୪୧୧୧
ମୋ - ୯୩୪୮୭୪୯୬୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ତ ଗୋଲାପ

ଆଶୁତୋଷ ମେହେର



ଦୂର ପାହାଡ଼ ପର୍ବତ ତଳେ ଜଙ୍ଗଲ ଘେରା ଗାଁ, ନାଁ ତା'ର କାମିନୀପୁର । ସେଇ ସୁନ୍ଦର ଗାଁରେ ଗୋଟାଏ ଛୋଟ କୁଡ଼ିଆ କରି ରହୁଥିଲା ମାଳତୀ । ତା'ର ଜୀବନ ଶାନ୍ତ ସରଳ ଲାଗୁଥିଲା ସିନା, ସେ ସଦାବେଳେ ରହୁଥିଲା ଚିନ୍ତାଗ୍ରସ୍ତ ଓ ଦୁଃଖୀ । ସତେ ଯେମିତି ତା' ହୃଦୟରେ ଲୁଚି ରହିଥିଲା କେଉଁ ଗୋଟାଏ ଅଜଣା ଦରଦଭରା କାହାଣୀ ।

ତଥାପି ଜୀବନ ଜୀବିକା ପାଇଁ ମାଳତୀ ପରଘରେ ଶ୍ରମ କରି ପେଟ ପୋଷୁଥିଲା । ତା ଛଡା ନିଜ କୁଡିଆ ଘର ପଛପଟେ ଗୋଟାଏ ଫୁଲ ବଗିଚା କରି ଫୁଲ ବିକୁଥିଲା ଗାଁ ମନ୍ଦିର ଆଗରେ । ତା ବଗିଚାରେ ଥିଲା ଅନେକ ଗୋଲାପ ଫୁଲର ଗଛ । ତେବେ ଗୋଟିଏ ଲାଲ ରକ୍ତ ଗୋଲାପ ସମସ୍ତଙ୍କ ଦୃଷ୍ଟିକୁ ବେଶୀ ଆକର୍ଷିତ କରୁଥିଲା । ସେ ଗୋଲାପ ଗଛର ଫୁଲର ରଙ୍ଗ ଏତେ ଗାଢ଼ ଥିଲା ଯେ ମନେ ହେଉଥିଲା ସତେ ଯେମିତି ରକ୍ତ ତା'ର ପାଖୁଡ଼ାରେ ଜମାଟ ବାନ୍ଧିଛି । ମାଳତୀ ଏହି ଗୋଲାପ ଗଛକୁକୁ ନିଜ ଜୀବନଠୁ ଅଧିକ ଭଲପାଉଥିଲା । ଏ ଗୋଲାପ ଗଛର କଥା ମନେ ପକାଇଲେ ମାଳତୀ ବେଶ ଭାବୁକ ହୋଇପଡୁଥିଲା ।

ପ୍ରାୟ ପାଞ୍ଚ ବର୍ଷେ ତଳେ ମାଳତୀର ସ୍ୱାମୀ ଭାବଗ୍ରାହୀ ଗାଁ ଛାଡ଼ି ଦାଦନ ଖଟିବାକୁ ବାଧ୍ୟ ହୋଇ ଆନ୍ଧ୍ର ପ୍ରଦେଶକୁ ଯାଇଥିଲା । ଗାଁରେ କମାଣୀର ବାଟ ସବୁ ବନ୍ଦ, ତେଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘର ଚଲାଇବା ମୁସ୍କିଲ ହେଉଥିଲା । ତେଣୁ ଦାଦନ ଯିବା ହିଁ ଭାବଗ୍ରାହୀ ପାଇଁ ଏକମାତ୍ର ବାଟ । ଗଲା ବେଳକୁ ମାଳତୀର ଦୁଃଖ ଦେଖି କହିଥିଲା, "ଚିନ୍ତା କରିବୁନି । ବେଶ୍ କିଛି ମୋଟା ପଇସା କମାଣି କରି ମୁଁ ଫେରିବି, ମାଳତୀ । ବାଡି ପଟେ ଲଗାଇଥିବା ରକ୍ତ ଗୋଲାପ ଗଛର ଯତ୍ନ ନେବୁ ତାକୁ ହେପାଜତରେ ରଖିବୁ । ତୋ ପାଇଁ ସେଇଟା ମୋର ଚିହ୍ନ ହୋଇ ରହିବ ।" ଭାବଗ୍ରାହୀ ନିଜ ହାତରେ ଏହି ଲାଲ ଗୋଲାପ ଗଛଟି ଲଗାଇଥିଲା କିଛି ଦିନ ଆଗରୁ ।

ମାସ ମାସ ଗଲା, ବର୍ଷ ବି ବିତିଲା କିନ୍ତୁ ଭାବଗ୍ରାହୀ ଫେରିଲା ନାହିଁ । ମାଳତୀ ପ୍ରତିଦିନ ସକାଳେ ଗୋଲାପକୁ ପାଣି ଦେଉଥିଲା, ଯେମିତି ଏହା ଭାବଗ୍ରାହୀର ସ୍ମୃତିକୁ ଜୀବନ୍ତ ରଖିବ ।

ହଠାତ୍ ଦିନେ ଗାଁରେ ଗୋଟାଏ ଦୁଃଖଦ ଖବର ଆସିଲା ଯେ ଭାବଗ୍ରାହୀ ଯେଉଁ ପଥର ଖାଦାନରେ କାମ କରୁଥିଲା ସେଠି ଗୋଟାଏ ଦୁର୍ଘଟଣାରେ ଆଉ ପାଞ୍ଚ ଜଣ ଶ୍ରମିକଙ୍କ ସହ ଭାବଗ୍ରାହୀର ମୃତ୍ୟୁ ହୋଇଯାଇଛି । ମାଳତୀ ପୁରା ଭାଙ୍ଗି ପଡିଲା । ସେ ପାଗଳ ହୋଇ କାନ୍ଦି କାନ୍ଦି ସେ ରକ୍ତ ଗୋଲାପ ଗଛ ପାଖକୁ ଦୌଡ଼ିଗଲା, ତା'ର ଆଖିରୁ ଲୁହ ଧାରଧାର ଝରିଯାଉଥିଲା । ସେ ଦେଖିଲା ସେ ଗଛରେ ସକାଳେ ଫୁଟିଥିବା ନାଲି ଗୋଲାପଟି ଆହୁରି ଗାଢ ଲାଲ ଦେଖାଯାଉଛି, ସତେ ଯେମିତି ଭାବଗ୍ରାହୀର ଆତ୍ମା ତା' ଭିତରେ ମିଶି ଯାଇଛି ।

ଗାଁ ଲୋକ ତ ମାଳତୀକୁ ପ୍ରବୋଧ ଦେଇ ସମ୍ଭାଳିଲେ ହେଲେ ଭିତରେ ଭିତରେ କୁହାକୁହି ହେଲା ଯେ ଏ ରକ୍ତ ଗୋଲାପ ଗଛ ଓ ତା ଫୁଲ ବଡ ଅଭିଶପ୍ତ । ଯଦି କେହି ତାକୁ ଛୁଇଁବ ତା' ପାଖକୁ ଯିବ, ଦୁଃଖ କଷ୍ଟ ତାଙ୍କୁ ଘେରିବ । ମାଳତୀ ଏସବୁ ଗପକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାସ କଲାନି, ବରଂ ହସି ଉଡ଼ାଇ ଦେଉଥିଲା । ହେଲେ ତା' ମନ ଭିତରେ ଗୋଟିଏ ଅଜଣା ଭୟ ଘାଣ୍ଟି ହେଉଥିଲା ।

ତେବେ ଲୋକଙ୍କ ମୁହଁକୁ କିଏ ବନ୍ଦ କରିବ ? ଲୋକଙ୍କ କଥା ଶୁଣିଶୁଣି ବିରକ୍ତିରେ ମାଳତୀ ଭାବିଲା ସେ ରକ୍ତ ଗୋଲାପ ଗଛକୁ ଉପାଡି ନଷ୍ଟ କରି ଦେବ । ଏମିତି ଭାବନା ନେଇ, ଗୋଟେ ଦିନ, ସେ ଗୋଲାପକୁ ଉପାଡ଼ି ନେବାକୁ ଚେଷ୍ଟା କଲା । ହଠାତ୍ ସେ ଗଛର କଣ୍ଟା ତା'ହାତରେ ପଶିଗଲା, ଆଉ ବହୁତ ରକ୍ତ ଝରିଲା । ତେବେ ଆଶ୍ଚର୍ଯ୍ୟର କଥା, ଗୋଲାପର ଗଛର ଡାଳ ତା ରକ୍ତକୁ ଶୋଷି ନେଲା, ଆଉ ତା'ର ଫୁଲ ସବୁର ପାଖୁଡା ରଙ୍ଗ ଆହୁରି ଗାଢ଼ ହୋଇଗଲା ।

ମାଳତୀ ଭୟଭୀତ ତ ହେଲା, କିନ୍ତୁ ସେ ଗୋଲାପକୁ ଛାଡ଼ି ପାରିଲା ନାହିଁ । ସେ ଅନୁଭବ କଲା ତା ମନ ଭିତରେ କେଉଁ ଏକ ଅଜଣା ସ୍ୱର କହୁଛି, ଆରେ ଏହି ଗୋଲାପ ଗଛ ଭାବଗ୍ରାହୀର ଶେଷ ସନ୍ତକ । ସେ ଗଛକୁ ବଞ୍ଚାଇକରି ରଖ ।

ସେ ଦିନଠୁଁ ମାଳତୀ, ପ୍ରତିଦିନ ସେ ଗୋଲାପ ଗଛର ଯତ୍ନ ନେଇ ପାଣି ଦେଲା, ଗଛକୁ ବେଳେ ବେଳେ ଗେଲ କଲା, ସତେ ଯେମିତି କି ସେ ଭାବଗ୍ରାହୀର ସ୍ମୃତିକୁ ଜୀବନ୍ତ କରି ପାରିଛି । ଗାଁର ଲୋକେ ଏ ସବୁ ଦେଖି ମାଳତୀ ପାଗଳୀ କହିଯାଇଛି ବୋଲି କହିବା ଆରମ୍ଭ କଲେ । ତଥାପି ମାଳତୀ ଅନୁଭବ କରୁଥିଲା, ଏହି ଲାଲ ରକ୍ତ ଗୋଲାପ ତା'ର ପ୍ରେମର ଏକମାତ୍ର ସାକ୍ଷୀ, ଭାବଗ୍ରାହୀର ସ୍ମୃତି ।

ସମୟ ଏମିତି ଦୁଃଖର ସହ ବିତୁଥିଲା ମାଳତୀ ପାଇଁ ।

ପାଖାପାଖି ବର୍ଷେ ପରେ, ନିଜ ଅଯତ୍ନରୁ ମାଳତୀର ଦେହ ବିଗିଡିବାକୁ ଲାଗିଲା । ଧୀରେ ଧୀରେ ସେ ରୋଗରେ ଶଯ୍ୟାଶାୟୀ ହେଲା । ଗାଁ ଲୋକଙ୍କୁ ଡାକି ସେ ତା'ର ଶେଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଚ୍ଛା କଥା କହିଲା ଯେ ସେ ରକ୍ତ ଗୋଲାପ ଗଛ ପାଖରେ ଶୋଇବ । ତା କଥା ମାନି ଗାଁ ଲୋକେ ତାକୁ ନେଇ ସେ ଗଛ ପାଖରେ ଖଟିଆ ପାରି ଶୁଆଇ ଦେଲେ । ସେହି ରାତିରେ, ଲୋକେ ଦେଖିଲେ ସେ ରକ୍ତ ଗୋଲାପ ଗଛରେ ଫୁଟିଥିବା ଗୋଲାପ ସବୁର ପାଖୁଡ଼ା ଝଡ଼ିବା ଆରମ୍ଭକରି ମାଳତୀର ଦେହସାରା ବିଞ୍ଚିହୋଇ ପଡିଲା । ଧୀରେ ଧୀରେ ସେ ନାଲି ପାଖୁଡାର ରକ୍ତରଙ୍ଗ ଫିକା ହୋଇଗଲା । ଖଟରେ ଶୋଇଥିବା ମାଳତୀର ଶରୀର ଆପେ ଆପେ ନିଶ୍ଚଳ ହୋଇଗଲା ।

ଆଶ୍ଚର୍ଯ୍ୟରେ ଗାଁ ଲୋକେ କୁହାକୁହି ହେଲେ ମାଳତୀ ଓ ଭାବଗ୍ରାହୀଙ୍କ ପ୍ରେମ ଅତୁଟ ଓ ଗଭୀର ଥିଲା । ଶେଷରେ ସେ ଦୁହିଁଙ୍କ ଆତ୍ମାର ମିଳନ ହୋଇଯାଇଛି ।

ତା ପରଦିନ ଗାଁ ଲୋକେ ଦେଖିଲେ, ରକ୍ତଗୋଲାପ ଗଛଟି ଆପେ ଆପେ ଶୁଖି ମରିଯାଇଛି ।

୫୪ ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪

ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଟିକେ କଥା ଟିକେ ଗୀତ

ଦିବାକର ନାୟକ



ନା, ଆଉ ନିଦ ହବନି । ବାରମ୍ବାର କଡ଼ ଲେଉଟାଇବା ହିଁ ସାର । ଆଜି ସନ୍ଧ୍ୟାରେ ଜୟପୁରରୁ ଫେରିଲା ବେଳେ ବସ୍ ର ସେହି ଘଟଣା ମୋ ମନକୁ ଭାରି ଆନ୍ଦୋଳିତ କରୁଛି । ଯେତିକି ଭୁଲିବାକୁ ଚେଷ୍ଟା କରୁଛି, ସେତିକି ବେଶୀ ଆଖି ଆଗରେ ନାଚି ଯାଉଛି ।

ବସରେ ପ୍ରବଳ ଭିଡ଼ । ଗୋଟିଏ ବି ସିଟ୍ ଖାଲି ନଥାଏ । ଅନେକ ଯାତ୍ରୀ ଠିଆ ହୋଇଥାନ୍ତି । ସାଇଡରେ ବସିଥିବା ଜଣେ ଯୁବକକୁ ରିକ୍ୱେଷ୍ଟ କଲି, "ଟିକେ ଜାଗା ହବ କି ?"

ସେ ମୋର ତାଳୁରୁ ତଳିପା ଉପରେ ନଜର ବୁଲାଇ ଆଣି ତତ୍କ୍ଷଣାତ୍ କହିଲା, "ନା" ।

ମୁଁ ଆଈକୁ କହିଲି, "ଆଈ, ଜାଗା ନାହିଁ । ଟିକେ ତଳେ ବସି ଯା' ।"

ଏହା ଶୁଣି ସେ ଯୁବକଟା କହିଲା, "ବୁଢ଼ୀ ମା, ଏଇଠି ବସ । ମୁଁ ଆଗରେ ଓହ୍ଲାଇବି ।"

କେତେ ଭଲ ପିଲାଟା । ମୋ ଭଳି ସୁନ୍ଦରୀ ଝିଅଟାକୁ ଯେ କେହି ଡାକି ପାଖରେ ବସେଇବାକୁ ଚାହିଁବ । କିନ୍ତୁ ସେ ସେୟା କଲାନି । ବରଂ ଠିଆ ହୋଇ ମୋ ଆଈଙ୍କୁ ସିଟ୍ ଛାଡ଼ିଦେଲା । ମଣିଷ ପଣିଆ ଟିକେ ଅଛି । ବୋଧହୁଏ ମୋର ଏହି ଅତ୍ୟାଧୁନିକ ଦର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖଣ୍ଡିଆ ନଗ୍ନ ପୋଷାକ ତାକୁ ଭଲ ଲାଗିନି । କେଡ଼େ ପବିତ୍ର ମନ ତା'ର । ଆଦିମ ମଣିଷ ପ୍ରଥମେ ନଗ୍ନ, ତାପରେ ଗଛର ବକଳ ପିନ୍ଧୁଥିଲା । ଧୀରେ ଧୀରେ ବସ୍ତ୍ର ପିନ୍ଧି ସଭ୍ୟତା ଆଡ଼କୁ ଗତିକଲା । ବର୍ତ୍ତମାନ ତ ଆଧୁନିକ ନାଁରେ ପୋଷାକ ପରିଧାନ ଛୋଟ ହୋଇ ଆସୁ ଆସୁ ଫଟା ଚିରା ଭଳି ପୋଷାକକୁ ଅଧିକ ମୂଲ୍ୟରେ କିଣି ପିନ୍ଧିବା ଗୋଟିଏ ଟ୍ରେଣ୍ଡ୍ ରେ ପରିଣତ ହେଲାଣି । ମୁଁ ମଧ୍ୟ ଏତେ ଶିକ୍ଷିତା ହୋଇ ସେହି ସ୍ରୋତରେ ଆଦିମ ଆଡ଼କୁ ଗତି କରୁଛି । ଛି, ମୁଁ ମୋ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଭୁଲି ଯାଇ ବଡ଼ ଭୁଲ୍ କରିଛି ।

ମୁଁ ଏମିତି କେତେ କ'ଣ ଭାବି ଯାଉଥାଏ । ସେ ମୋ ପାଖରେ ସୁନାପିଲାଟି ପରି ଠିଆ ହୋଇଥାଏ । ବାଟରେ ଘାଟି ଟର୍ଣ୍ଣ ଗୁଡ଼ିକରେ ଟିକେ ମୋ ଦେହରେ ବାଡେଇ ହେଇଗଲେ ସରି କହି ଖଣ୍ଡେ ଦୂର ଘୁଞ୍ଚି ଯାଉଥାଏ । ବାରମ୍ବାର ଘାଟିରେ ଏମିତି ଘଟୁଥିଲେ ବି ମୁଁ କିଛି କହୁ ନଥାଏ । ହେଲେ ସେ କିନ୍ତୁ କୌଣସି ଆଗ ଷ୍ଟପେଜରେ ଓହ୍ଲାଇଲାନି । ଆମ ସହ କୋରାପୁଟ ବସଷ୍ଟାଣ୍ଡରେ ହିଁ ଓହ୍ଲାଇଲା । ଆମେ ପରଜା ସାହି ଛକରେ ପହଞ୍ଚିଲା ବେଳକୁ ସେ ଆମଠାରୁ ବହୁତ ଆଗରେ ଥିଲା । ଆମେ ପରଜା ସାହି ଆଡ଼କୁ ମୁହାଁଇଲା ବେଳେ ଦେଖିଲି, ସେ ଜଗନ୍ନାଥ ମନ୍ଦିରର ମୈତ୍ରୀ ନିବାସ ପାର ହୋଇ ଶାନ୍ତି ନିବାସ ପାଖାପାଖି ହେଇଗଲାଣି । ହଠାତ୍ ସେ ପଛକୁ ଫେରି ଚାହିଁଲା ବେଳେ ମୋ ଆଖି ସହିତ ତା'ର ଆଖି ଆଉ ଥରେ ମିଶିଗଲା । ଟିକିଏ ମୁରୁକି ହସିଦେଇ ଏଥର ସେ ଲକ୍ଷ୍ମଣ ନାୟକ ମେଡିକାଲ ଆଡ଼କୁ ଚାଲିଲା । ହେଲେ ସେତେବେଳେ ତ ମୋତେ କିଛି ବି ଲାଗିଲାନି । ଏଣେ ଘରେ ପହଞ୍ଚି ଟିକିଏ ଫ୍ରେସ୍ ହୋଇ ମୋ ଷ୍ଟୋଡି ରୁମକୁ ଚାଲିଗଲି । ତା'ପରେ ମୁଁ ସେ ଘଟଣା ସମ୍ପୂର୍ଣ୍ଣ ଭୁଲିଗଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନ ଯାଇ ସନ୍ଧ୍ୟା ହେଲା । କିଶୋରୀ ସନ୍ଧ୍ୟା ଧୀରେ ଧୀରେ ଷୋଡ଼ଶୀ ହୋଇ ପରେ ପରେ ନିଃସଙ୍ଗ ରାତ୍ରି ପାଲଟିଲା ମୋ ପାଇଁ । ଘଡ଼ିରେ ଆଖି ପଡ଼ିଲା ବେଳକୁ ରାତ୍ରି ଗୋଟାଏ ହେଲାଣି । ଯେତେ ଚେଷ୍ଟା କଲେ ବି ଆଖିର ଜାଲରେ ନିଦ୍ରା ଜମା ଧରା ଦେଉ ନ ଥାଏ । ମୋ ମନ ଟିକିଏ ଚଞ୍ଚଳ ହେବାକୁ ଲାଗିଲା । ଅନୁଭୂତିହୀନ କାମନାର ଅଦୃଶ୍ୟ ଇଲାକାରେ ମୁଁ ଯେମିତି ଝୁମି ଝୁମି ଗାଇ ଚାଲିଛି ମୋ ଅଜାଣତରେ....

ଏ ନିଝୁମ ରାତି କେମିତି କେମିତି
ଲାଗୁଛି ଏଇନା ମୋତେ
ଏଇ ଆଖି ମୋର ନିଦର ଠିକଣା
ହଜାଇ ଦେଇଛି ସତେ (୦)

ଦେହ ସାରା ଖାଲି  ସିରି ସିରି ଲାଗେ
ନୂଆ ନୂଆ ପୁଲକରେ
କିଏ ସେ ଅଜଣା ତରୁଣ ମୋ ରାଣ
ଏମିତି ଅଥୟ କରେ

ମିଳିବ କି ତାର ଆଉ ଥରେ ଦେଖା
ସହରର ଚଲାପଥେ..
ଏ ନିଝୁମ ରାତି କେମିତି କେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗୁଛି ଏଇନା ମୋତେ (୧)

ଚନ୍ଦନ ପୋଖରୀ ସକାଳେ ମୁଁ ଯିବି

କାଲେ ସିଏ ଆସିଥିବ

ଶାବର ଶ୍ରୀକ୍ଷେତ୍ର ଉତ୍କଳ ଖଣ୍ଡରେ

କାଲେ ଦେଖା ହେଇଯିବ

ନୋହିଲେ ସଞ୍ଜରେ ମୁତ୍ୟାଲୁମାଆଙ୍କୁ

ଜଣାଇବି ହୃଦଗତେ...

ଏ ନିଝୁମ ରାତି କେମିତି କେମିତି

ଲାଗୁଛି ଏଇନା ମୋତେ ।।୨।।

ପାଟପୁର, କନିସି, ଗଞ୍ଜାମ

ମୋ:୯୯୩୮୬ ୧୯୯୮୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜଗାଙ୍କୁ ମୋ ଚିଠି

ଗୌରୀ ପଣ୍ଡା



ଜୟପୁର ଠାରୁ

ପୂଜ୍ୟାସ୍ପଦ ଜଗା /ଜଗନ୍ନାଥ,

ଆପଣ ଦେଇଥିବା ଚିଠି ନମ୍ବର ୦୧/୦୪/୭୩ ଅନୁଯାୟୀ ମୁଁ ଠିକ ଜାଗାରେ ପହଞ୍ଚିଛି । ପହଞ୍ଚିବା ମାତ୍ରେ ଆପଣଙ୍କୁ ଜଣାଇବାକୁ କହିଥିଲେ । ହେଲେ ଏ ଜାଗା ଏମିତି ଯେ, ଯିଏ ବି ଆସିବ ସେ ସବୁ ଭୁଲି ଯିବ । ଆପଣ ଜାଣି, ଜାଣି ଏଠାକୁ ପଠେଇଛନ୍ତି । କାରଣ ଆପଣଙ୍କୁ ଭୁଲି ଯାଇ ଅନ୍ୟ ଆଡେ ମନ ଲଗେଇଲେ ଆଉ ଆପଣଙ୍କୁ ବିରକ୍ତ କରିବାକୁ ଭୁଲିଯିବି । ତାହା ସତରେ ପରିଣତ ହେଇଛି । ମୁଁ ଆସିବା ଦିନରୁ ସବୁ ଭୁଲି ଯାଇଛି ଏମିତି କି ଯିଏ ମୋତେ ଏଠାକୁ ପଠାଇଲେ ସେଇ ଜଗାଙ୍କୁ ମଧ୍ୟ ଭୁଲିଗଲି । ତୁମେ ବି ଏୟା ଚାହୁଁଥିଲ । ସବୁବେଳେ କେତେ ଗୁହାରି ଶୁଣିବ । ମୁଁ କଣ ଏକା, ମୋ ପରି କୋଟି, କୋଟି ଲୋକ ଅଛନ୍ତି । ମୁଁ ବି ସ୍ୱାର୍ଥପର । ମୋ କାମ ଥିବା ଯାଏଁ ଆପଣଙ୍କ ପାଖେ, ପାଖେ ଥାଏ । କାମ ସରିଗଲେ ଭୁଲିଯାଏ ।

କିନ୍ତୁ ଜଗା, ଏ ଜାଗାଟା ଆଦୌ ଭଲ ନୁହଁ । ଏତେ ଭିଡ଼, କୋଳାହଳ, ମାଉଗୋଳ । ଖାଲି କାମ । କେହି କା କଥା ଶୁଣୁନାହାନ୍ତି । ପଇସାର ଖେଳ ଚାଲିଛି । କୌଣସି ସମ୍ପର୍କର ନିବିଡତା ନାଇଁ । ଭାବିଲେ ମୁଣ୍ଡ ଘୁରିଯାଉଛି । ଆଉ କେତେ ଦିନ ଏଠି ରହିବି କି ? ଜଗା, ଆସିବା ପାଇଁ ସିନା ଚିଠି ନମ୍ବର ପକେଇକି ଦେଲ । ହେଲେ ଯିବା ପାଇଁ ତ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇନାହଁ ? ଏମିତି କଣ ଶ୍ରୀହୀନ, ଲକ୍ଷ୍ୟ ହୀନ ଭାବେ ବୁଲୁଥିବି ?

ମୋତେ ଆଉ ଏଥି ରହିବାକୁ ଭଲ ଲାଗୁନି । କେମିତି ହେଲେ ଯିବା ଉପାୟ ମୋତେ ବତାଅ । ତୁମ ଶ୍ରୀଚରଣ ସେବା, ତୁମ ଦର୍ଶନ ବିନା ଏ ଜୀବନର କୌଣସି ଉପାଦେୟତା ନାଇଁ ।

ଏତିକି ମାଗୁଣି, ଶୁଣ ମୋ ଗୁହାରି ବହୁତ ସମୟ ହେଲାଣି, ବହୁତ କିଛି ଲେଖିଲିଣି. ଆଉ ଅଧିକା ଲେଖୁନି । ଏଠୁ ଯିବା ପାଇଁ ଚିଠି ନମ୍ବର ଅପେକ୍ଷାରେ ରହିଲି ।

........ ଇତି ଆପଣଙ୍କ ......

ଆଜ୍ଞାଧୀନ

....... ଚରଣ ସେବିକା........

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମଲିପି

ଶିବନାରାୟଣ ଦାସ



ଅନନ୍ତ ପାରାବାରେ ଯିବି ଯେ ମୁଁ ବାହୁଡ଼ି
ଜୀବନ ଖେଳ ମୋର ଯିବ ଗୋ ଯେବେ ସରି,
ଅସୀମ ଆହ୍ଲାଦେ ମିଶିବି ତୁମ ସାଥେ
ପ୍ରଣୟ ରାସ ରଚି ନାଚିବି ପ୍ରାଣଭରି ।
ସରିବ ଧୂଳିଖେଳ, ଭାଜିବ ବାଲିଘର
ହଜିବ ନାହିଁଟି ମୋ ସାଉଁଟା ମଣି ଯେତେ,
ଜୀବନ-ଚାତକ ମୋ ଛାଡ଼ିବ ନୀଡ଼ ତା'ର
ଜୀବନ-ପ୍ରିୟତମ ତୁମରି ସଙ୍ଗୀତେ ।
କେତେ ଯେ ପଥ ଭ୍ରମି ଲଭିଛି ଅବସାଦ
ଜୀବନ ପଥୁ ତେବେ ହୋଇନି ମୁଁ ବିମୁଖ,
ଜନମ, ମରଣ ସେ ତୁମରି ନାମ-ରୂପ
ଜୀବନ ପଥେ ମୋତେ ଦେଇଛି ତବ ସୁଖ ।
କ୍ଲାନ୍ତି ଲଭି ଯେବେ ଶ୍ରାନ୍ତ ପଦ ଦ୍ୱୟ
ଭାଳିଛି ନିମିଷକେ ହୋଇବି ଉପାରତ,
ମୁରଲୀ ସୁର ତବ ପରମ ପ୍ରିୟତମ,
ହୃଦୟ ପଟେ ମମ ବାଜିଛି ଅବିରତ ।
ଜୀର୍ଣ୍ଣ ତରଣୀ ମୋ ଏ ଭବ ପାରାବାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁଏ ଯେ ଆତଯାତ ତୁମରି ଆଦେଶରେ,
ତୁମରି ନିଃଶ୍ୱାସ ମୋର ଏ ନାସାପୁଟେ
ବିଶ୍ୱମୟ ପ୍ରାଣ ଲଭିଛି ଏ ଶରୀରେ ।

ସବୁଜ ପତରଟି କଅଁଳ ଛନ ଛନ
ତୁମରି ମହୀରୁହେ ପାଇଛି ମୁଁ ଜୀବନ,
ବିଶ୍ୱମୟ ତବ ମଣୋହି କରି ପାନ
ବିଶ୍ୱାତୀତ ପାନେ ବଳାଇଅଛି ମନ ।

କ୍ଷୁଦ୍ର କଳିକା ମୁଁ ଏ ତନୁ ତନିମାରେ
ସଞ୍ଚିଅଛି ଯେଉଁ ଅମିୟ ବୈଭବ,
ତୁମ ଶ୍ରୀଚରଣର ପରଶ ପାଇ ତାହା
ଲଭିବ ନିଷ୍ଚୟ ଦିବ୍ୟ ଗୌରବ ।

Listen to Odia Podcast Original at https://youtube.com/@drjyotiprasad

# ଦିହକୁ ନବନି କେହି

ହରେରାମ ପଣ୍ଡା



ଦିହକୁ ନବନି କେହି ,
ନିଜକୁ ନିଜେ ସୁଧାରି ନ ପାରିଲେ
ଆଉ କିଛି ବାଟ ନାହିଁ ।୦।
ନିଜକଥା ଜଣେ ନ ଭାବି ଥରେ
ଅନ୍ୟର ଦୋଷକୁ ଧରି ବସିଲେ ,
ବଢ଼ିବନି କେବେ ନିଜ ଖାତିରି
ପାରିବନି ରୋକି ପଥ କାହାରି ।
ଦିହକୁ ନବନି କେହି ....।୧।
ନିଜେ ଚାଟଶାଳୀ କେବେ ନ ଯାଇ
ନିଜକୁ ମହା ପଣ୍ଡିତ ବୋଲାଇ ,
ପ୍ରଶ୍ନ ନ ଶୁଣି ଯେ ଉତ୍ତର ଦିଏ
ସବୁ ଠୁଁ ନିର୍ବୋଧ ଜନଟି ସିଏ ।
ଦିହକୁ ନବନି କେହି .....।୨।
ଘର ଦେବତାଙ୍କୁ ପୂଜା ନ କରି
ଚାରି ଧାମେ ତୀର୍ଥ ବ୍ରତ ଆଚରି ,
ପାଉଁଶରେ ଯେତେ ଘିଅ ଢାଳିଲେ
କେବେ କି କାହାକୁ ସୁଫଳ ମିଳେ ?
ଦିହକୁ ନବନି କେହି .....।୩।
ପରଧନ ଲୁଟି ବଢ଼ାଏ ପେଟ
ଅନ୍ୟକୁ ପଢାଏ ଅପଢା ପାଠ ,
ପର ହିତ କଥା ନ ଭାବେ ଥରେ
ସବୁ ଠୁଁ ଅଧମ ଏହି ମହୀରେ ।
ଦିହକୁ ନବନି କେହି ......।୪।
ଦିହରୁ ଟିକିଏ ନ ଦିଏ ମଳି
ସୁଖ ଦେଖି ପାରେନାହିଁ କାହାରି ,
ପର ଦୁଃଖ ଦେଖି ଲୁଚଇ ଘରେ
ବଞ୍ଚି ଥାଉ ଥାଉ ନିଇତି ମରେ ।
ଦିହକୁ ନବନି କେହି .....।୫।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କି ବୋଲିବି ଆଉ

ସରୋଜ କୁମାର ସାହୁ



କି ବୋଲିବି ଆଉ ପାଶେନାହିଁ ମୋର
ମଧୁର ପରଷ କୋମଳ ଶେଜ
ପାଶୋରି ଦେଉଛି ମଧୁର ମହକ
ଶୁଷ୍କ ହେଉଅଛି ହୃଦୟ ଆଜ ।

ତୁମ୍ଭ ଓଠଧାର ଆଲିଙ୍ଗନ ଲୋଭେ
ରଖୁଥିଲି ସିନା ଦରଜା ମେଲି
ଭୁଲିଛି ସ୍ୱନ୍ଦନ ମଧୁ ଗୁଞ୍ଜରଣ
ନାହିଁ ହୃଦେ ତବ ଉତ୍କଣ୍ଠା ବୋଲି ।

ଶିହରଣ ତୁଲେ ଚମକତା କାହିଁ
ମେଘ ଗରଜନ ଶୁଭିବ କିବା
ମୁକୁଳା ଏ ବାହୁ ଖୋଜୁଛି ପ୍ରଣୟ
ଆସ ହେ ଘଡିଏ କୋଳେଇ ନେବା ।

ନିରବତା ହେଜ ବିଜୁଳି ପରାୟେ
ତୁମକୁ ଲଭି ମୁଁ ପାଇବି ସୁଖ
ବିରହ ଯାତନା ଯେବେଠୁ ବ୍ୟାପକ
ହୃଦୟେ ଦେଇଛି କଷଣ ଦୁଃଖ ।

ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୃଷ୍ଣଚୂଡ଼ା

ଡଃ ଆଲୋକ କୁମାର ରାୟ



କେହି କେବେ ଭାବିଛି କି
ନାମର ଶ୍ରୁତିମଧୁରତା ଅନ୍ତରାଳେ
ଛପିଛପି ରହିଛି କେଉଁ ଏକ ଅଭିସନ୍ଧି ?
ସେ ତ' କେବେ କୃଷ୍ଣାଙ୍ଗୀ ଅବା କୃଷ୍ଣା
କେବେ କୃଷ୍ଣଚୂଡ଼ା, ଲାଲ୍ ଟହଟହ
ଶିଶୁର ଦରୋଟି ହସର ନିର୍ଲିପ୍ତ ତୃଷ୍ଣା ।

କୃଷ୍ଣଚୂଡ଼ାର ସ୍ତବକରେ
ଖେଳିଛ କି କେହି ଟଣାଟଣି ଖେଳ
ହାର୍ ଜିତ୍, କନ୍ଦାକଟା, କଟିପକା
ପୁଣି ନାଲି ନାଲି ଓଠରେ ଢେର୍ ଗାଳି ?
ହଳଦୀ ଗୁରୁଗୁରୁ ରାଧାଚୂଡ଼ାକୁ ନଅନେଇଁ
ଆଖି ଯାଏ ଲାଖି କୃଷ୍ଣଚୂଡ଼ା ଠିଁ ଢଳି ?

ଟାଇଁଟାଇଁ ଖରାରେ ବି ହସେ
କୃଷ୍ଣଚୂଡ଼ା ଖିଲିଖିଲି,
ଆଖିରେ ଲାଗେ ଚମକ, ତରଳି ଯାଏ ମନ
ସପନର ସୌଦାଗର ରହି ଉଜାଗର
ଜାଳେ ଦୀପ ଭାବନାରେ ତୋଳି
କଳ୍ପନାର ସୌଧ, ଭ୍ରମିତ ସଚରାଚର !

ହଁ, ମନେପଡେ... ସେଦିନ କହିଦେଲି
ଛିଗୁଳେଇ 'କୃଷ୍ଣଚୂଡ଼ା' ପରି ମନ ତୁମ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ନ ଆଷାଢ଼େ ସବୁଜ କିଶଳୟ
ଆଚ୍ଛାଦେ
ହଜି ଯିବନି ତା' କେଉଁ ଅଗନାଅଗନି ବନେ,
କରି ମତେ ସାତପର, ଭିଜାମାଟି ସରସର
ଆଉ କେଉଁଠି ଗଢ଼ି ଆପଣା ଇପ୍ସିତ ଘର ?

ଝରିଗଲା ସବୁତକ ଫୁଲରେଣୁ
ବୃନ୍ତଚ୍ୟୁତ 'କୃଷ୍ଣଚୂଡ଼ା' ସମ
ଲୋଟିଗଲ ବିବଶତା ହାତ ଧରି ଭୂଇଁ ପରେ
ଛିଣ୍ଡା ପାଖୁଡ଼ାରେ ଲେଖିଲ ବିରହ କବିତା ।
ହତବାକ୍ ଚାହିଁ ରହି ପଢ଼ିଲି ତୁମକୁ ଅତି ନିକଟରୁ
ନାଲି ଓଢଣି ଉଡୁଥିଲା ହୋଇ ଗାରୁଗାରୁ ।

ଡ. ଆଲୋକ କୁମାର ରାୟ
ଭୁବନେଶ୍ୱର
ତା.୨୨.୦୯.୨୫
ମୋ:୯୪୩୭୦୬୮୦୦୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭବିଷ୍ୟତ ପାଇଁ ପଦେ...

ଲକ୍ଷ୍ମୀକାନ୍ତ ପୃଷ୍ଟି



ଆହା କି ସୁନ୍ଦର ଫୁଲଠୁ କୋମଳ
କଥା ଟି ଅଟଇ ମଧୁଠୁ ମଧୁର
ଅମୃତମୟ ଯେ ଏ ଭବ ସାଗର
ହସରୁ ତା ଝରେ ଅମୃତର ଧାର ॥
କଅଁଳ ମନଟେ ସଦା ନିରିମଳ
ନାହିଁ ହିଂସା ନାହିଁ ଘୃଣା
ସେନେହ ପାଇଲେ ଆଦରି ନିଏସେ
ସଭିଁଙ୍କୁ କରି ଆପଣା ॥
ଭବିଷ୍ୟତ ଟିର ଭବିଷ୍ୟତ ପାଇଁ
ଆମ୍ଭେ ଯେ କର୍ତ୍ତବ୍ୟରତ
ଦୂର କରି ଯେତେ ବାଧା ଆଉ ବିଘ୍ନ
ସପନ କରିବା ସତ ॥

ଶିଶୁ ଯେ ଅଟଇ ଦେଶର ଶକତି
ପ୍ରଗତିର ସୂତ୍ରଧର
ଜୀବନ ଯୁଦ୍ଧରେ ବିଜୟୀ ହୋଇଣ
ନିଶ୍ଚେ ହେବ କର୍ଣ୍ଣଧାର ॥
ହସିଲେ ଶିଶୁଯେ ହସିବ ଦୁନିଆ
ଦେଖଇବ ନୂଆ ରାହା
ପରିବର୍ତ୍ତନର ସ୍ୱର ଯେ ଆଣିବ
ଜଗତର ହେବ ସାହା ॥

ଶିକ୍ଷକ,
ପ୍ରତିଭା ସୁଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ
ଗ୍ରା / ପୋ - ଜରେଇକେଲା ବ୍ଲକ -ବିଶ୍ରା
ସୁନ୍ଦରଗଡ଼ , ୭୭୦୦୩୬,
ଦୂରଭାଷ - ୯୯୩୭୫୨୪୦୭୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି

ନୀଳମଣି ଚାନ୍ଦ



ମନ କଥା କହେ ଚିଠି
ଧରି ଖୁସି, ବ୍ୟଥା
ପାଠ କଲେ ଲାଗେ କିଏ
କହୁଛି  କି କଥା ।

ପାଦ ନଥାଇ ବି ସିଏ
ପାରୁଥାଏ ଚାଲି
ଇତିହାସ ପରି ତାକୁ
ଭାଳି ହେଉ ଖାଲି ।

କହୁଥିଲା ଦିନେ ସିଏ
ମମତାର ଭାଷା
ସଞ୍ଚରୁଥିଲା ପ୍ରିୟର
ମନେ କେତେ ଆଶା ।

ଛୁଉଁ ଛୁଉଁ ଯାଉଥିଲା
ସତେ ଯାଦୁ ଭରି
ଧରୁଥିଲା କିଏ ହସି
କିଏ ଡରି ଡରି ।

ହୀରା, ହେମ ଠାରୁ ଥିଲା
ଦାମୀ ଚିଠି ମୂଲ
କୁହ କିଏ ହୋଇପାରେ
ସେ ଚିଠିର ତୁଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା ସହିତ ଯାଉଥିଲା
ସମ୍ପର୍କଟି ଯୋଡ଼ି
ପୁରୁଣା ଚିଠି ମିଳିଲେ
ଛାଡ଼େ କେ ନ ପଢ଼ି ।

ଥିଲା ଚିଠି ଦୁଇ ମନ
ଯୋଡ଼ିଦେବା ପାଇଁ
ଲାଗୁଥିଲା ଚିଠି ନାହିଁ
ସତେ କିଛି ନାହିଁ ।


ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି

ସୁନିତା ଦାଶ



ଚିଠିଟିଏ ଦେଇଥିଲ ତୁମେ

ତୁମ ସାଙ୍ଗ ହାତରେ

କହିଥିଲ ଚିଠି ଦେଇ ଆସିବୁ

ମୋ ପ୍ରିୟା ପାଖରେ,

ଦେଖିଲି ଚିଠିଟି ଥିଲା ଗୋଲାପୀ

ରଙ୍ଗର

ବାସୁଥିଲା ଖାଲି ଅତର ଅତର,

ଅତି ଯତ୍ନରେ ଖୋଲିଲି ଚିଠିକୁ

ପଢିଲି ଧିରେ

ଚିନ୍ତାରେ ପଡିଲି ଚିଠି ପଢିଲା ପରେ,

ଏମିତି କିଛି ଲେଖିଥିଲ ତୁମେ ମୋ ପାଇଁ

ତୁମ ଲେଖାରୁ କିଛି ମୁଁ ବୁଝି ପାରିଲି ନାହିଁ,

ଲେଖିଥିଲ ଚିଠିରେ ପ୍ରିୟା ତୁମଠାରୁ

ମୁଁ ଯାଉଛି ଦୂରେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣି ଲେଖିଥିଲ ପ୍ରିୟା ତୁମ ବିନା

ମୁଁ ରହିପାରିବି ନାହିଁ,

ଲେଖିଥିଲ ପ୍ରିୟା ତୁମେ ମୋ ପାଖକୁ

କେବେ ଆସିବ ନାହିଁ

ରାସ୍ତା,ଘାଟ,ଘର ଠିକଣା ଦେଇ ଥିଲ

ବଡେଇ,

କହୁ ଥିଲ ଧନ୍ୟବାଦ ପ୍ରିୟା ମତେ ମନେ

ରଖିଛ

ଭୁଲିଯାଅ ବୋଲି ପୁଣି ଉପଦେଶ ଦେଇଛ,

ଲେଖିଥିଲ ପ୍ରିୟା ତୁମେ ବେଶି ମନେ ପଡ

ପୁଣି ଲେଖିଥିଲ ତୁମେ ବଦଳି ଦେଇଛ ମୋ

ଜୀବନର ମୋଡ,

ଚିଠି ପଢି ମନ ମୋର ଭାବିପାରିଲାନି

କିଛି

କି ଉତର ଦେବି ତୁମକୁ ଏବେ ମୁଁ ବସି ଭାବୁଛି,

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଓଡ଼ିଆ ବିଚ୍ଛିନ୍ନ ଭୂଇଁ

ଅଜିତ କୁମାର ରାଉତ



ବନ୍ଦଇ ବିଚ୍ଛିନ୍ନ ଭୂଇଁ ....
ଚାରୁ ଭାଷା ଭୂଇଁ "ଚାରୁ ମାତୃ ଭୂଇଁ"
ଓଡ଼ିଆ ଅଛନ୍ତି ଯହିଁ"

ଭାଷା ଓଡ଼ିଆ "ଭୂଷିତ ଶରୀରା"
ଜୀବନ ବ୍ୟତୀତ" ଚିନ୍ତାରେ ସାରା "
ମାତୃଭାଷା ଶିକ୍ଷା" ନାହିଁ ଯେ ପରା "
ବନ୍ଦ ଇ ବିଚ୍ଛିନ୍ନ ଭୂଇଁ "........ !

ଗଛ ପତ୍ର ଲତା " ରାଜିତ ଅଙ୍ଗେ "
ଅମ୍ଳଜାନ ବୁହେ " ଶୁଦ୍ଧ ତରଙ୍ଗେ "
କଳ କଳ ରାବ " ଚାରୁ ବିହଙ୍ଗେ "
ବନ୍ଦ ଇ ବିଚ୍ଛିନ୍ନ ଭୂଇଁ "........ !

ଅପୂର୍ବ ସୁନ୍ଦର " ପବିତ୍ର ଭୂଇଁ "
ସଂସ୍କୃତି ସଂସ୍କାର " ଓଡ଼ିଆ ତହିଁ "
ଋଷି ମୁନିଙ୍କର " ଉଦ୍ୟାନ ଯହିଁ "
ବନ୍ଦ ଇ ବିଚ୍ଛିନ୍ନ ଭୂଇଁ ".......... !

ଗୀତା ଯଜ୍ଞ ଭୂଇଁ " ଶୋଭିତ ଯହିଁ "
ସତ୍ୟ ଧର୍ମ ଭକ୍ତି "ମଣ୍ଡିତ ତହିଁ "
ଧର୍ମ ପରାୟଣ " ଭକ୍ତିର ଭୂଇଁ "
ବନ୍ଦଇ ବିଚ୍ଛିନ୍ନ ଭୂଇଁ ".......... !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଛି ବିଚ୍ଛିନ୍ନ " ବିରାଟ ଭୂଇଁ "

ନାହିଁ ମାତୃଭାଷା " କ୍ରନ୍ଦନ ଯହିଁ "

ଅଛନ୍ତି ଓଡ଼ିଆ " ଦୁଃଖରେ ତହିଁ "

ବନ୍ଦ ଇ ବିଚ୍ଛିନ୍ନ ଭୂଇଁ "......... !

କାନ୍ଦନ୍ତି ଓଡ଼ିଆ " ଶିକ୍ଷା ବିହୁନେ "

ନଜର ନାହିଁ କି "କାହାରି ଦିନେ "

ଛେଉଣ୍ଡ ପ୍ରକାର " ବିଚ୍ଛିନ୍ନ ଜନେ"

ବନ୍ଦ ଇ ବିଚ୍ଛିନ୍ନ ଭୂଇଁ " ......... !

ସଭାପତି ଉତ୍କଳ ସମ୍ମିଳନୀ,

ଗ୍ରାମ-କଳାବାଡିଆ,

ପୋ-ରାଜନଗର,

ଜିଲ୍ଲା-ଷଢ଼େଇକଳା-ଖରସୁଆଁ,

ଝାଡ଼ଖଣ୍ଡ ରାଜ୍ୟ (୬୨୦୫୩୪୩୫୬୯)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଫେରନ୍ତା ସନେଟ୍

ମଧୁମିତା ମିଶ୍ର



ପ୍ରଜାପତି ଧରି କଙ୍କି ପଛେ ଧାଇଁ ଘାସ ଗାଲିଚାରେ ଶୋଇ
ବାଦଲ ଭିତରେ ଦୋଳିକୁ ସଜେଇ ଠେକୁଆ କଇଁଛ ଥୋଇ
ପୋତା ପାଦ କାଢ଼ି ବାଲି ମହଲରୁ ଇଗ୍ଲୁ ମନ୍ଦିର ତୋଳି
ବାଲ୍ୟପଣ ମୋ ବେଫିକର୍ ହୋଇ ହସୁଥିଲା ଖିଲିଖିଲି

ଗଛ ଚଢି ଆମ୍ବ ତୋଳି ଖାଉଥିଲା କଇଆଁ କଇଠ କୋଳି
ପୋଖରୀ ହୁଡ଼ାରେ ମନ୍ଦିର ଚୂଡ଼ାରେ ଦେଖୁଥିଲା ପକ୍ଷୀମେଳି
ସାଧବ ପୋକର ପାଟ ଦେହ ଆଉ କାଇଁଚ ମାଳିର ମୋହ
ସଞ୍ଜ ନଇଁଗଲେ ଗୋଧୂଳି ବେଳାରେ ସପ୍ତର୍ଷି ମଣ୍ଡଳେ ଲୟ

ଖରା ଦିପହରେ ବର୍ଷା ସହିତରେ ଶୀତ ଚାଦର ଘୋଡ଼େଇ
ପଖାଳ ଦିଗୁଣ୍ଡା ବାଡ଼ି ପରିବାରେ ତୃପ୍ତିରେ ପେଟ ପୁରେଇ
ମାଟି ମା' କୋଳେ ସାଙ୍ଗସାଥି ମେଳେ କାଗଜ ଡ଼ଙ୍ଗା ଭସେଇ
ଶୈଶବ ଥିଲା ମୋ ମୁକ୍ତ ବିହଙ୍ଗଟେ ସ୍ୱପ୍ନର ଡେଣା ମେଲେଇ

ଛଟପଟ ହୁଏ ହାତରେ ପାଦରେ ଆଜି ମୋ ଶୃଙ୍ଖଳ ବେଡ଼ି
ଫେରି ଆସିବ କି ପିଲାଦିନ ଆଉ ଗଲାଣି ଯେ ମୁହଁମୋଡ଼ି

ଭୁବନେଶ୍ୱର, ୯୪୩୮୪୭୦୮୦୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୂଆ ନୂଆ

ସୁଜିତ କୁମାର ମିଶ୍ର



ଗଛରେ ପତର କଅଁଳେ
ଲାଗେ ନୂଆ ନୂଆ
ସକାଳ କଷଣକୁ ପରକରି,
ଜୀବନ ବି ସେଇ ମାର୍ଗରେ
ପ୍ରାଚୁର୍ଯ୍ୟ ଅସୁମାରୀ ।

ପାଦ ଦିଏ ଘର ଅଗଣାରେ ବୋହୂ
ଓଢ଼ଣା ଭିତରେ ଲାଜକୁ ଗହଣା କରି,
ଘର ଛାତିରେ ଭିଡ ହୁଏ
ନୂଆ ନୂଆ ସ୍ପନ୍ଦନର ଲଳିତ ଝଙ୍କାର,
ଅନେକ ପ୍ରତ୍ୟାଶାର ପର୍ବ ଆରମ୍ଭ ହୁଏ
କିଛି ଦିନେ ଦେହର ମଳିଆ ପରି
ସେ ଭାବ ହୁଏ ସ୍ୱାର୍ଥର ସବାରୀ ।

ଜୟଯୁକ୍ତ ହୋଇ କ୍ଷମତା ସମ୍ରାଟ
ବସନ୍ତି ସିଂହାସନରେ,
ନୂଆ ନୂଆ କର୍ମ ମର୍ଦ୍ଦନରେ
ବିରାଜେ ବସନ୍ତ ରୋଷଣୀ,
ଲେଉଟେ କଳାପାହାଡର ରୂପ
ପୁରୁଣା ପୁରୁଷାକାର ଲାଗେ
ମରଣର ଧ୍ୱଂସମୁଖା କାହାଣୀ।

ନୂଆ ନୂଆ ବେଶ ପୋଷାକରେ
ଆଖି ହୁଏ ପ୍ରେମରସ ଭରା,
ଦିଦିନ ପିନ୍ଧା ହେଲା ପରେ
ଗନ୍ଧାଏ,
ପୁଣି କିଣାଯାଏ ଆଉ ହଳେ,
ପ୍ରତାରଣାର ରଙ୍ଗ ଏମିତି
ଅଜାଣତରେ ବେଦମ୍ ବଦଳେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଡ଼ିଆ ପରି ଭାଙ୍ଗୁଥାଏ କପାଳ
ଜୀବନ ସାରା ।

ନୂଆ ନୂଆ ହାଟ, ହୋଟେଲ,ହସ୍ପିଟାଲ
ବିଜ୍ଞାପନର ବଶୀଭୂତକରଣ ମନ୍ତ୍ର,
ଗ୍ରାହକ ଭିଡ,
ଲୋଭାତୁର ଆଖି ପରଶେ
କଳାଲୁହ,
ତାପରେ ଯାହା ହୁଏ ଜହ୍ନରାତିର ଜଡ,
ମନେହୁଏ ଆଉ ଏକ କୁରୁକ୍ଷେତ୍ର ।

ନୂଆ ନୂଆକୁ କେଉଁ ଭରସା
କେବେ ସେ ଅନୁରାଗର ଆରିସା
କେବେ କାକଟସୀୟ ଯନ୍ତ୍ରଣାର
ପ୍ରତାରିତ ପରିଭାଷା ।

ନୂଆ ନୂଆ ଆଦର୍ଶର ସାତସୁରେ
ଗୋଟାଏ ଜୀବନ ହୁଏ
ପରିପୂର୍ଣ୍ଣ ପାତ୍ର
ପକ୍ଷୀର ଉଡାଣ ପରି ନୀଳ ଆକାଶରେ ।

ଜନାର୍ଦ୍ଧନପୁର ଶାସନ, କେନ୍ଦୁଝର ୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତି ନାରୀ

ଦଶରଥ ମାଝୀ



ଅମୃତ ବିନ୍ଦୁ ଜଳ ଝରାଇ
ଆସେ ବରଷା ରାଣୀ
ନୀଳ ଗଗନେ କଳା ମେଘରେ
କଳା ଓଢ଼ଣା ଟାଣି (୧)

ପେଟକୁ ଦାନା ଶୋଷକୁ ପାଣି
ନାକରେ ଅମ୍ଳଜାନ
ଧରଣୀ ମାଆ ଦେଇ ଚାଲିଛି
ରଖିକି ଆମ ପ୍ରାଣ (୨)

ମାଆ ଗର୍ଭରୁ ଜନମ ହେଲୁ
ମାଟି ମାଆକୁ ଛୁଇଁ
ସେଥିପାଇଁତ ଖୁସିରେ କହୁ
ମୋର ଜନମ ଭୂଇଁ (୩)

ବିଜୁଳି ରାଣୀ ଚମକି ଉଠେ
ଝଡ଼ି ବରଷା ବେଳେ
ଘଡଘଡିରେ ବାଦ୍ୟ ବଜାଇ
ଖୁସିରେ ନାଚି ଚାଲେ (୪)

ପାହାଡ଼ୀ କନ୍ୟା ଗିରି ଗୁମ୍ଫାରୁ
ବହଇ ଦିନରାତି
କୁଳୁ କୁଳୁରେ ଗୀତ ଗାଉଛି
ଚିରି ଧରଣୀ ଛାତି (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ଲପନ

ଅଲେଖ ମେହେର



ପକ୍ଷ୍ମଲାକ୍ଷୀ । ବିନ୍ଧଇ ଅନଙ୍ଗ ଗୋ ।
କେମନ୍ତ କରିବି କହ ।
ଦଶନ ବସନ   ନଳିନୀ କାନନ
ବାସଛୁଟେ ମହମହ ।୦

ଚିକୁର କୁନ୍ତଳ  ନବ ଘନ ମାଳ
ପୃଥୁରୋମା ଅକ୍ଷି  ମିତ୍ର,
ପଡିଲେ  ଲୋଚନ   ବିକସେ ପ୍ରସୂନ
ଆପଣେ ମଣେ ପବିତ୍ର ।୧

ହସ ପାରିଜାତ  ବକ୍ତ୍ରରୁ ସମ୍ଭୂତ
ବସ୍ତ୍ରଭେଦୀ ବ୍ରହ୍ମ ଅସ୍ତ୍ର,
ପଟ୍ଟବାସ ସୋହେ ସିତ ବର୍ଣ୍ଣ ମୋହେ
ବିଲୋକି ଜନେ ନିରସ୍ତ୍ର ।୨

କର୍ଣ୍ଣ ଫୁଲ ତୋରା  ଶମ୍ପା ଅପାଶୋରା
ଭ୍ରମ ସୃଷ୍ଟି କରେ ମନେ,
ଘସ୍ର ନିଶାକର   ତେଜି କି ଅମ୍ବର
ରହିଲେ ଅବଲୋକନେ ।୩

ସୁକୁମାରୀ ତନୁ  ପାଇ ତେଜ ଭାନୁ
ସାଜେ ଲୋହିତ ବରନେ,
ରଦନର ମାଳ  ଫିଙ୍ଗେ ଆଣ୍ଟେ ଜାଲ
ପ୍ରେମୀ ଦେଖଇ ସପନେ ।୪

ଚଞ୍ଚରୀକ ମନ ଖେଳେ ଘନ ଘନ
ନଭେ ଯଥା ସୌଦାମିନୀ,
ବିଲୋକି ବିଲୋଳ  ଅପଘନେ ଭୋଳ
ଚିନ୍ତି ବିତଇ ରଜନୀ ।୫

ପରଭୃତ ସ୍ୱର   ନାମକୁ ମାତର
ତହୁଁ ଜିଣା ଯାହା ବାଣୀ,
ଢକ୍କା ବଜାଇଣ  କରୁଅଛ ହାଣ
ଲେଖଇ ଅଲେଖ ଜାଣି ।୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଢ଼ାଲେଖା କୁଳାଙ୍ଗାର

ଆଶିଷ କୁମାର ସାହୁ



ପଢ଼ିଲି ପାଠ ମୁଁ
ଚାକିରି ଆଶା ରଖି,
ବୁଲିଲି କେତେ ଜାଗା
ଭାବିଲି କିଛି ଯିବି ଶିଖି,
ବୁଝିବାକୁ ଚେଷ୍ଟା କଲି
ହୃଦୟକୁ ସ୍ଥିର ରଖି,
ଯୌବନକୁ ସାରିଦେଲି
ବହିରେ ମୁଁ ମୁହଁ ଦେଖି,
କିନ୍ତୁ କଣ ହେଲା ?
କଣ ମିଳିଲା ?
ଏତେ ପରିଶ୍ରମ କରି,
ଜୀବନକୁ ସାରିଦେଲି
ଆଶା ସବୁ ମାରି,
ବୁଝିଲା ବେଳକୁ
ଏବେ ସମୟ ସରୁଛି,
ବୟସ ବଢୁଛି
ମୁଣ୍ଡେ ଚିନ୍ତା ପୁରାଉଛି,
ରୋଜଗାର ପାଇଁ କରେ ଚେଷ୍ଟା
କିନ୍ତୁ ଚେଷ୍ଟା, ଚେଷ୍ଟା ହେଇ ଅଛି,

ଏଠି ଦୋଷ କାହାର
ପୁଣି ପ୍ରଶ୍ନ ଉଠୁଛି,
ନା ମୋର ପଢ଼ିବାର ?
ନା ଟଙ୍କା ପାଇଁ ଚାକିରି ବିକା ହେବାର ?
କି ମୁଁ ଗରିବ ଘରେ ଜନ୍ମ ହେବାର ?
କି ଏ ଅନ୍ଧ ଆରକ୍ଷଣ ବ୍ୟବସ୍ଥାର ?
କି ସରକାର ନା ନେଇ ଲୁଚିଥିବା ଭ୍ରଷ୍ଟାଚାରର ?
ଯାହା ପଛେ ହେଉ
କିନ୍ତୁ କଥା ଏଠି ସାରା,
ଏ ଘରେ ମୁଁ ସାଜିଛି ଆଜି
ପଢାଲେଖା କୁଳାଙ୍ଗାର ।


ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ-୮୧୪୪୦୧୫୨୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫେରିବାକୁ ଥିଲା ଯଦି

ବିନୟ ମହାପାତ୍ର



ଫେରିବାକୁ ଥିଲା ଯଦି,

ଜୀବନେ ମୋ କାହିଁକି ଆସିଲ,

ଅଧା ବାଟେ ପଥ,

ଭୁଲିବାକୁ ଥିଲା ଯଦି,

ହାତ ଧରି ଚାଲିବାକୁ କାହିଁକି କହିଲ ?

କେବଳ ମୋ ସ୍ୱପ୍ନରେ,

ଆସିବାକୁ ଥିଲା ଯଦି,

ଏତେ ସ୍ୱପ୍ନ,

ଆଖିରେ ମୋ କାହିଁକି ଭରିଲ ?

କଥା କେତେ କହିବାକୁ

ବାକି ରହିଗଲା,

ନିସଙ୍ଗ ରାତି ମୋ ସିନା

ତୁମ ପାଇଁ ଝୁରି ହେଲା,

ଆଖିରେ ଆଖିଏ ସପନ

ଏବେ ବି ବାକି ରହି ଅଛି,

ତୁମ ଫେରିବାର ସ୍ୱପ୍ନ,

ମୋ ଆଖି ଏବେ ବି ଦେଖୁଛି ।

ଜୀବନରେ ମୋର

ମିଛର ତ ଅଭାବ ନଥିଲା,

ତଥାପି, ତୁମ ମିଛ ମିଛ ପ୍ରେମ,

ନିଦ ମୋ ଚୋରାଇ ନେଲା ।

ଅଧା ଲେଖା ଗଳ୍ପର ନାୟିକା ସାଜି,

ଫର୍ଦ୍ଦ ଫର୍ଦ୍ଦ ରହି କାଗଜରେ

ଗାଳ୍ପିକର ପଥ ଚାହିଁ ରହିଗଲି,

ଅନ୍ତ ଜାଣେ ନାହିଁ,

ତଥାପି ହୃଦୟେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ସଂଶୟ ନେଇ,

ମୋର ସେ ଅଜଣା କଥାକାରକୁ

ମନେ ମନେ ଖୋଜୁ ଥାଏ,

ଏବେ ବି କାହାଣୀର କେତେ କଥା

ସନ୍ଦେହର କୁହୁଡିରେ ଲୁଚି ରହେ ।

ଆଜି ମୁଁ,

କେଉଁ ଅଜଣା ଶିଳ୍ପୀର

ଅଧା ଗଢା ମୁର୍ତ୍ତୀଟିଏ ସାଜି

କେବେ ବି ଜାଣି ପାରିଲିନି,

ଏବେ ବି, ମୁଁ ଏକ ଭଗ୍ନ ଶିଳା ଖଣ୍ଡ,

ଅବା କେଉଁ ନାୟିକାର ପ୍ରତିମୂର୍ତ୍ତୀ,

କେଉଁ ମନ୍ଦିରର ଦେବଦାସୀ, ଅବା

ମଧୁ ଜଲ୍ସାର ଉନ୍ମତ୍ତ ନର୍ତ୍ତକୀ,

ଅଭିଶାରେ ପ୍ରିୟ ପଥ ନିରେଖି ବସିଛି,

ଅବା କେଉଁ ଅଭିଶପ୍ତ ଅହଲ୍ୟା ଆଜି,

ପାଷାଣର ପ୍ରତିମା ସାଜିଛି ।

ଏବେ ବି ରାସ୍ତା ବାକି ଅଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଅଧା ପଥେ ଗନ୍ତବ୍ୟର ରାସ୍ତା ହୁଡି

ଅଜାଣତେ ଯାତ୍ରା ସରି ଗଲା ।

ପଥ ଆଉ ସାଥୀ,

ବଦଳାଇ ନେବାର କଳା,

ତୁମକୁ ତ ବେଶ୍ ଜଣା ଥିଲା,

କିନ୍ତୁ ମନର ପାନ୍ଥଶାଳା ମୋର,

ଅକାରଣେ ଅକାଳେ ଉଜୁଡି ଗଲା,

ପୁଣି ଏକ ନୁଆ ସକାଳର ପାଇଁ

ପ୍ରତୀକ୍ଷାର ଅନ୍ତ ଯେ ନଥିଲା ।

ପଟିଆ, ଭୁବନେଶ୍ୱର

ଫୋନ- ୬୩୭୨୨୪୪୦୩୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନ ଅମର ଧାମେ

ମନୋରଞ୍ଜନ ସୁରୁଜାଳ



ସୁନ୍ଦର ସୃଷ୍ଟିର ପଟାନ୍ତର ନାହିଁ
ଦେଖରେ ଅମୃତ ଝର,
ଦିବ୍ୟ ଚକ୍ଷୁ ଖୋଲି ଖୋଜରେ ପରାଣ
ଯୋଚିଛନ୍ତି ପ୍ରିୟବର ।
ଖଣି ମଧ୍ୟେ ମଣି ମୁକୁତା ସାଗରେ
ପବନେ ଜୀବନ ଛବି,
ରାତ୍ରି ଜ୍ୟୋସ୍ନା ଧାରା ଦିବସରେ ଖରା
ଶକତି ଆଧାର ରବି ।
ଗଛ ଲତା ପତ୍ର ଫଳମୂଳ ଫୁଲ
ଯେଉଁଠି ଜୀବନ ହସେ,
ମେଘେ ଜଳ ବିନ୍ଦୁ ହସି ଉଠେ ସିନ୍ଧୁ
ସେଇଠି ଜୀବନ ବସେ ।
ଫୁଲରେ ମଧୁପ ବୃକ୍ଷେ କୁହୁ ତାନ
ସତେକି ଅମୀୟ ଢ଼ାଳେ,
ହସୁ ଥାଏ କ୍ଷିତି ହୃଦେ ଭରି ପ୍ରୀତି
ସବୁକୁ ସାଉଁଟି କୋଳେ ।

ସବୁଠି ଜୀବନ ହୁଏ ଧାବମାନ
ଚକ୍ଷୁ ମେଲି ଦେଖ ଥରେ
ଜଡ଼ ଭିତରେ ବି ଜୀବନ ଲୁଚିଛି
ଫିଟି ବହୁଅଛି ଧାରେ ।
ଚାରିଆଡ଼େ ଖୋଜ ଅନନ୍ତ ମଉଜ
ଜଡ଼ ଚେତନ ଉତ୍ସବ,
ଜୀବନ ଚରିତ ନିରବେ ଅନାଇଁ
ରଚି ଚାଲେ ମହୋତ୍ସବ ।
ତାହାରି ବୁକୁରେ ଏ ଜୀବନ ହସେ
ଚାରି ପାଖେଛନ୍ତି ଘେରି
ମଣିଷ ମାତର ବୁଝେ ନାହିଁ ତାରେ
ବସି ରହେ ମନ ମାରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଉନି କି ହସ ଏ ସୃଷ୍ଟି ସମ୍ଭାର
ପ୍ରତି କ୍ଷଣେ ରହି ସାଥେ,
ପ୍ରତିକୂଳେ ରହି ନିଜେ ଦୁଃଖ ସହି
ଆଶିଷ ଢାଳଇ ମାଥେ ।
ମାଟିର ଜୀବନ ମାଟିରେ ମରଣ
ଏଇଠୁ ଆରମ୍ଭ ଶେଷ
ଅମୃତର ଧାରା ଛୁଟେ ଅହରହ
ମନରେ କି ଅବଶୋଷ !
ସୁଖ ଦୁଃଖ ଏଠି ଚିର ସହଚର
ଆସୁଛି ଯାଉଛି ଖରେ
ଦୁଃଖ ମଧ୍ୟେ ଦେଖ ସୁଖର କଣିକା
ମଉନେ ସେ ପ୍ରାଣ ଧରେ।
ନ ହେଉ ସୁଦୀର୍ଘ କ୍ଷଣ ଲବେ ମାତ୍ର
ଜୀବନ ଅମର ଧାମେ,
ଜୀବନର କାବ୍ୟ ଅନ୍ୟେ ପ୍ରୀତି ସିନା
ସୁମଙ୍ଗଳ ସର୍ବକାମେ ।


ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହସେ ସୌଦାମିନୀ ନାଚେ ଆକାଶ

ମନ୍ଦାକିନୀ ପାଢ଼ୀ



ଝଡ଼ର ଇଗଲ ନେଇ ଆସିଛ କି
ବର୍ଷଣ ମେଘ ମହ୍ଲାର
ରିମ୍ ଝିମ୍ ବରଷାର ସୂର ଏଠି
ଗଜଲ୍ ଗାଏ ସୁନ୍ଦର ।।

ମାଟି ତିନ୍ତିଯାଏ ମହମହ ବାସ
ସୌଦାମିନୀ ଚମକୁଛି
ହସ ତାର ଖିଲିଖିଲି ମନଭରି
ପ୍ରତୀକ୍ଷା ଅନ୍ତ ହୋଇଛି ।।

ତା ଛାତିରୁ ଶୁଭୁଛି ଡ଼ମ୍ବରୁ ଶବ୍ଦ
କରେ ମାଁ ଙ୍କୁ ଆମନ୍ତ୍ରଣ
ଆକାଶ ପଟରୁ ନୃତ୍ୟର ଝଙ୍କାର
କରୁଛି ପଦ ବନ୍ଦନ ।।

ଆକାଶରୁ ବହୁଛି ଉଜାଣି ସ୍ରୋତ
ଶାନ୍ତ ଉଷାର କାଳରେ
ଧୋଇ ଦିଏ ମାଆଙ୍କ ପଦଯୁଗଳ
ଖୁସି ମାଁ ଆଗମନରେ ।।

ଆଶ୍ୱସ୍ତିରେ ପଶୁପକ୍ଷୀ ଗଛମାନ
ଦୌଡ଼ିଦୌଡ଼ି ଖେଳୁଛନ୍ତି
ଖୁସିରେ ବିଭୋର ଛନ୍ଦାୟିତହୋଇ
ବିଜୁଳି ଦେଖି ହସୁଛି ।।

ପୋଷାକୁକୁର ଗାଡ଼ି ତଳେ ଆଶ୍ରୟ
ଦରଦୀ କଣ୍ଠ ତାହାର
ଚମକ ବିଜୁଳି ଦେଖିଣ ଭୟରେ
ଭୋ ଭୋ ରଡ଼ି ବାରମ୍ବାର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ବାର୍ତ୍ତା ସଞ୍ଚିତ ଅଭିମାନ
ଫୁଲ ସବୁ ହସୁଛନ୍ତି
ସତେକି କୁଆଁରୀ ତରୁଣୀ ଟି ପରି
ବରଷାରେ ଭିଜୁଛନ୍ତି ।।

ଜ୍ୱଳନ ପରେ ହୁଏନି ଶେଷ ଦୁଃଖ
ସଞ୍ଚିତ ଏ କୋହ ସବୁ
ବର୍ଷା ଲୁହଧାରେ ଯାଏ ଧିରେ ବହି
ଆଖି ଝରାଏ ଲୁହ ସବୁ ।।

ଆର୍ଦ୍ରା ଧରଣୀର କୁଆଁ ରାବ ଶୁଭେ
ବିଜୁଳି ଚମକେ ରହି
ପାପତାପ ପୃଥିବୀ ସବୁଜରଙ୍ଗ
ପାଟଶାଢ଼ୀ ଟି ପିନ୍ଧିଛି ।।

ଆକାଶ ନୃତ୍ୟରେ ସୌଦାମିନୀ ହସରେ
ସମସ୍ତେ ଚଳ ଚଞ୍ଚଳ
ସ୍ତବ୍ଧ ସ୍ଥିତପ୍ରଜ୍ଞ କେହି ନୁହେଁ ଏଠି
ବର୍ଷାର ଖୁସି ପ୍ରବଳ ।।


ରାଜନୀତି ବିଜ୍ଞାନ ବିଭାଗ
ଏଲ.ଜିଏସ୍. କଲେଜ ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୁରୁଦିବସ

ପ୍ରବୀଣ କୁମାର ସାହୁ



ଗୁରୁଦିବସର ପୁଣ୍ୟ ଲଗନେ,
ପ୍ରଣାମ ଜଣାଏ ଗୁରୁଙ୍କ ଚରଣେ

ଗୁରୁପାଦ ତଳେ କରିଲେ ଭକତି ,
ବଢଇ ସିନା ଛାତ୍ରର ଶକତି

ଗୁରୁ ଅଟନ୍ତି ଯେ ବିଦ୍ୟାର ସାଗର,
ବିଦ୍ୟା ପାଇଁ ଲୋଡା କୃପା ତାଙ୍କର

ଅଜ୍ଞାନ ଅନ୍ଧକାରୁ କରିଣ ଦୂର,
ସନ୍ଧାନ ଦିଅନ୍ତି ଜ୍ଞାନ ଆଲୋକର

ଅତୀତେ ଯେ ଛାତ୍ର ଗୁରୁ ଆଜ୍ଞା ପାଇ,
ଜୀବନକୁ ଦେଉଥିଲେ ବାଜିରେ ଲଗାଇ

ଏକଲବ୍ୟ, ଭୀଷ୍ମ, କର୍ଣ୍ଣ, ଅର୍ଜୁନ ,
ଗୁରୁ ଭକ୍ତି ପାଇଁ ହୁଅନ୍ତି ସ୍ମରଣ

ପ୍ରାଣ ବିପତ୍ତି କଥା ଜାଣିଣ ,
କଲେ ଆରୁଣି ଗୁରୁଆଜ୍ଞା ପାଳନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାମକୃଷ୍ଣ ସରବେ ଗୁରୁ ଭକତ,
ଯାହାଙ୍କୁ ଆଜି ଝୁରେ ଏ ଜଗତ

ବନ୍ଧୁ ଜ୍ଞାନାର୍ଜନେ ନକର କୁଣ୍ଠା,
ଅଟନ୍ତି ଯେ ଗୁରୁ ଜ୍ଞାନର ଦେବତା

ଯେତେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ,
ସରବେ ଲଭିଛନ୍ତି ଗୁରୁଙ୍କ ଆଶିଷ

ଅତୀତର ଗୁରୁ - ଶିଷ୍ୟ ପରମ୍ପରା,
କାଳର କରାଳେ ଲୋପପ୍ରାୟ ପର ।

ସେ ପରମ୍ପରା କୁ କରି ପ୍ରତିଷ୍ଠିତ,
ରଖିବା ଗୁରୁଙ୍କ ମାନ ମହତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାର୍ତ୍ତିକ ପୂର୍ଣ୍ଣିମା

ଅମୃତନାରାୟଣ ଶତପଥୀ



ଆଜି ପରା ଅଟେ କାର୍ତ୍ତିକ ପୂର୍ଣ୍ଣିମା କାର୍ତ୍ତିକ ମାସର ଶେଷ,
ପୂଣ୍ୟ ଅର୍ଜନ କରୁଥିଲେ ଅଧିକାଂଶ ପାଳି ଯେ ପୁଣି ହବିଷ ।(୧)
ଧର୍ମ ମାସ ଏହି କାର୍ତ୍ତିକ ତା ସହ ଅନ୍ୟ କେତେଗୋଟି ଥାଇ,
ସେଥିପାଇଁ ଡଙ୍ଗା ଭସାଇବା ବେଳେ ଉଚ୍ଚାରିତ ଆକାମାବୈ ।(୨)
ସାଧବ ସଂସ୍କୃତି ଓଡିଆ ବାଣିଜ୍ୟ ପୂର୍ବର ପରମ୍ପରା,
ମନେ ପକାଇବାକୁ ଡଙ୍ଗା ଭସା ପୁଣି ହୁଏ ଯେ ବାଲିଯାତରା ।(୩)
ଶୀତର ଆରମ୍ଭ ହୋଇଥାଏ ପୁଣି ଆଗମନ ଶୀତ ଋତୁର,
ପାଗ ପରିବର୍ତ୍ତନରେ ଦେହ ସୁସ୍ଥ ରଖିବାକୁ ମାହାତ୍ମ୍ୟ ଯେ କାର୍ତ୍ତିକର ।(୪)
କେତେ ଖାଦ୍ୟର ବର୍ଜନ ନିୟମ ଯଥା ଆମିଷ ଭକ୍ଷଣ,
ପରିବେଶ ପରିସଂସ୍ଥାକୁ ପୂର୍ବଜ ଜଗି ଥିଲେ ପ୍ରତିକ୍ଷଣ ।(୫)
ପରମ୍ପରା ନାମରେ ଅନେକ ନୀତି ନିୟମ ବିଜ୍ଞାନ ସମ୍ମତ,
ଯାହା ସଂସାର ସୁପରିଚାଳନାରେ ଜଡିତ ଯେ ଓତପ୍ରୋତ ।(୬)
କିନ୍ତୁ ଆଜି ଅନେକ ବ୍ୟକ୍ତି ସେହି ସଂସ୍କାର ସଂସ୍କୃତିକୁ ପୁରୁଣା ମରହଟ୍ଟିଆ କହି,
ଜୀବନ ନିଜର ଦୁର୍ବିସହ କରି ଦୁଃଖରେ ଯା'ନ୍ତି ରହି ।(୭)
ଏଥିପାଇଁ ସର୍ବେ ପୂର୍ବ ପୁରୁଷଙ୍କର ସଂସ୍କାର ଅନୁକରଣ,
ନୈତିକତା ମୂଲ୍ୟବୋଧ ସହ ପୁଣି ସମାନ ଆଚରଣ ଉଚ୍ଚାରଣ ।(୮)
ତ୍ୟାଗ ବଳିଦାନ ସାମାଜିକ କଲ୍ୟାଣ ପରୋପକାରକୁ ନେଇ,
ପ୍ରକୃତରେ ମନୁଷ୍ୟ ସଂସାର ଭିତରେ ସୁଖ ଶାନ୍ତିରେ ପାରିବ ରହି ।(୯)
ମୂଲ୍ୟବୋଧ ନିଜ ଉଚ୍ଚ ରହିଥିଲେ ମିଳିବ ପ୍ରକୃତ ମୁକ୍ତି,
ନଚେତ୍ ଅଯଥା ଲୋକହସା ସାର କରୁଥିଲେ ଖାଲି ଯୁକ୍ତି ।(୧୦)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତମେ ମୋର ପରି ନୁହଁ

ତାରା ପ୍ରସାଦ ଜେନା



ମିଛେ ମନ ତଳେ ଭାରି ରହିଥିଲ ତମେ ମୋର ପରି ନୁହଁ
କେତେବେଳେ ସତେ ଆଡ଼ ହୋଇଗଲ
ତମେ ମୋର ପରି ନୁହଁ । ୦ ।

ମୀନାକରା କେତେ ରଙ୍ଗ ମାଖିଥିଲ ସପନର ରୂପ ମୁହଁ
ଛାଇ ବିଛଣାରେ ନିଦ କାଢ଼ିନେଲ
ତମେ ମୋର ପରି ନୁହଁ ।

ଭାବ ଅଭାବକୁ ପର କରିଦେଲ ଦିଶିଲନି ଆଶା ଚାହଁ
ଭାଗ୍ୟ ପ୍ରତିକୂଳ ଖେଳ ଖେଳୁଥିଲ
ତମେ ମୋର ପରି ନୁହଁ ।

କଥା ଚାଲୁଥିଲା କଥା ଛପିଗଲ ବଢ଼ିଲନି ଆଉ ସ୍ନେହ
ନିରବରେ ଆହା କାନ୍ଦ ଲାଗୁଥିଲ
ତମେ ମୋର ପରି ନୁହଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଲିଅଳୀ ଜେମା ପ୍ରେମେ ଲାଗୁଥିଲ ଅଳୀକର ମାୟା ମୋହ

'ତାରା' ବୁଝିଲନି ସ୍ମୃତି ପାଲଟିଲ

ତମେ ମୋର ପରି ନୁହଁ ।

ରାଜ ରଣପୁର, ଜିଲ୍ଲା- ନୟାଗଡ଼

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ମୃତି

ବିନୟ କୁମାର ମିଶ୍ର



ଏମିତି ଅନେକ
ଚଳଣି ଦରବ
ପରିବେଶ ହଜିଲାଣି,
ପରମ୍ପରା ଉତ୍ସ
ସଂସ୍କୃତିର କଥା
ଆଉ କେବେ ଫେରିବନି ।

ଢ଼ିଙ୍କି ଢ଼ିଙ୍କିଶାଳ
ଗାଈଙ୍କ ଗୁହାଳ
ବଳଦଙ୍କ ପଟାଶାଳ,
ଅଗଣା ଚଉରା
ଘୋରଣା ପେଷଣା
ଚୌପିଢ଼ି କୋଡ଼ି ଲଙ୍ଗଳ ।

ଶଗଡ଼ ଜୁଆଳି
ମଇ ହାତକୋଡ଼ି
କୋଦାଳ ଫାଉଡା ଜୋତ,
ଡାଲା ବାଉଁଶିଆ
କୁଲା ବୋଝ ବେତା
ଡୋଲୀ ରୋଦର ସହିତ ।

ଗାଁ ଦାଣ୍ଡ ଧୂଳି
ଗହୀର ପୋଖରୀ
ଭାଗବତ ଟୁଙ୍ଗି ଘର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଟି ପିଣ୍ଡା ଚାଳ
ଖଳା ସାରୁ ବାଡ଼ି
କୁମ୍ଭାରର ଉଆ ଶାଳ ।

କେଉଟ ଘରର
ସରୁ ନାଲି ଚୁଡା
ଗୁଡ଼ିଆ ଘରର ମୁଆଁ,
କମାରର ଦାଆ
କଟୁରୀ ଟାଙ୍ଗିଆ
ନାଲ ବସା ଘଷି ନିଆଁ ।

ତନ୍ତୀ ଘର କଣ୍ଡା
ଶଟର ଶାଟର
ଅରଟ ଆଙ୍କୁଡ଼ା କୁନ୍ଦ,
ମାଳିଘର ଫୁଲ
ପାଦୁକ ପରବେ
ଛାଡ଼ି ଚାଲିଯାଏ ମନ୍ଦ ।

ବାଡ଼ି ପାଲଗଦା
ଛତୁ ଲେଉଟିଆ
କାନ୍ଧିଆ ସଜନା ଛୁଇଁ,
ଗାଁ ଠାକୁରାଣୀ
ଭାଗବତ ଗାଦି
କୁଆଡେ ହଜିଗଲାଣି ।

କାର୍ତ୍ତିକ ସକାଳ
ଦାଣ୍ଡ ସଂକୀର୍ତ୍ତନ
ଭୋଗଖିଆ ଝାମୁ ଦଣ୍ଡ,
ମେଳଣ ଯାତ୍ରା
ପୁନିଅ ପରବ
ପିଠା ପଣା ସବୁ ଗୁଣ୍ଡ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ରବ୍ୟ ଚବ୍ୟ ଚୋଷ୍ୟ
ଲେହ୍ୟ ପେୟ ଲେପ
ସବୁ ବଦଳି ଗଲାଣି,
ହଳଦୀ କାଠୁଆ
କଜଳପାତି ଯେ
ମାଣ ଅଣକ ତୋରାଣୀ ।

ଲେଖୁଥିଲେ ବସି
ସରିବନି ଯେତେ
ପରିବର୍ତ୍ତନ ହେଲାଣି,
ଆଧୁନିକତାର
ଚାଦର ଘୋଡେଇ
ସ୍ମୃତି ସବୁ ଶୋଇଲେଣି ।

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଁ'ରେ ଛୁଟିର ମଜା

ଚନ୍ଦ୍ରକାନ୍ତ ଜେନା



କୁନି, ମୁନି, ରାନୀ
ସିଲୁ, ନିଲୁ, ବୁଲୁ,
ଆସରେ ଆସରେ ଧାଇଁ !
ନାଚିବା, କୁଦିବା,
ଖେଳିବା, ବୁଲିବା,
ଛୁଟି ହେଲା ଆମ ପାଇଁ ।

ଉଛୁର କରନା, ବେଗି ଆସ ମାଡ଼ି,
ଆମ୍ବ ତୋଟା ଆଡେ ଯିବା,
ଗଛରେ ଚଢ଼ିବା,
ଆମ୍ବ ତୋଳିଦେବା,
ଖୁସିମନେ ଖାଉଥିବା ।

ଗାଆଁ ପୋଖରୀରେ ଭରା ପାଣି ଦେଢ଼େ,
ପହଁରା, ଡ଼ିଆଁ ମାରିବା
ଗାମୁଛା ଭିଡେଇ,
ବନିଶି ପକେଇ
ରତା, କେରାଣ୍ଡି ଧରିବା ।

ବୁଢ଼ା ବରଗଛ ଛାଇ ତଳେ କେତେ,
ତାସ୍, ଲୁଡୁ ଗଡ଼େଇବା
ବୋହୂ, ବୋହୂଆଣୀ,
ଲୁଚାଲୁଚି ଖେଳେ,
କେତେ ଯେ ମଜା କରିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଆଁ ଗହିରରେ ଘାସ ଗାଲିଚାରେ,
ପ୍ରଜାପତି ଧରୁଥିବା,
ସନା ଭାଇ ସାଙ୍ଗେ,
ତା ଗାଈ ଗୋଠରେ
ଗୋଧୂଳି ବେଳେ ଧାଇଁବା ।

ଗହିର ମଝିରେ ବୁଢ଼ୀ ଠାକୁରାଣୀ
ବସିଅଛି ଗାଦି ମେଲି,
ପୁନିଅଁ ,ପରବେ,
ଓଷା, ବରତରେ
ପାଶେ ଯିବା ତାଙ୍କ ଚାଲି ।

ଗାଆଁର ମୁଣ୍ଡରେ ଭାଗବତ ଘରେ
ସନ୍ଧ୍ୟା ଆଳତି ଜାଳିବା,
ଘଣ୍ଟ ବାଡେଇକି,
ଶଙ୍ଖ ଫୁଙ୍କିଦେଇ
ସବୁ ଶୁଭ ମନାସିବା ।

କେତେ ଯେ ସରାଗ, କେତେ ଯେ ଆନନ୍ଦ
ସାଙ୍ଗ, ସାଥୀ ମେଳେ ଖେଳ
ଗାଁର ବୁକୁରେ,
ତା ମମତା ଡୋରେ
ସୁଖେ ବିତେ ପିଲାବେଳ ।

କେଡ଼େ ସୁନ୍ଦର, ଏ ଛୁଟିର ମଉଜ
ଚାହୁଁ ଚାହୁଁ ଚାଲିଯିବ,
ଗାଁ'ର କୋଳରେ ,
ତା ପାଣି ପବନ
ସତେ ମନୁ ପାସୋରିବ !

ଆର ବରଷର ଛୁଟିକୁ ଭାଳିକି
ସବୁ ସ୍ମୃତି ସାଇତିବା,
ସେ ଖୁସି ଆସର
ଅଭୁଲା ଦିନର
ସତେ କି ଭୁଲି ପାରିବା !
ସେ ସମୟକୁ ଝୁରୁଥିବା !
ସେ ସମୟକୁ ଝୁରୁଥିବା !!

ସହକାରୀ ଶିକ୍ଷକ, ବ୍ରାହ୍ମଣସାଇଲୋ ସରକାରୀ
ଉଚ୍ଚ ବିଦ୍ୟାଳୟ, କଣ୍ଟାପଡ଼ା, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜାତି ଭେଦ

ଏମ୍ ବିଜୟ କୁମାର



ଜାତି ନାହିଁ ଜାତି ନାହିଁ ଜାତି ନାହିଁ
ମୁହଁରେ କହି ଦେବା ଅତି ସହଜ
ଜାତି ନାହିଁ ଜାତି ନାହିଁ ଜାତି ନାହିଁ
ଅଙ୍ଗେ ଲିଭା ସବୁ ଅକୁହା ଦରଜ
ଜାତି ନାହିଁ ଜାତି ନାହିଁ ଜାତି ନାହିଁ
ମିଛ ନୁହେଁ ସତ୍ୟ ସତ ନା ମିଛ ?
ଜାତି ନାହିଁ ଜାତି ନାହିଁ ଜାତି ନାହିଁ
ସବୁ ମିଛ ମିଛଭ୍ରମ ସବୁ ମିଛ

ଜାମୁକାଶ୍ମୀର ଠାରୁ କନ୍ୟାକୁମାରୀ
ଭାରତ ମାନଚିତ୍ର ର ଦୃଶ୍ୟପଟ
ଅଜବ ମଣିଷ ଗଜବ ଦୁନିଆ
ଘଟଣା ପ୍ରବଳ ଛଳନା କପଟ

ସୁପ୍ରିମେକୋର୍ଟ ମୁଖ୍ୟ ନ୍ୟାୟ ମନ୍ଦିରେ
ଜୋତା ଫିକା ଉଦ୍ୟମ ହୀନ ଚକ୍ରାନ୍ତ
ସୁରକ୍ଷା ର ପ୍ରଶ୍ନବାଚୀ ସୃଷ୍ଟି କରେ
ଆମ ଜନତା କେତେ ସୁରକ୍ଷିତ ?
ସ୍ତବ୍ଧ ଥିଲା ପୁରା ଭାରତ ବର୍ଷ
ସତ୍ୟର ବିଦ୍ରୁପ କରେ ଅଟହାର୍ସ୍ୟ
ହରିୟାଣା ଆଏ. ପି.ଏସ ଅଫିସର
ୱାଇ ପୂରନ କୁମାର ଙ୍କ ଆତ୍ମହତ୍ୟା
ଉତ୍ତର ପ୍ରଦେଶ ହରି ଓମ ବାଲ୍ମୀକି କୁ
ବାବା ଲୋକ କଲେ ପିଟି ପିଟି ହତ୍ୟା
ଅନୀତି ଅନ୍ୟାୟ ଶୋଷଣ ଦମନ
ଅମାନବୀୟ ଅବ୍ୟବସ୍ଥା ଅତ୍ୟାଚାର
ସାମ୍ନା କୁ ଆସି ପାରୁ ନ ଥିବା
ଏମିତି ଅନେକ ଘଟଣାର ଶିକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲି ନାହିଁ ଭାରତ ଇତିହାସ ସତ୍ୟ
ମନୁ ବ୍ରାହ୍ମଣବାଦ ର କଳା କୃତ
ଦେଶ ପାଇଁ କଳା ଦିନ ଛଅ ଅକଟୋବର
ଦେଶଦ୍ରୋହ ଆତଙ୍କ ରାକେଶ କିଶୋର
ନାଁ କେବଳ ସୁପ୍ରିମକୋର୍ଟର ଅପମାନ
ଭାରତର ସମ୍ବିଧାନ କୁ ଆକ୍ରମଣ
ଏସ. ସି /ଏସ. ଟି/ଓ. ବି. ସି/ମାଇନରିଟି
ଜାଗ୍ରତ ପ୍ରହରୀ ଜାଗ ଜାଗ ସତର୍କ ଘଣ୍ଟି
ସାବେତ୍ରୀ ଫୁଲେ କୁ କାଦୁଅ ଗୋବର ପଥର
ଆମ୍ବେଦକର ଉପରକୁ ଦୂରୁ ଫାଇଲ ମାର
ସି. ଜି. ଆଇ କୁ ଜୋତା ଫିଙ୍କା ସୋଚ ଏକ ସମାନ
ସେହି ସୋଚ ବଦଳିଛି ଲୋକ ଦେଉଛି ଅସଂମାନ

ମନ୍ତ୍ରୀ ଲୋକ କିଛି ଉପର ହାକିମ ପନ୍ଦର
ବାରମ୍ବାର ମାନସିକ ନିର୍ଯାତନା ଅତ୍ୟାଚାର
ଆଇ. ଏ. ଏସ ପତ୍ନୀ ଲଢୁଛନ୍ତି ନ୍ୟାୟ ପାଇଁ
ମରିବାକୁ ବାଧ୍ୟ କଲା ଜାତି କଣ୍ଟା ହୋଇ
ଅନ୍ତିମ ସଂସ୍କାର ହୁଏ ନଅ ଦିନ ପରେ
ନ୍ୟାୟ ପାଇଁ ଲଢେଇ ମାନବତା ମରେ

ପତ୍ନୀ ଆଇ. ଏ. ଏସ ନିଜେ ଆଇ. ପି. ଏସ ଅଫିସର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ଏତେ ବଡ଼ ଜାତିବାଦର ଶିକାର
ଭାତ ହାଣ୍ଡିରୁ ଗୋଟିଏ ଭାତ ହିଁ ଯଥେଷ୍ଟ
ହରି ଓମ ବାଲ୍ମୀକି ର ରକ୍ତ ରଂଜିତ କଷ୍ଟ
ଡାକ୍ତରାଣୀ ମୁଣ୍ଡେ ଆତ୍ମହତ୍ୟା ମହାରାଷ୍ଟ୍ରରେ
ବଲାତ୍କାରୀ ଙ୍କୁ ଦଣ୍ଡ ମିଳିବ ? ତ ସନ୍ଦେହରେ
ଏମିତି ଅନେକ ଘଟଣା ଘଟେ ଦିନ ପ୍ରତିଦିନ
ଜାତି ପାଇଁ ଅକାଳରେ ଯାଉଛି ଜୀବନ

ସି.ଜି. ଆଇ କୁ ଦିଏ ଛାତି ଚିରା ଧମକ
ଅନିରୁଦ୍ଧଆଚାର୍ଯ୍ୟ ଧର୍ମ ଠିକାଦାର
ଅଜିତ ଭାରତୀ ସାଙ୍ଗେ ବିଜେପି ପ୍ରବକ୍ତା
ହିଂସ୍ର ଆତଙ୍କ ସୃଷ୍ଟି କାରି ଗୋଦୀ ପତ୍ରକାର
ଗୁଆଲିୟେର ଅନିଲ ମିଶ୍ର ଚାଲେଞ୍ଜି କରେ
ବିରୋଧ କରେ ଆମ୍ବେଦକରଙ୍କୁ ସମ୍ବିଧାନ କୁ
ପୋଲ ଖୋଲୁଛି ମନୁବାଦର ଅସଲ ମୁଖା
ପୁରା ଭାରତ ଦେଖୁଛି ଗୁପ୍ତ ଷଡ଼ଯନ୍ତ୍ରକୁ
ସାମ ଦାମ ଦଣ୍ଡ ଭେଦ ରୀତି ନୀତି
ମନୁ ବ୍ରାହ୍ମଣବାଦର ପ୍ରଭୁତ୍ୱ ବିସ୍ତାର
ଘୃଣା ଧର୍ମ ରାଜନୀତି ହିନ୍ଦୁ ମୁସଲିମ
ସମ୍ବିଧାନ ଆକ୍ରମଣ ହୁଏ ବାରମ୍ବାର
ସଂସଦ ଭିତରେ ଅମିତ ଶାହାଙ୍କ ବୟାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜିକାଲି ବହୁତ ଆମ୍ବେଦକର ଫେସନ
ଭଗବାନ ନାଁରେ ଲୋଭ ନାହିଁ ସର୍ଗ କି ପୁର୍ଣ୍ୟ
ବାବାସାହେବ ବହୁଜନ ଙ୍କ ଜୀବନ୍ତ ଭଗବାନ

ସତେଇଶ ପ୍ରତିଶତ ଓବିସି ଆରକ୍ଷଣ
ମୋହନ ଯାଦବ ଙ୍କ ଘୋଷଣା ଶୁଣି
ବାବା ଆନନ୍ଦ ସ୍ୱରୂପ ହିନ୍ଦୁ ଦ୍ରୋହି କହେ
ମୁଖ୍ୟମନ୍ତ୍ରୀ କୁ ମନୁବାଦିର ହୁଏ ଭାଳେଣି
କୁମ୍ଭାର ପ୍ରଜାପତି ଓବିସି ସମାଜକୁ
ପାନୀୟ ଜଳ ମିଳୁନାହିଁ ମିର୍ଜାପୁର ରେ
ଆଜି ବି ପିଇବା ପାଣି ପାଇଁ ଆନ୍ଦୋଳନ
ହିନ୍ଦୁତ୍ୱ ଆର. ଏସ. ଏସ ବିଜେପି ଶାସନରେ
ତିନି ହଜାର ବର୍ଷ ୧୦୦% ଆରକ୍ଷଣ
ଏକାକୀ ନେଉଥିବା ମାତ୍ର ୧୦%ଲୋକ
ଆରକ୍ଷଣ/ସମ୍ବିଧାନ କୁ ବିରୋଧ କର
ମନୁ ବ୍ରାହ୍ମଣବାଦ ର ବିଳାପ ଦେଖ
ସନାତନୀ ଚାଦର ରେ ଘୋର ଅରାଜକତା
ନିଜକୁ ନିଜେ ଘୋଷଣା କର ଭାଗ୍ୟ ବିଧାତା

ଡି. ଏନ. ଏ (DNA)ପ୍ରମାଣ ଆର୍ଯ୍ୟ ବ୍ରାହ୍ମଣ ବିଦେଶୀ
ଦ୍ରାବିଡ଼ ନାଗା ଭାରତ ଦେଶର ମୂଳନିବାସୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷରେ କହିଦିଏ ସତ ମୋହନ ଭାଗବତ

ଭଗବାନ ନୁହେଁ ପଣ୍ଡିତ ବନାଇଛନ୍ତି ଜାତ-ପାତ

ଜାତି ନାହିଁ ଜାତି ନାହିଁ ଜାତି ନାହିଁ

ମିଛ ନୁହେଁ ସତ କହୁଥିଲେ ଆପଣ

ଜାତି ନାହିଁ ଜାତି ନାହିଁ ଜାତି ନାହିଁ

ଭିନ୍ନ ନାମ ରୂପରେ ନୂଆ ସଂସ୍କରଣ

ଜାତି ନାହିଁ ଜାତି ନାହିଁ ଜାତି ନାହିଁ

ଭେଦ ଅଛି ଭେଦ ଅଛି ଭେଦ ଅଛି

ଜାତି ଅଛି ଭେଦ ଅଛି ଅଛି ଭେଦଭାବ

ଜାତି ଅଛି ବୋଲି ତ ଅଛି ଜାତି ଭେଦ

ରେମଣ୍ଡା (ମହୁଲପଲ୍ଲୀ)

ବୁଢାବାହାଲ, ସଇଁତଲା

ବଲାଙ୍ଗୀର - ୩୨

ମୋବାଇଲ୍ : ୭୯୭୮୭୮୪୧୩୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ କଥା

ଜ୍ୟୋତ୍ସ୍ନାରାଣୀ ମହାନ୍ତ

ତୁମ କୁ ଭୁଲିବା କଥା କୁହ ତୁମେ
ଭୁଲିବା କଣ ଦରକାର
ତମେ ତ ଏମିତି କିଛି କରି ନାହଁ
ଯାହା ମନେ ରଖି ବାର

ମୁଁ ତ ଚୁମ୍ବକ ରେ ଗଢ଼ା ହୋଇ ନାହିଁ
ତମେ ବି ଲୁହାରେ ନୁହେଁ
ତୁମେ ତୁମର ହିଁ ମୁଁ କେବଳ ମୋର
ବାଟଇ ଆମେ ଦୁହେଁ

ଜୀବନ ବହି ରେ ପ୍ରତେକ ପୃଷ୍ଠାରେ
ମୁଁ ନିଜକୁ ସମୀକ୍ଷା କରିଛି
କଉଟା ଭୁଲିବି ମନକୁ ପଚାରି
ନିଷ୍ପତ୍ତି ମଧ୍ୟ ନେଇଛି

ଦୁର୍ବଳ ଭାବନା ଛୁଏଁ ନାହିଁ ମତେ
ମୁଁ ନୁହେଁ କାହାର ପ୍ରେମ
ପ୍ରତାରଣା କଥା ଆସିବ କଉଠୁ
ଝୁରିବାକୁ ତୁମ ନାମ

ସ୍ନେହ ମମତାରେ ଦୁନିଆ ତ ବନ୍ଧା
ନିଆରା କେମିତି ହେବି
ଯଦି ଦେଇ ଥିବ ମୁଠାଏ ଶରଧା
ତୁମ କଥା ଭାବୁ ଥିବି

ସବୁଠୁ ସନ୍ତକ ପ୍ରେମର ସମ୍ପର୍କ
ଆତ୍ମାରେ ସାଇତି ରୁହେ
ତାକୁ ଭୁଲିବାକୁ ଶକ୍ତି ନାହିଁ ମୋର
ସେ ଚିର ଅମର ରହେ


ରାଇବଣିଆ, ବାଲେଶ୍ବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ମୋ ପାଇଁ

ବିଜୟ କୁମାର ମୁଣ୍ଡା



ତୁମେ ମୋ ପାଇଁ ଶୀତ ସକାଳର ପ୍ରଥମ କିରଣ
ତୁମେ ପୁଣି ସୂର୍ଯ୍ୟାସ୍ତ ର ମନଲୋଭା ଆକର୍ଷଣ ।

ତୁମେ ମୋ ପାଇଁ ଦ୍ୱିପ୍ରହର ବାସ୍ତବ ଦୁନିଆଁ ର ସ୍ୱପ୍ନ
ତୁମ ପୁଣି ରାତ୍ରି ନିଦ୍ରାର ଅବାସ୍ତବ ସ୍ୱପ୍ନ ।

ତୁମେ ମୋ ପାଇଁ ଜନ୍ହ ରାତିର କୋମଳ ସ୍ପର୍ଶ
ତୁମେ ପୁଣି ଘନ ଅନ୍ଧାର ଶୂନ୍ୟ ଆକାଶର ଟିକି ଟିକି ତାରା ଫୁଲ ।

ତୁମେ ମୋ ପାଇଁ ଫଗୁଣର ସାତରଙ୍ଗ
ତୁମେ ପୁଣି ଧାରା ଶ୍ରାବଣ ର ବର୍ଷା ଛିଟା
ତୁମେ ମୋ ପାଇଁ ଝରଣାର କୁଳୁ କୁଳୁ ଝଙ୍କାର
ତୁମେ ପୁଣି ନଈ କୁଳ ଶୀତଳ ସମୀର ।

ତୁମେ ମୋ ହୃଦୟ ବଗିଚାର ପାରିଜାତ
ତୁମେ ପୁଣି ପ୍ରେମ ରାଇଜର ଟିକି ପ୍ରଜାପତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ମୋ ଭାବନା ଦୁନିଆଁ ର ପରିଚିଏ

ତୁମେ ପୁଣି ଜୀବନ ଚଲା ପଥର ସାଥିଟିଏ

ତୁମେ ମୋ ପାଇଁ ମୋ ହୃଦୟ ର ହୃଦୟ ଟିଏ ।

ଉତ୍କଳ କରାଟେ ସ୍କୁଲ ତେଲକୋଇ

ମୋ : ୭୦୦୮୯୨୪୦୬୧



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡାକ୍ତରଖାନା

ସୁଧୀର ମେହେର



ସଂସାରର ସବୁ ଦୁଃଖ ବୋଧେ
ଏଠି ଆସି ଠୁଳ !

ଇସ୍.......
କାହାର ଏ କରୁଣ ଚିତ୍କାର !
ଝିମ୍ ଝିମେଇ ଉଠୁଚି କାନମୂଳ
ଥରି ଯାଉଛି ଦେହ,ମନ
ଥମି ଯାଉଚି ବି ପବନ ।

କାହା କପାଳରୁ ଲିଭି ପାରିନି
ଗଲା ରାତିର ସିନ୍ଦୁର ଦାଗ,
ଏଣେ ଲିଭି ଗଲାଣି ତା' ଜୀବନ ଦୀପ
ରାତିସାରା ବାରଣ୍ଡାରେ ଉଠ୍ ବସ୍
ଅଶୀବର୍ଷର ବୁଢ଼ା ବାପ,
ଅପରେସନ୍ ଥିଏଟର୍ ରେ ମୃତ୍ୟୁ ସହ
ଯୁଝୁଚି କୋଡିଏ ବର୍ଷର ଭେଣ୍ଡିଆ ପୁଅ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇ,

କିଏ ଜଣେ ବୁହା ହୋଇ ଆସିଲାଣି ଷ୍ଟ୍ରେଚର୍ ରେ

ଦେହସାରା ରକ୍ତ ଜୁଡୁବୁଡୁ,

ଟୁକୁରା ଟୁକୁରା ହାଡ଼, ପଞ୍ଜରା.....

ଟ୍ରକ୍ ଚପେଇ ଦେଇଛି କେଉଁ ଜଣେ

ମାତାଲ୍ ଡ୍ରାଇଭର !

କୋଉ ଜଣେ ଗରୀବ ବାପୁଡ଼ା

ଘରଦ୍ୱାର ବନ୍ଧା ପକେଇ ତା'ର ଗୋଟେ ବୋଲି ପୁଅ

ବିଶିକେଶନକୁ ଭଲ କରିବ ବୋଲି ଆଣି ଥିଲା

ବଡ ଡାକ୍ତରଖାନାକୁ,

ମାସେ ରଖିଲା ପରେ ଏବେ ସେମାନେ କହୁଛନ୍ତି

ବିଲ୍ ପଇଠ କରି ଶବ ନିଅ,

ବୁଦ୍ଧି ଦିଶୁନି ବାପର କୋଉଠୁ ଏତେ ପଇସା ଆଣିବ,

କେମିତି ଶବକୁ ଘରକୁ ନେବ !

କିଏ ଅଖିଆ, ଅପିଆ

ରୋଗିକୁ ଜଗି ବସିଛି ରାତିସାରା ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ଆଖିପତା ବୁଜି ଭଗବାନଙ୍କୁ ଧ୍ୟାଉଚି,

ସେ ପ୍ରଭୁ ! ଭଲ କରିଦିଅ .....

ଦୁଃଖ କ'ଣ

ଦେଖିବାକୁ ଚାହୁଁଚ ଯଦି

ଥରୁଟିଏ ଡାକ୍ତରଖାନାକୁ ଆସ,

ବୁଝିବ ଦୁଃଖ କ'ଣ.....

ଲାଗିବ ସତେ ଯେମିତି

ସଂସାରର ସବୁ ଦୁଃଖ ଏଠି ଆସି ଠୁଳ !!

ଚିଚୈଗୁଡା, ଜୁନାଗଡ,

କଳାହାଣ୍ଡି,ପିନ୍-୭୬୬୦୧୪

ସଂପର୍କ -୯୫୮୩୫୮୮୮୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା

ହେମନ୍ତ କୁମାର ନାୟକ



ଦାନ୍ତ ଘଷି ସାରି ନୂଆ ଭାଉଜଙ୍କୁ
କହିଲି ଚା,ଟିକେ କରିବା ପାଇଁ
ସଙ୍ଗେ ସଙ୍ଗେ ସିଏ ଉତ୍ତର ରଖିଲେ
ଘରେ ଚା, ଚିନି କିଛି ବି ନାହିଁ
ମୋ ସହିତ ଭାଇ କୁ ମିଶାଇ ସିଏ
କେତେ ପ୍ରକାରରେ କଥା କହିଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
------୧

ମାଁ ପାଖକୁ ଗଲି କେତେ ଆନନ୍ଦରେ
ମୋ ମନ ଜାଣି ସେ ଦେବ ଖୁଆଇ
ଖାଇବା କୁ ଦେଲା ଚୁଡ଼ା,ମୁଢ଼ି,ଖଇ
ମେଗି, ଚାଓମିନ, ପରଟା ନାହିଁ
ଏହି ଖାଇବା ଆଉ କିଏ ବା ଖାଉଛି
ତାହା ଏବେ ସବୁ ପୁରୁଣା ହେଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
-------୨

ବାପାଙ୍କ ପାଖରେ ଯାଇ ପହଞ୍ଚିଲି
ଟଙ୍କା ନେଇ ଯିବି ବଜାର ବୁଲି
ଯେଉଁ ଜଳଖିଆ ମନକୁ ଆସିବ
ତାହା ମୁଁ ଖାଇବି ପଇସା ଖୋଲି
ଟଙ୍କା କଥା ଶୁଣି ବାପା ମୋ କହିଲେ
ଘର କଥା କେବେ ବୁଝିବୁ ପିଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
---------୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ମନ ଦୁଃଖରେ ପହଞ୍ଚିଲି ମୁଁ ଯାଇ
ନିଜ ଭାରିଜାଙ୍କ ପାଖରେ ମୁଁହି
ମତେ ଦେଖୁ  ଦେଖୁ କହି ପକାଇଲେ
ଆସିଲ କି କିଛି ମାଗିବା ପାଇଁ
ଏମିତି ବେଳରେ ହାତ ଧରିଥିଲି
ସବୁ ଶୁଖ ମୋର ବନ୍ଧା ପଡ଼ିଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
------୪

ଭାଇକି କହିଲି ଶେଷରେ ମୁଁ ଯାଇ
କିଛି ସକାଳୁ ମୁଁ ଖାଇନି ଭାଇ
ଭାଇ ସଙ୍ଗେ ସଙ୍ଗେ ଉତ୍ତର ରଖିଲା
ମୋ ପକେଟ୍ ରେ ଟଙ୍କାଟିଏ ନାହିଁ
ନିଜ କଥା ଏବେ ନିଜେ ଚିନ୍ତା କର
ନୁହେଁ ତୁହି ଏବେ ଛୋଟିଆ ପିଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
---------୫

ବାକି ଖାଇବାକୁ ଗାଁ ଦୋକାନ ଗଲି
ଦେଖିଲି ଦୋକାନ ପଡ଼ିଛି ତାଲା
ସାଙ୍ଗକୁ ଭେଟିଲି ଗାଡ଼ିଟି ମାଗିଲି
କହିଲା ଏଇଠି ତେଲ ସରିଲା
ଆଖି ମଳି ମଳି ମନ୍ଦିର କୁ ଗଲି
ପେଟ ଭୋକ ମୋର ଦି ଗୁଣ ହେଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
-------୬

ମନ୍ଦିର ନିକଟେ ପହଞ୍ଚିଲି ଯାଇ
ଭାବିଲି ପଡ଼ିବି ଟିକିଏ ଶୋଇ
ଗାମୁଛା ପାରିକି ଶୋଇବା ବେଳେକୁ
ପାଖକୁ ଆସିଲେ ନନା ଗୋସେଇଁ
ପୂଜା କାମ ମୋର ସରିଗଲା ଏବେ
ବେଗି ଉଠ ଏଠି ପଡ଼ିବ ତାଲା
ଆଜି କି ବେଳରେ ରାତି ପାହି ଥିଲା
ସକାଳୁ ସକାଳୁ ମୋ ମୁଣ୍ଡ ଖାଇଲା
-------୭

ତେନ୍ତୁଲି ନଣ୍ଡା, କେନ୍ଦୁଝର
ମୋ : ୮୦୧୮୨୪୦୨୬୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ଦ୍ଦିଷ୍ଟ ଋତୁର ଫୁଲମାନେ

ସୌଭାଗ୍ୟ ପଟ୍ଟନାୟକ



ଆଖି ପିଛୁଳାକେ  ଡ଼ାକି ଦେଲେ।
ଠିଆ ହୁଏ ପୃଥିବୀ ସାମ୍ନାରେ
ସତେ ଯେମିତି ଷୋହଳ ବର୍ଷର
ତରୁଣୀଟିଏ
ଲାଜ ଖୋର୍ ଆଖି ଦୁଇଟିକୁ ଭସାଇ ଦେଇଛି
ଫୁଲଙ୍କ ନାଁରେ
ଡଙ୍ଗା ହୋଇ ଭାସୁଥିବା ପଦ୍ମ ପୋଖରୀରେ ।।

ଏବଂ ଆଖି ବନ୍ଦ କଲେ
ଜହ୍ନ ରାତି ଚମତ୍କାର
ଅନ୍ଧାର ମଝିକୁ ଡଙ୍ଗା ବାହିନିଏ
ପୁରୀ ପୁଣି ନୋଳିଆ ପାଲଟିଯାଏ
ତୋର ମୋର ହାତ ଧରି,
ତା ହୃଦୟ ସମୁଦ୍ରରେ ଲହଡ଼ି ଭଙ୍ଗାଏ ।।
ନିଷ୍ଫଳ ଆକ୍ରୋଶରେ ସତେ ଯେମିତି
ବେଳେ ବେଳେ ସମୟ ବି ହୋଇଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦ୍ମ ପୋଖରୀର ବାଘ

ଝାମ୍ପି ନିଏ ଜୀବନ ର ଆରମ୍ଭ ଓ ଶେଷ ମାନଚିତ୍ର

ଯଦି କେବେ ଅଭାବରେ ଭାଙ୍ଗିଯାଏ

ପ୍ରେମ ଭର୍ତ୍ତି ଲୁହାର ସିନ୍ଦୁକ ।।

ସବୁ ରକ୍ତ ତଳେ ବି ତ

କାଚକେନ୍ଦୁ ପାଣି ପରି ଝର, ଝର ମନଟିଏ ।।

କି ଯେ ଆଶ୍ଚର୍ଯ୍ୟ

ଋତୁ ଋତୁ ସବୁ ଋତୁ,

ଏ ସହରେ ବୁଢ଼ା ହୋଇଯାଏ

ରିକ୍ସା ଟାଣୁଥିବା ସେହି

ଦୟନୀୟ ବୁଢ଼ାଟିର ଥପ୍ ଥପ୍ ଝାଳ ପରି

ସଂଚରି ଯାଏ ଦେହରୁ ଦେହକୁ ।।

ଏରୁଣ୍ଡି ବନ୍ଧରୁ ଖୁଣ୍ଟି ମାଟି ଖାଉଥିବା

ଆଣ୍ଠୁଆ ଗୋପାଳ ଏବଂ ଆଁ କରିଦେଲେ

ସାରା ବ୍ରହ୍ମାଣ୍ଡ ,

ବୁଜି ଦେଲେ ସାରା ସଂସାର

ଶବ ପାଲଟିବା ପରି ପୁରୀ

ସତେ କଣ ଫେରାଇ ଦେବ

ମୋରି ପୃଥିବୀ ପରି ସୁନ୍ଦର ପୃଥିବୀଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବା ମନଲାଖି ମନ ଡଙ୍ଗାଟିଏ ।।

ଯେ ହୁଲୁସ୍ଥୁଲ ହେବ ନାହିଁ

ଦୁଃଖର ମାଡ଼ରେ

ମିଛ କହି ବାହି ନେବ ନାହିଁ

ଅଦ୍ଭୁତ ଏକ ଜୀବନ ସନ୍ଧାନେ ।।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମୟ ନିର୍ଘଣ୍ଟ

ଡଃ ନିର୍ମଳ ନାୟକ



ସମୟ ଅଣ୍ଟୁନି... ସଜେଇ ଜାଣିନି...
କାମରୁ ଛୁଟି ମିଳୁନି...
କିପରି ବାଣ୍ଟିବି... କେମିତି କରିବି...
ସମୟ ପୁରା ହେଉନି... ! !

ସମୟ ସହିତ.. ମିଳଇ ତୁ ହାତ...
ପାଦ ରେ ପାଦ ମିଳାଅ...
ଯଶ ତୁ ଲଭିବୁ.. ପୌରୁଷ ପାଇବୁ
କର୍ମ ପଥେ ହେବ ଜୟ ! !

ଆଳସ୍ୟ ତେଜିଣ.. କର୍ମ ତୁ କରିଣ..
ସମୟ ସହିତ ଚଳ...
କର୍ମ ରେ ତତ୍ପର... ହୁଅ କର୍ମବୀର...
ସମୟ ହିଁ ତୋର ବଳ... ! !

ସମୟ ନିର୍ଘଣ୍ଟ... ହିସାବରେ ବାଣ୍ଟ...
ସହଳ ତେଜି ବିଛଣା...
ଯୋଗ ଓ ବ୍ୟାୟାମ..ସାଥେ ପ୍ରାଣାୟାମ..
ଉତ୍ତମ ସ୍ୱାସ୍ଥ୍ୟ ଠିକଣା.. ! !

ଶୁଭସ୍ୟ ଶୀଘ୍ରମ... ପ୍ରଗତି ନିୟମ...
ମନେ ରଖିଥିବୁ ବାରେ...
ସମୟ ପୂର୍ବରୁ... ଭାଗ୍ୟ ର ଉତ୍ତାରୁ..
ମିଳିନି ଜାଣିଥା ଥରେ... ! !

ସମୟ ମହାନ.. ସେତ ବଳବାନ..
ଦେଖାଏ ସୁଖ ଓ ଦୁଃଖ...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ଚିହ୍ନିଲେ...ଜୀବନ ଖୁସିରେ..

ସୁଖୀ ତୁ ଜୀବନ ଯାକ... ! !

ସମୟ ଲେଖୁଛି... ସମୟ ପଢୁଛି..

ଜୀବନ ଯାତ୍ରା ର ଚିଠି...

ସମୟ ସହିତ... ଦୁଃଖ ରୁ ରହିତ...

ହୁଡ଼ିଲେ କଷଣ ଏଠି.. ! !

ନାଗପୁର

ମୋବାଇଲ : ୮୨୭୬୫୫୩୩୬୮୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରଥଯାତ୍ରାରେ ତିନି ଠାକୁର

ଇତିଶ୍ରୀ ପତି



ତାଳାଧ୍ୱଜରେ ବଡ ଭାଇ ବଳିଆ
ନନ୍ଦିଘୋଷରେ ସାନ ଭାଇ କାଳିଆ
ଦେବଦଳନରେ ସୁନା ଭଉଣୀ ସୁଭଦ୍ରା
ଦିଶୁଛି କେଡେ ସୁନ୍ଦରିଆ ।

ଆହା କି ମଧୁର ତ୍ରିଭଙ୍ଗୀ ଠାଣି
ବିରଳ ସତେ ଏ  କାହାଣୀ
ସତ ରେ ଜମାରୁ କହିହବନି
ଦେଖିଦେଲେ ମନୁ କେବେ ଯିବନି ।

ରଥ ଟାଣିବାକୁ ଭକତ ଆତୁର
ବଡଦାଣ୍ଡ ଲାଗେ କେତେ ସୁନ୍ଦର
ଦେଖି ତିନି ରଥେ ତିନି ଠାକୁର
ମନ ମୋର ହୁଏ ବଡ ବିଭୋର ।

ହାତ ଯୋଡି କିଏ ପ୍ରଣାମ କରେ
ତଳେ ପଡି କିଏ ଗୁହାରି କରେ
ଖୋଜୁଥାଏ କିଏ ଝଡା ତୁଳସୀ
ନାଚୁଥାଏ କିଏ ଭାବରେ ଭାସି  ।

ଆସେ ହୋଇ କିଏ ସୁଦାମା ବେଶେ.
ଖୋଜି ବୁକେ ପ୍ରଭୁ ଭକତି ରସେ
ଯାଚି ଦିଏ କିଏ ନଡ଼ିଆଟିଏ
ଜୟ ଜଗନ୍ନାଥ କହି ଡାକ ପକେଇ ଥାଏ ।

ବରଷକେ ଥରେ ଏଇ ପରବ
ପରବ କୁ ନେଇ ଆମ ଗୌରବ
ପାରନ୍ତିକି ହୋଇ ମୁଁ କୁନି ସେବକ
ଜୀବନ ହୁଅନ୍ତା  ମୋର ସାର୍ଥକ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଥ ଟାଣିବାକୁ ଭକତ ଆତୁର
ଶୁଭୁ ଅଛି ଘଣ୍ଟା କାହାଳୀ ସ୍ୱର
ବଡଦାଣ୍ଡ ଲାଗେ କେତେ ସୁନ୍ଦର
ଦେଖି ତିନି ରଥେ ତିନି ଠାକୁର
ମହୋଦଧି କୂଳେ ପକେଇ ବୁଡ଼
ବେଗି ଯିବା ଚାଲ ବଢିଲା ଭିଡ଼ ।

ସଜା ହେଲାଣି ଏ ତିନିଟି ରଥ
ଝୋଟି ଚିତା ପଡି ପ୍ରଶସ୍ଥ ପଥ
ମନ କିଣି ନିଏ ଶରଧା ବାଲି
ଭଲ ଲାଗେ ସେଇ ବାଲି ରେ ଚାଲି
ତିନି ଦିଅଁ ଙ୍କୁ ଦର୍ଶନ କରି
କୋଟି ପୁଣ୍ୟ ଲଭି ମଣିଷ କରି
ତିନି ରଥେ ବସି ତିନି ସାରଥୀ
ରଥ କୁ ପରିଚାଳନା କରନ୍ତି
ଏମିତି ସୌଭାଗ୍ୟ ଥରେ ପାଆନ୍ତି
ମାୟା ସଂସାର ରୁ ତରି ଯାଆନ୍ତି ।

ଜଗନ୍ନାଥ ସ୍ୱାମୀ ନୟନ
ପଥ ଗାମୀ ଭବ ତୁମେ
ଜଗନ୍ନାଥ ସ୍ୱାମୀ ନୟନ
ପଥ ଗାମୀ ଭବ ତୁମେ
ଜଗନ୍ନାଥ ସ୍ୱାମୀ ନୟନ
ପଥ ଗାମୀ ଭବ ତୁମେ

ଲିଙ୍ଗରାଜ ନଗର, ଲେନ -୭
ଭୁବନେଶ୍ୱର
ଫୋନ -୭୬୫୫୦୨୯୩୯୭



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅବୁଝା ପ୍ରେମିକ

ପ୍ରତିଭା ବେହେରା



ତମ ସହ ପଦେ କଥା ହେବା ପାଇଁ କରିଥାଏ ମୁଁ ଅପେକ୍ଷା,

ସୁଖ ଦୁଃଖ ସବୁ ମିଶିକି ବାଣ୍ଟିବା କରୁଥିବା ସବୁ ବାଖ୍ୟା ।

ଏମିତି ଦିବା ସ୍ୱପ୍ନ ଏକା ଦେଖି ଦେଖି ସରିଯାଏ ମୋର ଦିନ ,

ହେଲେ ତୁମେ ଦିନରେ ଥରଟେ କଲ ବିନା ପକାଅନି ମୋତେ ମନ

ହଁ ମୁଁ ଜାଣେ ତୁମେ ବହୁ ଚିନ୍ତାରେ ଚିନ୍ତିତ,

ହେଲେ ସର୍ବ ପରେ ମୁଁ ତୁମର ଆଉ ତୁମେ ମୋର ଭବିଷ୍ୟତ ।

ସାଙ୍ଗ ସାଥି ପୁଣି ପରିବାର ସଭିଙ୍କର ବୁଝ ଖବର ,

ମୋ ଖାଇବା ବଞ୍ଚିବା ଛାଡି କେବେ ପଚାରିନ ଧାନ କଣ ତୁମ  ଖବର ।

ଲାଗେ ମୋତେ ବେଳେ ବେଳେ ନାହିଁ ବୋଧେ ମୁଁ ତୁମ ମନରେ ,

ଯଦି ଅଛି କାହିଁ ମୋ ହୃଦୟର କଥା ବାଜୁ ନାହିଁ ତୁମ କାନରେ ।

ମୋର ଇଛା ଅଭିଳାଷ କେବେ ବୁଝ ନାହିଁ ତୁମେ ,

ଯଦି ରାଗି ରୁଶିଯାଏ କେବେ ସ୍ନେହ ପ୍ରେମରେ ବୁଝାଅ ନାହିଁ ତୁମେ ।

ସମୟ ମାଗି ମାଗି ସମୟ ଦିଅନାହିଁ ମୋତେ ,

କେବେ ତୁମ ଖାମଖିଆଲ ପାଇଁ ହଜିଯିବି

ଆଉ ଖୋଜି  ପାଇବନି ମୋତେ ।

ଜାଣିଛି ତୁମେ ସର୍ବ ଗୁଣେ ଅଟ  ପରିପୂର୍ଣ୍ଣ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ତୁମ ଠାରେ ଯାହା ଇଚ୍ଛା ମୋର ଆଜିବି ଅସମ୍ପୂର୍ଣ୍ଣ ।

ବୁଝେଇଲେ ବେଳେ ବେଳେ ବୁଝ ତୁମେ ପୁଣି ହୋଇଯାଅ ଅବୁଝା ,

ବୁଝେଇ ବୁଝେଇ ଥକିଲିଣି ମୁଁ ନିଜେ ହେଲିଣି ଅବୁଝା ।

ପାଖରେ ଥାଇବୀ ମୋର ଉପସ୍ଥିତି ଲାଗୁନି ତୁମକୁ ଜରୁରୀ ,

ବୁଝିଲା ବେଳକୁ ସମୟ ନଥିବ ଚାଲିଯାଇଥିବି

ଭାଙ୍ଗି ତୁମ ସୁନା ପଞ୍ଜୁରୀ , ଭାଙ୍ଗି ତୁମ ସୁନା ପଞ୍ଜୁରୀ।

ହେ ମୋ ପ୍ରେମ ଯାଅ ତୁମେ ଟିକେ ସୁଧୁରି

ଯାଅ ତୁମେ ସୁଧୁରି .....

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେକାଳ ପଖାଳ ନାହିଁ

ନିତ୍ୟ ରଞ୍ଜନ ନନ୍ଦ



ଆକାଶରେ ଆଉ ଉଡ଼ୁ ନାହିଁ ପକ୍ଷୀ
ବିଲରେ ଦିଶୁନି ମାଛ,
ଗାଁ ଗୋହିରୀରେ ବଗ ବସୁ ନାହିଁ
ଚାରିଆଡ଼େ ଖାଲି ମିଛ ।

ସାରୁ ବୁଦା ମୂଳେ ବେଙ୍ଗ ରାବୁ ନାହିଁ
କୋଇଲି ଗାଉନି ଗୀତ,
ଗାଁ ରାସ୍ତା ଆଉ କାଦୁଅ ହେଉନି
ଭିକାରୀ ମାଗୁନି ଭାତ ।

ଗାଁ ଖଳାରେ ବି ବେଙ୍ଗଲା ପଡ଼ୁନି
ଶୁଭୁନି ଶଗଡ଼ ଶବ୍ଦ,
ଗୁହାଳ ରେ ଆଉ ଗାଈ ଦିଶୁ ନାହିଁ
ନାହାନ୍ତି ଆଉ ବଳଦ ।

ଚୁଲି ରନ୍ଧା ଏବେ ସପନ ହେଲାଣି
ନାହିଁ ବିରି ଡାଲି ବାସ୍ନା,
ଚୂନା ମାଛ ଆଉ ହାଟରେ ମିଳୁନି
ନାହିଁ ସେ ପୁରୁଣା ଜ୍ୟୋତ୍ସ୍ନା ।

ଚଉଁରା ମୁରୁଜ ଉଭେଇ ଗଲାଣି
ମଥାରେ ନାହିଁ ସିନ୍ଦୁର,
ଋତୁଚକ୍ର ଏବେ ଓଲଟି ଗଲାଣି
ଚାରିଆଡ଼େ ହାହାକାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଇଆଳ ଟୋକା ଗାଉ ନାହିଁ ଗୀତ
ନାହିଁ ସେ ଶାରଦ ଧାନ,
ଗାଁ ଗଡ଼ିଆରେ କଇଁ ଫୁଟୁ ନାହିଁ
ଭାଗବତ ଟୁଙ୍ଗୀ ଶୁନ୍ୟ ।

ଗାଁ ଗଣ୍ଡା ହେଲା କୋଠା ମାଳ ମାଳ
ମଦରେ ହୋଇଲେ ଭୋଳ,
ପୋଖରୀ ରେ ଆଉ ପଦ୍ମ ଫୁଟୁ ନାହିଁ
ଦିଶୁ ନାହିଁ ଆଉ ଚାଳ ।

ଗାଁ ବିଲରେ ସେ କ୍ଷେତ ବଢୁନାହିଁ
ଉଡୁ ନାହିଁ ଶଙ୍ଖ ଚିଲ,
ଡେଙ୍ଗା ତାଳ ଗଛ ଉଜୁଡ଼ି ଗଲାଣି
ନାହିଁ ସେ ଶାଗୁଣା ପଲ ।

ଗାଁ ଖଳାରେ ବି ବଦାଡ଼ି ବସୁନି
କାହିଁ ପୂର୍ବ ଓଷା ବ୍ରତ,
ଚାଳ ଉପରେ ବି କୁଆ ରାବୁ ନାହିଁ
ନାହିଁ ସେ ପଖାଳ ଭାତ ।

ବର୍ଷା ଦିନେ ଆଉ ନଦୀ ବଢୁ ନାହିଁ
ନାହିଁ ସେ ପୁରୁଣା ଶୀତ,
ବଂଶୀଖଡ଼ା ଏବେ ସପନ ହେଲାଣି
କାହିଁ ସେ ସଇ ସଂଗାତ ।

ଗାଁ ପଡ଼ିଆରେ କନ୍ଦୁକ ପଡୁନି
ନାହିଁ ସେ ସଞ୍ଜ ଗୋଧୂଳି,
ଦାଣ୍ଡ ବାରଣ୍ଡାରେ ପ୍ରାର୍ଥନା ଶୁଭୁନି
କାହିଁ ସେ ଘିଅ ଦୀପାଳି ।

ଭଜନ ଜଣାଣ ଆଉ ସଂକୀର୍ତ୍ତନ
ବେସୁରା ସବୁ ହେଲାଣି,
ଭାବମୂର୍ତ୍ତି ଏଠି ବଦଳି ଗଲାଣି
ଶାନ୍ତି ଉଭେଇ ଗଲାଣି ।

ଅସୁରୁଣୀ ଗପ କିଏ ବା କହିବ
ଟିଭିରେ ସମସ୍ତେ ବାଇ,
ବାଇ ଚଢ଼େଇର ବସା ଦିଶୁ ନାହିଁ
ସବୁଆଡ଼େ ହାଇଁ ପାଇଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାସନ ଟା ଏବେ ଶ୍ରୀହୀନ ଦିଶୁଛି
ଶାଶୁ ପିନ୍ଧୁଛି ନାଇଟି
ଶାଗ ପଖାଳ ଯେ ଚୁଲିକି ଗଲାଣି
ସମସ୍ତେ ଚାଲିଲେ ବିୟୁଟି ।

ଡାକ ପିଅନ ଟି ଚିଠି ଆଣୁ ନାହିଁ
ମୋବାଇଲ୍ ହେଲା କାଳ,
ବାଟରେ ଘାଟରେ ଡିସ୍କୋ ଡ୍ୟାନ୍‌ସ ଚାଲେ
ସଂଗୀତ ରେ ନାହିଁ ତାଳ ।

ବାରମାସ ରେ ଯେ ତେର ପର୍ବ ଏଠି
ସାତ ସପନ ହେଲାଣି,
ସଜ ମାଛରେ ବି ପୋକ ପଡ଼ିଯାଏ
ମାୟାରେ ବାୟା ହେଲେଣି ।

ବିଲରେ କେଉଁଠି ହଳ ଦିଶୁ ନାହିଁ
ନାହିଁ ସେ ହଳିଆ ଭାଇ,
ଘର ପଛ ପଟେ ଢିଙ୍କି କୁଟୁ ନାହିଁ
ସବୁ ଗଲାଣି ଉଭେଇ ।

ରୋଗ ବ୍ୟାଧି ଏବେ ପ୍ରବଳ ମାତିଛି
ତା ପାଇଁ ଔଷଧ ନାହିଁ,
ଏଡ୍‌ସ, ପ୍ରେସର, କ୍ୟାନ୍‌ସର, ଡାଇବେଟିସ୍
ଯାଉଛି ଜୀବନ ନେଇ ।

ନାହିଁ ଚାଟଶାଳୀ ଗାଁ ମୁଣ୍ଡେ ଆଉ
ନାହିଁ ସେ କାଳି କଲମ,
ବେତାର ଯନ୍ତ୍ରର ବିଲୋପ ହେଲାଣି
ଯୁବ ବାଣୀ କାର୍ଯ୍ୟକ୍ରମ ।

ଗାଁ ମୁଣ୍ଡେ ଆଉ ବସୁ ନାହିଁ ହାଟ
ଚାଷୀ ବୁଜୁ ନାହିଁ ବାଡ଼,
ଦଳର ମୁଖିଆ ଶିକ୍ଷା ଦେଉଥିବା
ଦିଶୁନି ବୁଢ଼ା ମାଙ୍କଡ଼ ।

ପୁରାଣ ଶାସ୍ତ୍ରରେ ମନ ବଳୁ ନାହିଁ
ପାଲା ଯେ ଟାହି ଟାପରା
ଯାତ୍ରା ଦୃଶ୍ୟପଟ୍ଟ ବଦଳି ଗଲାଣି
କଳାରେ କଳଙ୍କ ଭରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳିଆ ପାଖରେ ମନ ଆଉ ନାହିଁ
ବାବାଜୀ ପଛରେ ବାଇ,
ବ୍ରାହ୍ମଣ ପାଠୁଆ ହୋଇଲେ କି ହେବ
ମନ୍ତ୍ର ପାଠ ଜାଣୁ ନାହିଁ ।

ଘାଟ ତୁଠ କୁ ତ ବାରିକ ଆସୁନି
ରଜକ ଦେଉନି ପାଣି,
ରାଇଜ ଯାକର ଯେତେକ ନିୟମ
ସବୁ ବଦଳି ଗଲାଣି ।

ଏକାଠି ବସିବା ଏକାଠି ଖାଇବା
ପରିବାର ମଧ୍ୟେ ନାହିଁ,
ସୁନ୍ଦର ସମ୍ପର୍କ ଦୂରେଇ ଗଲାଣି
କଳି ଯୁଗ ଦ୍ୱାହି ଦେଇ ।

ଜୀବନ ର ମାନେ ସଂସାର ଜଞ୍ଜାଳ
ସମସ୍ତଙ୍କୁ ଥିଲା ଜଣା,
କୃତ୍ରିମ ଜୀବନ ଜୀଇଁବାକୁ ଏଠି
ଲାଗୁଛି ଭାରି ଯନ୍ତ୍ରଣା ।

ଜୀବନଟା ଏଠି ମରୁଭୂମି ଲାଗେ
ମିଛ ମରୀଚିକା ଭଳି,
ଦି ଦିନ ଦୁନିଆ ଏହି ସଂସାର କୁ
ତଥାପି ପାରୁନି ଭୁଲି ।

ସବୁଜ ସୁନ୍ଦର ସୁନାର ପୃଥିବୀ
ଚିତ୍ର ବଦଳି ଗଲାଣି,
ବିଚିତ୍ର ଦୁନିଆ ଜୀବଜଗତକୁ
ନର୍କକୁ ଠେଲି ଦେଲେଣି ।

ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର
ମୋ : ୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ ସଙ୍ଗୀତ

ସରୋଜିନୀ ମିଶ୍ର



ଗଗନ ରାଇଜେ
ତାରା ଫୁଲ ଶେଜେ
ବୁଣି ଚାଲିଥିଲି
ବୁଢ଼ୀଆଣି ଜାଲ
ଭୂଲି ଯାଇଥିଲି
ପୃଥିବୀଟା ଗୋଲ ।

ଜୀବନ ନୌକା
ହେଲା ଉପନୀତ
ସାଗର ବେଳାରେ
ଆଙ୍କି ଦେଇ
ସ୍ୱପ୍ନିଳ ତରଙ୍ଗ ।

ପ୍ରକୃତିର ଝାସ
ଶୁଖାଇଲା
ଜୀବନର ରଙ୍ଗ
ସପ୍ତ ରଙ୍ଗି ଇନ୍ଦ୍ରଧନୁ
ଧିରେ ଧିରେ
ହୋଇଲା ଅଦୃଶ୍ୟ
ଦୃଷ୍ଟିହୀନ, ଶୃତିହୀନ
ଭାବହୀନ
ଜୀବନ ଲହରୀ
ତଥାପି
ଚାଲିବାକୁ ହେବ
ଅବଶିଷ୍ଟ ପଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ହେବା ପର୍ଯ୍ୟନ୍ତ
ଆତ୍ମା ସହ
ପରମାତ୍ମାଙ୍କ ମିଳନ
ନ ଯିବା ପର୍ଯ୍ୟନ୍ତ ଆତ୍ମା
ଶରୀରକୁ ଛାଡ଼ି ।

ନ ହୋଇ ନିରାଶ
ନ କରାତ୍ମକ ଅଗାଡ଼ିକୁ
ଦେଇଣ ପାଛୋଡ଼ି
ସକାରାତ୍ମକ ରଜ୍ଜୁରେ
ବାନ୍ଧିବାକୁ ହେବ
ମନ ଓ ମସ୍ତିଷ୍କ
ତୋଳିବାକୁ ହେବ
ଆକାଶରୁ
ସୁଗନ୍ଧ ରାଜ ପାରିଜାତ ।

ଆକାଶର ଇନ୍ଦ୍ରଧନୁ
ହୃଦେ ତୋଳି ନେଇ
ସପ୍ତରଙ୍ଗେ
ରଙ୍ଗ ମୟ କରିବାକୁ ହେବ
ଜୀବନ ତରଙ୍ଗ
ବୁଣି ଦେଇ
ଦୃଢ ସଂକଳ୍ପ , ସାହାସ
ଏବଂ
ଆତ୍ମ ବିଶ୍ୱାସର ବୀଜ ।

ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାପାଙ୍କ ଶେଷ ଚିଠି

ଅଜୟ କୁମାର ପଣ୍ଡା



ଡାକବାଲାର ଡାକ, ଚିଠି ଅଛି, କବାଟ ଖୋଲ
ଧିର ମନ୍ଥର ଗତି ଥାଏ, ପ୍ରଭାବତୀ ଦେବୀଙ୍କର,
ଡାକୁଆ ପୁଅ, ଇଏ ତ ଶୋଇଛନ୍ତି କେବେଠାରୁ
ଆଖିକୁ ମୋ ଦିଶେନି ବ୍ୟତିରେକ ଭୋଳାଶଙ୍କର;
ପୁଅରେ, କହିବୁକି ଚିଠିଟି ଦେଇଛନ୍ତି କିଏସିଏ ?
ମାଉସୀ, ଆମେରିକାର ଫ୍ଲୋରିଡା ଅଛି ଲିଖିତ,
ପୁଅ, ଦେଖତ ଆମ ଠିକଣା ଠିକ ଅଛି କି ନାହିଁ ?
ହଁ ଲୋ ମାଉସୀ, ମଉସାଙ୍କ ନାଆଁ ଗାଆଁ ସତ ।

ବାବୁରେ, ଚିଠିଟି ଖୋଲି ଟିକିଏ ପଢି ଦିଅନ୍ତନି ?
ରୋଗ ଶେଜରେ ମଉସା ଶୁଣନ୍ତେ, ଆଉ ମୁଁ ବି,
ହଉହଉ କହି ଡାକୁଆ ଚିଠିଟି ଖୋଲି ପଢିଲା
ବାପାବୋଉ,ପ୍ରଣାମ ନେଲେ ଆଶୀର୍ବାଦ ପାଇବି;
ବୋଉର ପଣତକାନି ଲିପି ପକାଉଥିଲା ବାପାଙ୍କ
କୋଟରସ୍ଥ ଆଖିରୁ ଦୁଇଟୋପା କୋହଭର୍ତି ଲୁହ,
ଡାକୁଆ ପଢୁଥିଲା, ହେଚଜ୍ଞାନ ବି ଭିସା ଅସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂରୁଖ ବାପାବୋଉଙ୍କ ଫାଟିଥିଲା ଛାତିର କୋହ ।

ବାପାଙ୍କ ତୁଣ୍ଡରେ ତୁଳସୀପାଣିରୁ ଦୁଇବୁନ୍ଦା ଦେଇ
ବୋଉ କହିଲା, ଡାକୁଆ ପୁଅ ଚିଠିଟିଏ ଲେଖିବାକୁ,
ଚିଠିରେ ପଠେଇବାକୁ ତୁଳସୀପତ୍ରରୁ ଦୁଇ ପାଖୁଡା
ବାପାଙ୍କ ଶେଷ ଚିଠି ଫ୍ଲୋରିଡାରେ ବାସି ଉଠିବାକୁ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ ତୁମ ପ୍ରେୟସୀ

ଶୁଭସ୍ମିତା ମହାପାତ୍ର



ଯୌବନ ପରଶ
ଛୁଇଁଲା ପରେ,
କଳ୍ପନାକୁ ଅତିକ୍ରମ କରି
ଏ ଯେଉଁ ରୂପ ପାଇଲି
ତୁମରି ପାଇଁ !

ମଧୁର ବାସନା କଲା ଆନମନା
ଗଲି ମୁଁ ସବୁ ପାଶୋରି
ନିଦ୍ରିତେ ଅବା ଜାଗରଣେ କି କାରଣେ
ପ୍ରତି ପଲକରେ ତୁମରି ରୂପ
ସକଳ ସାନିଧ୍ୟେ ଅବା ସଞ୍ଜ ମଧ୍ୟେ
ମୁହୂର୍ତ୍ତେ ପଲକ ପଡ଼ିଲେ
ତୁମ ପ୍ରେମ ଛାପ ।

ଦୁଃଖଅବା ବିଷାଦରେ
ଅବା ପ୍ରମାଦରେ
ତୁମ ପ୍ରେୟସୀ ହେବାର ସୁଖ ଟିକିକ,
ମନେ ଜ୍ୟୋତିସମ ଜଳୁଥାଏ
ଯେତେ ସେ ଜଳୁଥାଏ ସେତେ ମତେ ଜାଳୁଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଣିଛି ବିରହ ଯନ୍ତ୍ରଣା ଦାୟକ
ତଥାପି କାହିଁକି
 ସେଥିକି ମନ ବଳୁଥାଏ,
ତୁମେ କି ଜାଣିବ ମନର କଥାକୁ
ଦୂରବନ୍ଧୁ ତୁମେ ଆପଣା ସହରେ,
ଆଲୋକ ଶଯ୍ୟାରେ  ଦିନ ଯାଏ ।

ପତ୍ନୀ ସ୍ବୀକୃତି ଲୋଡାନାହିଁ କେବେ
ସେ ସୌଭାଗ୍ୟ ଥିବ ଅବା ନାହିଁ,
ଚିର ପ୍ରେୟସୀ ସ୍ୱୀକୃତି
 ଦେବ ବାରେ
ପ୍ରେୟସୀ ସୁଖକି ପତ୍ନୀ ହେବାରେ ମିଳିପାରେ !

ପତ୍ନୀ ହୁଏ କି ପ୍ରେୟସୀ
ଏତିକି କରିବ ମୋ ପାଇଁକି
ତଵ କରଚରଣକୁ ମଥାରେ ଛୁଆଁଇ   ମୋର
ପ୍ରେୟସୀ ହୋଇ ମୁଁ
ସାନିଧ୍ୟ ଲଭିବି ସେହିକ୍ଷଣି।

ପଳାଶୁଣି ନରଗାଙ୍ଗ
ବାଙ୍କୀ, କଟକ



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନ୍ନ ଦାନ

ରୁଦ୍ରସେନ ଖଟେଇ



ମନୁଷ୍ୟ ଶରୀରର ସେ ଯେ ଜ୍ୱଳନ୍ତା ଦୀପ
ଯାହା ଗ୍ରହଣ ମାତ୍ରେ ମନ ହୁଆଇ ଯେ ଶାନ୍ତ ।
ତାହା ବୋଲାଏ ଯେ ଜଗତେ ଖାଦ୍ୟ
ତାହାକୁ ଗ୍ରହଣ କରି ଯେ ମନୁଷ୍ୟ ଶରୀର ଶାନ୍ତ ।
ନ ମିଳିଲେ ଯେ ଏହି ନିମିତ ମାତ୍ର ଖାଦ୍ୟ
ଜୀବଜନ୍ତୁ ଠୁ ମନୁଷ୍ୟ ହୁଅନ୍ତିଯେ ହନ୍ତସନ୍ତ ।
ତେଣୁ ହେ ଶିକ୍ଷିତ ଯେ ମନୁଷ୍ୟ ସମାଜ
ପ୍ରତି ପୋଷଣ ନିମନ୍ତେ କର ଯେ ତେ ଧନ ଅର୍ଜନ ।
ସେଥି ମଧ୍ୟରୁ ଯେ କିଛି ଅଂଶ କର
ଗରିବ କୁ ଯେ ଅନ୍ନ ଦାନ ।
ଅନ୍ନ ଦାନଠୁ ବଡ଼ ଦାନ ଯେ ଜଗତେ ନାହିଁ
ଅନ୍ନ ଦାନ ଯେ କରଇ ମୃତ ପରେ ସରଗେ ବସଇ ।
ତେଣୁହେଁ ଶିକ୍ଷିତ ଯେ ମାନବ ସମାଜ
ବଞ୍ଚି ଥାଉ ଥାଉ କର  ଯେ ଅନ୍ନ ଦାନ ।
ସେକରିଥିବା ଯେ ପୃନ୍ୟ ରାଶି ଫଳ
ବୃଥା ନ ଯେ ଯିବା ତିଳେ ମାତ୍ରେ ।
ପୃନ୍ୟର ଗାର ଟାଣ ହେବ ଯେ ତୁମ ଗ୍ରନ୍ଥେ
ଏ ଫଳୁ ପାଇବଜେ ଯେ ତହିଁ ମୃତୁ ପରେ ମନୁଷ୍ୟ ଜନ୍ମ ।

ପାଇକ ଯମୁନା, କବିସୂର୍ଯ୍ୟନଗର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମାହେଶ୍ୱରୀ ଦାଶ



ଚି - ଚିତ୍ରିତ ନୟନେ ଭାବ ସମ୍ମୋହନେ
ଚେତନାରେ ଆଙ୍କି ଦିବ୍ୟ ଚରିତ୍ର
ଠି - ଠିକଣାରେ ଲେଖୁଅଛି ଚକାଆଖି
କମ୍ବୁକଟକର ଭାବ ବୈଚିତ୍ର
ଲୁହକୁ ଅଛି ଭରସି
ଅବ୍ୟକ୍ତ ମଳୟ ଛୁଏଁ ମୋ ନିଳୟ
ଚିଠି ବାସୁଛି ତୁଳସୀ ।

ବା - ବାସ୍ନାୟିତ ମନ ଦିବ୍ୟ ଦରଶନ
ସମୀକ୍ଷା କରୁଛି ପୁଣ୍ୟ କଳୁଷ
ସୁ - ସୁଗନ୍ଧିତ ବନ ତନୁ ଉପବନ
ସୁମନେ ଭରିଛି ପ୍ରୀତି କଳସ
ଭକତି ଦେଉଛି ହସି
ଶବ୍ଦବ୍ରହ୍ମଙ୍କର ଶୁଭୁଛି ଓଁକାର
ଚିଠି ବାସୁଛି ତୁଳସୀ ।

ଛି - ଛିଣ୍ଡା ଆୟୁଷର ଅଛିଣ୍ଡା ଗଣିତ
ଅସୀମିତ ସୂତ୍ର ଆୟତ୍ତେ ଧରି
ତୁ - ତୂଳୀ ତଇଳରେ ତତଲା କୋହରେ
ଆଙ୍କୁଛି ହୃଦୟ ସିନ୍ଧୁର ତରୀ
ମୁକ୍ତି ଧରିଲାଣି କଷି
ମାନସପଟ୍ଟର ଦିବ୍ୟ ଆଳତୀରେ
ଚିଠି ବାସୁଛି ତୁଳସୀ ।

ଳ - ଲକ୍ଷେ ସପନର କୋଟି ଅରୁଣିମା
ଉଦୟାଚଳରେ ବିଞ୍ଛି ସୁଷମା
ସୀ - ସୀମାନ୍ତ ଗଗନେ ପୀତାଭ ବସନେ
ପୋଛିଦିଏ ବିଭାବରୀର ଅମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସୁଛି ଦ୍ୱିତୀୟା ଶଶୀ
ଅନନ୍ତ ମାଧୁର୍ଯ୍ୟେ ଅସୀମ ପ୍ରାଚୁର୍ଯ୍ୟେ
ଚିଠି ବାସୁଛି ତୁଳସୀ ।

ତୁ - ତୁଟାଇ କାମନା ଭରିଛି ବାସନା
ତୁଠ ପଥରର ଶିଉଳି ଦେହ
ଳ - ଲକ୍ଷଭେଦୀ ତୀର ହେଉଛି ଅଧିର
ଉଦ୍ଦେଶ୍ୟରେ ନୀଳକନ୍ଦର ଗେହ
ଦୟଣା ପଡୁଛି ଖସି
ଭିଜା ଭାବନାର ବାସ ଚନ୍ଦନରେ
ଚିଠି ବାସୁଛି ତୁଳସୀ ।

ସୀ - ସିକ୍ତ ସମ୍ବୋଧନ କରେ ଆବେଦନ
ନିର୍ବାଣ ଖଚିତ ନିର୍ମୋହ ଉକ୍ତି
ବର୍ଣ୍ଣନା ବର୍ଣ୍ଣିତ ବର୍ଣ୍ଣିଳ ବୈଭବ
ମୋକ୍ଷରେ ଢାଳୁଛି ଦୃଢ ଆସକ୍ତି
ସମାପ୍ତି ଉଠେ ଝଲସି
ଅନନ୍ୟ ଉଚ୍ଛ୍ୱାସେ ଶବ୍ଦ ଜୀବନ୍ୟାସେ
(ମୋ) ଚିଠି ବାସୁଛି ତୁଳସୀ ।

ନିମାପଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

କଳ୍ପନା ବିନ୍ଧାଣୀ



ତନ୍ଦ୍ରାଭୁତ ହୋଇ ସ୍ୱପ୍ନରେ ଦେଖିଲି
ନିତି ଝୁରେ ମୁଁ ଯାହାକୁ
ସେ ବନ୍ଧୁ ସରାଗେ ଦେଇଛନ୍ତି ଚିଠି
ବୁଝି ମୋର ମନ ହୃଦକୁ ।
ସେ ଚିଠି ଆସିଛି ଶ୍ରୀକ୍ଷେତ୍ର ଧାମରୁ
ବାସୁଛି ତୁଳସୀ ତୁଳସୀ
ସେ ଦିବ୍ୟ ସୁଗନ୍ଧ ଯୋଗାଇ ଆନନ୍ଦ
ଭରୁଛି ମନରେ ଖୁସି ।
ଚିଠି ଲେଖିଛନ୍ତି କଳା କହ୍ନାଇ ମୋ
ଭାବର ସ୍ୟାହିକୁ ନେଇ
ଭବ ସାଗରରୁ ତରିବା ପାଇଁକି
ନାନା ଉପଦେଶ ଦେଇ ।
ସଂସାର ଜଞ୍ଜାଳ କରୁଛି ପାଗଳ
ପାରୁନି ବନ୍ଧୁଙ୍କୁ ଭେଟି
ମନକଥା ଜାଣି ବନ୍ଧୁ ଦୀନବନ୍ଧୁ
ଦେଇଛନ୍ତି ମୋତେ ଚିଠି ।

ମନରେ ନରଖି ମାନ ଅଭିମାନ
ସବୁ କଥା ଦେଲି କହି
ମୋ ପରମ ବନ୍ଧୁ ଦେଲେଟି ଶାନ୍ତ୍ୱନା
ଭରସା ରଖିବା ପାଇଁ ।
ତାଙ୍କ ପରି ସାଥି ମିଳିଅଛି ମୋତେ
ମୋ ପରି ଭାଗ୍ୟ କା' ଅଛି
ଆଜି ସେ ଚିଠିର ଦିବ୍ୟ ଅନୁଭବେ
ତନୁ ମନ ଶିହରୁଛି ।


ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଅନୀତା ମିଶ୍ର



କିଏ ସେ ବିରାଜେ ମୋ ହୃଦ ମନ୍ଦିରେ
ନିରେଖେ ମୋ ହସ କ୍ଲେଶ ବିଷାଦ
ମୋ ଦୁଃଖ ସୁଖରେ ହୁଏ କିଏ ସାଥୀ
ସେ ତ ବିଶ୍ୱରୂପୀ କଳା ଗୋବିନ୍ଦ ।

ଶ୍ରୀକ୍ଷେତ୍ର ଧାମରୁ ଦେଇଛି ସେ ଚିଠି
ବାସୁଛି ଚିଠି ତୁଳସୀ ତୁଳସୀ
ସ୍ୱର୍ଗୀୟ ପୁଲକେ ଅପୂର୍ବ ମହକେ
ମନ ପ୍ରାଣ ମୋର ଯାଉଛି ଭାସି ।

କେତେ ବଡ଼ ଭାଗ୍ୟ ମୋର ଆଜି ପ୍ରଭୁ
ଚିଠିରେ ମୋ ଆଖି ଯାଉଛି ଲାଖି
ସେ ଦୀପ୍ତ ଲେଖାରେ  ଦିଶିଯାଏ ମୋତେ
ଅନିନ୍ଦ୍ୟ ସୁନ୍ଦର ସେ ଦୁଇ ଆଖି ।

ଶାଶ୍ୱତ ଶାନ୍ତିର ଅନନ୍ତ ଉଲ୍ଲାସେ
ବିରାଜେ ଅନ୍ତରେ ଭକ୍ତି ବିଭବ
ବିମଳ ନିର୍ମଳ ମନ ଗହନରେ
ପ୍ରତୀତ ହୁଏ ଦିବ୍ୟ ଅନୁଭବ ।

ଦିବ୍ୟ କରୁଣାର ଅମିୟ ନିର୍ଝର
ଜୀବନ ମରୁରେ ଯାଏ କି ବହି
ତୁଳସୀ ବାସ୍ନାରେ ବାସ୍ନାୟିତ ହୋଇ
ତୁମ ଦିବ୍ୟ ପ୍ରେମେ ଗଲି ମୁଁ ମୋହି ।

ଅନ୍ତରରେ ମୋର ତୁମ ନାମ ସୁଧା
ଅନ୍ତର୍ମନେ ମୋ ହୁଏ ଅନୁରଣ
ସାରା ଜୀବନର ଧରମ କରମ
ତୁମ ଚରଣେ କଲି ସମର୍ପଣ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ହରିହର ଭୁକ୍ତା



ଚିଠି ଆସିଛି ଚିଠି ଆସିଛି
ଗୋପ ନଗରୀରୁ ଚିଠି ଆସିଛି
ଚିଠିରେ ଠିକଣା ନୀଳ କନ୍ଦର
ଲେଖା ଅଛି ଚିଠି ଜଗା ନାମର
ଚିଠି କା ନଜରେ ପଡିଯିବ ବୋଲି
ଜଗା ଲୁଚେଇ ଦେଇଛି
ଚିଠି ବାସୁଛି ତୁଳସୀ ତୁଳସୀ ।୦।

ରାଧିକା ଲେଖିଛି କାହ୍ନୁକୁ ଚିଠି
ଗୋପ ବୃନ୍ଦାବନ ମନେ ନାହିଁକି ?
କେମିତି ଭୁଲିଲ ଗୋପୀ ଗୋପାଳ
ବଡ ଦେଉଳରେ ହେଲ ନିଶ୍ଚଳ
ରାଧା ପ୍ରେମ ଭୁଲି ଭକ୍ତ ପ୍ରେମେ ବାଇ
ରତନ ପଲଙ୍କେ ଯାଉଛ ଶୋଇ
ଚିଠି ବାସୁଛି ତୁଳସୀ ତୁଳସୀ ।୧।

ବାହୁନି କାନ୍ଦୁଛି ଜମୁନା ନଈ
ବଇଁଶୀର ସ୍ୱନ ସୁଭୁନି କାଇଁ
ହମ୍ବାରଡି ଦେଲା ଗୋଗଷ୍ଠେ ଗାଈ
କାହିଁ ଗଲ ଛାଡି କଳା କହ୍ନାଇ
ଯଶୋଦା ମାଆର ନୟନ ପିତୁଳା
ଦେଖ ଥରେ ଗୋପ ବାହୁଡି ଆସି
ଚିଠି ବାସୁଛି ତୁଳସୀ ତୁଳସୀ ।୨।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଷାଠିଏ ପଉଟି ଭୁଞ୍ଜିଲ ସେଠି
 ଦହି ଦୁର୍ଗ୍ଧ ସର ଭୁଲି ଗଲଟି
ଗୋଟିକା ଅଧାମ ତୁଚ୍ଛ ହୋଇଲା
 ଅଭଡା କୁଡୁଆ କିମିଆ କଲା
ଦାସ ଦାସୀ ଦେଖି ରାଧାକୁ ଭୁଲିଲ
 ଲୁହରେ ଲେଖୁଛି ଚିଠି ଏତିକି
ଚିଠି ବାସୁଛି ତୁଳସୀ ତୁଳସୀ ।୩।

ତାଳଚେର, ଅନୁଗୁଳ
ଦୂରାଭାଷ ନଂ : ୮୯୧୭୬୩୬୪୨୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଜ୍ୟୋତି ରଞ୍ଜନ ପାତ୍ର



ସଜନୀ ଲୋ...

ଟିକେ ଦେଖ ଦେଖ ଦେଖ
ନୀଳାଚଳ ଧାମୁ ଚିଠି ଟେ ଆସିଛି
ଚିଠି ବାସୁଛି ତୁଳସୀ ତୁଳସୀ
ଜଗା ବଦନ ଯାଉଛି ଝଲସି.....

ଚିଠି ନୁହଁ ସେତ ପ୍ରଭୁ କୃପା ଡୋରୀ

ଆମ  ଲଟେରୀ ପରା ଲାଗିଛି
କେଉଁ ପୁଣ୍ୟ ବଳେ ପାଇଲୁ ଆଶିଷ
ପ୍ରଭୁ ପାଦେ ମନ ଉଛନ୍ନ ହେଉଛି......

ମହ ମହ ବାସୁଥିବ ଚନ୍ଦନ କର୍ପୁର
ତୁଳସୀ ଦୟଣାମାଳ ଗୋଳାରେ ଥିବ
ଚକାନୟନର କୃପା ଦୃଷ୍ଟି ସତେ
ଆମ ଉପରେ ରହିଥିବ.......

ସଜନୀ ଲୋ...

ନରେନ୍ଦ୍ରରେ ବୁଡ଼ ପକାଇବା ଆମେ
ଜଗାଦର୍ଶନ କରିବା ରତ୍ନ ସିଂହାସନେ
ପାପ ନେତ୍ର ପ୍ରଖାଳନ କଲାପରେ
ଅଭଡ଼ା ଖାଇବା ଆନନ୍ଦ ବଜାରେ.....

ତୁଳସୀର ସ୍ଥାନ ନେଇ ମୁଁ ପାରୁନି
ଭାବ ବିନୋଦିଆ ହେ ମହାବାହୁ
ଅନ୍ତର୍ବେଦନ !ମୋ ବୁଝି ତ ପାରୁଛ
ତୁମ ପାଦପଦ୍ମେ ଟିକେ ସ୍ଥାନ ଦେବ....

କରଞ୍ଜିଆ, ମୟୁରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ରାଧାଶ୍ୟାମ ମହାନ୍ତି



ଲେଖିଛି ପତର କାଳିଆ ଠାକୁର
ବାସ ମହକି ଉଠୁଛି
ଲାଗିଅଛି ଡୋରି ଯିବାପାଇଁ ପୁରୀ
କାଳିଆ ରାଜା କହିଛି ।

ପର ଆପଣାର ନାହିଁ ଭେଦା ଭେଦ
ପାଖକୁ ନେଉଛି ଟାଣି
ତୁଳସୀ ରସିଆ ମୋ ନୀଳାଚଳିଆ
ସବୁକଥା ପାରେ ଜାଣି ।

କହରେ କାଳିଆ ତୁଳସୀକୁ କାହିଁ
ପାଉଅଛୁ ଏତେ ଭଲ
ତୁଳସୀ ନ ଥିଲେ ରୁଚେ ନାହିଁ କିଛି
ଏ କଥା କହି ବୁଲିଲ ।

ଛପନ ପଉଟି ଭୋଗ ଖାଉଅଛି
ତୁଳସୀ ନ ହେଲେ ମରା
ଲାଗେନାହିଁ ଭୋଗ ତହରି ପାଖରେ
ତୁଳସୀ ବାସୁନି ପରା ।

କାର୍ତ୍ତିକ ହବିଷ ତୋହ ପାଶେ ପୁଣି
ଶ୍ରଦ୍ଧାଳୁଙ୍କ ଭିଡ ହୁଏ
ପଞ୍ଚୁକ ପାଳନ୍ତି ଦର୍ଶନ କରନ୍ତି
ଭଜନ କୀର୍ତ୍ତନ ଚାଲେ ।

କାର୍ତ୍ତିକ ପୂର୍ଣ୍ଣିମା ରାଜ ରାଜେଶ୍ୱରୀ ବେଶ
ଦେଖିବି ଆଖି ପୁରାଇ
ଚିଠିଟି ବାସୁଛି ତୁଳସୀ ତୁଳସୀ
ଭଜୁ ଥିବି ରାଇ ରାଇ ।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସନ୍ତୋଷ କୁମାର ସାହୁ



ଯିବାକୁ ଶ୍ରୀକ୍ଷେତ୍ର ଭାବିଅଛି ମାତ୍ର
ଲାଗିନି ପ୍ରଭୁଙ୍କ ଡୋରି
କରି ପ୍ରଣିପାତ ବାନ୍ଧିଛି ମୁଁ ମିତ
ଜଗା ନାମ ତୁଣ୍ଡେ ଧରି....
କେତେଦିନ ହେଲା ଭାବୁଛି ମୁଁ ଭଲା
ଶ୍ରୀକ୍ଷେତ୍ରକୁ ଯିବା ପାଇଁ
ମନ୍ଦିରକୁ ଯାଇ ଉପସ୍ଥିତ ହୋଇ
ଜାଗାକୁ ଦେବି ମୁଁ ଛୁଇଁ...

ଜଗାର ଆଶିଷ କରୁଣା ବିଶ୍ୱାସ
ସୁମରି ପ୍ରଭାତୁ ଉଠି
ଅତି ସରାଗରେ ଭକ୍ତିର ଭାବରେ
ଜଗାକୁ ଲେଖିଲି ଚିଠି...
ଥାଏ ଚାହିଁ ବସି ଭକ୍ତି ପରକାଶି
ତଥାପି ଯେ ନିରୁତ୍ତର
ପଞ୍ଚୁକ ଆସିବ କାର୍ତ୍ତିକ ସରିବ
ମନ ଖାଲି ତରତର...

ବୈକୁଣ୍ଠ ବିହାରୀ କୃପା ମତେ କରି
ପଠେଇଲେ ମୋତେ ଚିଠି
ତୁଳସୀ ତୁଳସୀ ବାସୁଅଛି ବେଶି
ଦେଖିଲି ନିଦରୁ ଉଠି...
କାଳିଆର ଡୋରି ସୁମରି ସୁମରି
ଭାବିଲି ଯିବାକୁ ପୁରୀ
ଜଗାକୁ ମଣ୍ଡପେ ଦେଖିଲି ସମୀପେ
ଭକ୍ତି ଭାବନାକୁ ଭରି...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଜ୍ୟୋସ୍ନା ପାଣି



ପ୍ରେୟସୀ ରାଧିକା ଗୋପ ନଗରୀରୁ
ପ୍ରୀତି ଆଶ୍ଲେଳରେ ଚିଠି ଲେଖିଛି
ହୃଦ ଅନ୍ତରର ଗୋପନ ବାରତା
ତୁଳସୀ ସୁବାସ ବାସ ମାଖିଛି ।

ସୁବାସିତ ଚିଠି ବାନ୍ଧିଛି ଲୁଚେଇ
ଖଣ୍ଡୁଆ ପାଟରେ ଅତି ଯତନେ
ରାଧା ଲେଖିଅଛି ପିରତୀ ବାରତା
ଖୋଲିବ କିପରି ଭାବୁଛି ମନେ ।

କଥା ଦେଇଛି ସେ ଇନ୍ଦ୍ରଦ୍ୟୁମ୍ନ ପାଶେ
ଛାଡିଯିବ ନାହିଁ ନୀଳାଚଳକୁ
ଭକ୍ତ ଖୋଜୁଥାଏ କାଳିଆର ଡୋରି
ବାନ୍ଧି ରଖିବାକୁ କାଳ କାଳକୁ ।

ତାର ଚକା ଆଖି ମନ ଯାଏ ଲାଖି
ହାତ ଗୋଡ ନାହିଁ କଳା ଠାକୁର
ଜଗତର ଦୁଃଖ କେମିତି ଦେଖୁଛୁ
ତୁହି ପରା ଦାରୁବ୍ରହ୍ମ ଭକ୍ତର ।

ତୋ ଶରଧାବାଲି ମୁଣ୍ଡେ ଦେଲେ ବୋଲି
ପାପ ସବୁ ଯାଏ ଧୋଇ
ତୋ ତୁଳସୀ ବାସ ଅଭଡା ମୁଠାଏ
ସ୍ୱର୍ଗ ଶାନ୍ତି ଭରି ଦେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଧାରାଣୀ ଝୁରେ ସେ ଯମୂନା ତୀରେ
କେତେ ଦୂରେ ତାର ପରାଣ ସଖା
ଝୁରୁଛି କଦମ୍ବ ଝୁରୁଛି ଯମୂନା
ସତେ ବୁଝିବକି ଚିଠିର କଥା ।

ଚୁଆ ଚନ୍ଦନ ରେ ବାସ ତୁଳସୀ ରେ
ପ୍ରୀତି ର ପିୟୁଷ ଚିଠି ରେ ଭରି
ଫେରିବ କି ସତେ ରାଧା ର ସପନ
କହ୍ନାଇ ପଢିବ ଚଠି ଆଦରି ।

ପ୍ରଧାନ ଶିକ୍ଷୟିତ୍ରୀ
ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଡଃ ତାନଶ୍ରୀ ପାଣିଗ୍ରାହୀ



ଗୋପପୁରେ ଥାଇ ଲେଖୁଛି ମୁଁ ଚିଠି
ହସୁଛି ଦ୍ୱିତୀୟା ଶଶୀ
ଚନ୍ଦନ କସ୍ତୁରୀ ପ୍ରେମ ନିର୍ମାଲ୍ୟରେ
ଚିଠି ବାସୁଛି ତୁଳସୀ
ଅଭିମାନେ ମନ ହେଉଛି ଅଧୀର
ତୁମେ କାହିଁ ଆସ ନାହିଁ... ।(୧)

ନ ଦେଖିଲେ କ୍ଷଣେ ପାରେ ନାହିଁ ରହି
ଏ କଥା ତ ଅଛି ଜଣା
ସାରିଛି ମହତ ତୁମ ପାଇଁ ରାଧା
ଜଗତେ ନିନ୍ଦା ବାଜଣା
ପାଦରେ ଘୁଙ୍ଗୁର ହେଉଛି ଅଧୀର
ତୁମ ପଥ ଚାହିଁ ଚାହିଁ...।(୨)

ଝୁରୁଛି ତୁମକୁ ସଞ୍ଜ ସକାଳରେ
ଗାଉଛି ତୁମରି ନାମ
ଭାବେ ଅରପୁଛି ଭକତି କୁସୁମ
ଆହେ ପ୍ରଭୁ ଘନଶ୍ୟାମ
ତୁମେ ପରା ମୋର ଜୀବନ ଶଙ୍ଖାଳି
ବଂଚିଛି ତୁମରି ପାଇଁ...।(୩)

ମନେ ପଡ଼େ ଆଜି ଆମ ମିଳନର
କୁଞ୍ଜବନର ବିଳାସ
ପ୍ରଣୟ ମଧୁର ରଙ୍ଗବିଭାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋହାଗ ପ୍ରଣୟ ରାସ
କଦମ୍ବ ମୂଳରେ ତୁମ ବଂଶୀ ସ୍ୱନେ
ତଲ୍ଲୀନ ମୁଁ ହୁଏ କାହିଁ...।(୪)

କଥା ଦେଇଅଛ ଆସିବ ବୋଲି ତ
କରୁଅଛ କାହିଁ ଡେରି
ମୟୂରଚୂଳିଆ କାଇଁଚମାଳିଆ
ହେ ମୋହନ ବଂଶୀଧାରୀ
ସେ ଦିନର ସ୍ମୃତି ଆଜି ମଧୁସ୍ୱପ୍ନ
ନିଦ ଭାଙ୍ଗିଗଲେ ନାହିଁ... ।(୫)

ପ୍ରେମ ପ୍ରଣୟିନୀ ଖୋଜୁଛି ତୁମକୁ
ଆଖିରୁ ଲୁହ ଝରାଇ
ଉତ୍ତର ଲେଖିବ ପ୍ରଭୁ ଅନ୍ତର୍ଯ୍ୟାମୀ
ମୋ ହୃଦୟ ଚିଠି ପାଇ
ମୋ ମନ ମନ୍ଦିରେ ଜାଳୁଛି ଦୀପାଳି
ଯେତେ ଦିନ ଥିବି ଜିଇଁ ।।(୬)

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଦେବେନ୍ଦ୍ର ନାୟକ



ସପନରେ କାଲି ଦେଖିଲି ରାତିରେ
ଶ୍ରୀକ୍ଷେତ୍ର ଧାମରୁ ଚିଠି ଆସିଛି
ଚିଠି ଖୋଲି ନାହିଁ ହାତରେ ଧରିଛି
ତୁଳସୀ ତୁଳସୀ ଖାଲି ବାସୁଛି ।

ଖୋଲି ଦେଲି ଚିଠି ପଢ଼ିଲି ତହିଁରେ
ହୋଇଥିଲା ଲେଖା କଥା ବହୁତ
କାଳିଆ ଲେଖିଛି ଆସିବୁ ରେ ଧନ
ଦେଖିଯିବୁ ଏଥର ରଥଯାତ ।

ଧନ ନାହିଁ ବୋଲି ମାନ ତୁ ମାରିଛୁ
ଆସି ତୁ ପାରୁନାହୁଁ ବୋଲି ପୁରୀ
ଭାବଗ୍ରାହୀ ହୋଇ ଭାବକୁ ବୁଝୁଛି
ଲାଗିଯିବ ତୋର ଏଥର ଡୋରି ।

ଦରଦୀ ବନ୍ଧୁ ଟେ ହୋଇ ପହଞ୍ଚିବି
ଆସିବୁ ମୋ ସାଥେ ଯିବୁ ତୁ ପୁରୀ
ପିଲା ଛୁଆ ତୋର ଆସିବେ ସାଙ୍ଗରେ
ରଥ ଟାଣି ଖୁସି ହୋଇବେ ଭାରି ।

ଚିଠି ବାସୁ ଥିଲା ତୁଳସୀ ତୁଳସୀ
ସତେକି କାଳିଆ ନିଜେ ଆସିଛି
ହଲେଇ ଝୁଲେଇ ନିଦରୁ ଉଠେଇ
ଡାକବାଲା ପରି ହାତେ ଦେଉଛି ।

ସପନରେ ମୁହିଁ ଆନନ୍ଦରେ ନାଚେ
ଜଗାକୁ ମୁଁ ଦଣ୍ଡବତ କରୁଛି
ସେହି ଖୁସିରେ ମୋ ନିଦ ଭାଙ୍ଗିଗଲା
ରଥ ଯାତରା କୁ ଚାହିଁ ବସିଛି ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ
ମୋ-୮୯୧୭୪୮୩୫୩୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଜ୍ଞାନ ରଞ୍ଜନ ଦାଶ



ନୀଳାଦ୍ରି ନଗରୁ ଆସିଅଛି ଦୂରୁ
ଚିଠି, ବାସୁଛି ତୁଳସୀ
ପେଷିଛନ୍ତି ଦୀନବନ୍ଧୁ ଜଗବନ୍ଧୁ
କୃପାସିନ୍ଧୁ ବ୍ରହ୍ମରାଶି ।୧।

ଦେଖିବାକୁ ନୀଳ କନ୍ଦରକୁ ଯାଇ
କଳା ସୁନ୍ଦର ବଦନ
ରତ୍ନ ସିଂହାସନ ପରେ ବିଜେ ହୋଇ
ଥିବେ ଗରୁଡ଼ ସ୍ୟନ୍ଦନ ।୨।

ଦକ୍ଷ ପଟେ ବିଜେ ହୋଇଥିବେ ନିଜେ
ନୀଳାମ୍ବର ସୁଭଦ୍ରିକା
ସୁଦର୍ଶନ ସ୍ତମ୍ଭୀଭୂତ ସଂହନନ
ମନୁ ନାଶୁଥିବେ ଦକା ।୩।

ତୁଳସୀ ପ୍ରସାଦ ପାଇ ଅବସାଦ
କ୍ଷଣେ ହୋଇଯିବ ଦୂର
ଶ୍ରୀମହାପ୍ରସାଦ ଭୋଜନ ନିମିତ୍ତ
ଯିବି ଆନନ୍ଦବଜାର ।୪।

ଉଦର ପୂରାଇ ଅବଢ଼ାକୁ ଖାଇ
ପିଇବି ଟଙ୍କ ତୋରାଣି
ଗାଇବି ପ୍ରଭୁଙ୍କ ନାମ ହୋଇ ରଙ୍କ
କୃପା ଋଣେ ହେବି ଋଣୀ ।୫।

ମର୍ତ୍ତ୍ୟ ବଇକୁଣ୍ଠ ତେଜିବି ସକୁଣ୍ଠ
ମନରେ, ଫେରିବି ବାସେ
ସୁମରିବି ବିଭୁ ନାମ ଅବିରାମ
ଥିବା ଯାଏ ଧରା ବାସେ ।୬।

ନରସିଂହପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

କବିତା ଦାଶ



ଚିଠି  ବାସୁଅଛି ତୁଳସୀ ତୁଳସୀ
ଜଗା ଦେଇଛି କି ଚିଠି
ଏତେ ଦିନେ ମନେ ପଡ଼ିଲା କି ସତେ
ସକାଳୁ ପଡ଼ିଲି ଝୁଣ୍ଟି ।

ଚନ୍ଦନ କର୍ପୂର ମହକି ଉଠୁଛି
ଦୟଣା ପତ୍ରୁଛି ଝରି
ମୟୂର ଚନ୍ଦ୍ରିକା ଫିଟି ପଡ଼ିଅଛି
ସତେ ଅବା କେରି କେରି ।

ଶଙ୍ଖ ଚକ୍ର ଗଦା ପଦ୍ମ ଛବି ପୁଣି
ଆଖି ଆଗେ ଯାଏ ଭାସି
ଅକ୍ଷର ଭିତରେ  ଚକା ଚକା ଆଖି
ଯାଉଅଛି ଖାଲି ଦିଶି ।

ଶ୍ରୀକ୍ଷେତ୍ର ଧାମରୁ ଆସିଅଛି ଚିଠି
କାଳିଆ ପାଖରୁ ପରା
ଅଭିମାନ କରି ଯାଇନାହିଁ ବୋଲି
ଆସିଛି ସତେ ଡାକରା ।

ନୁହଁଇ ମୁଁ ରାଧା  ନୁହେଁ ବି ମୁଁ ମୀରା
ନୁହେଁ ଯଶୋମତୀ ମାଆ
ତଥାପି ନିଜର ବେଶୀ  ଆପଣାର
ଲାଗୁଛି ଜାଣିନି କିଆଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଡ଼ିଏ ନଦେଖି ଟିକିଏ ନ ଭାବି
    ରହି ହୁଏନାହିଁ ଜମା
ଆଖି ଖୋଲିଲେ କି ଆଖି ବୁଜିଲେ ବି
    ଚକା ଆଖି ଦିଶେ ସିନା ।

ପଦୁଅଁ ପତରେ ଲେଖାଆଛି ଚିଠି
    ଢଳ ଢଳ ଅକ୍ଷରରେ
କେଉଁ ଦିନ ସତେ ଆସିବ ଏ ଚିଠି
    ରହିଥିଲି ଅପେକ୍ଷାରେ ।

ନିରାକାରପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସବିତା ଦ୍ୱିବେଦୀ ତ୍ରିପାଠୀ



ସପନରେ ଆସି ଗୋପନରେ ମୋର
କାନେ କହିଦିଅ କିଛି
ମାନସ ପଟେ ମୋ ତୁମ କଥା ଭାବି
ଆଖି ଲାଗି ଯାଇଅଛି ।

ଅଭିମାନ ଆଉ କରିବି କାହିଁକି
ସୃଷ୍ଟିକର୍ତ୍ତା ତୁମ୍ଭେ ପିତା
ମୋର ଭଲମନ୍ଦ ତୁମ ହାତେ ଟେକି
ଛାଡି ଦେଲି ସବୁ ଚିନ୍ତା ।

କଡ ଲେଉଟାଇ ହାତରେ ଉଠାଇ
ପଢ଼ିଲି ଖୁସିରେ ବସି
ମନକୁ ବୁଝାଇ ଲେଖା ଅଛି ତହିଁ
ବାସେ ତୁଳସୀ ତୁଳସୀ ।

ଚକା ଚକା ଦୁଇ ନେତ୍ର ଦିଶିଗଲା
ମୋ ଆଖି ଗଲା ଝଲସି
ମହାମହ ହୋଇ ଚହଟି ଚିଠିଟି
ବାସେ ତୁଳସୀ ତୁଳସୀ ।

ଚିନ୍ତା କର ନାହିଁ  ଭଲ ମନ୍ଦ ପାଇଁ
ଅଛି ମୁଁ ତୋ ପାଶେ ପାଶେ
ଭାବରେ ବନ୍ଧା ମୁଁ ଜାଣି କି ପାରୁନୁ
ମୁଁ କି କେବେ କା'ରେ ଦିଶେ

ମୋ ପିଲାର ଚିନ୍ତା ମୋଠାରୁ କେ ବେଶୀ
ଅବା କହ ନେଇ ପାରେ
ସମୟ ଆସିଲେ ସବୁ ଠିକ୍ ହେବ
ଚିନ୍ତା କରୁ ମିଛଟାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ପାଇଁ ତୁ ଏତେ ଭଜନ ଲେଖୁଚୁ
ଗାଉଅଛୁ ଦିନ ରାତି
ପ୍ରିତ ହୋଇ ଏହି ଚିଠି ପଠାଇଲି
ବାସେ ତୁଳସୀ ତୁଳସୀ ।

ଆକସ୍ମିକ ଭାବେ ନିଦ ଭାଜିଗଲା
ଅନାଇଲି ଚାରିଆଡେ
କାହିଁ କେହି ନାହିଁ ଚାରିପଟେ ଖାଲି
ତୁଳସୀ ପତର ପଡେ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସଂଯୁକ୍ତା ସାହୁ



ମୋ କାଳିଆ ସାଆନ୍ତ ପ୍ରଭୁ ଜଗନ୍ନାଥ
ମୋତେ ଯେ ଲେଖିଅଛନ୍ତି ଚିଠି
ସେଇ ଚିଠିଟି ତୁଳସୀ ତୁଳସୀ ବାସୁଛି
ଚାରିଆଡେ ଏଠି ଓ ସବୁଠି ।

ହେ ପ୍ରାଣବନ୍ଧୁ, ପ୍ରଣମ୍ୟ, ପ୍ରାଣପ୍ରତିମ
ତୁମ ପାଇଁ ମୋ ଅକୁହା କଥା
ମୋ ଅନୁଭବର ବେଦନା ଭେଟିଦେବି
ପ୍ରଶମିତ ହେବ ହୃଦୟ ବ୍ୟଥା ।

ଚାହିଁଅଛି ତୁମ କରୁଣାରୁ କାଣିଚାଏ
ଦର୍ଶନ କରିବି ଚକାନୟନ
ବଡଦାଣ୍ଡ ଧୂଳି ମୁଣ୍ଡେ ମାରି ଅରୁଣସ୍ତମ୍ଭ
ଛୁଇଁଦେଇ ହେବି ମୁହିଁ ଧନ୍ୟ ।

ପ୍ରଭୁ ପତିତପାବନଙ୍କୁ ପ୍ରଣିପାତ କରି
ବାଇଶିପାହାଚ ଚଢି ଚଢ଼ି ଯିବି
ମନ୍ଦିର ଚୁଡ଼ାଉପରେ ନୀଳଚକ୍ର ବାନା
ଏକ ଲୟରେ ଚାହିଁ ରହିଥିବି ।

ବେତ ମାଡ ଖାଇ ପାପ ନାଶ ହେବ
ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇ ଧରିବି
ସେଇଠି ଥାଇ ତୁମ ଚତୁର୍ଦ୍ଧାମୂର୍ତ୍ତିକୁ
ନେତ୍ର ପୁରାଇ ଦେଖୁଥିବି ।

ତୁମ ଚିଠି ପାଇ ମୋ ମନ ବ୍ୟାକୁଳିତ
ତୁମ ସ୍ନିଗ୍ଧ ରୂପକୁ ଦେଖିବି
ତୁମ ଆଖି ସହ ଆଖି ମିଳାଇ ଲୁହରେ
ହୃଦୟର ନିଭୃତ ଭକ୍ତି ପଖାଳିବି ।

ତୁମ ଛଡା ତୁଳସୀକୁ ପାଟିରେ ଦେଇ
ନିର୍ମାଲ୍ୟ, କୈବଲ୍ୟ, ଅଭଡ଼ା ପାଇବି
ଦାରୁବ୍ରହ୍ମ ରୂପୀ ହେ ବିସ୍ମୟ ଦେବତା
ତୁମ ପାଦ ତଳେ ଲୋଟିଯିବି ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ରଞ୍ଜିତା ତ୍ରିପାଠୀ



ତୋ ଶ୍ରୀମନ୍ଦିରରେ ପ୍ରବେଶ କରିଲେ
ତୁଳସୀ ତୁଳସୀ ବାସେ
ତୋ ଆଳତୀ ଥରେ ଦେଖିଦେଲେ ମୁହିଁ
ଅନ୍ତର ମୋହର ହସେ ।
ମୋ ମନ ତଳର ଯେତେକ ଯନ୍ତ୍ରଣା
ହୃଦୟେ ସାଇତି ମୁହିଁ
କହିବାକୁ ଯାଇଥିଲି ତୋ ମନ୍ଦିରେ
ତୋ ଦେଖା ପାଇଲି ନାହିଁ ।
ଚିନ୍ତା ଦୁଃଖ ଆଉ ଅନ୍ତର ବେଦନା
ଚିଟାଉ ରେ ଦେଲି ଲେଖି
ବାଦଲ ହାତରେ ପଠାଇ ଦେଲି ମୁଁ
କାଳେ ପଡିବ ତୋ ଆଖି ।
ଶ୍ରୀକ୍ଷେତ୍ରରେ ଯାଇ ଫାଟିଲା ବାଦଲ
ଶ୍ରୀମନ୍ଦିରେ ଗଲା ଝରି
ଅନ୍ତର୍ଯ୍ୟାମି ତୁହି ମୋ ଅନ୍ତର କଥା
ଜାଣିଲୁ ଚିଠିକୁ ଚାହିଁ ।
ଭକ୍ତକୁ ପରୀକ୍ଷା କରିବା ପାଇଁକି
କେତେ ତୁ କଷଣ ଦେଉ
ହୃଦୟରେ ଭକ୍ତି ରଖିଥାଏ ଯିଏ
ତାକୁ ତୁ ସହାୟ ହେଉ ।
ଦିନେ ଅପରାହ୍ନେ ଶିଶୁ ରୂପେ ଆସି
ଚିଟାଉ ବଢାଇ ଦେଲୁ
ଚିଠି ବାସୁଥିଲା ତୁଳସୀ ତୁଳସୀ
ଦୁଃଖରୁ ଉଦ୍ଧାର କଲୁ ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଲତା ବେହେରା



ଶ୍ରୀକ୍ଷେତ୍ରରୁ ଚିଠି ଦେଇଛି କାଳିଆ
ଡାକିଛି ସେ ମୋତେ ପୁରୀ
ଚିଠି ବାସୁ ଅଛି ତୁଳସୀ ତୁଳସୀ
ପେଟ ମୋ ଯାଉଛି ପୂରି ।

ଦେଖିବି କାଳିଆ ସେ ନୀଳା ଚଳିଆ
ନୀଳାଚଳେ ଚକା ପାରି
କେମିତି ବସିଛି ଭକତ ମୋହୁଛି
ଡାକୁଛି ସେ ଆଖି ଠାରି ।

ଶ୍ରୀମନ୍ଦିର ତାର ତୁଳସୀର ବଣ
ପବନେ ମହକ ଭରି
ବିଚ୍ଛୁରିତ ହୁଏ ମନ ମୋହି ନିଏ
ଭକ୍ତ ମନ କରେ ଚୋରି ।

ତୁଳସୀ ମାଳିଆ ମୟୁର ଚୁଳିଆ
ଓଠୁ ହସ ପଡେ ଝରି
ଷାଠିଏ ପଉଟି ନିତି ସେ ଖାଉଛି
କହିଛି ଦେବ ସେ କ୍ଷୀରି ।

ବଡ ଦାଣ୍ଡ ଧୂଳି ମୁଣ୍ଡେ ହେବି ବୋଲି
ଆଶା ମୋର ଅସୁମାରୀ
ଦେଖିବି ସମୁଦ୍ର ତାର ନୀଳଚକ୍ର
ଲଗେଇ ଦେଲା ସେ ଡୋରି ।

ତା କଥା ଭାବିଟି ଦିନ ମୋ ସରେଟି
ଭୋକ ଶୋଷ ଯାଏ ମରି
କେମିତି ଯାଇକି ନେତ୍ରରେ ଦେଖିବି
ମନ ହେଉଥାଏ ଝୁରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚକା ଚକା ଆଖି ଆଖିରେ ନାଚୁଛି
ପାହେନି ଜମା ଶର୍ବରୀ
ଯେଣିକି ମୁଁ ଯାଏ ବାସ୍ନା ଛୁଟି ଥାଏ
ତୁଳସୀ ମହକ ଭରି ।

ଚିଠିଟି ଖୋଲିଲେ ତାକୁ ମୁଁ ଦେଖେରେ
ତା ବିନା ଯିବିରେ ମରି
ଏ ଜନମ ନୁହେଁ ଜନ୍ମ ଜନ୍ମ ପାଇଁ
ସାଥୀଟି ସିଏ ମୋହରି ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସୁଦ୍ରୁମା ପଣ୍ଡା



ଧନ୍ୟ ଜଗନ୍ନାଥ ଧନ୍ୟ ତୁମ ତୁମ ଭାବ
ଧନ୍ୟ ତୁମ ବନ୍ଧୁ ପଣ,
ଗଲେ ବନ୍ଧୁଘର ପାଛୋଟି ନେଉଛ
ପଠାଇ ତୁମ ସ୍ୱଜନ ।୧।

ଶିରୀ ମନ୍ଦିରରେ ଭବ୍ୟ ସୁଖ ଦେଲ
କଲି ବେଢ଼ା ପରିକ୍ରମା,
ତୁମ ଦର୍ଶନରେ ଅର୍ଜିଲି ଯେ ପୁଣ୍ୟ
ନାହିଁ ତ ତାର ଉପମା ।୨।

ଡ଼ାକି ଖୁଆଇଲ ଆନନ୍ଦ ହାଟରେ
କୋଠ ଭୋଗ କଇବଲ୍ୟ,
ଟଙ୍କ ତୋରାଣି ରେ ହୃଦ ତୃପ୍ତ କରି
ପରମ ସନ୍ତୋଷ ଦେଲ ।୩।

ବୁଲାଇ ଦର୍ଶନ କରାଇଲ ମୋତେ
ଶ୍ରୀକ୍ଷେତ୍ର ରୂପ ମାଧୁରୀ,
ନରେନ୍ଦ୍ର ପୁଷ୍କରି ମହୋଦଧି ଦେଖି
ମନ ହୃଦ ଗଲା ପୁରି ।୪।

ଆସିଲା ବେଳକୁ ବାନ୍ଧିଦେଲ କେତେ
ଦରବ କାନିରେ ମୋର,
ମନ ନଥିଲେ ବି ଲେଉଟି ଆସିଲି
ବାନ୍ଧିଲା ମିଛ ସଂସାର ।୫।

କିନ୍ତୁ ମୋତେ ଭୁଲି ନାହିଁ ବୋଲି ତୁମ
ଚିଠି ପହଞ୍ଚିଲା ଆସି,
ବିମୁଗ୍ଧ ହୋଇ ସେ ଚିଠି ଖୋଲି ଦେଲି
ବାସେ ତୁଳସୀ ତୁଳସୀ ।୬।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ବୀରେନ୍ଦ୍ର କୁମାର ସାହୁ



ଆସିଛି ଆସିଛି     ଚିଠି ଲୋ ଆସିଛି
ଚିଠି ବାସୁଛି ତୁଳସୀ ତୁଳସୀ
ଲାଗୁଛି ଲାଗୁଛି     ପଠାଇଛି ମୋତେ
ମୋତେ ଆଜି ମୋର ଶ୍ରୀକ୍ଷେତ୍ରବାସୀ

ଲେଖିଛି ଲେଖିଛି     ତାର ମନ କଥା
ଭକ୍ତିରେ ମୋହର ସନ୍ତୁଷ୍ଟ ହୋଇ
ଦେଇଛି ଦେଇଛି     ତାର ଆଶୀର୍ବାଦ
ଖୁସିରେ ସଦା ମୁଁ ରହିବା ପାଇଁ....।

ଆଖିରେ ଆଖିରେ     ଦେଖୁଥାଏ ସିଏ
ସମସ୍ତ ଭକତ ବେନି ନୟନେ
କହି କହି ସିଏ     ଦେଉଥାଏ ତାର
ସବୁକଥା ତାର ଭାଇକୁ କାନେ....।

ଦେଖ ଦେଖ ଭାଇ     ଭକତ ମୋହର
ପାରିଲାନି ଆସି ପାଖକୁ ମୋର
ଧରି ଧରି ନାମ     ତୁଣ୍ଡରେ ତାହାର
ଡାକୁଅଛି ରହି ତାହାରି ଘର....।

ଧନ୍ୟ ଧନ୍ୟ ଭକ୍ତ     ତୁମରି ଭକ୍ତିରେ
ସନ୍ତୁଷ୍ଟ ହୋଇଛି ଦୂରରେ ରହି
ସଦା ବେଳେ ରହୁ     ଖୁସି ତୁମ ମନ
ଆଶୀର୍ବାଦ ଦେଲି ଦୂରରୁ ଥାଇ....।

ପଢି ପଢି ଦେଖ     ଚିଠିରେ ମୋହର
ତୁମ ଭକ୍ତି ଭାବ  ଲେଖିଛି ମୁହିଁ
ଶ୍ରେଷ୍ଠ ଭକ୍ତ ରୂପେ     ତୁମେ ଗଣା ମୋର
ଶ୍ରୀମନ୍ଦିରେ ଥାଇ କହୁଛି ମୁହିଁ....।

ପାପସରା, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସୁନିତା ମହାନ୍ତି



କେଉଁ ଅପରାଧେ  କେଉଁ ଦୋଷେ ମୋର
ଦୁରେଇ ଗଲ ହେ କାହ୍ନା
ଝୁରୁଛି  ମରୁଛି  ତୁମ  କଥା  ଭାବି
ହୁଏ ଖାଲି  ଆନମନା  ।

ଏ ଜୀବନ ମୋର ତୁମକୁ ଅର୍ପିଛି
ତୁମ ହୃଦେ ମୋର ପ୍ରାଣ
ଅଭିମାନି ମନ ସଦା ଛନ୍ନ ଛନ୍ନ
ଉଜାଗର ରାତି ଦିନ   ।

ହୃଦୟରୁ ମୋତେ ଭଲ ପାଅ ବୋଲି
ଗୋପରେ ବାଜେ ନାଗରା
ଗୋପ ଗୋପାଳୁଣୀ ଟାପରା ହୁଅନ୍ତି
କାହିଁ ଗଲା  ଛାଡି ଛତରା ।

ଚିଠି ମୋ ପଢିବ ଲେଖିଛି ବସି ମୁଁ
ଯମୁନା  କଦମ୍ବ ମୂଳେ

ସେ ଚିଠିରେ ଢାଳି ତୁଳସୀ ଅଗରୁ
ପଢି ଖୁସି ହେବ ଭୋଳେ ।

ହୃଦୟ ଯମୁନା ଉଜାଣି ବହଇ
କାଁହୁ ବିନା ରାଧା ଏକା
ବୃନ୍ଦାବନେ କାହ୍ନୁ  ରାଧା ବିନା ଅଧା
ପ୍ରେମ ପଡ଼ିଗଲା ଫିକା

ଚିଠି   ବସୁଥିଲା   ତୁଳସୀ  ତୁଳସୀ
ବିରସେ ଭରିଲା ଖୁସି
ଦୁଇ ନୟନରୁ କାହ୍ନୁ ଲୁହ ଢାଳେ
ବିରହ ବେଦନା ଭାଷି  ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ରବିନାରାୟଣ ମିଶ୍ର



ସପନେ ଦେଖିଲି ପ୍ରଭୁ ହେ ତୁମକୁ
ରାତ୍ରିର ଶେଷ କାଳରେ,
ପାଶେ ମୋର ବସି ମୁଣ୍ଡକୁ ଆଉଁସି
ଶୁଆଇ ତବ କୋଳରେ ।୧।

ସତେ ତବ ଶୁଭ ଆଶିଷେ ମୋହର
ହୋଇବ ଜୀବନ ଧନ୍ୟ,
ସେତିକି ମାଗୁଣି ମାଗି ନେଉଥିଲି
ଆଶା ନାହିଁ କିଛି ଅନ୍ୟ ।୨।

ନିଦ ମୋ ଭାଜିଲା ଉଠି ମୁଁ ବସିଲି
ନ ପାଇ ତବ ଦର୍ଶନ,
ନୟନାଶ୍ରୁ ଝରି ତୁଣ୍ଡରେ ମିଶିଲା
ଜାଣିଲି ଏହା ସପନ ।୩।

ଅବୁଝା ମନଟା ବୁଝିଲାନି ଜମା
ଖୋଜୁଥିଲା ତୁମ ରୂପ,
କେଉଁ କର୍ମେ ମନ ଲାଗୁ ତ ନଥିଲା
ଅଙ୍କୁରିତ ଲୋମ କୂପ ।୪।

ସମୟ ଗଡ଼ିଲା ଦିବସ ହୋଇଲା
ପିଅନ କହିଲା ଆସି,
ବଢ଼ାଇ ଦେଲା ସେ ହାତେ ମୋର ଚିଠି
ଚିଠି ବାସୁଛି ତୁଳସୀ ।୫।

ତେବେ ମୁଁ ଜାଣିଲି ଜଗାର ପରଶ
ଚିଠିରେ ସତେ ଲାଗିଛି,
ପ୍ରତ୍ୟକ୍ଷେ ନହେଲେ ପରୋକ୍ଷରେ ହେଉ
ସପନ ସତ ହୋଇଛି ।୬।

ବାଲିପଦା, ଘଣ୍ଟେଶ୍ୱର, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମଧୁସ୍ମିତା ସାହୁ



ଚିଠି ବାସୁଛି ତୁଳସୀ ତୁଳସୀ
ହୃଦୟ ଭାବ ତୋଳି ଧରିଛି
ପ୍ରଭୁ ନାରାୟଣଙ୍କୁ ସୁମରିତ
ଚରଣ କମଳେ ସମର୍ପିଛି ।।

ପବିତ୍ର କାର୍ତ୍ତିକ ମାସ ଆସିଛି
ବୃନ୍ଦାବତୀଙ୍କ ମହାତ୍ମା ନେଇ
ଜପ ତପ ହବିଷ ପାଳନରେ
ମନଧ୍ୟାନ ନିୟୋଜିତ ଦେଇ ।।

ଚଉଁରା ମୂଳେ ସଞ୍ଜ ଦୀପ ଜାଳି
ଗୁହାରି ଜଣାଏ ତୁମଠାରେ
ଶଙ୍ଖା ସିନ୍ଦୂର ଫୁଲ ସାଥୀ ହୋଇ
ମୋକ୍ଷ ପାଇବି ସ୍ୱର୍ଗ ଦ୍ୱାରରେ ।।

ଚିଠିରେ ଲେଖିଲି ଆକାଂକ୍ଷା ମୋର
ଘେନ ବାରେ ମୋହର ମିନତି
ଆକୁଳେ ଡାକୁଛି ପ୍ରଣତି ଜଣାଇ
ଅନ୍ତିମ ଲଭିବି ମହାସତୀ ।।

ତୁଳସୀ ମାଳେ ରାମକୃଷ୍ଣ ବିଜେ
ଦିବା ନିଶି ମହାମନ୍ତ୍ର ଧରି
ସତ ମାର୍ଗ ଅଭିଳାଷ ପୂର୍ଣ୍ଣରେ
ଚାଲିଯିବି ସଂସାରରୁ ତରି ।।

ବ୍ରହ୍ମା ନଗର, ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା
ମୋ : ୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ରୀତାରାଣୀ ଦାଶ



ଚିଠି ମୋ ପହଞ୍ଚେ ମିଠା ସୁଗନ୍ଧର
ତୁଳସୀ ବାସ୍ନା ମିଶ୍ରିତ
ସ୍ମୃତିର ସ୍ୱାଗତ ସ୍ୱପ୍ନ ହୁଏ ସତ୍ୟ
ସମୟ ଅଟେ ପ୍ରତ୍ୟୁଷ
ପ୍ରାର୍ଥନା ପୂର୍ଣ୍ଣ ନିଃଶ୍ୱାସ,
ଭକ୍ତିର ଝଲକ ପ୍ରାଣେ ଖେଳୁଥାଏ
ସୂରୁଜ ପ୍ରାୟ ପ୍ରକାଶ ।

ମନରେ ପୁଲକ ପ୍ରବଳ ଆଗ୍ରହ
ବିଭୋର ଅସ୍ଥିର ପ୍ରାଣ
ପ୍ରାଣପ୍ରିୟ ମୋର ଚିଠି ଭେଜିଛନ୍ତି
ସରାଗେ ଅର୍ପିଣ ସ୍ନେହ
ତୁଳସୀ ତୁଳସୀ ବାସେ,
ପ୍ରେମ ପ୍ରତିଧ୍ୱନି ଅନୁଚ୍ଚାରିତ ଯେ
ଭକ୍ତି ହୃଦୟେ ପ୍ରକାଶେ ।

ଶବ୍ଦେ ଆଶୀର୍ବାଦ ଗାଢ଼ କାଳି ସ୍ପର୍ଶ
କରେ ମୋତେ ଆଲିଙ୍ଗନ
କୋମଳ ବାରତା ରହସ୍ୟର ଗାଥା
ବଖାଣି ମୋ ପ୍ରିୟତମ
ଦିବ୍ୟ ପ୍ରୀତି ସମ୍ଭାଷଣ,
ଆଶୀର୍ବାଦ ତୁଲ୍ୟ ଅଟଇ ଅମୂଲ୍ୟ
ତୁଳସୀ ଆଭା ଶୋଭନ ।

ମନ୍ଦିର ଘଣ୍ଟାର ସ୍ୱରପରି ମିଠା
ଚିଠିରେ ତୁଳସୀ ବାସ୍ନା
ଗଭୀର ଭାବରେ ପ୍ରତିଧ୍ୱନି କରେ
ମଧୁର ବଂଶୀ ବାଜଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁଳସୀର ସୁଗନ୍ଧରେ,
ଶିରା ପ୍ରଶିରାରେ ଭକ୍ତି ଆହ୍ୱାନରେ
ବିଚଳିତ ମୋତେ କରେ ।

ପବିତ୍ର ପାବନ ତୁଳସୀ ମହିମା
ସୂଚାଇ ଅଛନ୍ତି ସେହି
ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗୀ ସଖି
ତୁଳସୀ ପୂଜିବା ପାଇଁ
ପରଂବ୍ରହ୍ମ ଜଗନ୍ନାଥ,
ମସ୍ତକେ ଧାରଣ ପାଇଁ ସତ୍ୟ ବଦ୍ଧ
ଶୁଣିବୁ ସବୁ ବୃତ୍ତାନ୍ତ ।

ଭାବକୁ ନିକଟ ଅଭାବକୁ ଦୂର
ସ୍ୱୟଂ ପ୍ରଭୁ ଚକ୍ରଧର
ତୁଳସୀର ବିନା ଗ୍ରହଣ ଯେ ମନା
କାହାକୁ ଏ ଅଗୋଚର
ଭକ୍ତାଧୀନ ଭଗବାନ,
ସର୍ବ ସୌଭାଗ୍ୟର ବର୍ଦ୍ଧିନୀ ମାତା ଯେ
ଶ୍ରେୟ ତୁଳସୀର ଧ୍ୟାନ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସୌଭାଗ୍ୟ ଦାଶ



କାଳିଆ ପାଖରୁ ଚିଠି ମୋ ଆସିଛି
ବାସୁଛି ତୁଳସୀ ତୁଳସୀ
ସରାଗ ପସରା ପ୍ରେମର ଅସରା
ଚିଠିରେ ଦେଇଛି ପରଶି ।
ନନ୍ଦନ ବନର ଆଶା ପାରିଜାତ
ମନ ମୋ ଯାଉଛି ଉଲ୍ଲସି
ପ୍ରଜ୍ଞାପୀୟୁଷର ପୁଷ୍ପ ପ୍ରସ୍ଫୁଟିତ
ସୁଧା ମକରନ୍ଦ ବରଷି ।
ଚିଠିର ବାସ୍ନାରେ କସ୍ତୁରୀ ମହକ
ମଳୟର ବାଆ ବହୁଛି
ଚିଠି ମଲାଟରେ କଳାଶ୍ରୀମୁଖର
ସ୍ମିତହାସ ଉଙ୍କି ମାରୁଛି ।
ମନପକ୍ଷୀ ମୋର ଉଡେ ସିଂହଦ୍ୱାର
ଅରୁଣ ସ୍ତମ୍ଭକୁ ଛୁଉଁଛି
ବାଇଶି ପାବଚ୍ଛେ ଦୟଣା ତୁଳସୀ
ଚନ୍ଦନ, କର୍ପୂର ବାସୁଛି ।

ଭାବ ଭକ୍ତି ଭରା ଗୀତ ଗୋବିନ୍ଦର
ସଂଗୀତ ମୂର୍ଚ୍ଛନା ତେଲୁଛି
ଭକତ ଅନ୍ତର କୁହୁକ ମନ୍ତର
ଶବ୍ଦପୁଞ୍ଜ ମଧୁ୍ୟ ଝରୁଛି ।
ଭକ୍ତ ମନ ଜାଣି ପ୍ରଭୁ ନୀଳମଣି
ଚିଠିରେ କୁହୁକ ଭରିଛି
ଚିଠି ପଢି ମୋର ଭାବର ଲୁହରେ
ମୋ ଜଗା ପାଦକୁ ଧୋଉଛି ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ରଞ୍ଜିତା ସାହୁ



ଶ୍ରୀକ୍ଷେତ୍ର ଧାମରୁ ଚିଠି ମୋ ଆସିଛି
ଲେଖି ଛନ୍ତି ନୀଳମଣୀ
ଚିଠି ତ ବାସୁଛି ତୁଳସୀ ତୁଳସୀ
ତା ପଢି ହେଲି ବାୟାଣୀ...
ଭାବର ଡୋରିରେ ବାନ୍ଧେ ଯତନରେ
ଖୋଲିଲେ କାଳିଆ ମୁହଁ
ଶ୍ରଦ୍ଧାର ଲେଖନୀ ଚନ୍ଦନ କାଳିରେ
କସ୍ତୁରୀ ବାସ ମହମହ.....
ଭକତି ରେ ପଢେ କାଳିଆ ପତର
ଦେହ ମନ ଉଲ୍ଲସିତ
ଅମୃତର ବାରି ଯାଉଅଛି ବହି
ଭାବ ମୂର୍ଚ୍ଛନା ସଙ୍ଗୀତ..
ଡାକିଛି କାଳିଆ ପାଖକୁ ତାହାର
ଭକତ ବିନା ଅଧୁରା
କେତେ ବେଶ ହେବ ଦେଖିବା ପାଇଁକି
ବଡ଼ ଦାଣ୍ଡରେ ଯାତରା...

କାର୍ତ୍ତିକରେ ରାହାସ କି ମନୋହର
ଲୀଳା ରାଈ ଦାମୋଦର
ନୁହେଁ ବନ୍ଧୁ ସଖା ଭାବରେ ବନ୍ଧା ସେ
ତେଣୁ ଲେଖିଛି ପତର,,,,
ମନ ମୋ ଉଡୁଛି ଶ୍ରୀ କ୍ଷେତ୍ରେରେ ଯାଇ
ବଡ଼ ଦାଣ୍ଡେ ହୋଇ ଛିଡା
ପତିତବାବନ କୁ ଚାହିଁ କହଇ
ଆଉ କିଛି ନାହିଁ ଲୋଡ଼ା...
ହେ ବିଶ୍ୱ ବିହାରୀ ମୁଁ ଛାର ଭିକାରୀ
ପଣ୍ଡା ମାଡ଼େ ଯିବି ଡରି
ପ୍ରମାଣ ସହିତ ମୁଁ ଯାଉଛି ପୁରୀ
ଲୁହ ଭିଜା ଚିଠି ଧରି.....

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

କୃଷ୍ଣଚନ୍ଦ୍ର ମହାପାତ୍ର



ତୁଳସୀ ରସିଆ ମୋ ଜଗା କାଳିଆ
ଭକତ ମନ ବୁଝିଛି
ଭକତ ଭାବର ଆରାଧ୍ୟ ଠାକୁର
ମନୋରଥ ପୂର୍ଣ୍ଣ କରୁଛି ।
ବହୁ ଦୂରେ ଥାଇ ନ ପାରିଲି ଯାଇ
ମିନତୀ ମୋ ଜଣାଇଛି
ମନ ଭାବ ଜାଣି ପ୍ରଭୁ ନୀଳମଣି
ପତର ଖଣ୍ଡିଏ ଦେଇଛି ।
ଖୋଲିଲି ପତର ବାସନା ତାହାରେ
ତୁଳସୀ ତୁଳସୀ ବାସୁଛି
ଅଗରୁ , ଚନ୍ଦନ କର୍ପୁର ମିଶିଣ
ମନ ମୋ ମୋହି ନେଉଛି ।
ମୋ ଭକ୍ତି ଭାବର ଆସିଛି ଉତ୍ତର
ସତେ ମୋ ପାଖେ ବସିଛି
ଭଲ ମନ୍ଦ କଥା ମୋ ମନର ବ୍ୟଥା
ସବୁ ଆପଣେଇ ନେଇଛି ।

ବନ୍ଧୁ ପରି ବନ୍ଧୁ ପ୍ରଭୁ ଜଗବନ୍ଧୁ
ତାହା ପରି କେହି ଅଛି
ଯେ ଥାଉ ଯେଉଁଠି ଭାବରେ ସେଇଠି
ଲୀଳା ତାର ଲଗାଇଛି ।
ଭକ୍ତ ଭଗବାନ ମନର ମିଳନ
ଚିଠିରୁ ବାରି ହେଉଛି
ମୋ କଳା ସାଆନ୍ତ ଲୀଳା ତା ବିଚିତ୍ର
ଭାବ ଡୋରରେ ସେ ବାନ୍ଧୁଛି ।

କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମନୋରମା ରାଉତରାୟ



ସପନ ସିନ୍ଧୁରୁ କାଳିଆ ସନ୍ଦେଶ
ଢେଉରେ ଆସଇ ଭାସି ,
ସେ ଚିଠିରେ ଭରା ମଧୁର ମହକ
ବାସେ ତୁଳସୀ ତୁଳସୀ ।

ଭାବକୁ ନିକଟ ଅଭାବକୁ ଦୂର
ତୁମେ କାଳିଆ ସାଆନ୍ତ,
ସ୍ୱପ୍ନରେ ହେଉ କି ବାସ୍ତବରେ ହେଉ
ପୂର୍ଣ୍ଣକର ମନୋରଥ ।

ତୋ ପାଶେ ଯିବାକୁ ବଳାଇଲେ ମନ
ଜଞ୍ଜାଳ ରୋଧଇ ପଥ,
ଜଞ୍ଜାଳ ଜୀବନ ପ୍ରତିହତ କରି
ଯାଇ କି ପାରିବି ନାଥ ?

ଭକ୍ତ ପାଶେ ବନ୍ଧା ପଡ଼ିଥାଅ ସଦା
ଯୁଗେ ଯୁଗେ ଚକାଡୋଳା,
ଭକତ ବାନ୍ଧବ ଆହେ  କଳାଚାନ୍ଦ
ମର୍ତ୍ତ୍ୟେ ମାନବୀୟ ଲୀଳା ।

କରୁଛି ମିନତି ଆହେ ଲକ୍ଷ୍ମୀପତି
କରୁଣା ବରଷୁ ଥାଅ,
ଯେତେ ଦୂରେ ଥିଲେ ଅନ୍ତର ନକରି
ସପନେ ସଂଦେଶ ଦିଅ ।

ସେ ଚିଠି ପାଇଲେ ଆତ୍ମା ତୃପ୍ତି ହେବ
ହୃଦୟେ ଲଭିବି ଶାନ୍ତି,
ଚନ୍ଦନ ତୁଳସୀ ବାସେ ମୋହୁଥିବ
ତୁମ ହସ୍ତ ଲେଖା ଚିଠି ।


କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ବିନୋଦିନୀ ନାୟକ୍



ଯାଇ ମୁଁ ପାରୁନି ତୁମରି ନିକଟ
ଜଞ୍ଜାଳ ହେଉଛି ଭାରି
ଅନ୍ତର ବେଦନା କହିବି କେମନ୍ତେ
ଆହେ ଗୋଲକ ବିହାରୀ ।୧।

ତୁଳସୀ ରସିଆ ମୋ ଜଗା କାଳିଆ
ତୁଳସୀରେ ପ୍ରିୟ ଭାରି
ତେଣୁ ତୁଳସୀରେ ଲେଖୁଅଛି ଚିଠି
ମନ କଥା ଭାଳି ଭାଳି ।୨।

ଆହେ ପ୍ରାଣଧନ ପ୍ରଣାମ ମୋ ଘେନ
ଚିଠି ଦ୍ୱାରା କରେ ଅଳି
ବହୁ ଦୁରୁ ରହି ଲେଖୁଛି ମୁଁ ଚିଠି
ଗ୍ରହଣ କର ମୁରାରୀ ।୩।

ମୋ ଅନ୍ତର ବ୍ୟଥା କହିବି କା'ଆଗେ
କେ'ନୁହେଁ ଏଠି କାହାରି
ରକ୍ତ ଚନ୍ଦନରେ ଶ୍ରଦ୍ଧା ବିଶ୍ୱାସରେ
କର୍ପୁର,କସ୍ତୁରି ବୋଳି ।୪।

ତୁଳସୀ ପତ୍ରରେ ଲେଖେ ଯତନରେ
ନୟନରୁ ନୀର ଢାଳି
ତେଣୁ ଚିଠି ବାସେ ତୁଳସୀ ତୁଳସୀ
ପାଠ କର ଦୟାକରି ।୫।

ଏତିକି ବିନତି ହେ ବ୍ରହ୍ମାଣ୍ଡପତି
ଜାଣ ଅନ୍ତର ମୋହରି
ପଢି ମୋ ପତର କର ଆପଣାର
(ଇତି)ଚରଣ ଦାସୀ ତୁମରି ।୬।

ଛତ୍ରପୁର, ଗଞ୍ଜାମ, ମୋ : ୯୭୭୭୯୩୮୦୯୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ହେମନ୍ତ କୁମାର ଗନ୍ତାୟତ



ଶ୍ରୀକ୍ଷେତ୍ର ମଉଡ ମଣି ଜଗନ୍ନାଥ
ଭାବ ବିନୋଦିଆ ସେହି
ଅନ୍ତର କଥାକୁ ସଦା ପରଖଇ
ବିବିଧ ଭଙ୍ଗିରେ ରହି ।।

ଚନ୍ଦନ କସ୍ତୁରୀ ଶ୍ରୀଅଙ୍ଗେ ମାଖଇ
ବାହୁରେ ତୁଳସୀ ମାଳ
ନାକେ ନାକଚଣା ମସ୍ତକେ ଓଢଣା
ମସ୍ତକେ ମରୁଆ ଚୂଳ ।।

ଅତି ରସିକିଆ ସେ ବାଙ୍କ ଚୂଳିଆ
ମୁରୁକି ମୁରୁକି ହସେ
ମୋହନ ମୁରଲୀ ବଜାଇ କାଳିଆ
ପ୍ରେମିକା ମାନସ ତୋଷେ ।।

ପାଶେ ଥାଏ ଯେବେ  ପାଖକୁ ନ ଆସେ
ଶୁଣେ ନାହିଁ ମନ କଥା
ଭାଇ ଭଉଣୀଙ୍କୁ ସୁଖ ଦୁଃଖ କହେ
ହଲାଇ ହଲାଇ ମଥା ।।

ଦୂର ଯେବେ ଗଲା ଦୂରେଇ ମୁଁ ଗଲି
ଦୂର ହେଲା ନାହିଁ ମନୁ
ଶୟନେ ସପନେ ତା ମୁହଁ ନାଚିଲା
ଶିହରଣ ହେଲା ତନୁ ।।

ଏମନ୍ତ ସମୟେ ପତ୍ରକୁ ଧରିଣ
ଆସିଗଲେ ଜଗନ୍ନାଥ
ଚିଠି ବାସୁଥିଲା ତୁଳସୀ ତୁଳସୀ
ପୂର୍ଣ୍ଣ ହେଲା ମନୋରଥ ।।

ଆସିକା, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ବିବାସିନୀ ପଟ୍ଟନାୟକ



ଜାଣେନା କିପରି ଚିଠିଟିଏ ଆସି
ଶୋଇବା ଶେଯରେ ପଡେ,
ନିଦୁଆ ଆଖିରେ ଅସ୍ପଷ୍ଟ ଭାବରେ
ମନଧ୍ୟାନ ଦେଇ ପଢେ।
ସତେ କି ଜଗା ମୋ ଲେଖିଛି,
ଖୋଲୁ ଖୋଲୁ ଖାଲି ଚନ୍ଦନ କସ୍ତୁରୀ
ଚିଠି  ତୁଳସୀ ତୁଳସୀ ବାସୁଛି ।

ପାଖେ ଥିବା ବେଳେ ନିତି ଦେଖା ହୁଏ
ଆଳତୀ, ବଡସିଂହାରେ,
ନାନା ବେଶ ନାନା ଉତ୍ସବରେ ଆସୁ
ଭିଡଠେଲି  ଭାବବୋଳେ।
ପୂର୍ବ ଜନ୍ମର ପାଉଣା,
ଯେତିକି ଥିଲା ତୋ, ପାଇଛୁ ଲୋ ବେଶୀ
ମନ ତୁ କରନା ଊଣା ।

କେତେ ମାନସିକ, ଶାରୀରିକ ଆଉ
ଆର୍ଥିକ  କଷ୍ଟକୁ ପାଇ,
ଭକ୍ତଟିଏ ଆସି  ଗହଳଚହଳେ
ମୋ ଦର୍ଶନ ପାଉନାହିଁ ।
କେତେ କୋଳାକୋଳି ହୋଇ,
ଭକତି ଲୁହରେ ଭାବର କୋହରେ
ଗୀତ ଲେଖୁ ତୁ ମୋ ପାଇଁ ।

ଶ୍ରୀକ୍ଷେତ୍ର ଛାଡି ତୁ ଦୂରରେ  ରହିଛୁ
କରୁଛୁ ତୁ ଅଭିମାନ,
ଦୁଃଖକଷ୍ଟେ ଭାବ ବଢିଛି ବୋଲି ତ
ଏକାନ୍ତେ ଝୁରେ ତୋ ମନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଧା, ମୀରା ଯଦି ନୋହୁ,
ତଥାପି ବାୟାଣୀ  ସାଜି ବିରହିଣୀ
ମତେ କେତେ ଭଲପାଉ ।

ମୋ ପ୍ରେମରେ ତୁହି ପଡିଛୁ ବୋଲି ତ
ସବୁ ମୁଁ ଛଡାଇ ନେଲି,
ଏକା ମୁଁ ରହିବି, ଏକା ମୁଁ ବସିବି
ତୋ ଶୂନ୍ୟ ହୃଦୟେ ବୋଲି ।
ଏମିତି ଝୁରୁଥା  ବେଶୀ,
ସାଥୀଟିଏ ହୋଇ ରହିଥିବି ମୁହିଁ
ଖୋଜୁଥା ଦିବସ ନିଶୀ ।

ଭାଙ୍ଗିଗଲା ନିଦ  ହେଲି ଆଚମ୍ବିତ
ସପନେ ଚିଠି ପଢିଲି,
ସତେ କି କାଳିଆ ମୋ ଭାବ ଭୋଳିଆ
ଏତେ ଭଲପାଏ ବୋଲି ।
ଭାବନା  ବେଶୀ ବଢୁଛି,
ହୃଦରେ କଂପନ, ଦେହେ ଶିହରଣ
ତୁଳସୀ ବାସ ମହକୁଛି ।

କାଳୁପଡାଘାଟ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସହଦେବ ଜେନା



ଶ୍ରୀକ୍ଷେତ୍ର ଧାମରୁ ଚିଠି ଆସିଛି, ଚିଠି ବାସୁଛି ତୁଳସୀ ତୁଳସୀ.
ତୁଳସୀ ରସିଆ ଜଗା କାଳିଆ, ଶିରେ ଶୋଭାପାଏ କେତକୀ କିଆ
ତୁଳସୀ ଦୟଣା ଗଳେ ଲମ୍ବାଇ, ଶ୍ରୀକ୍ଷେତ୍ରେ ବସିଛି କଳା କହ୍ନେଇ.
ତୁଳସୀ ଶୀରରେ କଲେ ଧାରଣ, ସତୀ ବୃନ୍ଦା ପାଇଁ ଯେ ନାରାୟଣ

କର୍ପୁର ଚନ୍ଦନ ଛଡା ତୁଳସୀ ,ମହମହ ହୋଇ ସେତ ବାସୁଛି.
ଶ୍ରୀପଦୁ ମସ୍ତକ ତୁଳସୀ ଶୋହେ, ବିନା ତୁଳସୀରେ ମଣୋହି ନୁହେଁ.
ତୁଳସୀ ରଂକୁଣା କଳା କହ୍ନେଇ,ଲକ୍ଷ୍ମୀ ସଉତୁଣୀ ତୁଳସୀ ହୋଇ.
ତୁଳସୀ ପଡିଲେ ପ୍ରସାଦ ହୁଏ, ଭକତ ତାହାକୁ ଶିରେ ଲଗାଏ.

ଯୁଆଡେ ଦେଖିବ ଖାଲି ତୁଳସୀ, ତୁଳସୀ ତୁଳସୀ ଖାଲି ବାସୁଛି.
ସକାଳରୁ ସଞ୍ଜ ତୁଳସୀ ସହ,କାଳିଆର ଲୀଳା ଦେଖିବ ରୁହ
ବଡସିଂହାରରେ ଛଡା ତୁଳସୀ, ଶେଜ ବିଛଣା ଢ଼ି ବାସେ ତୁଳସୀ.
ଗୋପର ରାଧିକା ଦେଇଛି ଚିଠି, ଚିଠି ବାସୁଛି ତୁଳସୀ ତୁଳସୀ.

ପ୍ରେମ ପୀରତିର ଚନ୍ଦନ ବୋଳି ତୁଳସୀ ପତରେ ଚିଠି ଲେଖିଲି
ସେ ଚିଠି ଖୋଲିବ କଳାକହ୍ନେଇ, ଅନ୍ତର ବେଦନା ବୁଝିବ ସେହି.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବକୁ ବୁଝି ସେ ଦେବ ଉତ୍ତର, ଲେଉଟାଣି ଚିଠି ଆସିବ ମୋର.
ସେ ଚିଠି ଲେଖିଛି ତୁଳସୀ ପତ୍ରେ,  ତୁଳସୀ ତୁଳସୀ ବାଣ୍ଟଇ ଛତ୍ରେ.

ଶ୍ରୀଅଙ୍ଗର ବାସ ଚନ୍ଦନ ବୋଲି ଲେଖିଛି ଭାବରେ ମୋ ବନମାଳୀ.
ଚିଠି ବାସୁଛି  ତୁଳସୀ ତୁଳସୀ, ଭାବ ପୀରତିର କିମିଆଁ ବେଶୀ.
ଚନ୍ଦନ ଅଗରୁ କର୍ପୁର ଚୁଆ, ସୁନ୍ଦର ଲାଗଇ ଜଗା କାଳିଆ.
ତୁଳସୀର ବାସ ମନକୁ ମୋହେ, ସେ ଚିଠିକୁ ପଢି କାଳିଆ ଶୁଏ.


ଭକତ ପାଖରୁ ଚିଠି ଆସିଛି,  ତୁଳସୀ ପତରେ ଚିଠି ଲେଖୁଛି.
ମହମହ ହୋଇ ଚିଠି ବାସୁଛି , ଚିଠି ବାସୁଛି ତୁଳସୀ ତୁଳସୀ
ଶ୍ରୀକ୍ଷେତ୍ର ରସିକ କଳା ନାଗର, ତୁଳସୀ ପତରେ ଲେଖେ ପତର.
ଚିଠି ମୋପାଇଁ ଶ୍ରୀକ୍ଷେତ୍ରୁ ଆସିଛି , ଚିଠି ବାସୁଛି ତୁଳସୀ ତୁଳସୀ.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ବୁଦ୍ଧିଆ ସାହୁ



ଚିଠିଟେ ପାଇଛି ଆସିଛି ଶ୍ରୀକ୍ଷେତ୍ରୁ
ବାସୁଛି ତୁଳସୀ ତୁଳସୀ
ଭାବରେ ବାନ୍ଧିଛି ଉଦାରେ ଛନ୍ଦିଛି
ହୃଦୟରେ ବସିଛି ଆସି ।

କାଳିଆର ଡୋରି ଲାଗିଛି ମୋହର
ନୀଳାଚଳ ଧାମ ଯିବାକୁ
ଅତି ମନଲୋଭା ତା ରୂପର ଶୋଭା
ଦୁଃଖ ଜଣାଇବି ତାହାକୁ ।

ତୁଳସୀ ରସିଆ ସେ ଜଗା କାଳିଆ
ରତ୍ନ ସିଂହାସନ ଉପରେ
ଜଗତର ସବୁ ଭକତ ମାନଙ୍କୁ
ଦେଖୁଛି ତା ଚକା ଆଖିରେ ।

ବାଇଶି ପାହାଚେ ଦୟଣା ତୁଳସୀ
କର୍ପୂର କର୍ପୂର ବାସୁଛି
କସ୍ତୁରୀ ଚନ୍ଦନ ଅବଢ଼ା ପ୍ରସାଦ
ଭକତ ମନକୁ ମୋହୁଛି ।

ଯାଉଛି ଶ୍ରୀକ୍ଷେତ୍ର ନେତ୍ର ମୋ ପବିତ୍ର
ମନମୋ ହେଲାଣି ଉଚ୍ଛନ୍ନ
ମୁଣ୍ଡତରେ ମାରିବି ବଡ଼ ଦାଣ୍ଡ ଧୂଳି
ନୟନ ଭାବ ସମ୍ମୋହନ ।

ଦର୍ଶନ କରିବି ଚକା ଡୋଳିଆକୁ
ତୁଳସୀ କରିବି ଅର୍ପଣ
ଆନନ୍ଦ ବଜାରେ ବୁଲି ମୁଁ ଖାଇବି
ଦୂରହେବ ସର୍ବ କଷଣ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମୁକୁନ୍ଦ ଚନ୍ଦ୍ର ସାମଲ



କେଉଁ ରାଇଜରୁ ଆସିଅଛି ଚିଠି
ତୁଳସୀ ତୁଳସୀ ବାସୁଛି
ମୋ ଜଗା ଦେଇଛି, ଚିଠି ମୋ ପାଖକୁ
କେତେ ସରାଗରେ ଲେଖିଛି
ଭକତ ଜୀବନ ମୋର ପ୍ରାଣ ଧନ
ଆହେ ପ୍ରଭୁ ଜୀବ ଧନ
ତୁମ ଚିଠି ଖୋଲି ପଢ଼ିଲି ଯେବେଠୁ
ଆନନ୍ଦେ ଉଛନ ମନ
ଶ୍ରଦ୍ଧାର ତୁଳସୀ ପତ୍ରରେ ଲେଖିଛ
ଭକ୍ତିର କଲମ ଧରି
ଚନ୍ଦନ ସାହି ରେ ଲେଖିଅଛ ଚିଠି
ସତେକି ବାସେ କସ୍ତୁରୀ
ଚିଠି ପଢ଼ି ମନ ହେଉଛି ଉଛନ୍ନ
ଯିବି କାଲି ମୁହିଁ ପୁରୀ
ଦର୍ଶନ କରିବି ତିନି ଠାକୁରଙ୍କୁ
ସତେ କି ମୋ ମନ ଭରି
ଭାବରେ ବାନ୍ଧିଛି ମୋ ଜଗା ଠାକୁର

ଭକତି ପ୍ରେମର ଭାବ
ତୁଳସୀ ପତ୍ର ରେ ଦେଇଅଛ ଚିଠି
ଦେଖିବି ଯାଇ ମାଧବ
ଏତେ ଦିନ ପରେ ଡାକିଛି ମୋ ଜଗା
ଦେଇଛି ଚିଠି ପଠାଇ
କାର୍ତ୍ତିକ ହବିଷ କରିବି ଏ ମାସେ
ତୁମ ମନ୍ଦିରରେ ରହି
ମନ ରହୁନାହିଁ ଯିବି ସତେ ଧାଇଁ
ଯାଆନ୍ତି କି ତୁମ ପାଶେ
ମନ ଉପବନେ ଚିଠି ଟି ତୁମର
ତୁଳସୀ ତୁଳସୀ ବାସେ

ତାଳଚେର, ଦୂର ଭାଷା:-୯୭୭୮୧୯୭୧୮୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଭାରତୀ ଭୂଷଣ ଦାସ



ଚିଠି ବାସୁଛି ତୁଳସୀ ତୁଳସୀ
ଆସିଛି ସେ ଚିଠି ନୀଳାଚଳରୁ ଲୋ
ପଢ଼ିବୁ ତୁ ଦେବଦାସୀ.........
ଚିଠି ବାସୁଛି ତୁଳସୀ ତୁଳସୀ.....
ଶିରୀକ୍ଷେତର ରୁ ଚିଠି ପଠେଇଛି
ନାଟୁଆ ହଟିଆ କାଳିଆ କାହ୍ନୁ
ନାଟ ମଣ୍ଡପ ରେ ନୃତ୍ୟ ଦେଖିବାକୁ
ଅଝଟିଆ ତାର ମୂରଲୀ ବେନୁ....
ଚିଠି ରେ ଲେଖିଛି ମନକୁ ମୋହୁଛି
ନାଟୁଆ ହଟିଆ କାଳିଆ କାହ୍ନୁ.......
ଚିଠି ଏକ ପ୍ରୀତି ମଧୁର ସନ୍ଦେଶ
ରାଧା ରାଣୀ ହୃଦ ଚିଟଉ ର ଭାଷ
ବାସୁଛି ତୁଳସୀ ତୁଳସୀ.........
ଚିଠି ବାସୁଛି ତୁଳସୀ ତୁଳସୀ......
ମମତା ବନ୍ଧନ ଚିଠିର ସ୍ୱନ୍ଦନ
ପୀରତି ଫଗୁଣ ବାସ ଆଲିଙ୍ଗନ...
ବସନେ ବାସନା ଚିଠିଟିଏ ଗଣା
ଚିଠି ପଢିବାକୁ ମନ ରସୁଛି
ଚିଠି ବାସୁଛି ତୁଳସୀ ତୁଳସୀ......
ଦେବଦାସୀ ପାଇଁ ଡାକରା ଆସିଛି
ଚିଠି ଦେଇଛି କାଳିଆ.......
ନୀଳାଚଳୁ ଚିଠି ଆସିଛି ଲୋ ମିତ
ଚିଠି ପଠେଇଛି ରସିଆ.....
ବାସୁଛି ଚନ୍ଦନ ଚିଠି ଟିର ମାନ
ତୁଳସୀ ତୁଳସୀ ଲାଗୁଛି......
ମୋ ନୀଳାଚଳ ବନ୍ଧୁ ଡାକୁଛି.......
ଚିଠି ବାସୁଛି ତୁଳସୀ ତୁଳସୀ.......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ନର୍ମଦା ରାଉତ



ଚିଠି ମୋ ବାସୁଛି ତୁଳସୀ ତୁଳସୀ
ଆନ ମନା ମନ ହେଉଛି
ସତେ କି ମୋ କାଳିଆ ଆସୁଛି
କଳା କାହ୍ନୁ ଲୀଳା କରୁଛି ।।

ମୋ କାଳିଆ ପାଖରୁ ଆସିଛି ଚିଠି
ଡାକ ବାଲା ଆଣି ଦେଇଛି
ବାସୁ ଅଛି ମୋତେ ତୁଳସୀ ସେ ଚିଠି
ମୋ କାଳିଆ ଚିଠି ଦେଇଛି ।।

ସେତ ତୁଳସୀ ରସିଆ ଭାବ ବିନୋଦିଆ
ନୀଳ କନ୍ଦରରେ ବସିଛି
ଚିଠି ପାଇ ମନ ଉଲ୍ଲାସିତ ହେଉଛି
ମୁଁ କାଳିଆ ପାଖକୁ ଯାଉଛି ।।

ମୟୂର ଚୁଳିଆ ସେ କଦମ୍ବ ମୁଳିଆ
ଭାବର ଠାକୁର ସେ କାଳିଆ
ତୁଳସୀ ମାଳା ର ବାସ ଚହଟାଇ
ହସ ତାର କେତେ ନାଲିଆ ।।

ଆହେ ଦୀନବନ୍ଧୁ ଜଗତ ଠାକୁର
ଭାବ ଡୋରେ ତୁମେ ବନ୍ଧା
ଚନ୍ଦନ କର୍ପୂର ଲାଗି ହୋଇଥାଏ
ଶ୍ରୀ ଅଙ୍ଗ ଦିଶେ ସୁନ୍ଦର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିଠି ମୁଁ ପାଇ ଯିବି ମୁଁ ଧାଇଁ
ମୋ କାଳିଆ ପାଖକୁ
ଯତନେ ଗୁନ୍ଥିଛି ତୁଳସୀ ର ହାର
କାଳିଆ କୁ ଦେବା ପାଇଁ ।।

ଶ୍ରୀ ମୁଖ କୁ  ତାର ଥରେ ଦେଖି ଦେଲେ
ହୃଦୟ ହୁଏ ପବିତ୍ର
ତାର ନାମ କୁ ସଦା ଜପ କରୁ ଥିଲେ
ଜୀବନ ଟା ବଡ଼ ବିଚିତ୍ର ।।

ରାୟଗଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଅରୁଣ କୁମାର ବାରିକ

ଲାଗିଲା କି ଡୋରୀ ଯିବାପାଇଁ ପୁରୀ,
ଜଗାର ନିର୍ଦ୍ଦେଶ ଅଛି ?
ଚିଠି ଟିଏ ମୋତେ ପ୍ରାପ୍ତ ହୋଇଅଛି,
ବାସୁଛି ତୁଳସୀ ତୁଳସୀ ।।
ମହୋଦଧି ତୀରେ ଶ୍ରୀ ନୀଳକନ୍ଦରେ,
ରତ୍ନବେଦୀ ପରେ ବିଜେ ।
ପ୍ରଭୁ ଲକ୍ଷ୍ମୀପତି ଚତୁର୍ଦ୍ଧା ମୂରତି,
ହସ୍ତେ ଶଙ୍ଖ ଚକ୍ର ସାଜେ ।
ବଡ଼ ସାଆନ୍ତଙ୍କ ଆଜ୍ଞାରେ ସମ୍ପୂର୍ଣ୍ଣ,
ନୀତିକାନ୍ତି ସମାପନ।
ପାପଛଡା ପୁରେ ଲୀଳା ରଚୁଛନ୍ତି,
ସ୍ୱଂୟ କାଳୀୟଦଳନ ।।
ହଳଦୀ ମୁହିଁ ସେ ଆଦ୍ୟାଶକ୍ତି ଦୂର୍ଗା,
।ଦୂର୍ଗତୀ ରୁ କରେ ତ୍ରାହି ।
ଭାଇ ଭଉଣୀଙ୍କ ଅତୁଟ ବନ୍ଧନ,
ଭୈରବୀ ଚକ୍ରରେ ରହି ।।

ପତିତପାବନ ଫରଫର ଉଡି ସଂସାର
ଯାତନା ନାଶେ ।
କୈବଲ୍ୟ କଣିକା ଦୁଃଖ ଶୋକହରି,
ତୁଳସୀ ତୁଳସୀ ବାସେ ।।
ଗମ୍ଭୀରା ଭିତରେ ଗରୁଡ଼ ପଛରେ,
ବଡ଼କାଠ ପାଶେ ରହି ।
ଦର୍ଶନ କରିବି ଚତୁର୍ଦ୍ଧାମୂର୍ତ୍ତିଙ୍କ,
ଦେବେ କଳୁଷକୁ ଧୋଇ ।।
ଛପନ ଭୋଗର ମହମହ ବାସ,
ଟଙ୍କ ତୋରାଣୀର ସ୍ୱାଦ ।
ଲକ୍ଷ୍ମୀ ସାଆନ୍ତାଣୀ ବାଢି ଦେଉଥିବେ,
ପାଇ ଲଭିବି ଆନନ୍ଦ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳ୍ପବଟେ ବାନ୍ଧି ମନର ଆଶାକୁ,

ପ୍ରଭୂଙ୍କୁ କରି ଗୁହାରୀ ।

ପୂର୍ଣ୍ଣହେଉ ବୋଲି ମନାସିବି ହୃଦେ,

ମୁଖେ ବୋଲି ହରିହରି ।।

ବଡ଼ଦାଣ୍ଡ ଧୂଳି ଦେହେ ଦେଲେ ବୋଲି,

ସପ୍ତଜନ୍ମ ପାପ ହରେ ।

ଜଗନ୍ନାଥ ନାମ ସ୍ୱଂୟ ପରଂବ୍ରହ୍ମ,

ଜୟ ଜଗଦୀଶ ହରେ ।।

କଖଡି, କଟକ

ମୋ : ୭୦୦୮୯୭୩୬୫୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଶ୍ୟାମା ପ୍ରସାଦ ବୋଷ



ଚିଠି ବାସୁଅଛି ଶ୍ରୀକ୍ଷେତ୍ରୁ ଆସିଛି
ତଳସୀ ବାସ ରେ ଭରି
ଚିଠି ଦେଇଅଛି ଚିଠିରେ ଲେଖିଛି
ବନ୍ଧୁ ସମ୍ବୋଧନ କରି । ୧

ମନ ତା ବଳିଛି ଶରଧା ଭରିଛି
ଆପଣା ପଣରେ ଭରି
ରଥକୁ ଡାକିଛି ନିଉତା ଦେଇଛି
ଆପଣାର ବନ୍ଧୁ ପରି । ୨

ଚିଠି ତା ଖୋଲିଛି ତୁଳସୀ ବାସୁଛି
ଶ୍ରୀମୁଖ ଦର୍ଶନ କରି
ଚିଠି ତା ପଢୁଛି ପଢାରେ ମଜ୍ଜିଛି
ଭାବ ଅଶ୍ରୁ ଯାଏ ଝରି । ୩

ଡୋରି ତା ଲାଗିଛି ପାଖକୁ ଡାକିଛି
ଜଗତ କରତା ହରି
ଚିଠି ପାଇଅଛି ଧନ୍ୟ ମୁଁ ହୋଇଛି
ଚିଠିକୁ ହାତରେ ଧରି । ୪

ଦିନ ମୁଁ ଗଣୁଛି ଅପେକ୍ଷାରେ ଅଛି
ରଥଯାତ୍ରା କଥା ସ୍ମରି
ପାଖେଇ ଆସୁଛି ଉତ୍କଣ୍ଠା ବଢୁଛି
ଅପେକ୍ଷା ଯିବ ମୋ ସରି । ୫

ମନ ନାଚୁଅଛି ଚିଠି ବାସୁଅଛି
ତୁଳସୀ ତୁଳସୀ ପରି
ବନ୍ଧୁ ମୋ ଡାକିଛି ଯିବାକୁ ଭାବିଛି
ତୁଳସୀ ଦୟଣା ଧରି । ୬


ଗ୍ରାମ :- ବେଗୁନିଁଆ , ମଲ୍ଲୀକ୍ ସାହି
ପୋଷ୍ଟ :- ଗୋପ୍ , ଜିଲ୍ଲା :- ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ପୁଷ୍ପଲତା ଜେନା



ନୀଳ କନ୍ଦରରୁ ଚିଠି ଆସିଛି
ତୁଳସୀ ରିସିଆ ଚିଠି ଦେଇଛି
ଚିଠି ବାସୁଛି ତୁଳସୀ ତୁଳସୀ
ଭାବ ବିନୋଦିଆ କଳା ତୁଳସୀ ।୧

କାଳିଆ ଭାବରେ ହୋଇ ବିଭୋର
ଲାଗୁଛି ସତେକି ଲାଗିଛି ଡୋର
ଚାଲ ଚାଲ ମନ ଶିରି କ୍ଷେତର
ତା ସାଥେ ବନ୍ଧା ମୋ ଜୀବନ ଡୋର ।୨

ଚକାଆଖି କୁ ତା ନାଲି ଅଧର
ଓଠରୁ ଝରୁଛି ମଧୁର ଝର
କଳା ଶ୍ରୀମୁଖ ତା ଭାରି ସୁନ୍ଦର
ଚାହିଁଛି ଭକତ ହୋଇ ଆତୁର ।୩

ଚନ୍ଦନ କସ୍ତୁରୀ ବାସ ଛୁଟାଇ
ତୁଳସୀର ମାଳା ଗଳେ ଲମ୍ବାଇ
ଖଣ୍ଡୁଆ ପାଟରେ ସଜେଇ ହୋଇ
ରହିଛି ସତେ କି ମୋ ପଥ ଚାହିଁ ।୪

ବାଡିରୁ ତୋଳିଛି କଳା ତୁଳସୀ
ତୁଳସୀ ରିସିଆ ମୋହନ ବଂଶୀ
ବାଡି ନଡିଆ ମୁଁ ଆଣିଛି ପାରି
ଚାଲିଲି ଶ୍ରୀକ୍ଷେତ୍ର ଲାଗିଲା ଡୋରି ।୫

ପହଞ୍ଚିଲି ଆସି ଚନ୍ଦନ ପୁର
ବାଟ ମଙ୍ଗଳାକୁ କରି ଜୁହାର
ଅଠର ନଳା ମୁଁ ହୋଇବି ପାର
ଦେଖିବି ନୟନେ କଳା ଠାକୁର। ୬

ବ୍ୟାସନଗର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଗୌରୀ ପଣ୍ଡା



ମୋ ଜଗା ପାଇଁ ମୁଁ ଲେଖିଛି ଚିଠି
ସେଥିରେ ଭରିଛି ଅନେକ ପ୍ରୀତି ।
ସେ ଚିଠି ରେ ପୁଣି ଭରି ଦେଇଛି
ତା, ପ୍ରିୟ ତୁଳସୀ ସଜେଇ ବାଛି ।
ଜଗାଙ୍କୁ ପସନ୍ଦ ସଦ୍ୟ ତୁଳସୀ
ସଜେଇ ଦେଇଛି ପ୍ରିୟ ତୁଳସୀ ।
ତେଣୁ ସେଇ ଚିଠିପରା ବାସୁଛି
ତୁଳସୀ, ତୁଳସୀ,ପ୍ରିୟ ତୁଳସୀ ।
ତୁଳସୀ ରେ ଦେବି ମନ ମୋହର
ସ୍ନେହ,ମମତା ଭରା ଉପହାର ।
ତୁଳସୀ ପାଇ ଜଗା ଖୁସି ବହୁତ
ମୋତେ ଆଦରିବ ସିଏ ହୁଏତ ।
ତେଣୁ ଲେଖିଛି ଜଗା ପାଖକୁ ଚିଠି
ଚିଠି ରେ ସିଞ୍ଚିଛି ବାସ ତୁଳସୀ ।
ତେଣୁ ଚିଠି ବାସୁଛି ତୁଳସୀ, ତୁଳସୀ
ଚିଠି ବାସୁଛି ତୁଳସୀ, ତୁଳସୀ ।

ବାଇଶି ପାବଛ ତଳେ ମୁଁ ବସିଛି
ଚିଠି ଦେବି ବୋଲି ପରା ଜଗିଛି ।
କାଳେ ପଡ଼ିଯିବ ତା ନଜର ଆସି
ଚିଠି ଦେଇଦେବି ମୁଁ ହସିହସି ।
ତୁଳସୀ ବାସ ରେ ଜାଗାଙ୍କୁ ମୋହିବି
ତୁଳସୀ ରେ ଭରା ଚିଠି ଦେଇଦେବି ।
ସେ ଚିଠି ନେଇ କାଳିଆ ମୋର
ଦେଇ ଦେବ କି ସତେ ଉତ୍ତର ?
ବାସନା ଚିଠି ଟି ଦେଇଛି ବୋଲି
ଜଗାର ଉତ୍ତରକୁ ଚାହିଁଛି ଖାଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଗା ଦେଇଦେଲେ ଟିକେ ଉତ୍ତର

ଧନ୍ୟ ହେଇଯିବ ପ୍ରାଣ ମୋହର ।

ତା ତୁଳସୀ ପାଣି ଯଦି ପାଇବି

ଏ ଜୀବନେ ମୁହିଁ ଧନ୍ୟ ହୋଇବି ।

ଜଗା ଯଦି ଦେବେ ଟିକେ ତୁଳସୀ

ମୋ ଜୀବନ ବସିବ ତୁଳସୀ, ତୁଳସୀ ।

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ସୁଜାତା ଶତପଥୀ ଦେବତା



ମନ ଭାବେ ମୋର ନିଜର ଭାବି ତୁ
ଚିଠିଟିଏ ଦିଅନ୍ତି ମୋତେ,
ଚିଠି ବାସୁଥିବ ତୁଳସୀ ତୁଳସୀ
ମନ ଜାଗିବ ଭକ୍ତି ସ୍ରୋତେ ।୧।

ମନ ରାଇଜରେ ହଜାଇ ନିଜକୁ
ଶ୍ରୀକ୍ଷେତ୍ର ଯାଇ ପହଞ୍ଚିଲି,
ଦେଇଛି କାଳିଆ ଚିଠିଟିଏ ଭାବି
ମୁଁ ଭାବନାରେ ମଜ୍ଜିଗଲି ।୨।

ଚିଠିଟି ବାସୁଛି ତୁଳସୀ ତୁଳସୀ
କଳା ବଦନ ଝଟକୁଛି,
ପ୍ରେମରେ ଲୋତକ ଝରିଯାଏ ମୋର
ଚିଠି ମୁଁ ହସ୍ତରେ ଧରିଛି ।୩।

ଚନ୍ଦନ, ତୁଳସୀ, ମଲ୍ଲୀ ସୁସଜ୍ଜିତ
ହୋଇଥିବେ କଳା ଠାକୁର,
ଭଉଣୀ ଭାଇ ବିରାଜ ସିଂହାସନେ
ଦର୍ଶନେ ତୃପ୍ତ ମନ ମୋର ।୪।

ଭକ୍ତ,ଭଗବାନ ଭାବ ଦିଆନିଆ
ଲୀଳା ଖେଳା ସବୁ ତାହାର,
ଉଭୟେ ନିଜକୁ ହଜାଇ ଦିଅନ୍ତି
ଭକ୍ତି ବନ୍ଧନେ ପରସ୍ପର ।୫।

ତୁଳସୀ ଅଟେ ପବିତ୍ରର ପ୍ରତୀକ
ଦୁଇ ପତ୍ରରୁ ବାସୁଥାଏ,
ସେଭଳି ମୋ ମନ କରିବୁ କାଳିଆ
ଏତିକି ମିନତି ଜଣାଏ ।୬।

ବରଗଡ଼, ପଞ୍ଜାବୀ ପଡ଼ା
ଜିଲ୍ଲା - ବରଗଡ଼। ପିନ୍: ୭୬୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ



ଯେତେ ଭାବିଲେ ବି ପ୍ରାଣ ବୁଝେ ନାହିଁ
ସବୁବେଳେ ଖୋଜେ ତତେ
ସରେ ନାହିଁ କଥା ତୋ ନାମ ରୂପର
ଲେଖୁଥିଲେ ବି ତ ଯେତେ
ଅନୁଭବେ ହୃଦସ୍ପନ୍ଦନେ ତୁମକୁ
ପ୍ରଭୁ ଅର୍ହନିର୍ଶି ଖାଲି
ତୁମେ ତ କହିଛ ହେ ପ୍ରଭୁ ଗୋବିନ୍ଦ
ତୁ ମୁଁ ନୁହେଁ ଭିନ୍ନ ବୋଲି
ଥରେ ହେଲେ ତୁମେ ମତେ ଭି ଖୋଜ
ହେ ମୋ କାଳିଆର ଭୁଜ
ଚିଠି ରେ ହେଲେ ବି ଲେଖି ଦିଅ କିଛି
ଦୁଃଖ ରୁ ଉଦ୍ଧାର କର
ଚିଠି ବାସୁ ଥିବ ତୁଳସୀ ତୁଳସୀ
ହୃଦୟେ କୁଣ୍ଡାଇ ଧରିବି
ମୋ କାଳିଆ ମୋତେ ଯେ ଲେଖିଛି ଚିଠି
ବୋଲି ତ କହି ବୁଲିବି
ଶୀତଳତା ହେବ ହୃଦୟ ମୋହର
ଦେଲେ ଚାହିଁ ତୋ ଶ୍ରୀ ମୁଖ
ସାହାସ ଶକତି ସଙ୍ଗେ ସଙ୍ଗେ ମିଳେ
ପାଏ ଶାନ୍ତି ସ୍ୱର୍ଗ ସୁଖ

ବରଗଡ଼ ଜିଲ୍ଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଗଙ୍ଗାଧର ପ୍ରଧାନ



ରାତି ଅଧରେ ମୁଁ ସପନ ଦେଖୁଛି
ଶ୍ରୀକ୍ଷେତ୍ରରୁ ଚିଠି ଆସିଛି,
କାଳିଆ ରାଜାର ଭକ୍ତି ପ୍ରେମ ଚିଠି
ତୁଳସୀ ତୁଳସୀ ବାସୁଛି ।।

କାଳିଆର ଡୋରି ଲାଗିଲା ମୋ ପାଇଁ
ମନେ ମନେ ମୁହିଁ ଭାବୁଛି,
କାଳିଆର ଚିଠି ଗେହ୍ଲ କରୁ କରୁ
ତୁଳସୀ ତୁଳସୀ ବାସୁଛି ।।

ମୋହର ଦାୟିତ୍ୱ ନେବାପାଇଁ ସିଏ
ଚିଠିରେ ଉଲ୍ଲେଖ କରିଛି,
ମୋର ହାତ ଧରି ଟାଣି ଟାଣି ନିଏ
ଯାହା ମୁଁ ସପନେ ଦେଖୁଛି ।।

ବନ୍ଧୁ ବୋଲି ତାର ଲେଖିଛି ଚିଠିରେ
ସେ ଶ୍ରୀକ୍ଷେତ୍ର ମଉଡମଣି,
ଏମିତି କିମିଆଁ କରିବା ସହିତ
କରିଅଛି ମୋତେ ସେ ଗୁଣୀ ।।

ସେ ଚିଠିରେ ବାର୍ତ୍ତା ରହିଛି ମୋ ପାଇଁ
ଯିବା ପାଇଁ କି ଶିରୀକ୍ଷେତ,
ଆନନ୍ଦ ବଜାରେ ଅବଢ଼ା ଭୁଞ୍ଜିବି
ଦେଖିବି କାଳିଆର ଯାତ ।।

ମୋ ମନର କଥା ସବୁ ମୁଁ କହିବି
ଯାହା ଅଛି ମୋହର ଦୁଃଖ,
କେତେ କେତେ ବେଶ ଦେଖିବି ତାହାର
ଦେଖିବି ତାର ପଦ୍ମମୁଖ ।।


ଦନ୍ଦୀପୁର, ବଳଙ୍ଗା, ପୁରୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମନୋଜ କୁମାର ପଣ୍ଡା



କେତେ ଦିନ ପରେ ଆଜି,
ଚିଠି ଖଣ୍ଡେ ଆସି ପହଞ୍ଚିଲା,
ହାତେ ଧରି ଦେଖିଲି ମୁଁ ଯେବେ,
ବାସ୍ନାରେ ମନ ମୋର ମୋହିଲା ।୧।

ନଥିଲା ସେଥିରେ କୌଣସି ଅତର,
ନା ଥିଲା କର୍ପୂରର ଗନ୍ଧ,
କେବଳ ବାସୁଥିଲା ଆହାଃ,
ତୁଳସୀ ପତ୍ରର ବାସ୍ନା ପୁଣ୍ୟ ।୨।

ଜାଣିଲି ଏ ଚିଠି ଲେଖିଛି ଯିଏ,
ତା' ମନ ଭକ୍ତିରେ ଭରା,
ତୁଳସୀ ପତ୍ରରେ ଛୁଇଁ ସେ ଦେଇଛି,
ପଠାଇଛି ପ୍ରେମର ଧାରା ।୩।

ଚିଠିର ପ୍ରତ୍ୟେକଟି ଅକ୍ଷରେ,
ମା' ତୁଳସୀର ଆଶୀର୍ବାଦ,
ମୋ ଆଖିରେ ଲୁହ ଛଳଛଳ,
ଭୁଲିଗଲି ସବୁ ଦୁଃଖ କ୍ଷୋଭ ।୪।

ସତେ ଯେମିତି ତୁଳସୀ ଚଉରା,
ମୋ ଆଗେ ଠିଆ ହୋଇଛି,
ପବିତ୍ରତା ଭରି ମୋ ହୃଦୟେ,
ସବୁ ପାପ ଧୋଇ ଦେଇଛି ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢ଼ି ଶେଷ କଲି ଯେବେ ଚିଠି,
ଶାନ୍ତିରେ ଭରିଗଲା ମୋ ମନ,
ତୁଳସୀର ସୁବାସେ ଭାବିଲି,
ଏହା ଦେବତାଙ୍କ ଆଗମନ ।୭।

ସାଇତି ରଖିବି ଏ ଚିଠିକୁ,
କରିବି ଏହାର ଯତ୍ନ,
ଚିଠି ବାସୁଛି ତୁଳସୀ ତୁଳସୀ,
ଏହା ପ୍ରେମ ଓ ଭକ୍ତିର ରତ୍ନ ।୮।

ନରସିଂହପୁର, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୂଣ୍ୟ ଦୀପାବଳି

ଗାୟତ୍ରୀ ଦାଶ



ପୁରୁଷୋତ୍ତମ ଶ୍ରୀରାମଙ୍କ ପଦଧ୍ୱନି
ଅଯୋଧ୍ୟାର ଦାଣ୍ଡେ ଦାଣ୍ଡେ ଶୁଭୁଛି !
ବନବାସ ଅନ୍ତେ ଫେରୁଛନ୍ତି ପ୍ରଭୁ
ଖୁସିର ଲହରୀ ଖେଳି ଯାଉଛି !!

ଅଯୋଧ୍ୟା ନଗରୀ ନବଉଲ୍ଲାସରେ
ଆଲୋକମାଳାରେ ସଜେଇ ହୋଇ !
ସ୍ୱାଗତ କରୁଛି ପୁରୁଷୋତ୍ତମଙ୍କୁ
ଆନନ୍ଦମୁଖର ସଙ୍ଗୀତ ଗାଇ !!

ଅମାବାସ୍ୟା ଦେହେ ଅନ୍ଧକାର ନାହିଁ ,
ନିଭୃତ କୋଣରେ ଯାଇଛି ଲୁଚି !
ପ୍ରଦୀପମାଳା ଓ ରୋଷଣୀ ଆଲୋକେ
ସତେ କି ନଗରୀ ଖେଳୁଛି ପୁଚି !!

ଆଜି ଦୀପାବଳି ମନେ ପଡେ ସେଇ
ତ୍ରେତୟା ଯୁଗର ଶ୍ରୀରାମ କଥା !
ଉଲ୍ଲାସରେ ଉଲ୍ଲସିତ ସେ ଅତୀତ
ସ୍ମୃତି ହୋଇ ଗାଏ ଅଯୋଧ୍ୟା ଗାଥା !!

ଅଯୋଧ୍ୟା କାହିଁକି , ସାରା ରାଇଜରେ
ଦୀପାବଳିର ଚାଲିଛି ମଉଜ !
ଅବନୀଟା ସାରା ଦୁଲୁକି ଉଠୁଛି ,
ସତେ କି ବାଣର ଆତଙ୍କରାଜ !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଷକେ ଥରେ ଆସେ ଦୀପାବଳି
କାର୍ତ୍ତିକ ଅମାବାସ୍ୟା ଦିବସରେ  !
ଗାଆଁରୁ ସହର ଲାଗେ ମନୋହର ,
ନାଚିଉଠେ ଆଲୋକର ସଜ୍ଜାରେ  ! !

ଦୀପାବଳିର ଏ ପୁଣ୍ୟ ଅବସରେ
ପ୍ରଭୁ ଶ୍ରୀରାମଙ୍କ ଚରଣ ତଳେ  !
ଅର୍ପଣ କରୁଛି ଭକ୍ତିପୁଷ୍ପଦଳ
ନିଜକୁ ହଜାଇ ତାଙ୍କ ସ୍ମୃତିରେ  ! !


ଯାଜପୁର  !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଦ୍ଭୁତ ଅନୁଭବ

ସୁଶାନ୍ତ କୁମାର ସାହୁ



ମାଗିଲେ ଅବା ପିଟି ହେଲେ ମଥା
ବୁଝେନା ଏ ମନ ବ୍ୟଥା
ଗାଳିଦେଲେ ସେହି ମୁରୁକି ହସଇ
କହେନା ଟିକିଏ କଥା
ଅସହ୍ୟ ବେଦନା ଝରାଇଲେ ଲୁହ
ତାର ଆଖି ଛଳ ଛଳ
ମୁଁ କାନ୍ଦିଲେ କାନ୍ଦେ ମୁଁ ରୁଷିଲେ ରୁଷେ
ଆଖିତାର ଢଳ ଢଳ
ସତ ତାଳ ପଙ୍କେ ବୁଡି ମରୁଥିଲେ
ଇତର ପରି ସେ ଚାହେଁ
ନିଜର ସେଇଯେ ଅତି ନିଜର ସେ
ଆଚମ୍ବିତ ଭାବେ ମୋହେ
କାନ୍ଦି କାନ୍ଦି ତାକୁ ଧରିଲେ ଜଡ଼ାଇ
ବିମଳ ହାସ ହସେ
ନ ମାଗିଲେ ମୁହିଁ ଭରା ଅଭିମାନେ
ଯାଚି ଯାଚି ଦିଏ ଅଜାଡି
ଉଜୁଡି ଥିବା ମୋ ଜୀବନ ଧାରା କୁ
ଅବହେଳେ ଦିଏ ସଜାଡି
ଧରିବାକୁ ଗଲେ ଖସି ଯାଏ ସେହି
ଖୋଜି ତ ତାକୁ ପାଇନି
ସାଉଁଟି ଧଇଲେ ଚାଲି ଯାଏ କେଣେ
କାନ୍ଦେ ଅନ୍ତର ମୋ ବାହୁନି
ଅଶ୍ରୁ ମୋହର ପୋଛେ ସପନରେ
ଜାଗ୍ରତେ ତାକୁ ପାଏନି
ଅସୁମାରୀ ଦୁଃଖ କଷଣେ ମୁଁ ମରେ
ଲେଶ ମାତ୍ର ସୁଖ ଦିଏନି
ବଡ ଅଦଭୂତ ଏ ପରି ଶକତି
ଜୀବନେ ଜଗାଏ ଭ୍ରାନ୍ତି
ଅମିତ ଶକତି ନିଜ ଇଚ୍ଛା ଭୋଳେ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଳଇ ଏ ସାରା କ୍ଷିତି
ଅବଶେଷେ ମୁହିଁ ବୁଝିଛି ଏତିକି
ଶକତି ର ସମାହାର
ତା ସାଥେ ପରମ ଇଚ୍ଛା ତା ସାଥେ
ରହିଛି ଯେ ନିରନ୍ତର
ମହାଜାଗତିକା ବିଜ୍ଞାନ ଶକତି
ସବୁ ତାଠାରୁ ଶମ୍ଭୁତ
ସେହିଁଯେ କାର୍ଯ୍ୟ କାରଣ ସେ ପୁଣି
ଶକତି ଇଛା ସମାହିତ
କାହିଁକି ଆଉ ମୁଁ ଦିଅ ଦିଅ ହେବି
ଚଢାଇ ପ୍ରଦୀପ ଧୂପ
ଜାଣଇ ସେସବୁ କାହାକୁ କେତିକି
କେମିତି କେବେଳେ ରୂପ
ଅଦୃଶ୍ୟ ଶକତି ଇଚ୍ଛା ରେ ଚଳଇ
ନ ହେଲେ ହୁଅନ୍ତା କ୍ଲିବ
ସବୁ ଶକତି ର ଆଦି ଅଟେ ସେଇ
ସଚଳ ଜୀବନ୍ତ ଭାବ

ଭୁବନେଶ୍ୱର, ଖୋର୍ଦ୍ଧା
ମୋ : ୭୯୭୮୮୨୦୭୮୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଧନ୍ୟବାଦ ସରକାର

## ଶିଶିର କୁମାର ପଣ୍ଡା



ଭତ୍ତା ଟଙ୍କା ଗଣ୍ଡେ ତୁମେ ଦିଅ ବୋଲି
ଚଳୁଛି ମୋହରି ଘର
ନହେଲେ କେବେଠୁ ପୁଅବୋହୂ ପାଖେ
ହୋଇ ଯାଇଥାନ୍ତି ପର ।
ସେଇ ଟଙ୍କା ଲୋଭେ ମାସ ଆରମ୍ଭରୁ
ତିନିଦିନ କରି ସେବା
ଚାହାଁନ୍ତି ସେମାନେ ଭଲଲୋକୀ ପଣ
ସଂସାରେ ଦେଖେଇ ହେବା ।
ବୁଝିପାରେ ସବୁ କହିପାରେ ନାହିଁ
କାହାକୁ କେବେ ମୁଁ କିଛି
ଦୁଃଖ ସିନା ମୋର ହୃଦୟରେ ଅଛି
ହସୁଥାଏ ମିଛି ମିଛି ।
ଅଶୀ ବର୍ଷ ବୋଲି ତିନି ହଜାର ମୁଁ
ମାସକୁ ପାଉଛି ଏବେ
ସେଇ ଟଙ୍କା ନେଇ ପୁଅବୋହୂ ମତେ
ଖାଇବାକୁ ଆଣି ଦେବେ ।

ଓଷଦପତର ଦିଅନ୍ତିନି ଆଉ
କିଣିକି ମୋ ପାଇଁ ଆଣି
ସୁଗାର ପ୍ରେସର ରୋଗ ମୋ ରହିଛି
ସବୁକିଛି ଜାଣି ଜାଣି ।
ଏଭଳି ଅବସ୍ଥା ମୋ ପାଇଁ ଆସଇ
ସବୁ ମାସ ବାର ବାର
ଭତ୍ତା ଦେଇ ମତେ ବଞ୍ଚେଇ ଦେଇଛ
ଧନ୍ୟବାଦ ସରକାର ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ :-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଦିମ ମଣିଷର ଏକ ସ୍ମୃତି

ବିକ୍ରମାଦିତ୍ୟ ପୁରୋହିତ



କେବଳ କ୍ୟାଲେଣ୍ଡରର ପୃଷ୍ଠା ନୁହେଁ
ଏକ ଯୁଗ ଏକ ଶତାବ୍ଦୀର ସମୟର
ଆହ୍ୱାନ,ମଣିଷ ମନର ଏକ ସାମୁହିକ
ସ୍ମୃତିର ଶବ୍ଦାବଳୀ ଧରି ରଖେ ଗତି
ଓ ପ୍ରବୃତ୍ତି ଆସକ୍ତିରୁ ମଣିଷ ଜୀବନ ।

ଲୁଚି ରହିଛି ହିଁ ଏକ ମାନସିକ ବିପ୍ଲବ
ପ୍ରତିଟି ଯୁଗ ପଛରେ ଭାବର ବିଶ୍ୱାସ
ସହ ଯୋଡି ହୋଇ, ସୁନ୍ଦର ଭାବରେ
ମଣିଷ ମାନସିକତା ଆମ ସଂସ୍କୃତିର
ନିର୍ଦ୍ଧଶନ ଅଭିବୃଦ୍ଧି ଜନିତ ସଂସ୍କାର ।

ଖାଲି ବଞ୍ଚିବାକୁ ଚାହୁଁଛି ମୁଁ ସଂଘର୍ଷରେ
ନିଜ ଓ ଅନ୍ୟ ସହ, ଖାଦ୍ୟ ପାଇଁ ତ
ମୁଁ ଏକ ନଗ୍ନ ଶରୀର ଧାରୀ ମଣିଷଟି
ନାହିଁ ମୋର ଜ୍ଞାତି କୁଟୁମ୍ବ ଭାଇ ବନ୍ଧୁ
ନାହିଁ ବର୍ତ୍ତମାନ ଭବିଷ୍ୟତର ଚିନ୍ତନ ।

ଅତି ପ୍ରାଚୀନ ପ୍ରସ୍ତର ଯୁଗର ମଣିଷ
ଶବ୍ଦ ହୀନ ଭାଷାର ଭାବନା ଓ ଚିନ୍ତା
ମନର ଭାବକୁ ହିଁ ପ୍ରକାଶ କରିବାକୁ
ଚିତ୍ର ମାଧ୍ୟମରେ, ଲାଗେ ତ ଆଶ୍ଚର୍ଯ୍ୟ
ଅତି ଚିନ୍ତା କରୁ ନଥିଲି ମୁଁ କିଏ ଏଠି ।

ଏ ଜଙ୍ଗଲ ମୋର ଘର ଏ ନଦୀ ମୋ
ମାଆ,ଏ ଜୀବଜନ୍ତୁ ମୋର ସହଚର
ଏ ପ୍ରକୃତିରେ ଅଛି ମୋର ଅଧିକାର
ଜାଣେନା ସୁଖ ଶାନ୍ତି ପ୍ରୀତି ସ୍ନେହ ଓ
ଶ୍ରଦ୍ଧା ଶିକ୍ଷା କ'ଣ, କିଏ ପିତା ମାତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଶବ୍ଦ ହୀନ ମଣିଷ ମୁଁ ଘୁରି ବୁଲି
ସାରା ଜଙ୍ଗଲ,ନାହିଁ ଅନ୍ୟ ପନ୍ଥା ମୋ
କିଏ ପଶୁ କିଏ ମଣିଷ, ପ୍ରକୃତ ସାଥୀ
କିଏ ମୋର, କାହିଁକି ଆସିଛି ଏଠାକୁ
ମୁଁ,ସମସ୍ତେ ସମାନ ଏଠି ଖାଦ୍ୟ ପାଇଁ ।

କରେ ଆକୃଷ୍ଟ ବିପରୀତ ଲିଙ୍ଗ ଏକ
ସମଗୋତ୍ରୀ ପଶୁର ନଗ୍ନ ଶରୀରର
ଆକର୍ଷଣରୁ ବାୟା ହୋଇ ମୁଁ ଧାଇଁ
ବୁଲି ଏପଟ ସେପଟ ହୁଏ ତ ପାଗଳ
କିଏ କହେ ପ୍ରସ୍ତର ଯୁଗର ମଣିଷ ମୁଁ ।

ଯାହା ମିଳିଲା ଖାଇଲି ମୁଁ,ସାଥୀ ମୋ
ପଶୁ ପକ୍ଷୀ ଗଛ ଲତା ନଦୀ ଝରଣା
ଜଣା ନାହିଁ ମୋତେ କିଏ ନିଜର ଓ
କିଏ ପରର, ବର୍ତ୍ତମାନରେ ବଞ୍ଚୁଥିବା
ଏକ ପଶୁ ସମ ଜଙ୍ଗଲୀ ଜୀବ ମୁଁ ।।

ଜଗନ୍ନାଥ କଲୋନୀ, ବୁଢ଼ାରଜା
ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରିୟତମଙ୍କ ପାଇଁ ପଦେ

ମଧୁସ୍ମିତା ନନ୍ଦ



ପ୍ରେମ ପରିଭାଷା ତୁମର ଏପରି,
ତାକୁ ମୁଁ ବର୍ଣ୍ଣନା କରିବି କିପରି ।।
ତୁଳନା ର ଯୋଗ୍ୟ ନୁହେଁ ତୁମ ପ୍ରେମ,
ତୁମେ ତୁମ ପ୍ରେମ ସଭି ରୁ ଅନନ୍ୟ ।।
ଅନନ୍ୟ ସତ୍ୟ କୁ କହିବା ର ଭାଗ୍ୟ,
ମୋର ଅବା କାଇଁ ଏପରି ସୌଭାଗ୍ୟ ।।
ତଥାପି ତୁମକୁ ବର୍ଣ୍ଣନା କରୁଛି,
ତ୍ରୁଟି ରୁହେ ଯଦି କ୍ଷମା ମୁଁ ମାଗୁଛି ।।
ପୁରାଣ ଲିଖିତ ଉମାହର ଙ୍କର ,
ପ୍ରେମ ର କାହାଣୀ ହୋଇଛି ଅମର ।।
ହର ଙ୍କର ପ୍ରେମ ପରି କାଇଁ ସତେ,
ତୁମ ପ୍ରେମ ବି ଯେ ଲାଗୁଅଛି ମତେ ।।
ରାମ ସୀତା ଙ୍କର ପ୍ରେମ କାହାଣୀକୁ
ଅନୁଧ୍ୟାନ ତୁମେ କର କି ମନକୁ ?

ତା ନୁହେଁ ତ ତୁମେ ଏମିତିକା ପ୍ରେମ,
ଶିଖିଲ କିପରି ହେ ମୋ ପ୍ରିୟତମ ।।
ଧୀର କଣ୍ଠ ସ୍ୱର, ମଧୁର ବଚନ,
ଏସବୁ ତ ପ୍ରିୟ.. କିଣଇ ମୋ ମନ ।।
ସ୍ନେହ ଭରା ଡାକ, ଯତ୍ନ ସେ ଜେତକ,
ସମ୍ମାନ ର କଥା ଆଉ ଯେ ଅନେକ
ମୁଁ ଯେ ଅଭାରି ତୁମ ଏ ପ୍ରେମର,
କୃପା କରିଥାନ୍ତୁ ତୁମ ଠୀ ଠାକୁର ।।
ମୋ ଆୟୁଷ ପରା ଲାଗୁ ହେ ତୁମକୁ
ଏତିକି ଗୁହାରି କରେ ମୋ ପ୍ରଭୁଙ୍କୁ ।।

ଗ୍ରାମ - କୃଷ୍ଣପଲ୍ଲି ପାଟଣା
ଜିଲ୍ଲା - କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଯୋଗ୍ୟ ପୁତ୍ର

ବିଭୁ ପ୍ରସାଦ ପଣ୍ଡା



ଯାହାର ପରିଚୟରେ ମୁଁ ଆଜି ପରିଚିତ ହୋଇଛି
ଯାହାର କୋଳରେ ମୁଁ ଆଜି ବଡ଼ ହୋଇଛି
ଯାହାଙ୍କର ଆକଟ ମୋ ପାଇଁ ରକ୍ଷା କବଚ
ସେ ଆଉ କେହି ନୁହଁନ୍ତି ସେ ମୋ ପୂଜ୍ୟ ନନା...... ୧
ଯିଏ ନିଜେ ଦୁଃଖପାଇ ମଧ୍ୟ କୁହନ୍ତି ନାହିଁ
କଷ୍ଟପାଇ ମଧ୍ୟ ସହି ଯାଆନ୍ତି
କେବଳ ନିଜ ପୁତ୍ରର ମଙ୍ଗଳ ପାଇଁ
ସେ ଆଉ କେହି ନୁହଁନ୍ତି ସେ ମୋ ନନା..... ୨
ନନା ମନେପଡ଼ିଯାଏ ସେଦିନର କଥା
ମୋ ପାଠ ପଢ଼ାପାଇଁ ତୁମେ ଛାଡିଯାଇଛ
ତୁମର ଅତୀତ ପରିଚୟ କୁ
ଛାଡିଯାଇଛ ନିଜ ପରିବାରକୁ ନିଜ ଗାଁକୁ ନିଜ ମୃଦଙ୍ଗକୁ
ପୁଣି ଛାଡିଯାଇଛ ନିଜର ଭାଗବତ ଟୁଙ୍ଗୀକୁ
ଆଜି ପରବାସରେ ଯାଇ ପଡିରହିଛ
ମତେ ପାଠ ପଢ଼ାଇବାକୁ
ଛାଡିଯାଇଛ ନିଜ ବୃଦ୍ଧ ପିତାମାତାଙ୍କୁ ନିଜ ପୁତ୍ରକନ୍ୟାଙ୍କୁ
ତୁମେ ଯେତେବେଳେ ଘରକୁ ଆସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗେ ସତେ ଘର ପୁରିଲା ପୁରିଲା
ତୁମ ମୁହଁକୁ ଦେଖିଦେଲେ ଲାଗେ ମତେ
ସତେକି ମୁଁ ଗୋଟେ ଅପରାଧୀ
ଛଡାଇ ନେଇଛି ତୁମର କଳାକାର ଜୀବନ
ଦୂରେଇଦେଇଛି ତୁମକୁ ତୁମ ପରିବାରଠାରୁ
ଲାଗେ ସତେକି ମୁଁ ଗୋଟିଏ ଅଯୋଗ୍ୟ ପୁତ୍ର
ନିଜ ପେଟରୁ କାଟି ମତେ ଖାଦ୍ୟ ଦେଇ ତୁମେ ପାଠ ପଢ଼ାଇଛ
ତୁମ ଦୃଷ୍ଟିରେ ମୁଁ ଗୋଟିଏ ଶିକ୍ଷିତ
ହେଲେ କାହିଁ କେଜାଣି ଲାଗେ ମୁଁ ଗୋଟେ ଅଯୋଗ୍ୟ
ବାରମ୍ବାର କାନ ପାଖରେ ଗୁଞ୍ଜରିତ ହୁଏ
ହଁ ତୁ ଅଯୋଗ୍ୟ ଅଯୋଗ୍ୟ ହଁ ତୁ ଅଯୋଗ୍ୟ ପୁତ୍ର

ଠିକଣା-ଚିରାମାରୁ, ବେଗୁନିଆ, ଖୋର୍ଦ୍ଧା
ଦୂରଭାଷା-୮୨୬୦୯୫୦୨୯୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାତ୍ୟା

ବିଶ୍ୱ ରଞ୍ଜନ ମହାନ୍ତି



ଆରବ ସାଗରେ ଥମିଗଲା ପରେ
ପାଣି ପବନର ସଙ୍ଗେ
ବ୍ରହ୍ମପୁତ୍ର ଗଙ୍ଗା ମିଳନ ସ୍ଥଳରେ
ଉପସାଗରୀୟ ବଙ୍ଗେ ।

ଓଡ଼ିଶା ବାସିଏ ହୋଇଲେ ଛାନିଆ
ଆସୁଅଛି ପୁଣି ବାତ୍ୟା
ପ୍ରକୃତି ଏଠାରେ ପ୍ରକୃତରେ ରାଗି
କରୁଛି ଆମର ହତ୍ୟା ।

ଉତ୍ତର ଗୋଲାର୍ଦ୍ଧେ କରିବ ତାଣ୍ଡବ
ବାପାଙ୍କୁ ଡାକିବ ମଉସା
ଉଡ଼ିବ ଚାଳିଆ ଗଛ ଉପୁଡ଼ିବ
ସାରଳା କି ହେବେ ଭରସା ।

କରୋନା ପ୍ରକୋପ ଥିଲାକି ଅଳପ
ଏମିତି ବଢ଼ାଅ କଷଣ
ରାମ ରାଇଜର ସୁଖ ଥିଲାବେଳେ
ସୀତାଙ୍କୁ ନେଲାଣି ରାବଣ।

ପ୍ରଭୁ ଜଗନ୍ନାଥ ଆସ ହେ ନିକଟ
କର ଏ ସାଗରୁ ଉଦ୍ଧାର
କାଟିବୁନି ଗଛ କରିବୁନି ଆଉ
କଳ କାରଖାନା ବିସ୍ତାର ।

ଚାଟାର୍ଜ ଆକାଉଣ୍ଟାଣ୍ଟ
ୟୁନିଟ ୬, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ପ୍ରିୟା

ପ୍ରଶାନ୍ତ ବ୍ରହ୍ମା



ଝରକା ସେପାଖେ ଅନେଇ ବସିଛି
ଆସିବକି ସତେ ପ୍ରିୟା
ଦିନ ଯାଇ ରାତି ହେଲାଣି ଯେ ଆସି
ତଥାପି ମନରେ ମାୟା ।

ବାହାରୁ ଶୁଭିଲା ଟୁପୁରୁ ଟାପୁରୁ
ସତେ ଆସୁଛି କି ସିଏ
ଧାଇଁ ଯାଇ ଦେଖେ ସେ ନୁହେଁ ପରା
ଆଉ ଜଣେ ପରା କିଏ ।

ଚେଇଁ ରହିଥାଏ ରାତିସାରା ମୁଁ ଯେ
ପ୍ରିୟାର ବାଟକୁ ଚାହିଁ
ତଥାପି ବିଶ୍ୱାସ ମନରେ ଜାଗଇ
ସତେ ଫେରିବକି ସେହି ।

ଚାହିଁ ଚାହିଁ କେତେ ବିତିଲା ବରଷ
ତଥାପି ମନରେ ଆଶା
ସତେ ଫେରିବକି ଆଜି ପ୍ରିୟାମୋର
ଗଢିବି ପ୍ରେମର ବସା ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ତିନୋଟି ହୀରା

ବିକାଶ୍ କୁମାର ମହାନ୍ତ



ବିନା ଅସ୍ତ୍ରରେ ବିନା ଶସ୍ତ୍ରରେ
ସ୍ୱାଧୀନ କଲ ଏ ଦେଶ
ସାବରମତିର ସନ୍ଥ ଆହେ
ରଖିଲ ଆମର ଯଶ ।। ୧।।

ଖାଲି ପାଦରେ ଚାଲି ଚାଲି କରି
ବୁଲିଥିଲ ସାରା ଦେଶ
ସ୍ୱାଧୀନତାର ଅଗ୍ନି ଜାଳିଲ
ବାନ୍ଧି ଏକତାର ରସ ।। ୨।।

ଆମରଣ ଅନଶନରେ ବସିଲ
ଅନେକ ସମୟ ଧରି
ଚକିତ ହେଲା ବ୍ରିଟିଶ ସାମ୍ରାଜ୍ୟ
ଦେଖିକରି ତୁମ ଅଳି ।। ୩।।

ମନରେ ଥିଲା ଅହିଂସା ଭାବ
ନଥିଲା ହିଂସାର ଘର
ସଂସାର ପାଇଁ କେବଳ ଥିଲା
ଅଶେଷ ପ୍ରେମର ଧାର ।। ୪।।

ସିଂହାସନର ମହ କୁ ଛାଡି
ଦରିଦ୍ରତା ଆପଣିଲ
ସାରା ବିଶ୍ୱକୁ ଅମୃତ ଦେଇ
ନିଜେ ବିଷକୁ ଖାଇଲା ।। ୫।।


ଯେଉଁଦିନ ତୁମ ମୃତ୍ୟୁ ହେଲା
କାନ୍ଦିଥିଲା ସାରା ଦେଶ
ସବରାମତିର ସନ୍ଥ ତୁମେ
ରଖିଲ ଦେଶର ଯଶ ।। ୬।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଂସାରକୁ ଆଦିତ୍ୟଙ୍କ ଭେଟ

ଜସ୍ମିନ୍ ସାହୁ



ରଜନୀ ରାଣୀଙ୍କ ଶେଷ ପ୍ରହରେ ,
ସୂର୍ଯ୍ୟ ଦେବତାଙ୍କ ଆଗମନ ହୁଏ ।
ଅନ୍ଧକାର ନାଶି ଆଲୁଅ ଆସେ ,
ନୂଆ ଉମଙ୍ଗ ମନେ ପଶେ ।
ଭୃଣି ସୂର୍ଯ୍ୟଙ୍କ ଦର୍ଶନରେ ,
ଦିନଟି କଟେ ଆନନ୍ଦରେ ।
ପାହାନ୍ତା ରବିଙ୍କ କିରଣରେ ,
ସବୁ ରୋଗ ନାଶ ହୁଏରେ ।
କାଉ କୋଇଲିଙ୍କ ସ୍ୱରରେ ,
ସୂର୍ଯ୍ୟଙ୍କ ସ୍ୱାଗତ ହୁଏ ।
ମିତ୍ରଙ୍କ ଆଗନ୍ତୁକରେ
କୁକୁଡ଼ା ରାବ ଦିଏ ।
ସଞ୍ଜ ସକାଳର ଦୃଶ୍ୟ ନିଆରା ,
ଝରଣାରେ ପଡିଗଲେ ଖରା ।

ମେଘ ମୁକ୍ତ ଦିବାକର ,
ଦିଶନ୍ତି କେତେ ମନୋହର ।
ସୂର୍ଯ୍ୟଙ୍କ କିରଣ ଦେଖି ,
ମନ ଯାଏ ଲାଖି ।
ଫୁଲ ଫଳ ମନେ ପୁଲକିତ ଭରି ,
ପ୍ରକୃତି ହୋଇଯାଏ ସ୍ୱର୍ଗ ପରି ।

ଥାନା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅତୀତର ମାର୍ଗଶୀର

ପ୍ରଦୀପ ମହାନ୍ତ



ହଁ ସେ" ଦିନ ମାର୍ଗଶିରର" ପ୍ରଥମ ଶନିବାର...
ମା ଲକ୍ଷ୍ମୀଙ୍କ ପ୍ରଥମ ମାଣବସା ସରିଥାଏ...
ଘର ଦୁଆରର ମୁରୁଜ, ଝୋଟି ଠିକ୍ ରେ ଲିଭି ନୋ ଥାଏ...
ବେଳ".. ଦିବା ଏକକରୁ ଦୁଇ ଘଟିକା...
ହୃଦୟର ସ୍ୱରକୁ "ଜତନର ଆଳିକୁ"...
ଏକତ୍ର ମିଳନର ସଙ୍ଗମ ସ୍ଥଳରେ...
ହୃଦୟର ପ୍ରତିଟି ବାର୍ତ୍ତା ମଧ୍ୟରେ...
କଷ୍ଟ ବେଦନାର ମୂଳ ମୂଲ୍ୟରେ...

ହିଁ" ମୁଁ ସେ ଦିବାରେ ସ.ମ.ସ୍ତ ଆକାଂକ୍ଷାର ତ୍ୟାଗ ସହ...
କେତେ, କେତେ, ଜୀବନର... ଅପେକ୍ଷା ସହ...
ପୃଥିବୀର ସାହାରାରେ...
ସୌରାଜ୍ୟର ଭୂ" ଘର୍ବରେ...
ପ୍ରକୃତିର ବାସ ସ୍ଥଳୀରେ...
ଏକ ଦିନ ଦଇତାରୀର ମଧ୍ୟ ବର୍ତିରେ...
ମାଟି ମାଁର ସାହାରାରେ...
ପଞ୍ଚଭୂତର ଆହାକାରରେ...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଦୁନିଆର ଘର୍ଭ ମଞ୍ଚରେ...

ତତ୍ କୋଟି ଦେବୀ, ଦେବ ବଳରେ...

ଅ "ଅସୀମିତ ମାନସିକରେ"...

ପ୍ରେରଣା ଏବଂ ମନସ୍ତ୍ରର ଆକ୍ଷାରେ...

ଇତି ନ" ହୋଇ ପାରୁଥିବା ଏକ ସଙ୍ଗଠନରେ...

ଏକ ଭୃ" ପୃଷ୍ଟର ଆଲୋଚରେ...

ନିଜକୁ ଏକ ପରି ସମାପ୍ତିର, ପୁଣି ପରି ଆରମ୍ଭରେ...

ଏକ ବିଷୟସ୍ତ ବସ୍ତୁକୁ ଅଧିକ୍ଷଣ କରିବାରେ...

ଏକ ସମାଜକୁ କବଳିତ କରିବାରେ...

ଏକ ଉ.ପ.ହା.ର ସ୍ୱରୂପ କବିତ୍ୱକୁ ସାଥିରେ ନେଇ "ଧରାପୃଷ୍ଟକୁ" ଆଗେଇ ଆସିବାର ଏକତାରେ...

ହିଁ ମୁଁ... କବିତିକୁ ନେଇ ଆସିଛି...

କୁ କାର୍ଯ୍ୟ ଭ୍ରମରେ ବୁଡି ଯାଉଥିବା ଯୁବ, ଯୁବତୀଙ୍କୁ...

ଏକ ସୁଚର ମଯ୍ରୀ ରାସ୍ତା ଦେଖାଇବାକୁ !

ଏକ ଫୁଲ ସଦୃଶ୍ୟ ନାରୀ ଗର୍ଭରୁ...

ଉଲ୍ଲାଇ ଆସିଛି !

ପ୍ରକୃତିକୁ ନେଇ....

ପ୍ରକୃତିକୁ ଭଲ ପାଉଥିବା କବି...

ଗିରୀଙ୍ଗାମାଳି (କାଦୁଅବନ୍ଦୀ), ସୁକିନ୍ଦା, ଯାଜପୁର ୭୫୫୦୧୮ ମୋ : ୮୨୬୦୫୪୨୬୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ପାଇବାର ଏକ ନିଆରା ଛବି - ବାପା

ଅବିନାଶ ପଣ୍ଡା



ନିଜ ଜୀବନର  ସବୁ ସୁଖକୁ ଭୁଲି
କଠିନ ପରିଶ୍ରମରେ କଟେ ଯାହାଙ୍କ ଦିନ
ପରିବାର ପାଇଁ ଗଢି ତୋଳନ୍ତି ରାଜଉଆଁସ
ସବୁବେଳେ ମୁଖେ ଥାଏ ତାଙ୍କ ଧର୍ଯ୍ୟ-ସାହସ [୧]

ନିଜ ଜୀବନର ଅମୁଲ୍ୟ ଯୌବନ
ସମର୍ପିତ ହୋଇଥାଏ ଅନ୍ୟ କୁନି ଜୀବନ ଗଢ଼ିବାରେ
ନିଜ ପାଇଁ ନୁହେଁ,
ପିଲାଙ୍କ ଖୁସି ପାଇଁ କେତେ ଯେ ଚେଷ୍ଟା କେତେ ଯେ ପ୍ରୟାସ [୨]

ପର୍ବ ପର୍ବାଣିରେ କରନ୍ତି ଛୁଆଙ୍କ ପାଇଁ ନୂଆ ଡ୍ରେସ
ମନରେ ରଖି କେତେ ଆଶା , ଉତ୍ସାହ , ଖୁସି ଓ ଆଶୀର୍ବାଦ
ସନ୍ତାନର ଖୁସିରେ ଖୋଜନ୍ତି ଯେ ନିଜର ହସ , ନିଜର ନୂତନତ୍ୱ [୩]

ସ୍ୱଳ୍ପ ରୋଜଗାରେ ମଧ୍ୟେ
ପୁରଣ କରିଥାନ୍ତି ପରିବାରର ସ୍ୱପ୍ନ
ନ ଜଣେଇ ଆଉ କାହାକୁ ନିଜର କଷ୍ଟ [୪]

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେ କଷ୍ଟ ଅବା ଝଞ୍ଜା ଆସୁ
ନିରବ ସାହସେ ଥାଆନ୍ତି ଅଚଳ
ଦେଖେଇ ଆସେନା ମିଛି ମିଛିକାର ଭଲ ପାଇବା
ରାଗରେ ବି ଥାଏ ତାଙ୍କ ସଜାଡ଼ିବାର ଅଦମ୍ୟ ପ୍ରୟାସ [୫]

ଲେଖିବାକୁ ବସିଲେ
ସରିଯିବ କଲମର କାଳି
ଉଣା ପଡିଯିବ କାଗଜର ଫର୍ଦ
ତଥାପି ଶେଷ ହେବ ନାହିଁ ତାଙ୍କ ଭଲ ପାଇବାର ବୟସ [୬]

ହଁ, ଭଲପାଇବାର ଅନ୍ୟ ଏକ ଛବି
ସେ ହେଉଛନ୍ତି "ବାପା" "ବାପା" "ବାପା" [୭]

ଲାଇବ୍ରେରୀଆନ,
ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟ, ଭୁବନେଶ୍ୱର
ଯୋଗାଯୋଗ : ୯୪୩୯୭୫୭୨୫୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଶ୍ନ କେତୋଟି ସାମାନ୍ୟ

କିରନ୍ ସ୍ୱାଇଁ



ଉଚ୍ଛୁଳି ପଡୁଥିବା
ଆବେଗକୁ ଆଖି ଭିତରେ
ଚାପି ରଖି ଦେବାର ଶକ୍ତି
କ'ଣ ସାମାନ୍ୟ ହୋଇପାରେ ?
ଜହ୍ନି ଫୁଲର କଅଁଳ ପାଖୁଡ଼ା କେବେ
ଜୀବନକୁ ଦିନେ ପଥର କରିଦେବ
ଏଇଟା ସହଜ ?

ମଣିଷର ଲୁହ ଭର୍ତ୍ତି ଆଖି
ଓ ଆଖି ଲୁହ କାହିଁକି ନିରର୍ଥକ ?
ଲଢ଼ି ଲଢ଼ି ବଞ୍ଚିବା ଅପେକ୍ଷା
ବୁଢ଼ିଆଣୀ ଜାଲ ପରି
ନିଜ ନିୟତିକୁ ଅକ୍ତିଆର
କରିନେବା ବୋଧେ ସମ୍ଭବ ?

ମିଠା ନିଆଁର ମହକରେ
ବାଟଭୁଲା ପତଙ୍ଗର
ଅକାଳ ମୃତ୍ୟୁରେ
କେବଳ ପତଙ୍ଗର ଦୋଷ ନିଜସ୍ୱ ?

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳାଠାକୁର

ନଳିନୀ ଦାଶ



କଳାଠାକୁର ହେ କଳାଠାକୁର
କରୁଛି ପ୍ରଣତୀ ଘେନା ମୋ କର
କମ୍ବୁ କଟକରେ ଉଡୁଛି ଧ୍ୱଜା
କନକ ବେଦୀରେ ପାଉଛ ପୂଜା ।
କୋଟି ଭକତଙ୍କୁ ବାନ୍ଧି ରଖିଛ
କେତେ ଲୀଳା ଖେଳା ଲଗାଇଅଛ
କୁମ୍ଭୀରକୁ ତୁମେ ହାତେ ବଧିଲ
କଉଷଳେ ଗଜ ଉଦ୍ଧାର କଲ ।
କାନନେ ମୃଗୁଣୀ ଡ଼ାକ ଶୁଣିଲ
କଳାକାହ୍ନୁ ଯାଇ ରକ୍ଷା କରିଲ
କୁବୁଜାର କୁଜ ହରଣ କଲ
କୁରୁବଂଶ ପରା ତୁମେ ନାଶିଲ ।
କାମିନୀ ପାଞ୍ଚାଳୀ ଡ଼ାକ ଶୁଣିଲ
କୋଟି ବସ୍ତ୍ର ତୁମେ ପ୍ରଦାନ କଲ
କଳି, ଦ୍ୱାପର ଓ ସତ୍ୟ ଯୁଗରେ
କରୁଅଛ ଲୀଳା ତୁମେ ଠାକୁରେ ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଘାତ

ଅରୁଣ କୁମାର ଦାସ



ଏକ ଆଘାତ ବଳାଇ ଦେଲା ଦିଗ
ପରିବର୍ତ୍ତନ ଓ ପରିଚୟ
ହଜାଇ ଦେଲା
ତାକୁ ଛୋଟ ଭାବି ହେବନି
ଯାହା ଭୂତ ଭବିଷ୍ୟତ ଜଡିତ ।

ସକାଳ ବୁଲା
ପିଲାଙ୍କ ଅଳି ଅର୍ଦ୍ଦଳି
ସବୁ ଭୂଲି ହୁଏନା
କେତେକ କମନୀୟ କାନ୍ତି
ଆଜି ସାତ ସପନ ।

ସବୁ ଭୂଲି ଆଗକୁ ବଢ଼ିବାକୁ ହେବ
ନଚେତ୍ ପରାଜୟର ସାମ୍ନା ପାଇଁ
ନିଜକୁ ଏବେ ଠାରୁ ସଜାଡିବାକୁ
ପଡ଼ି ପାରେ ।

ଆଜି ସବୁ କିଛି ସାମୟିକ ଯାଇ ପାରେ
ଆଗକୁ ହୁଏତ ଆସିପାରେ
ନତୁବା
ନାସ୍ତିସୂଚକ ସିମୀତ ରହିବାକୁ ପଡିବ
ସେଇ ସବୁ ସକଳ
ନିୟନ୍ତାଙ୍କ ଲୀଳା ।

ଶିକ୍ଷକ,
ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ
ପନ୍ତରୀ, ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନ ଥିବ ଚାନ୍ଦିନୀ ରାତି

ଆକୁଳାନନ୍ଦ ପୃଷ୍ଟି



ମା କାଳୀଙ୍କର ପୂଜା କରୁଥିଲେ
ଯେଉଁ ରାଜ୍ୟେ ରାମ କୃଷ୍ଣ
ସେଇଠି ଘଟିଛି ଏପରି ଦୁଷ୍କର୍ମ
ଅବଳା ଜୀବନ ନଷ୍ଟ ।

ଶାସନ ଗାଦିରେ ଆସିନ ସେଠାରେ
ଶ୍ୱେତ ବସ୍ତ୍ରା ନାରୀ ନେତ୍ରୀ
କ୍ଷମତା ନିଶାରେ ମତୁଆଲା ସିଏ
ଅପରାଧୀ ତାଙ୍କ ସାଥୀ ।

ଯାହା ଘଟାଇଲେ ଦୁର୍ଗାପୁରରେ
ଧନ୍ୟ ହେଲା ବଙ୍ଗ ଭୂଇଁ
ବିଧର୍ମୀ ସେଠାରେ ଭୋଟ୍ ବ୍ୟାଙ୍କ
ଦରଦ ତାଙ୍କରି ପାଇଁ ।

ପୋଲିସ୍ ବନିଛ ଅପରାଧୀ ମାମୁଁ
ଭଣଜାଙ୍କ ରକ୍ଷାକାରୀ
ଦାଢ଼ିଆ ଦାଢୁଆ ରାସ୍ତାରେ ବୁଲନ୍ତି
ଆଇନ ପାରୁନି ଧରି ।

ଅବାଟରେ ଯାଇ ଅର୍ଜନ କରନ୍ତି
ଅସରନ୍ତି କଳା ଧନ
ଦେଶକୁ ଲୁଟନ୍ତି ଲୋକଙ୍କୁ ଠକନ୍ତି
ଦେଖାଇ ମିଛ ସପନ ।

ସମାଜସେବୀର ଖୋଳପା ଭିତରେ
ଏମାନେ କଳା ବଜାରୀ
ବନ୍ଧୁକ ମୁନରେ ଲୋକଙ୍କୁ ଡରାନ୍ତି
ଚିତା କଟା ବ୍ୟଭିଚାରୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗେରୁଆ ଅରୁଆ ପିନ୍ଧନ୍ତି ଖାଆନ୍ତି
ବୈଷ୍ଣବ ବେଶ ଧରି
ଦେଶ ଜାତି ପାଇଁ ସଙ୍କଟ ଏମାନେ
ଲମ୍ପଟ ଦୁରାଚାରୀ ।

ମଦ ତାଙ୍କ ମାଆ ଗଞ୍ଜେଇ ଭଉଣୀ
ବ୍ରାଉନ ସୁଗାର ବାପାର ନାଁ
ନାହିଁ ଘର ଦ୍ୱାର ସଖା ସହଦୋର
ଜେଲ ତାଙ୍କର ଘର ଓ ଗାଁ ।

ହେ ଦରଦୀ ରାଜନେତ୍ରୀ
ଆଜିର କ୍ଷମତା କାଲିକି ନ ଥିବ
ନ ଥିବ ଚାନ୍ଦିନୀ ରାତି ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳାପଡ଼ା କଖଡି କଟକ
ମୋ - ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନକ୍ଷତ୍ରପୁଞ୍ଜ ହେ ବଡ଼ବଡୁଆ

ସ୍ୱର୍ଣ୍ଣ ରଥ ମହାପାତ୍ର



ଅମାବାସ୍ୟା ରାତିର କଳା ଅନ୍ଧାରରେ
ତୁମେ ଆସ ନକ୍ଷତ୍ର ପୁଞ୍ଜ ହୋଇ
ଅନ୍ଧାର ଅନ୍ତରାତ୍ମାକୁ ପ୍ରଜ୍ୱଳିତ କରି
ସହସ୍ର ପ୍ରଦୀପ ଆଲୁଅ ଜାଳି
ମୋ ଅନ୍ଧାରର ତର୍ପଣରେ ସ୍ମୃତି ଅର୍ପଣ
ତୁମେ ମୋ ବଂଶ ଇତିହାସ ମଶାଲ
ତୁମ ରକ୍ତର ସ୍ୱାକ୍ଷରର ଦଲିଲ ମୁଁ
ବଡ଼ବଡୁଆ, ଆଦିପୁରୁଷ, ପୂର୍ବୋଜ
ଅନ୍ଧାରରେ ଆସି ଆଲୁଅରେ ଯାଅ ।

ଅନ୍ଧାରକୁ ଲିପି ପୋଛି ଆସିଲ
ସଂଜର କାରିଗରୀ ହାତ
ମୁରୁଜରେ ସ୍ୱାଗତ ରଙ୍ଗୋଲି ଆଙ୍କିଲା
ଦୀପ ସମର୍ପଣେ ମୁଁହରେ ଆଲୁଅ ମାଖିଲା

କାଉଁରିଆ ନିଆଁରେ ପଥ ଆଲୋକିତ ହେଲା
ସ୍ମୃତି ଅର୍ଘ୍ୟ ଅର୍ପଣର ପିଣ୍ଡ ଦାନରେ
ଆପ୍ୟାୟିତ ଆତ୍ମ ଶାନ୍ତିରେ
ଚାଲିଗଲ ଆଲୁଅର ଦୀପ ଜାଳି ଜାଳି
ମହଣେ ଆଶିଷ ଅଜାଡ଼ି

ଅନ୍ଧାର ଆକାଶକୁ ସହଚର କରି
ସୈନ୍ୟାସୀ ଅମାବାସ୍ୟାର ତପସ୍ୟା ସ୍ଥଳକୁ
ଅଜ୍ଞାତବାସରେ ବରଷକ ପାଇଁ ।

ବିଜୟା ଗାର୍ଡେନ, ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠିଟିଏ ହଜିଗଲେ

ସତ୍ୟବ୍ରତ ସାହୁ



ଚିଠିଟିଏ ହଜିଗଲେ ମନଟିଏ ମରିଯାଏ ଯେଉଁ ମନ
ଚିଠି ଲେଖି ଚାହିଁଥିଲା ଉତ୍ତର
ଆସ କମାନା କରିବା ଚିଠିଟି ପହଞ୍ଚି ଯାଉ ସୁରୁଖୁରେ ଲେଖାଥିବା
ଠିକଣାରେ ତାହାର। (୦)

କା' ଅନ୍ତର ବ୍ୟଥା ନେଇ ଚିଠିଟିଏ ଚାଲିଯାଏ ଦୂର ବହୁଦୂରକୁ
କା' ହୃଦୟ ଭାଷା ନେଇ ଚିଠିଟି ବି ଚାହୁଁଥାଏ କହିଦେବ ପ୍ରିୟକୁ
ଆସ ଆମେ ବୁଝିନେବା ମୁଦା ଲଫାପାରେ ଥିବା ଆମ ପରି କେହିଜଣେ ମଣିଷର ଆତୁର।
ଚିଠିଟିଏ ହଜିଗଲେ..... (୧)

କେହିଜଣେ ଚାହିଁଥାଏ ତାଆ ନାଆଁ ଠିକଣାରେ ଚିଠିଟିଏ ଆସିବ
ରାଗ, ରୁଷା, ଅଭିମାନ, ସ୍ନେହ, ପ୍ରୀତି, ମମତାର କଥା ସବୁ ଭାଷିବ
ଆସ ଆମେ ମାନିନେବା ଚିଠିଟି କାଗଜ ନୁହେଁ ସେ କାଗଜେ ଲେପାଥାଏ ଶରଧାର ଅତର
ଚିଠିଟିଏ ହଜିଗଲେ...... (୨)

ଚିଠିଟିଏ ହଜିଗଲେ ମନଟିଏ ମରିଯାଏ ଯେଉଁ ମନ
ଚିଠି ଲେଖି ଚାହିଁଥିଲା ଉତ୍ତର
ଆସ କମାନା କରିବା ଚିଠିଟି ପହଞ୍ଚି ଯାଉ ସୁରୁଖୁରେ ଲେଖାଥିବା ଠିକଣାରେ ତାହାର


ପଲ୍ଲୀସାହି, କାମାଳପୁର, ଅହିୟାସ, ଯାଜପୁର - ୭୫୫୦୩୬ ମୋ: ୮୯୧୭୨୭୩୫୪୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେଇଥିବୁ ମାଁ ସାହା

ବବୁନ୍ ସାହୁ



ମହାନଦୀ ଖଣି ପୂଜା ପାଉଥିସୁ
ସେମେଲ୍ ତଳେ ଗୋ ମାଁ
କରୁଣାମୟୀ ଜଗତ୍ ଜନନୀ ଗୋ
ସମଲେଇ ତୋର୍ ନାଁ,

ମହ ମହ ହେଇ ବାସୁଥିସି ତୋର୍ ମନ୍ଦିରେ
ଚନ୍ଦନ୍ ଆଉ ଦହନା ମାଳ୍ ର୍ ବାସନା
ଉସତ୍ ହେଇ ତୋର୍ ନିକେ ଦୌଡ଼ି ଆସିଛେ
ହେ ମାଁ କରି ତତେ କେତେ ଆସନା,

ମାଁ ମାଁ ବୋଲି ଡାକୁଛନ୍ ସଭେ
ମୁଇଁ ବି ଡ଼ାକୁଛେ ତତେ
ମଉନ୍ ହେଇ ନାଇଁ ବସବୁ ମାଁ
ପଣତ୍ ର ଛଏରା ଦେବୁ ମତେ,

ମାଁ ମାଁ  ବୋଲି ଶରଣ୍ ମାଗୁଛେଁ
ଧରିକରି ତୋର୍ ପାହା
ପୁଓ ବୋଲି ଘାଏ ଗୁହାରି ସୁନି ମାଁ
ଦୁଖେ ସୁଖେ ହେବୁ ସାହା,

ଜୁହାର୍ ଜୁହାର୍ ସମଲେଇ ମାଁ ଗୋ
ସମ୍ବଲପୁରେ ତୋର୍ ବାସ୍
ତୋର ନାଁ ରେ ମାନସିକ କଲେ ଗୋ ମାଁ
ସବୁ ଦୁଃଖ୍ ହେଇଯାଇସି ନାଶ୍,

ଗୁହାରି ତତେ କରୁଛେ ଗୋ ମାଁ
ହେଇଥିବୁ ମୋର୍ ଭାଗ୍ୟ କେ ସାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଖେ ଦୁଖେ ତାର୍ ପାଖେ ଥିବୁ

କରୁଥିବୁ ମାଁ ଗୋ ତାହେକେ ଆହା,

ମନ୍ଦାର ମାଳିନୀ ହେ ମାଁ ସମଲେଇ

କରୁଛେ ମାଁ ଗୋ ତୋର୍ ଆଳତି

ସାରା ଦୁନିଆଁ କେ ଆଖି ଦେଖୁଥିବୁ

ସୁଖେ ରଖିଥିବୁ ଦିନରାତି !

ହେ ମାଁ ସମଲେଇ ତତେ ଏତ୍କି ବିନ୍ ତି ।

ବବୁନ ସାହୁ (ଡି, ଏମ୍, ଏଲ୍, ଟି)

ଗଜବନ୍ଦ, ସାଲେପାଲି , ସୁବର୍ଣ୍ଣପୁର

ମୋ - ୮୪୫୭୯୮୩୩୨୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାମାୟଣରେ ଭରତ ଚରିତ୍ର

ସଂଜୀବ କୁମାର ଦାସ



ରାମାୟଣରେ ଭରତ ଚରିତ୍ର ଧାର୍ମିକତା, କର୍ତ୍ତବ୍ୟ ଏବଂ ନିଃସ୍ୱାର୍ଥପର ପ୍ରେମର ପ୍ରତିନିଧିତ୍ୱ କରେ, ଯାହାକୁ ବସ୍ତୁତଃ ଜଣେ ଆଦର୍ଶ ଭାଇ ଏବଂ ନୈତିକ ଅଖଣ୍ଡତାର ପ୍ରତୀକ ଭାବରେ ଦର୍ଶାଯାଇଥାଏ । ଶ୍ରୀରାମଙ୍କ ବନବାସ ଅବଧିରେ ଭରତ ଅଯୋଧ୍ୟାର ସିଂହାସନକୁ ପ୍ରତ୍ୟାଖ୍ୟାନ କରିବା, କେବଳ ତାଙ୍କ ନିର୍ବାସିତ ଭାଇ ରାମଙ୍କ ପ୍ରତିନିଧି ଭାବରେ ଶାସନ କରିବା ଏବଂ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ଉପରେ ତାଙ୍କ ଭାଇଙ୍କ ପ୍ରତି ତାଙ୍କର ଅଟଳ ବିଶ୍ୱସ୍ତତା ଏବଂ ସମର୍ପଣ କରିବା ପାଇଁ ଜଣାଶୁଣା ।

ପ୍ରକାରାନ୍ତରେ ଭରତ ତାଙ୍କ ଭାଇ ରାମଙ୍କ ନିର୍ବାସନର ସୁଯୋଗ ନେବାକୁ ମନା କରି ନିଃସ୍ୱାର୍ଥପର ପ୍ରେମ ଏବଂ ବିଶ୍ୱସ୍ତତାର ଉଦାହରଣ ଦିଅନ୍ତି । ସେ ରାମଙ୍କ ପ୍ରତିନିଧି ଭାବରେ ଶାସନ କରିବାକୁ ଶ୍ରେୟ ମଣିଥିଲେ । ରାଜ୍ୟର ଆବଶ୍ୟକତା ଏବଂ ରାମଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟକୁ ନିଜ ଇଚ୍ଛାଠାରୁ ଅଧିକ ମହତ୍ୱ ପ୍ରଦାନ କରିଥିଲେ । ସେ ମଧ୍ୟ ରାମଙ୍କ କଠଉ ସିଂହାସନରେ ରଖିଥିଲେ ଏହା ଦେଖାଇବା ପାଇଁ ଯେ ସେ ପ୍ରକୃତ ଶାସକ ନୁହଁନ୍ତି । ନୈତିକ ଅଖଣ୍ଡତାର ନିଦର୍ଶନ ସ୍ୱରୂପ ସେ ରାମଙ୍କ ନିର୍ବାସନରେ ତାଙ୍କ ମାତା କୈକେୟୀଙ୍କ ଭୂମିକାକୁ ନିନ୍ଦା କରି ତାଙ୍କ ବିରୁଦ୍ଧରେ ଯିବାର ନୈତିକ ସାହସ ଜୁଟାଇ ପାରିଥଲେ । ଏହା ବ୍ୟକ୍ତିଗତ ଭାବରେ କଷ୍ଟକର ଥିଲେ ମଧ୍ୟ ତାଙ୍କ ପାଖରେ ନ୍ୟାୟକୁ ବଜାୟ ରଖିବାର ଅସୀମ କ୍ଷମତା ପ୍ରଦର୍ଶିତ ହୋଇଥିଲା ।

ନିଃସ୍ୱାର୍ଥପର ଶାସକ ଭାବେ ସେ ଚାହିଁଥିଲେ ରାମଙ୍କ ପରି ରାଜତ୍ୱ କରି କେବଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକଙ୍କ ସେବା କରିବେ କାରଣ ତାଙ୍କର ସମର୍ପିତ ଶାସନ କାଳ ପ୍ରଜାଙ୍କ କଲ୍ୟାଣ ନିମନ୍ତେ ଅଭିପ୍ରେତ ଥିଲା ।ପ୍ରତୀକାତ୍ମକତା ଦୃଷ୍ଟିରୁ କିଛି ବ୍ୟାଖ୍ୟା ତାଙ୍କୁ ଚାରି ପୁରୁଷାର୍ଥ ମଧ୍ୟରେ କାମ (ଇଚ୍ଛା ପୂରଣ) ଧାରଣା ସହିତ ଯୋଡିଥାଏ, ଯଦିଓ ସେ ସର୍ବଦା ବ୍ୟକ୍ତିଗତ ଇଚ୍ଛାକୁ ଧର୍ମର ଅଧୀନରେ ରଖଥିଲେ ।

ଭ୍ରାତୃ ପ୍ରେମର ଏତାଦୃଶ ତ୍ୟାଗ ଭାବନା ସତତଃ ବର୍ତ୍ତମାନ ପରିପ୍ରେକ୍ଷୀରେ ବିରଳ, ମାତ୍ର ରାମାୟଣ କଥାର ଯୁଗାନ୍ତକାରୀ ପ୍ରଭାବ କୁ ଦୈନନ୍ଦିନ ଜୀବନର ଆଧାର ରୂପେ ସାର୍ବଜନିକ ଭାବେ ସ୍ୱୀକାର କରାଗଲେ ଜୀବନ ଯାତ୍ରା ଯେ ଅଧିକ ଗତିଶୀଳ ଏବଂ ଫଳପ୍ରସୂ ହେବ, ଏଥିରେ ଦ୍ୱିରୁକ୍ତି ନାହିଁ ।

ଭରତ ନାମରେ ରହିଛି ଅପୂର୍ବ ସାର ମର୍ମ । 'ଭ' ଅର୍ଥାତ ଭକ୍ତି,'ର' ଅର୍ଥାତ ରସ ଏବଂ 'ତ' ଅର୍ଥାତ ତତ୍ତ୍ୱ ଗୁଡିକର ସମିଶ୍ରଣ ଅନୁଜ ରୂପି ଭରତଙ୍କ ବ୍ୟକ୍ତିତ୍ୱକୁ ପୂର୍ଣ୍ଣ ମାତ୍ରାରେ ପ୍ରତିଫଳିତ କରେ । ଭକ୍ତି ଏକ ଉଚ୍ଚ ଶକ୍ତି, ସାଧାରଣତଃ ଏକ ଦେବତାଙ୍କ ପ୍ରତି ଭକ୍ତି, ପ୍ରେମ ଏବଂ ନିଷ୍ଠାକୁ ବୁଝାଏ । ଏହା ଏକ ଆଧ୍ୟାତ୍ମିକ ପଥ ଯାହା ତା' ସହିତ ଏକ ଗଭୀର ଭାବପ୍ରବଣ ସମ୍ପର୍କକୁ ଗୁରୁତ୍ୱ ଦିଏ ।

ଜଣେ ଶ୍ରେଷ୍ଠ ବ୍ୟକ୍ତିଙ୍କ ପ୍ରତି ନିଷ୍ଠାର ପରିପ୍ରେକ୍ଷୀରେ, ରସ ସେବାଭାବ ଏବଂ ସ୍ନେହପୂର୍ଣ୍ଣ ଆସକ୍ତିର ଭକ୍ତିପୂର୍ଣ୍ଣ ମନୋଭାବକୁ ସୂଚିତ କରେ । ଏବଂ ତତ୍ତ୍ୱ ସେହି ଭକ୍ତିର ଆଧାର ଗଠନ କରୁଥିବା ମୌଳିକ ସତ୍ୟ କିମ୍ବା ନୀତିକୁ ବୁଝାଏ । ତେବେ 'ଭରତ' ଭାବରେ ଅନ୍ତର୍ହିତ ପ୍ରେମକୁ ଆସ୍ୱାଦନ କରିବାର ଅବସର ସର୍ବଦା ଭାରତବାସୀଙ୍କ ନିକଟରେ ରହୁ, ଏହାହିଁ କାମନା ।

ସଞ୍ଜୀବ କୁମାର ଦାସ
ମର୍କତ ନଗର, କଟକ
ମୋ : ୬୩୭୬୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ୍ୟବାଦୀର ସଖା : ପଣ୍ଡିତ ଗୋଦାବରୀଶ

ଅକ୍ଷୟ କୁମାର ରାଉତ



ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତ କରି ସତ୍ୟ, ଦୟା, କ୍ଷମା ଓ ଶାନ୍ତିର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ କାର୍ତ୍ତିକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀ ସାଧକ ଓ ବୈଦ୍ୟ । ଗୋଦାବରୀ ତୀର୍ଥ ଯାତ୍ରା ପରେ ପୁତ୍ରଲାଭ ହୋଇଥିବାରୁ ପିତାମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ । ମାତ୍ର ଭକ୍ତକବି ମଧୁସୂଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ । ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀ ଲୋକଙ୍କ ଭଳି ମୁଣ୍ଡରେ ଚୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗିରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା । ଉଚ୍ଚ ପ୍ରାଥମିକ ପରୀକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା । ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତ୍ତି ମିଳିଲା ନାହିଁ । ତେଣୁ ପାଠପଢା ବନ୍ଦ ହୋଇଗଲା । ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷାକଲେ । ପିତାଙ୍କ ଅନୁପସ୍ଥିତିରେ ଠାକୁର ପୂଜା ଭାର ତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଳିରୁ ଉଠାଇ ଆଣି ଭାତରେ ମୁହଁ ମାଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲେ । ସେ ଜଣେ ସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ । ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ । ତେଣୁ ଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ । ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ । ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ । ଅଷ୍ଟମଶ୍ରେଣୀ ବାର୍ଷୀକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କା ବୃତ୍ତି ପାଇବାର ବ୍ୟବସ୍ଥା କରିଦେଲେ । ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟ ଚୌଧୁରୀ ସହିତ ପରିଚିତ ହୋଇଥିଲା । ପୁରୀ ବଡଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖା ହେଲା । ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ । ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟ କଲେ ।

ଗୋଦାବରୀଶଙ୍କ ପିନ୍ଧାଲୁଗା ଥିଲା ମାତ୍ର ଖଣ୍ଡିଏ । ସେ ଲୁଗାଟିକୁ ଛୁଟିଦିନରେ ଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି । ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଚିଂବା ପର ମୁହୂର୍ତରେ ତାଙ୍କ ବୋଉ ମଧ୍ୟ ହଇଜାରେ ଦେହତ୍ୟାଗ କଲେ । ଘରେ ଅନ୍ଧୁଣୀ ବୁଢୀମା ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣି ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂଟଙ୍କା ବୃତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ । ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶକରି ଦଶଟଙ୍କା ବୃତ୍ତି ପାଇଲେ । ଏହି ବୃତ୍ତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ । ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ ।

୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଜ୍ୱର ଭଲ ହେବାର କିଛି ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତି କଷ୍ଟରେ ମୃତ୍ୟୁବରଣ କରିଥିଲା । ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ 'ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠଚୋରି ଅଭିଯୋଗରେ ଫସାଇ ଦିଆଗଲା । ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା । ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କାବୃତ୍ତିର ପାଚଂଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ । ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠ ପଢିଲେ । କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତିଖର୍ଚ୍ଚ ପାଇଁ ନଖଟ ହେଲା । ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ । କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା । ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟକଲେ । ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ । ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧ୍ୟାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ  ନିଯୁକ୍ତି ଦେଇ ଥିଲେ । ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ ଟଙ୍କିଆ ବୃତ୍ତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ । ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେଦିନ ରେଳଷ୍ଟେସନରେ ପ୍ରାୟ ପାଚଂ ହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉ ନଥିଲା ।

ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ । କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶିକ୍ଷକ ସହିତ ବିଦେଶରେ ଶିକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ । ଦୀର୍ଘ ୩୦୦ ମାଇଲ ଦୂରରୁ ଗୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ । ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ । ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା । ଆଇନ ପାଠ ଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ । ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ । ତିନିବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନିଂ ନେଲେ । ସେଠାରେ 'ପୁରୁଷୋତ୍ତମ' ନାଟକ ରଚନା କରି ପ୍ରକାଶ କରିଥିଲେ । ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମକରିବା ପାଇଁ ୧୯୧୯ ମସିହାରେ ଆଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ । ଓଡିଆ ଭାଷା ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ । ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିଳ୍ପର ଉନ୍ନତି ପାଇଁ ଭୁବନାନନ୍ଦ ଦାସ, ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟଶିଳ୍ପ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ । ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ ।

ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ । ପାରଳା ମହାରାଜ ଓ ଗୋଦାବରିଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା । ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟ ହେଲେ । ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନ କାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ । ତାଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ । ସେ କିଛି ଦିନ ସମାଜର ସମ୍ପାଦକ୍ ଥିଲେ । ବିହାର ଓଡିଶା କାଉନସିଲର୍ ସଭ୍ୟ ହୋଇଥିଲେ ।

ଗୋଦାବରିଶ ବ୍ରୀଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ । ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୋକ ଦେଖାଇ ନିଜେ ଲିଭି ଯାଇଥିଲେ । ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ, କବି ଓ ଲେଖକ ।

ପାରାଦ୍ୱୀପଗଡ, କୁଜଙ୍ଗ,ଜଗତସିଂହପୁର
ମୋ-୯୯୩୭୬୨୯୧୪୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍କୁଲ୍ ପାଠପଢ଼ାରୁ ଇସ୍ରୋ

ରାମ ଚନ୍ଦ୍ର ପ୍ରଧାନ



ବୟସ ମାତ୍ର ଚଉଦ । ହେଲେ ସଫଳତା ଅନେକ । ଏପରି ଜଣେ ବିସ୍ମୟ କୁନି ପ୍ରତିଭା ହେଲେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କଲେଜ ଛକର ଭକ୍ତପ୍ରସାଦ ମହାନ୍ତି । ସେ ୨୦୧୧ ଫେବୃଆରୀ ୨୫ ତାରିଖରେ ଆସିକା କଲେଜ ଛକ ସ୍ଥିତ ମହାରଣା କଲୋନୀର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ପାଣ୍ଡବ ମହାନ୍ତି ଓ ମାତାଙ୍କ ନାମ ସସ୍ମିତା ମହାନ୍ତି । ସେ ବର୍ତ୍ତମାନ କଲେଜ ଛକ ସ୍ଥିତ ସରକାରୀ ଟେକ୍ନିକାଲ୍ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି । ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନାହିଁ । ବାପା ଚାଷବାସ ସହ ହୋଟେଲରେ ପାର୍ଟ ଟାଇମ କାମ କରି ବହୁ କଷ୍ଟରେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । "ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ଲୁକ୍କାୟିତ ପ୍ରତିଭା ପିଲାଟି ଦିନରୁ ବାରି ହୋଇ ପଡୁଥିଲା । କଲେଜ ଛକ ସ୍ଥିତ ପ୍ରଜ୍ଞା ଶିଶୁ ମନ୍ଦିରରେ ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳୁ ହିଁ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଢେର ସାରା ସଫଳତା ପାଇବା ସହ ଗୁରୁମାଗୁରୁଜୀମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ତା' ପରଠୁ ସେ ଆଉ କେବେ ପଛକୁ ଫେରି ନାହାଁନ୍ତି । ଆଖପାଖ ଅଂଚଳ ତଥା ବିଦ୍ୟାଳୟରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଅନେକ ମେଡାଲ୍ ଓ ମାନପତ୍ର ହାତେଇଥିଲେ,ଯାହା ତାଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇଥିଲା । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ କିଛି ନୂଆଁ କରିବାର ନିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭକ୍ତପ୍ରସାଦଙ୍କୁ ଦେଇଛି ଗୋଟିଏ ପରେ ଗୋଟେ ସଫଳତା । ଏ ଦିଗରେ ସାଙ୍ଗସାଥି ଓ ପିତାମାତାଙ୍କ ନିଃସ୍ୱାର୍ଥପର ପ୍ରେରଣା ତା'ଙ୍କୁ ଆଉ ଟିକିଏ ଆଗକୁ ବଢିବାର ଇନ୍ଧନ ଯୋଗାଇଛି ।

ଭକ୍ତପ୍ରସାଦ ଜଣେ ମେଧାବୀ ଛାତ୍ର । ସେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ ଅଟନ୍ତି । ପାଠପଢ଼ାରେ ସେ ଯେତିକି ଧୁରନ୍ଧର; ଆଚାର ବ୍ୟବହାରରେ ବି ସେତିକି ମାର୍ଜିତ । ସେଥିପାଇଁ ସବୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କୁ ଖୁବ୍ ସ୍ନେହ କରନ୍ତି । ଜଣେ ଛାତ୍ର ହିସାବରେ ସେ ଯେତିକି ସମୟ ପାଠପଢ଼ାରେ ଦେଇଥାନ୍ତି, ଠିକ୍ ସେତିକି ସମୟ ଦିଅନ୍ତି ଦେଶ ବିଦେଶର ନୂଆଁ ନୂଆଁ ଖବର ସଂଗ୍ରହ କରିବା ସହ ଭବିଷ୍ୟତରେ କିଛି ସ୍ୱତନ୍ତ୍ର କରିବାର ଇଚ୍ଛାକୁ ପୂରଣ କରିବାରେ । ସେ ଭଲଭାବେ ଜାଣିଛନ୍ତି ଯେ ଜୀବନରେ ସଫଳତା ପାଇବାକୁ ହେଲେ ଆପଣାର ସାଧନାକୁ ବଳବତ୍ତର ରଖିବାକୁ ପଡିବ । ସେ କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଉପରେ ସବୁବେଳେ ଭରସା ରଖିଥାନ୍ତି । ଏହାସହ ବାପାମାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ ଏ ଦିଗରେ ତାଙ୍କୁ ଆଗକୁ ମାଡିଚାଲିବାର ସହାୟକ ହୋଇଛି । ପିଲାଟି ବେଳୁ ସେ ଆଖପାଖ ଅଂଚଳ ଓ ବିଦ୍ୟାଳୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଭିଙ୍କ ଠାରୁ ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି । ଭକ୍ତପ୍ରସାଦ ୨୦୨୦ ମସିହାରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଦକ୍ଷିଣ କ୍ଷେତ୍ର, ବ୍ରହ୍ମପୁର ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ । ୨୦୨୧ ମସିହାରେ ନେତାଜୀ ଶିଶୁ ମନ୍ଦିର, ବ୍ରହ୍ମପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରାଦେଶିକ ମେଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯାହା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିଲା । ପୁଣି ୨୦୨୨ ମସିହାରେ ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ ଜ୍ଞାନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯାହା ବିଦ୍ୟା ଭାରତୀ ସଂସ୍କୃତ ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ର ଦ୍ୱାରା ଆୟୋଜିତ ହୋଇଥିଲା । ୨୦୨୩ ମସିହାରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ-ସୁରଭି କାର୍ଯ୍ୟକ୍ରମରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ପ୍ରଥମ ଓ କୁଇଜ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ଥାନୀୟ ବିଧାୟିକା ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ ମହୋଦୟାଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତିକିରେ ତାଙ୍କ ଯାତ୍ରା ଶେଷ ହୋଇ ନ ଥିଲା ସେ ୨୦୨୪ ମସିହାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଆୟୋଜିତ କୁଇଜ ପ୍ରତିଯୋଗିତରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ପୁଣି ୨୦୨୪ ଡିସେମ୍ବର ୧୭ ତାରିଖରେ ଜଗଦଳପୁର ଉଚ୍ଚ ବିଦ୍ୟାଳୟ, ଗୁଣ୍ଡପଡ଼ା ଠାରେ ଓଷ୍ଟା ତରଫରୁ ଆୟୋଜିତ ବ୍ଲକ୍ ସ୍ତରୀୟ ଶିଶୁ ଉତ୍ସବ ବିତର୍କ ପ୍ରତିଯୋଗିତାରେ ସବୁ ପ୍ରତିଦ୍ୱନ୍ଦୀମାନଙ୍କୁ ପଛରେ ପକାଇ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସମାଜସେବୀ ସତ୍ୟନାରାୟଣ ସ୍ୱାଇଁଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଖାଲି ସେତିକି ନୁହଁ ୨୦୨୪-୨୫ ବର୍ଷ ପାଇଁ ହିଞ୍ଜିଳିକାଟୁ ଠାରେ କ୍ଷୁଦ୍ର ଜଳସେଚନ ବିଭାଜନ, ଗଞ୍ଜାମ-୧ ବ୍ରହ୍ମପୁର ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ପାଣି ପଂଚାୟତ ପକ୍ଷ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଚିକିଟି ବିଧାୟକ ମନୋରଞ୍ଜନ ସାମନ୍ତରା ମହୋଦୟଙ୍କ ଠାରୁ ପ୍ରଶସ୍ତି ପତ୍ର ସହ ନଗଦ ଅର୍ଥରାଶି ୨୦୦୦ ଟଙ୍କା ପୁରସ୍କାର ପାଇଥିଲେ । ୨୦୨୪ ମସିହା ଡିସେମ୍ବର ୨୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାରିଖରେ ପି.ଏମ୍ ହାଇସ୍କୁଲ୍, ଗୋପାଳପୁର ଠାରେ ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଙ୍ଘ (ଓଷ୍ଟା) ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବରେ ବିତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଭକ୍ତପ୍ରସାଦ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯାଳୟ ତରଫରୁ ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ଦିବସରେ ପୋଷ୍ଟର ପ୍ରେଜେଣ୍ଟସନ୍ (ଛବି ଦେଖି କୁହ)ରେ ଭାଗ ନେଇ ପ୍ରଥମ ହୋଇଥିଲେ । ପୁଣି ଆସିକା ହରିହର ହାଇସ୍କୁଲରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ଯାହା ମାନବ ସେବା ସମିତି ତରଫରୁ କରାଯାଇଥିଲା । ପୁଣି ଡ଼ି.ପଲ୍ ସ୍କୁଲରେ ଇଣ୍ଟର ସ୍କୁଲ ଲିଟେରାରି କମ୍ପିଟିସନ୍ ବିତର୍କ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । କହିବା ବାହୁଲ୍ୟ ଯେ' ନେତାଜୀ ଜୟନ୍ତୀ ଅବସରରେ ଜାନୁଆରୀ ୨୩ ତାରିଖରେ ଟେକ୍ନିକାଲ୍ ହାଇସ୍କୁଲରେ ଆୟୋଜିତ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ କୁମାର ମହାପାତ୍ରଙ୍କ ଠାରୁ ଟ୍ରଫି ଓ ମାନପତ୍ର ପାଇଥିଲେ । ଏଇ ନିଆରା ସଫଳତାରେ ଭକ୍ତ ପ୍ରସାଦଙ୍କ ଯାତ୍ରା ଶେଷ ହୋଇ ନଥିଲା । ୨୦୨୫ ମସିହାରେ ଯୁବିକା (ଯୁଭା ବାଲ୍ ବୈଜ୍ଞାନିକ) ପ୍ରବେଶିକା ପରୀକ୍ଷା ଦେଇ ସର୍ବ ଭାରତୀୟ ସ୍ତରରେ କୃତକାର୍ଯ୍ୟ ହୋଇଥିଲେ । ପ୍ରକାଶ ଥାଉ କି ଏହି କାର୍ଯ୍ୟକ୍ରମରେ ୨୮ଟି ରାଜ୍ୟ ଓ ସାତଟି କେନ୍ଦ୍ର ଶାସିତ ଅଂଚଳରୁ ୩୫୦ ଜଣ ମନୋନୀତ ହୋଇଥିଲେ । ସେମାନଙ୍କ ମଧ୍ୟରେ ୨ଜଣ ଓଡ଼ିଆ ପୁଅ ଥିଲେ, ଯେଉଁଠି ଭକ୍ତପ୍ରସାଦ ଯୋଗ୍ୟ ବିବେଚିତ ହୋଇଥିଲେ । ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ର, ଶ୍ରୀହରି କୋଟାରେ ଯୋଗଦେଇ କେନ୍ଦ୍ର ନିର୍ଦ୍ଦେଶକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ.ରାଜରାଜନଙ୍କ ଠାରୁ ପ୍ରମାଣ ପତ୍ର ଗ୍ରହଣ କରିଥିଲେ ଏବଂ ମନୋନୀତ ହୋଇଥିବା ୩୫୦ଜଣ ଇସ୍ରୋର ୭ଟି କେନ୍ଦ୍ରରେ ଗତ ମେ ୧୯ ତାରିଖରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ମହାକାଶ କାର୍ଯ୍ୟକ୍ରମରେ ଯୋଗଦେଇ ରକେଟ ପ୍ରକ୍ଷେପଣ ଓ ଆନ୍ତରିକ୍ଷ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ । ଭକ୍ତପ୍ରସାଦଙ୍କ ଏଇ ନିଆରା ସଫଳତାରେ ପିତାମାତା, ସାଙ୍ଗସାଥି, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବହୁତ ଖୁସି ପ୍ରକଟ କରିଥିଲେ ।

ନିଜକୁ ପିତାମାତାଙ୍କ ପାଖରେ ସମର୍ପିତ କରିଥିବା ଭକ୍ତପ୍ରସାଦ ଆଜି ଆଖପାଖ ଅଞ୍ଚଳରେ ଇସ୍ରୋ ବୟ ଭାବେ ପରିଚିତ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବୟସ ଠାରୁ ଢେର ଅଧିକ ଅନେକ ସ୍ଥାନରୁ ପୁରସ୍କୃତ ହୋଇ ଆମ ଅଂଚଳ ପାଇଁ ସୁନାମ ଆଣିଛନ୍ତି । ଭକ୍ତପ୍ରସାଦ ଭବିଷ୍ୟତରେ ଜଣେ ଏରୋ ସ୍ପେସ୍ ଇଞ୍ଜିନିଅର ହୋଇ ଦେଶସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ସେ ଅପିଜେ ଅବଦୁଲ କାଲାମଙ୍କୁ ନିଜର ଆଦର୍ଶ ମାନନ୍ତି ଏବଂ ବାପାମାଆଙ୍କ ସ୍ୱପ୍ନକୁ ସାକାର କରିବା ସହ ଆମ ଅଞ୍ଚଳ ତଥା ରାଜ୍ୟର ଗୌରବ ଆଣିବାକୁ ଆଶାବାଦୀ ଅଛନ୍ତି । ଠାକୁରେ କରନ୍ତୁ ଭକ୍ତପ୍ରସାଦ ନିଜ ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ପୂରଣ କରି ଦୁନିଆ ଦାଣ୍ଡରେ ଜଣେ ସୁଦକ୍ଷ ବୈଜ୍ଞାନିକଟିଏ ହୋଇ ଠିଆ ହୁଅନ୍ତୁ । ଜୟ ଜଗନ୍ନାଥ ।

ଶିକ୍ଷକ

ଟେକ୍ନିକାଲ୍ ହାଇସ୍କୁଲ୍,ଆସିକା,ଗଞ୍ଜାମ

ମୋ : ୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସିଲ୍କ ପକେଟ୍ ସିଣ୍ଡ୍ରୋମ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ସିଲ୍କ ପକେଟ୍ ସିଣ୍ଡ୍ରୋମ୍ କଣ : କୌନ ବନେଗା କରୋଡପତିରେ ଉଦ୍ଭ୍ରାନ୍ତ ବାଳକର ବାଚାଳାମୀ

ଯଦି ଆପଣ ସୋସିଆଲ୍ ମିଡ଼ିଆ ଅଧିକ ମାତ୍ରାରେ ଦେଖୁଥିବେ ତା ହେଲେ ନିକଟ ଅତୀତରେ ମହାନାୟକ ଅମିତାଭ ବଚ୍ଚନ ଉପସ୍ଥାପନ କରୁଥିବା କୌନ୍ ବନେଗା କରୋଡ଼ପତିର ଏକ ଏପିସୋଡ଼ରେ ଜଣେ ବାଳକର ଉଦ୍ଭ୍ରାନ୍ତ ବ୍ୟବହାର ନିଶ୍ଚୟ ଦେଖିଥିବେ । ଅନେକେ ଏହାକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । କେହି କେହି ଭାବନ୍ତି ଯେ ପିଲାଟି ହୁଏତ ନିଜ ପିତାମାତାଙ୍କ ଦ୍ୱାରା ଅତ୍ୟଧିକ ସ୍ନେହ ଆଦର ପାଇ ଏହିଭଳି ହୋଇ ଯାଇଛି, କିନ୍ତୁ ମନସ୍ତତ୍ତ୍ୱବିଦଙ୍କ କଥାକୁ ଯଦି ବିଶ୍ୱାସ କରାଯାଏ ତା ହେଲେ ସେ ଶିଶୁଟି ଏକ ମାନସିକ ରୋଗ ସିଲ୍କ ପକେଟ୍ ସିଣ୍ଡ୍ରୋମ ଦ୍ୱାରା ଆକ୍ରାନ୍ତ । ଏହି ରୋଗ ସେହି ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଏ, ଯେଉଁମାନଙ୍କ ପିତାମାତା ସେହି ଶିଶୁକୁ ଅତ୍ୟଧିକ ଯତ୍ନ କରନ୍ତି, ସ୍ନେହ କରନ୍ତି ଏବଂ ତାହାର ସବୁ ଆବଶ୍ୟକତାକୁ ଅନାୟାସରେ ପୂରଣ କରିଦିଅନ୍ତି ।

ସାଧାରଣତଃ ଏହିଭଳି ଲକ୍ଷଣ ଶିଶୁମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଥିବା ବେଳେ କିନ୍ତୁ ଏହା କେବଳ ଶିଶୁମାନଙ୍କ ମଧ୍ୟରେ ସୀମିତ ନୁହେଁ । ପରିବାରର ଗୋଟିଏ ମାତ୍ର ସନ୍ତାନ ହୋଇଥିଲେ ଏହିଭଳି ଲକ୍ଷଣ ଦେଖାଯିବା ସ୍ୱାଭାବିକ ମନେ ହୁଏ । କୌନ ବନେଗା କରୋଡ଼ପତିର କ୍ଲିପ୍ ଦେଖିବା ପରେ ମନରେ ସ୍ୱତଃ ପ୍ରଶ୍ନ ଆସେ ଯେ କଣ ସତରେ ପରିବାରର ଏକୁଟିଏ ସନ୍ତାନ ମାନେ ଏହିଭଳି ହୋଇ ଯାଆନ୍ତି ? ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଅଧିକ ଉତ୍ସାହ, ଆତ୍ମବିଶ୍ୱାସ, ନିଷ୍ପତ୍ତିାତ୍ମକ ବ୍ୟବହାରକୁ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ଆମେ ଖଳ ବ୍ୟବହାର ବୋଲି ମନେ କରିଥାଉ । ସିଲ୍କ ପକେଟ୍ ସିଣ୍ଡ୍ରୋମକୁ ବୁଝିପାରିଲେ ଆମେ ଶିଶୁମାନଙ୍କ ମନସ୍ତତ୍ତ୍ୱକୁ ଭଲ ଭାବରେ ବୁଝି ପାରିବା ଏବଂ ଶିଶୁମାନଙ୍କୁ ସ୍ନେହ ଓ ଆଦରରେ ସେମାନଙ୍କ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖି ବ୍ୟବହାର କରିବା ଆଦି ଶିଖାଇ ପାରିବା ।

ସିଲ୍କ ପକେଟ୍ ସିଣ୍ଡ୍ରୋମ୍ କଣ ?

ଶିଶୁ ମନସ୍ତତ୍ତ୍ୱବିଦ୍ ମାନେ ଏହି ଶବ୍ଦର ବ୍ୟବହାର କରିଥାନ୍ତି ଯେଉଁଠି ଜଣେ ଶିଶୁ ଅତ୍ୟଧିକ ସ୍ୱଚ୍ଛନ୍ଦ ଏବଂ ନିଜର ସମସ୍ତ ସୁଖସୁବିଧା ପରିପୂରଣ ହେତୁ ପିତାମାତାଙ୍କ ଉପରେ ନିର୍ଭରଶୀଳ । ସିଲ୍କ ପକେଟ୍ ଅର୍ଥ ସାଧାରଣତଃ ଭାବରେ ଛଅଗୋଟି ଆବଶ୍ୟକତାକୁ ଦର୍ଶାଏ ଯାହା ଶିଶୁମାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ଅଟନ୍ତି, ଯଥା : ଖାଦ୍ୟ, ଖେଳନା, ପ୍ରଶଂସା, ଯନ୍ତ୍ରପାତି, ସ୍ନେହ ଓ ସେମାନଙ୍କ ପ୍ରତି ଧ୍ୟାନ ଦେବା ଅନ୍ତର୍ଭୁକ୍ତ । ଏହିଭଳି ସମସ୍ତ ସୁବିଧା ଥିବା ପରିବେଶରେ ବଢୁଥିବା ଶିଶୁମାନେ ବେଳେ ବେଳେ ଧୈର୍ଯ୍ୟହରା ହୋଇପଡ଼ନ୍ତି ଏବଂ ନିଜର ପ୍ରାପ୍ୟ ପଦାର୍ଥକୁ ପାଇବାକୁ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇ ପଡ଼ନ୍ତି । ଏହା କେବଳ ଘରର ଗୋଟିଏ ସନ୍ତାନ ହେଲେ ହିଁ ଦେଖାଯାଏ, ସେଭଳି ନୁହେଁ, ବରଂ ଅନେକ ସମୟରେ ପିତାମାତା ଅଜାଣତରେ ବା ଅତ୍ୟଧିକ ମୋହରେ ନିଜ ଶିଶୁର ସମସ୍ତ ଦାବୀଙ୍କୁ ଗ୍ରହଣ କରିଥାନ୍ତି ।

ଏହି ଭଳି ସମସ୍ୟା ନ ହେବାପାଇଁ ଆମକୁ କିଛି ସଂଯମତା ରକ୍ଷା କରିବାକୁ ହେବ, ଶିଶୁମାନଙ୍କୁ ସ୍ୱାଧୀନତା ଦେବା ସହ ମିଳୁଥିବା ସୁଖ ସୁବିଧାରେ ହିଁ ନିଜକୁ ସନ୍ତୁଷ୍ଟ ହେବାକୁ ଶିକ୍ଷା ଦେବାକୁ ପଡ଼ିବ । ଏହାଫଳରେ ଶିଶୁମାନେ ମାନସିକ ଭାବେ ଦକ୍ଷ ଓ ସନ୍ତୁଷ୍ଟ ହେବା ସହ ଶିଷ୍ଟାଚାର କରିବେ ।

ପରିବାରର ଗୋଟିଏ ସନ୍ତାନ ହେଲେ କିଛି ପ୍ରଭାବ ପଡ଼େ କି ?

ସାଧାରଣତଃ ଆମ ମନରେ ଧାରଣା ଥାଏ ଯେ ପରିବାରର ଗୋଟିଏ ସନ୍ତାନ ଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଟିକେ ଅଧିକ ସ୍ୱେଚ୍ଛାଚାରୀ, ଜିଦ୍ଦି ଓ ସାମାଜିକ ଭାବରେ ଅନ୍ୟମାନଙ୍କ ଠାରୁ ଦୂରେଇ ରହନ୍ତି । କିନ୍ତୁ ଗବେଷଣା ଲବ୍ଧ ତଥ୍ୟ କହେ ଯେ ଶିଶୁମାନଙ୍କ ବ୍ୟବହାର ସେମାନଙ୍କ ପିତାମାତାଙ୍କ ବ୍ୟବହାର ଉପରେ ନିର୍ଭର କରେ । ପରିବାରର ଗୋଟିଏ ସନ୍ତାନକୁ ଯଦି ଯଥେଷ୍ଟ ସ୍ନେହ ଆଦର ଶିକ୍ଷା ଓ ଦାୟିତ୍ୱବୋଧ ଦିଆଯାଏ ତାହେଲେ ସେ ଜଣେ ଆତ୍ମନିର୍ଭରଶୀଳ ଓ ସହାନୁଭୂତିଶୀଳ ହୋଇଥାଏ । କୌନ ବନେଗା କରୋଡ଼ପତିର ସେହି ବାଳକ କ୍ଷେତ୍ରରେ ଅନେକ ଦର୍ଶକ ଶୀଘ୍ର ହିଁ ମତ ପୋଷଣ କରିଥିଲେ ଯେ ପିଲାଟି ସମ୍ଭବତଃ ନିଜ ପିତାମାତାଙ୍କ ଦ୍ୱାରା ଅତ୍ୟଧିକ ସ୍ନେହ ପାଇ ବିଗିଡ଼ି ଯାଇଛି । ମନସ୍ତତ୍ତ୍ୱବିଦ୍ ମାନେ ସାଧାରଣତଃ ଏହି ମତ ପୋଷଣ କରିଥାନ୍ତି ଯେ ଏହିଭଳି ବ୍ୟବହାରକୁ ଆମେ ଖରାପ ଦୃଷ୍ଟିରେ ଦେଖିଥାଉ । କିନ୍ତୁ ଅନ୍ୟ ପ୍ରକାରେ ଦେଖିବାକୁ ଗଲେ ଏହା ସେହି ଶିଶୁକୁ ସ୍ୱଛନ୍ଦରେ ବଞ୍ଚିବା ସହ ନିଜ ମତକୁ ସାବ୍ୟସ୍ତ କରିବାଭଳି କ୍ଷମତା ଦେଇଥାଏ ବୋଲି ଆମେ ବୁଝିପାରିବା ।

ସିଲ୍ଭ ପକେଟ୍ ସିଣ୍ଡ୍ରୋମର ଲକ୍ଷଣ ସବୁ କଣ ?

ଏହିଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଶିଶୁମାନେ କିଛି ବିଶେଷ ବ୍ୟବହାର କରିଥାନ୍ତି । ନିଜର କ୍ଷୁଦ୍ରାତିକ୍ଷୁଦ୍ର ଆବଶ୍ୟତକା ପାଇଁ ପିତାମାତାଙ୍କ ଉପରେ ନିର୍ଭରଶୀଳ ଥାଆନ୍ତି । କୌଣସି ପରିସ୍ଥିତିରେ ନିଜର ସୁଖ ସୁବିଧା ସହ ସାଲିସ କରିବାକୁ ଚାହାନ୍ତି ନାହିଁ ଏବଂ ନିଜ ପସନ୍ଦ ମୁତାବକ କାର୍ଯ୍ୟ ସମ୍ପାଦନ ନ ହେଲେ ଧମକ ଦିଅନ୍ତି, ଏହା ସହ ସବୁବେଳେ ନିଜର ପ୍ରଶଂସା ଆବଶ୍ୟକ କରନ୍ତି । ଏହିଭଳି ସବୁ ଲକ୍ଷଣ ଶିଶୁମାନଙ୍କ ପ୍ରାକୃତିକ ବ୍ୟକ୍ତିତ୍ୱ ବିପରୀତ ଅତ୍ୟଧିକ ସୁରକ୍ଷା ଓ ଆଦର ହେତୁ ଦେଖା ଦେଇଥାଏ । ଏହିଭଳି ଲକ୍ଷଣ ସବୁକୁ ଶୀଘ୍ର ଚିହ୍ନିପାରିଲେ ପିତାମାତା ମନସ୍ତତ୍ତ୍ୱବିଦଙ୍କ ସହାୟତାରେ ଶିଶୁଙ୍କୁ ସଠିକ ମାର୍ଗଦର୍ଶନ କରାଇ ଏକ ସମୁଚିତ ବ୍ୟକ୍ତିତ୍ୱରେ ପରିଣତ କରି ପାରିବେ । ଶିଶୁମାନଙ୍କୁ ଦାୟିତ୍ୱବୋଧ କରାଇବା, ପ୍ରତ୍ୟେକ କାର୍ଯ୍ୟପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ଏବଂ ପ୍ରତ୍ୟେକ ପ୍ରତିକୂଳ ପରିବେଶକୁ ନିଜେ ହିଁ ସମ୍ମୁଖୀନ ହେବା ଭଳି ସର୍ବନିମ୍ନ ଆବଶ୍ୟକତା ଦ୍ୱାରା ହିଁ ଶିଶୁମାନେ ଦାୟିତ୍ୱବାନ ନାଗରିକ ହୋଇ ପାରିବେ ।

ପିତାମାତାଙ୍କ ଦାୟିତ୍ୱ କଣ ?

ସିଲ୍କ ପକେଟ୍ ସିଣ୍ଡ୍ରୋମ ଠାରୁ ସୁରକ୍ଷା ହେଉଛି ଅତ୍ୟଧିକ ସ୍ନେହ ଓ ସ୍ୱଚ୍ଛନ୍ଦ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବା । ବୟସ ସମୁଚିତ ଛୋଟ ଛୋଟ କାମ ପାଇଁ ଦାୟିତ୍ୱ ନେବାପାଇଁ ପିତାମାତା ଶିଶୁମାନଙ୍କୁ ଉତ୍ସାହିତ କରି ପାରିବେ । ବିଭିନ୍ନ କାର୍ଯ୍ୟପାଇଁ ସମୟ ନିର୍ଦ୍ଧାରଣ କରି ପାରିବେ । ଶିଶୁମାନଙ୍କୁ ପ୍ରତ୍ୟେକ କାର୍ଯ୍ୟ ପାଇଁ ସୀମା ବିଷୟରେ ଜଣାଇବେ । ସମବୟସ୍କ ଶିଶୁମାନଙ୍କ ସହ ଅଧିକ ସମୟ ବିତାଇଲେ ଶିଶୁମାନେ ଅଧିକ ଦାୟିତ୍ୱବାନ ହୁଅନ୍ତି । ଯେକୌଣସି କାର୍ଯ୍ୟ କରୁଥିବା ବେଳେ ଶିଶୁମାନଙ୍କୁ ଉତ୍ସାହିତ କରିବା, ସେମାନେ ବିଫଳ ହେଲେ ପୁଣି ଥରେ ପ୍ରଚେଷ୍ଟା କରିବାପାଇଁ ଉତ୍ସାହିତ କରିବା ଦ୍ୱାରା ସେମାନେ ନିଜ ଜୀବନରେ ବିଫଳତାକୁ ସାହାସର ସହ ସମ୍ମୁଖୀନ ହୋଇ ପାରିବେ । ଏହିସବୁ କାର୍ଯ୍ୟ ଯଦି ଶିଶୁମାନେ କରି ପାରନ୍ତି ତା'ହେଲେ ସେମାନେ ଭବିଷ୍ୟତରେ ସୁନାଗରିକ ହୋଇ ପାରିବେ ।

କୌନ ବନେଗା କରୋଡ଼ପତିର ଶିଶୁ ଏତେ ଶୀଘ୍ର ଭାଇରାଲ୍ ହେଲା କାହିଁକି ?

କୌନ ବନେଗା କରୋଡ଼ପତି କାର୍ଯ୍ୟକ୍ରମରେ ଏହି ଶିଶୁର ପ୍ରଗଲ୍ଭତା ଓ ବାଚାଳାମୀ କେବଳ ଏକ ଟିଭି କାର୍ଯ୍ୟକ୍ରମର ଅଂଶ ହୋଇ ନ ରହି, ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟି ଗଲା । ପିଲାମାନଙ୍କୁ କିଭଳି ବଡ଼ କରିବା, ଅତ୍ୟଧିକ ସ୍ନେହ ଓ ମୋହ, ତଥା ଗୋଟିଏ ସନ୍ତାନ ଥିଲେ ପିଲାମାନଙ୍କ ଅବସ୍ଥା କିଭଳି ହୋଇପାରେ ଏହି ସବୁ ବିଷୟରେ ସୋସିଆଲ୍ ମିଡ଼ିଆ ଭରି ହୋଇଗଲା । ଅନେକ ଦର୍ଶକ ଶିଶୁଟିର ଅତ୍ୟଧିକ ଆତ୍ମବିଶ୍ୱାସକୁ ତାହାର ବଦବ୍ୟବହାର ବୋଲି ମଧ୍ୟ କହିଲେ ଏବଂ ଏଥିପାଇଁ ପିତାମାତାଙ୍କୁ ସିଧାସଳଖ ଦାୟୀ କରିଦେଲେ । ଯେତେବେଳେ କି ବୁଦ୍ଧିଜୀବିମାନେ ମନେ କରୁଥିଲେ ଯେ ଦୃଢ଼ତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଜିଜ୍ଞାସା ସମସ୍ତ ଶିଶୁଙ୍କ ସହଜାତ ପ୍ରବୃତ୍ତି, ଯାହାକୁ ପ୍ରୋତ୍ସାହିତ କରାଯିବା ଉଚିତ । ଏହି ପରିପ୍ରେକ୍ଷୀରେ ଆମେ ଏତିକି କହି ପାରିବା ଯେ ବେଳେ ବେଳେ ସମାଜ ଶିଶୁମାନଙ୍କ ବ୍ୟବହାରକୁ ଭୁଲ ଦୃଷ୍ଟିରେ ଦେଖିଥାଏ, କିନ୍ତୁ ଏହା ପଛରେ ଥିବା ସିଲ୍ଭର ପକେଟ୍ ସିଣ୍ଡ୍ରୋମ ଭଳି ସମସ୍ୟାକୁ ଅଣଦେଖା କରିଦେଇଥାଏ ।

ସିଲ୍ଭର ପକେଟ୍ ସିଣ୍ଡ୍ରୋମ୍ ଏକ ଉପଯୋଗୀ ରୂପରେଖା ଯାହା ଅତ୍ୟଧିକ ସ୍ନେହ ଓ ଭୋଗ ବିଳାସକୁ ବୁଝିବାର ଏକ ମାଧ୍ୟମ, କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ସମସ୍ତ ଏକ ସନ୍ତାନ ପରିବାରରେ ଏହିଭଳି ସମସ୍ୟା ଦେଖିବାକୁ ମିଳେ । ସଠିକ ମାର୍ଗଦର୍ଶନ ଏବଂ ସୁସ୍ଥ ସୀମାବଦ୍ଧ ଲାଳନପାଳନ ଦ୍ୱାରା ଆମେ ଶିଶୁମାନଙ୍କ ବ୍ୟବହାରକୁ ମାର୍ଜିତ କରି ପାରିବା ।

କୌନ ବନେଗା କରୋଡ଼ପତିର ଶିଶୁର ବ୍ୟବହାର ଭିନ୍ନ ଥିଲା, ସେଥିରେ ଦୃଢ଼ତା, ନିଷ୍ଠୟାତ୍ମକତା ଏବଂ ଜିଜ୍ଞାସା ଭରି ରହିଥିଲା ଏହାକୁ ଆମେ ବଦବ୍ୟବହାର ବୋଲି ଧରିନେବା ଅନୁଚିତ ହେବ । ଏହିଭଳି ଜ୍ଞାନକୁ ବ୍ୟବହାର କରି ପିତାମାତାମାନେ ନିଜ ସନ୍ତାନର ଯୋଗ୍ୟ ଲାଳନପାଳନ କରି ପାରିଲେ ସେମାନେ ସ୍ୱଚ୍ଛନ୍ଦ, ବୁଦ୍ଧିମାନ, ନିର୍ଣ୍ଣୟ ନେଇ ପାରୁଥିବା, ସ୍ୱାଧୀନଚେତା ଓ ସାହାଯ୍ୟକାରୀ ବ୍ୟକ୍ତିତ୍ୱ ନିର୍ମାଣ କରି ପାରିବେ ।

ଏହି ଆଲେଖ୍ୟ କେବଳ ସାଧାରଣ ସୂଚନା ପାଇଁ ଲିଖିତ ଏବଂ ଏହା କୌଣସି ବୈଷୟିକ ବା ଡାକ୍ତରୀ ପରାମର୍ଶ ସମତୁଲ ନୁହେଁ । ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ହେତୁ ଡାକ୍ତରୀ ପରାମର୍ଶ ଅନିବାର୍ଯ୍ୟ ।

ଏହି ଆଲେଖ୍ୟଟି ଏମଏସଏନ୍.କମ୍ ସାଇଟରୁ ଉଦ୍ଧୃତ ଏବଂ ଓଡ଼ିଆ ଭାଷାରେ ଅନୁବାଦିତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାହିତ୍ୟ ବ୍ୟକ୍ତିଠାରୁ ଉର୍ଦ୍ଧ୍ୱରେ !!!

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ନିକଟ ଅତୀତରେ ଓଡ଼ିଶାର ଜଣେ କବି ଇହଧାମ ତ୍ୟାଗ କରିଲେ । ଏମିତି ତ ଅନେକେ ନିଜ ଜୀବଦ୍ଦଶା ସାରି ଫେରି ଯାଆନ୍ତି ହେଲେ ଏହି କବି ଜଣକ ଯିବାପରେ ତାଙ୍କୁ ନେଇ ଅନେକ ଆଲୋଚନା ଓ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲା ।

ଗୋଟିଏ ଗୋଷ୍ଠୀ କବିଙ୍କ ଦେହତ୍ୟାଗରେ ମ୍ରିୟମ୍ରାଣ ହୋଇ ତାଙ୍କର ଗୁଣ ବଖାଣୁ ଥିବା ବେଳେ କିଛି ତାହାଙ୍କ ରଚିତ କବିତାରେ ଅଶ୍ଳୀଳତା ଥିବା କଥା କହିବାକୁ ଲାଗିଲେ । ଆଉ ଆମ ଭଳି କିଛି ଅନଭିଜ୍ଞ ବ୍ୟକ୍ତି ଏ ସବୁଠାରୁ ଢେର ଦୂରର୍ ରହି ଉଭୟ ପକ୍ଷଙ୍କ ଆକ୍ଷେପ ଓ ପ୍ରତ୍ୟାକ୍ଷେପକୁ ଧ୍ୟାନ ଦେଇ ଦେଖିଲୁ ଓ ଶୁଣିଲୁ ।

କବିଙ୍କ ସମର୍ଥନରେ ଅନେକ ବିଜ୍ଞ, ପ୍ରତିଷ୍ଠିତ ଓ ସମ୍ମାନିତ ସାହିତ୍ୟିକମାନେ ନିଜ ନିଜ ମନ୍ତବ୍ୟ ଦେବାକୁ ଲାଗିଲେ । ସେମାନଙ୍କ ଯୁକ୍ତିକୁ କାଟିବା ଅସମ୍ଭବ ମନେ ହେଲା । ସତ କଥା ତ ସେମାନେ କହୁଛନ୍ତି, କିନ୍ତୁ ପୁଣି କିଛି ଲୋକ କବିଙ୍କ ଏକ କବିତାର କିୟଦଂଶ ଦେଖାଇ ସମାଲୋଚନା କରିଲେ, ଯାହା ସ୍ୱାଭାବିକ ଭାବରେ ଆମକୁ ମଧ୍ୟ ଠିକ୍ ମନେ ହେଲା ।

ବଡ଼ ବିକଟ ସମସ୍ୟା । କଣ କହାଯିବ ? କଣ କରାଯିବ ? ଯିବା ଲୋକ ତ ଚାଲିଗଲେଣି, ଏବେ ଆମେ ଆଉ ସେ ପୁରୁଣା କଥାକୁ ନେଇ ପରସ୍ପର ଉପରକୁ କାଦୁଅ ଫିଙ୍ଗାଫିଙ୍ଗି କାହିଁକି ହେବା ? ହେଲେ, ଯେହେତୁ ଦିବଂଗତ କବି ଜଣକ ପ୍ରଖ୍ୟାତ ଥିଲେ । ତେଣୁ ଏତିକି ଚର୍ଚ୍ଚା । ସାଧାରଣ ମନୁଷ୍ୟଟିଏ ହୋଇଥିଲେ କିଏ ଆଉ କାହିଁକି ଏତେ ଆଲୋଚନା ସମାଲୋଚନା କରିଥାନ୍ତା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ବନ୍ଧୁ ଓ ବୟୋଜ୍ୟେଷ୍ଠ ସାହିତ୍ୟିକ ମତ ଦେଲେ ଯେ କବିଙ୍କ କବିତାକୁ କେହି ବୁଝି ପାରିଲେ ନାହିଁ, ତେଣୁ ତାଙ୍କୁ ନିନ୍ଦିତ କରିବାର ପ୍ରଚେଷ୍ଟା କରାଯାଉଛି । ସତ କହିବାକୁ ଗଲେ, ଅନେକ କବିଙ୍କ କବିତା ବୁଝିବା ଭଳି କ୍ଷମତା ଏଇ ଅଧମ ପାଖରେ ନାହିଁ । ଆଉ ସର୍ବସାଧାରଣଙ୍କ କଥା କଣ କହିବା ? ବର୍ତ୍ତମାନର ଯୁଗ ହେଉଛି, ପ୍ରଦର୍ଶନବାଦୀ । ବିଜ୍ଞାପନ ଦେଲେ ହିଁ ଲୋକ ଦେଖିବେ । ତେଣୁ କବିମାନେ ମଧ୍ୟ ପତ୍ରପତ୍ରିକା ଅପେକ୍ଷା ସାମାଜିକ ଗଣମାଧ୍ୟମକୁ ଆପଣେଇ ନେଇଛନ୍ତି । କାରଣ ଏଠି ହାତାହାତି ଲୋକଙ୍କ ପ୍ରତିକ୍ରିୟା ମିଳି ଯାଉଛି । ବାଃ ବାଃ, ଲାଇକ୍ ଆଉ କମେଣ୍ଟ୍ ପାଇବାର ନିଶା କେତେ ବଡ଼ ତାହା ସେମାନେ ହିଁ ଜାଣନ୍ତି । ତେଣୁ କବିମାନେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରି ସେ ସବୁକୁ ଫେସବୁକ୍ ଭଳି ମିଡ଼ିଆରେ ପ୍ରକାଶିତ କରୁଛନ୍ତି । କବିଙ୍କ ଫଲୋଅର୍ ମାନେ ସେ ସବୁ ପଢୁଛନ୍ତି ଓ ଖୁସି ହେଉଛନ୍ତି ମଧ୍ୟ । ସେହିଭଳି ବର୍ତ୍ତମାନ ଇହଧାମ ତ୍ୟାଗ କରିଥିବା କବି ମଧ୍ୟ ନିଜର କିଛି କବିତା ଫେସବୁକରେ ଦେଇଥିଲେ, ଯାହାକୁ ନେଇ ଅତୀତରେ ହିଁ ଅନେକ ସମାଲୋଚନା ହୋଇଥିଲା । ସେତେବେଳେ ମଧ୍ୟ କିଛି ବ୍ୟକ୍ତି ଏହାକୁ ବିରୋଧ କରିଥିଲେ । ହେଲେ କବି ଏହି ସମାଲୋଚନାକୁ ଆଡ଼ ଆଖିରେ ଦେଖିଲେ ନାହିଁ କି କୌଣସି ପ୍ରକାର ପ୍ରତିକ୍ରିୟା ଦେଲେ ନାହିଁ । କେବଳ ଏତିକି କୁହାଗଲା ଯେ କବିଙ୍କ କବିତାକୁ ବୁଝିବା ଭଳି ବୁଦ୍ଧି ତୁମର ନାହିଁ ।

ହୋଇପାରେ, ଏହା ସତ୍ୟ । କାରଣ ଜଣେ ବୟୋଜ୍ୟେଷ୍ଠ କବି କହିଲେ, ଯେଉଁଠି ରବିଙ୍କ ପ୍ରବେଶ ବର୍ଜ୍ୟ ସେଠାରେ କବି ଅନାୟାସରେ ବିଚରଣ କରି ପାରନ୍ତି, ତେଣୁ କାଳେ କବିଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି ବିବେଚନା କରାଯାଏ । ଏହା ବି ହୋଇପାରେ ମଧ୍ୟ । ଯେଉଁ କବି ନିଜକୁ ଦ୍ୱିତୀୟ ଈଶ୍ୱର ବୋଲି ବିବେଚନା କରନ୍ତି ସେ ନିଜ ସୃଷ୍ଟି ଦ୍ୱାରା କଣ ବାସ୍ତବିକ ପରିବର୍ତ୍ତନ ଆଣିଛନ୍ତି ତାହା ପ୍ରଶ୍ନ ଯୋଗ୍ୟ । ଯଦି ସତରେ କବି ଦ୍ୱିତୀୟ ଈଶ୍ୱର କଣ ତାହା କେବଳ ଅବାସ୍ତବ ପରିକଳ୍ପନାକୁ ଶବ୍ଦ ଦେଇ କେଇ ଧାଡ଼ି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେଖିବାରେ ସୀମିତ ହୋଇ ରହିବା ଉଚିତ ? ଯଦି ସତରେ କବିତାରେ ଶକ୍ତି ଥାଆନ୍ତା ତା ହେଲେ ବିଶ୍ୱରେ ଅଶାନ୍ତି ଆଦୌ ରହନ୍ତା ନାହିଁ । ପ୍ରତ୍ୟେକ ଦେଶରେ ଅସଂଖ୍ୟ କବି କବିତା ଲେଖି ଲୋକଙ୍କୁ ଶାନ୍ତି ପ୍ରଦାନ କରି ପାରନ୍ତେ । ନୁହେଁ କି ? କିନ୍ତୁ କବିମାନେ ସେ ସବୁ ନ କରି ଉଦ୍ଭଟ ପରିକଳ୍ପନା କରିବା ସହ ଅସହ୍ୟ ଶବ୍ଦ ସଂଯୋଜନା କରି ନିଜର ପାଣ୍ଡିତ୍ୟ ପ୍ରଦର୍ଶନକୁ ହିଁ ସବୁକିଛି ବୋଲି ଧରି ନେଲେ । ମନକୁ ଯାହା ଆସିଲା ତାହା ଲେଖି ଦେଇଗଲେ ।

ଯେଉଁ କବିତା ସମାଜର ସାମାଜିକ ଚରିତ୍ରକୁ ପ୍ରଭାବିତ କରିବାକୁ ଅକ୍ଷମ ତାହା କବିତା ହୋଇ ନପାରେ । ଏଭଳି କବିତା ଲେଖିବା କଣ ଆବଶ୍ୟକ ଯାହା ସର୍ବସାଧାରଣ ବୁଝି ପାରିବେ ନାହିଁ? ତା'ହେଲେ ସେହିଭଳି କବିତାକୁ ସର୍ବସମ୍ମୁଖରେ ପ୍ରକାଶ କରିବା ମଧ୍ୟ ଏକ ଅପରାଧ । ଆଉ ସେଥିପାଇଁ ଆପଣ ନିନ୍ଦାର ଶରବ୍ୟ ହେବାକୁ ଯୋଗ୍ୟ ମଧ୍ୟ । ଆପଣଙ୍କ ଶବ୍ଦ ସଂଯୋଜନା କେବଳ ଯଦି କିଛି ଗୋଷ୍ଠୀ ବା ସାହିତ୍ୟିକମାନେ ହିଁ ବୁଝି ପାରୁଛନ୍ତି ତା'ହେଲେ ସେହିଭଳି କବିତା ଆପଣ ସେହି ଭଳି ବ୍ୟକ୍ତି ବା ଗୋଷ୍ଠୀଙ୍କ ସମ୍ମୁଖରେ କବିତା ପାଠ ସମୟରେ ଉପସ୍ଥାପନ କରନ୍ତୁ । ପ୍ରତ୍ୟେକ ପ୍ରକାର ସାହିତ୍ୟପାଇଁ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରହିଛନ୍ତି । କବିଙ୍କ ଭାଷାରେ ଯଦି ସତରେ ଶକ୍ତି ଅଛି ଏବଂ ସେ ଦ୍ୱିତୀୟ ଈଶ୍ୱର ତା'ହେଲେ ସେ ସମସ୍ତଙ୍କ ବୁଝିବା ଭଳି କବିତା ସୃଷ୍ଟି କରନ୍ତୁ ।

ଏହି ପୃଥିବୀ ପୃଷ୍ଠରେ ଅସଂଖ୍ୟ କବି ଓ ସ୍ରଷ୍ଟା ଜନ୍ମ ନେଇଛନ୍ତି । କିଛି ନିଜର ସୃଷ୍ଟି ମାଧ୍ୟମରେ ଜନମାନସରେ ନିଜର ଛାପ ଛାଡ଼ି ଯାଇଛନ୍ତି । ଆଉ ଯଦି ଆପଣଙ୍କ କବିତା ଜନମାନସକୁ ଭଲ ଲାଗିଲା ନାହିଁ, ତାହାକୁ ସ୍ୱୀକାର କରିବାର ସତସାହାସ ମଧ୍ୟ ଆପଣଙ୍କ ପାଖରେ ରହିବା ଉଚିତ । ଯେଉଁମାନେ ଆପଣଙ୍କୁ ଭଲ ପାଆନ୍ତି ସେମାନଙ୍କ ଭଲ ପାଇବା ମିଛ ନୁହେଁ, ଆମେ ଆମ ନିଜ ଲୋକକୁ କେବେ ବି ନ୍ୟୁନ ବୋଲି କହି ପାରିବା ନାହିଁ । ତେଣୁ ଏହି ଆଲୋଚନା ଯାହା ବିଗତ କିଛି ଦିନ ହେଲା ଫେସବୁକରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲିଛି ତାହାକୁ ସମାପନ କରିବା ସମୟ ଆସିଛି । କାରଣ ଏଠାରେ ଆମେ କୌଣସି ବିଶାଳ ବା ଭବ୍ୟ ରଚନା ବିଷୟରେ ଆଲୋଚନା କରୁନାହୁଁ । ବସ୍ତୁତଃ ଏହାକୁ ଆମେ ଯେତେ ଘାଣ୍ଟିବା ଆମେ ସେତେ ନିଜକୁ କଳୁଷିତ କରିବା ସିନା ଆଉ କିଛି ଫଳ ମିଳିବ ନାହିଁ । ଆମ ଭାଷା ଓ ସାହିତ୍ୟ ଯେ ଗୋଟିଏ ବ୍ୟକ୍ତି ବା କବିତା ଠାରୁ ଢେର ଊର୍ଦ୍ଧ୍ୱରେ ତାହା ବୁଝିପାରିଲେ ଏହି ସମସ୍ୟା ରହିବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାଲା ସଂସ୍କୃତି

ଡଃ ବସନ୍ତ କିଶୋର ସାହୁ



ପାଲା ଓଡ଼ିଶାର ନିଜସ୍ୱ ସ୍ୱତନ୍ତ୍ର ସଂସ୍କୃତି । ଏହା ଲୋକନାଟ୍ୟ ଭାବରେ ଗୃହୀତ । ରାଜଦରବାରର ବିଜ୍ଞ ଜନଙ୍କ ଠାରୁ ଆରମ୍ଭ କରି ନରିକ୍ଷର ଗ୍ରାମବାସୀଙ୍କୁ ଏହା ସର୍ବଦା ଆକୃଷ୍ଟ କରିଥାଏ ।

ଯେତେବେଳେ ଆଧୁନିକ ଶିକ୍ଷା ସଭ୍ୟତାର ବିକାଶ ଘଟି ନଥିଲା କି ମୁଦ୍ରଣ ଯନ୍ତ୍ରର ଆବିର୍ଭାବ ଓ ପ୍ରସାର ଘଟି ନଥିଲା, ସେତେବେଳେ ପାଲା ମାଧ୍ୟମରେ ଗାୟକ ଓଡିଆ ସାହିତ୍ୟ ସଂସ୍କୃତିକୁ ଜନସାଧାରଣଙ୍କ ନିକଟରେ ପରିବେଷଣ କରୁଥିଲା । ଏହାଦ୍ୱାରା ଗୋଟିଏ ଜାତିର ସାହିତ୍ୟ ସମସ୍ତଙ୍କ ନିକଟରେ ପରିବେଷିତ ହେଉଥିଲା । ଫଳରେ ଓଡ଼ିଶାର ପ୍ରାଚୀନ ସାହିତ୍ୟର ବିକାଶ ଓ ସମୃଦ୍ଧି ଘଟୁଥିଲା । ତା ସହିତ ପାଲା ମାଧ୍ୟମରେ ଗ୍ରାମର ଅର୍ଦ୍ଧଶିକ୍ଷିତ ଓ ମୁର୍ଖ ଲୋକ ରସ ଆସ୍ୱାଦନ କରି ଚରମ ସୁଖ ଲାଭ କରିପାରୁଥିଲେ । କାରଣ ସଙ୍ଗୀତ ହେଉଛି ପାଲାର ପ୍ରାଣ । ସଙ୍ଗୀତକୁ ବାଦ ଦେଇ ପାଲାର ପରିକଳ୍ପନା ସମ୍ଭବ ନୁହେଁ ।

ଆଜି ଶିକ୍ଷା ସଭ୍ୟତାର ବିକାଶ ଫଳରେ 'ପାଲା' ଆଉ ସାଧାରଣ ଜନତାକୁ ଆକୃଷ୍ଟ କରି ପାରୁନାହିଁ । ସାହିତ୍ୟର ଆଙ୍ଗିକ ଓ ଆତ୍ମିକରେ ପରିବ ର୍ନ ହେବା ଫଳରେ ସାହିତ୍ୟର ସାଂପ୍ରତିକ ରୂପ ଆଉ ପାଲାରେ ପରିବେଷିତ ହୋଇ ପାରୁନାହିଁ । ଫଳରେ ଆଧୁନିକ ଶିକ୍ଷିତ ଲୋକଙ୍କ ନିକଟରେ ପାଲାକୁ ପ୍ରାଚୀନ ସାହିତ୍ୟର ପାଣ୍ଡିତ୍ୟ ଓ ବିଦବ । ପରିବେଷଣର ଏକମାତ୍ର କଳା ଭାବରେ ଗ୍ରହଣ କରାଯାଇଛି । ଯଦି ଆଧୁନିକ ସାହିତ୍ୟର ବିଭିନ୍ନ ବିଭାବ ଓ ବିଭବ ଆଜିର ପାଲାରେ ପରିବେଷଣ କରା ନଯାଏ ତେବେ ପାଲା ତାର ବ୍ୟବହାରିକ ମୂଲ୍ୟ ଓ ଗୁଣ ହରାଇ ସମ୍ପୂର୍ଣ୍ଣ ଲୋପ ପାଇବା ଅସମ୍ଭବ ନୁହେଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଳ୍ପ, ଉପନ୍ୟାସ, ନାଟକ, ରମ୍ୟରଚନା ଠାରୁ ଆରମ୍ଭ କରି ସାହିତ୍ୟର ସମସ୍ତ ଗଦ୍ୟ ରୂପ ଏବେ ପାଲାରେ ପ୍ରୟୋଗ ହେବାରେ ଅସୁବିଧା ହେଉଥିବାରୁ ପାଲାକାରମାନେ ସେହି ପ୍ରାଚୀନ ଛାନ୍ଦ, ଚମ୍ପୂ, ଜଣାଣ ଠାରୁ ଆରମ୍ଭ କରି ପୌରାଣିକ ବିଷୟ ବସ୍ତୁକୁ ଧରି ରଖୁଛନ୍ତି । ଏହା ଫଳରେ ସାଂପ୍ରତିକ ମଣିଷ ନିକଟରେ ପାଲା ତାର ବ୍ୟବହାରିକ ମୂଲ୍ୟ ହରାଇ ବସୁଛି । ଅନ୍ୟ ପକ୍ଷରେ ନାଟକ ଓ ଏକାଙ୍କିକାରେ ଆଧୁନିକ ମଣିଷର ଚିନ୍ତା ଚେତନା, ମନସ୍ତାତ୍ତ୍ୱିକ ବିଶ୍ଲେଷଣ ପ୍ରକାଶ କରାଯିବା ସହିତ ସାମାଜିକ ଅଙ୍ଗୀକାରବଦ୍ଧତା ପ୍ରକାଶ ପାଉଥିବାରୁ ତାହା ଦର୍ଶକଙ୍କୁ ଧରି ରଖିବାରେ ସଫଳ ହେଉଛି । କେଉଁଠି କେଉଁଠି ସିନେମାର ପ୍ରଭାବ ଦ୍ୱାରା ଆଜି ନାଟକ ମଧ୍ୟ ଆଦୃତ ହେଉନାହିଁ । ସେହିପରି ପାଲାର ସଂକଟ କାଳରେ ପାଲାକାରମାନେ ଯଦି କେବଳ ପଦ୍ୟ ଶୈଳୀକୁ ପରିହାର କରି ଗଦ୍ୟ ଶୈଳୀ ଆପଣେଇ ନେଇ ଉଭୟ ଗଦ୍ୟ ଓ ପଦ୍ୟ ଶୈଳୀର ପ୍ରୟୋଗ କରିପାରନ୍ତେ ତାହେଲେ ପାଲା ନିଶ୍ଚୟ ଜନାଦୃତ ହୋଇପାରନ୍ତା । ମାତ୍ର ଏହି ପ୍ରୟୋଗ କୌଣସି ପାଲାକାର ଆଜିଯାଏଁ ପ୍ରୟୋଗ କରି ନାହାଁନ୍ତି । ଫଳରେ ପାଲା ଧିରେ ଧିରେ ତାର ବ୍ୟବହାରିକ ମୂଲ୍ୟ ହରାଇ ଜନସାଧାରଣଙ୍କ ଠାରୁ ଦୂରେଇ ଯାଉଛି ।

ପୃଥିବୀର ସବୁ ସାହିତ୍ୟର ମୂଳ ଉତ୍ସ ହେଉଛି ପଦ୍ୟ । ସେହିପରି ପାଲାର ପ୍ରକାଶଭଙ୍ଗୀ ହେଉଛି ପଦ୍ୟ । ପାଲାରେ ନାଟକୀୟତା, ରସ, ସ୍ୱର, ଅଭିନୟ, ବାଦ୍ୟ, ସ୍ୱରଝଙ୍କାର ସବୁ କିଛି ଥାଏ । ଗବେଷକଙ୍କ ମତରେ ସଙ୍ଗୀତର ଏପରି ଯାଦୁ ଅଛି ଯେ ତାହା ସାପ ପରି ଭୟଙ୍କର ପ୍ରାଣୀକୁ ମଧ୍ୟ ବଶୀଭୂତ କରିପାରେ । ସଙ୍ଗୀତର ପ୍ରଭାବ ସୁଦୂର ପ୍ରସାରୀ ଓ ପ୍ରଭାବଶାଳୀ । ଯେମିତି ମେଘମହ୍ଲାର ଗାନ ଦ୍ୱାରା ବର୍ଷା ହେବା, ଦୀପକ ରାଗ ଦ୍ୱାରା ଦୀପ ପ୍ରଜ୍ଜ୍ୱଳିତ ହେବା ଆଦି ସମ୍ଭବ ହୋଇପାରେ । ପାଲାରେ ସଙ୍ଗୀତ ଓ ବାଦ୍ୟ ପରିବେଷଣ ଦ୍ୱାରା ଏହା ଲୋକଙ୍କ ମନୋରଞ୍ଜନ ସହିତ ସେମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବାନ୍ଧି ରଖିବାରେ ସକ୍ଷମ ହୋଇଥାଏ । ପଣ୍ଡିତମାନଙ୍କ ମତରେ ସଙ୍ଗୀତର ଏହି ସ୍ୱରୂପ ପ୍ରଥମେ ବେଦରେ ପ୍ରକାଶ ପାଇଥିଲା ।

ଆହୁରି ମଧ୍ୟ ପଣ୍ଡିତ ମାନେ କହିଛନ୍ତି ଆମର ୬ ରାଗ ଓ ୩୬ ରାଗିଣୀ ଭାରତର ସମସ୍ତ ପ୍ରାନ୍ତୀୟ ସାହିତ୍ୟରେ ଦେଖାଯାଏ । ପୂର୍ବେ ଯେଉଁମାନେ ସାହିତ୍ୟ ସର୍ଜନା କରୁଥିଲେ ସେମାନେ ସଙ୍ଗୀତ ଶାସ୍ତ୍ରରେ ଅଭିଜ୍ଞ ଓ ନିପୁଣ ଥିଲେ ।

ଓଡ଼ିଶାରେ ପ୍ରଚଳିତ 'ପାଲା' ହେଉଛି ସଙ୍ଗୀତର ଏକ ସୁନ୍ଦର ପରିବେଷଣ ଶୈଳୀ ଓ ପ୍ରକାଶଭଙ୍ଗୀ । ପାଲାରେ ସ୍ୱର, ତାଳ, ଲୟ, ରାଗ ରାଗିଣୀର ସ୍ୱର ଝଙ୍କାର ଦର୍ଶକ ମନରେ ନବ ରସର ଭାବ ସୃଷ୍ଟି କରିବା ସହିତ ତାକୁ ଏକ ସ୍ୱତନ୍ତ୍ର କଳ୍ପ ଜଗତକୁ ନେଇଯାଏ । ଯାହା ଫଳରେ ଦର୍ଶକର ଆଖି କେତେବେଳେ ଲୋତକାପ୍ଲୁତ ହୋଇଯାଏ ତ କେତେବେଳେ ନିର୍ମଳ ଆନନ୍ଦରେ ଦର୍ଶକ ହସି ହସି ବେଦମ ହୋଇଯାଏ ।

ଏହି ପାଲା ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟ ରକ୍ଷା କରିବା ପାଇଁ ଅଭିପ୍ରେତ ହୋଇଥିବା ବେଳେ ଏଥିରେ ଉଭୟ ଭାଷାର ପ୍ରୟୋଗ ହୋଇଥିବା ଲକ୍ଷ୍ୟ କରାଯାଏ । ବହୁ ପ୍ରାଚୀନ କାଳରୁ ହିନ୍ଦୁମାନଙ୍କ ମଧ୍ୟରେ ସତ୍ୟନାରାୟଣ ପୂଜା ପ୍ରଚଳିତ ଥିଲା । ଏହାର ସୂଚନା ଆମେ ସ୍କନ୍ଦ ପୁରାଣରେ ପାଇଥାଉ । କାଳକ୍ରମେ ସତ୍ୟନାରାୟଣଙ୍କ ସହିତ ମୁସଲମାନଙ୍କର ପୀର ଶବ୍ଦର ମିଶ୍ରଣ ଘଟିଲା । ଫଳରେ 'ସତ୍ୟପୀର' ଶବ୍ଦ ସୃଷ୍ଟି ହେଲା । ଓଡ଼ିଶା ଓ ବଙ୍ଗଳାରେ 'ପୀର' ମୁସଲମାନ ଫକୀରଙ୍କୁ ବୁଝାଇଥାଏ ।

ଏସିଆଟିକ୍ ସୋସାଇଟି ଦ୍ୱାରା ସଂଗୃହୀତ କବି କର୍ଣ୍ଣଙ୍କ ଓଡ଼ିଶାର ପାଲା ସଂସ୍କୃତି ଏକ ସଂକ୍ଷିପ୍ତ ଆକଳନ ଡକ୍ଟର ବସନ୍ତ କିଶୋର ସାହୁବିଦ୍ୟାଧର ଓ ମନୋହର ପାଲାରୁ ଏହା ୧୨୬୨ ସାଲରେ ରଚିତ ହୋଇଥିବା ପ୍ରମାଣ ମିଳେ । ବଙ୍ଗଳାର କବି କର୍ଣ୍ଣଙ୍କୁ ପ୍ରଥମ ପାଲା ରଚନାକାର ଭାବରେ ସ୍ୱୀକୃତି ପ୍ରଦାନ କରାଯାଏ । ଗବେଷକମାନେ କବି କର୍ଣ୍ଣ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବି କର୍ଣ୍ଣପୁର ନାମରେ ଦୁଇ ଜଣ ସ୍ରଷ୍ଟାଙ୍କ ଉଦ୍ଭବ ହୋଇଥିବା କଥା କହିଥାନ୍ତି । ବଙ୍ଗଳା ଓ ଓଡ଼ିଆ ଭାଷାର ଅପୂର୍ବ ମିଶ୍ରଣ ଏଥିରେ ଲକ୍ଷ୍ୟ କରାଯାଏ । ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ମତରେ ଷୋଳପାଲା ପାଠ କଲେ ଅନେକ ଓଡ଼ିଆ ଶବ୍ଦ ପ୍ରୟୋଗ ହୋଇଥିବା ଲକ୍ଷ୍ୟ କରାଯାଏ । ପାଲା ଉଦ୍ଭବ ହେବାର ବହୁ ପରେ କବି କର୍ଣ୍ଣ ଷୋଳ ପାଲା ରଚନା କରିଛନ୍ତି ।

ଆଉ କେତେକଙ୍କ ମତରେ ଏହାର ବହୁ ପୂର୍ବରୁ ଓଡ଼ିଶାରେ ପାଲା ପ୍ରଚଳିତ ଥିଲା । ଭୃଗୁରାମ ବଙ୍ଗଳାର ଜଣେ ପ୍ରତିଷ୍ଠିତ ପାଲା କବି । ତାଙ୍କ ଦ୍ୱାରା ରଚିତ ଭ୍ରମରବର, କଳାବତୀ ଓ ଲୀଳାବତୀ ପାଲା ଦୁଇଟି ଓଡ଼ିଶାରେ ପ୍ରସିଦ୍ଧି ଅର୍ଜନ କରିଛି । ଏହାର ଭାଷା ମିଶ୍ର ଭାଷା । ଆଉ କେତେକ ଗବେଷକଙ୍କ ମତରେ ଓଡ଼ିଶାରେ ସତ୍ୟପୀର ପୂଜା ୧୭୧୬ ବେଳକୁ ଆରମ୍ଭ ହୋଇଛି । ଇତିହାସରୁ ଜଣାଯାଏ ୧୭୧୨ ରେ ସୁବେଦାର ସୁଜାଉଦ୍ଦିନ ମହମଦ୍ ଖାନ କଟକର କଦମ ରସୁଲ ନିର୍ମାଣ କରାଇ ହିନ୍ଦୁ ଓ ମୁସଲମାନ ଉଭୟଙ୍କ ପାଇଁ ଏହାର ଦ୍ୱାର ଖୋଲା ରଖିଥିଲେ । କାଇପଦରରେ ବୁଖାରି ବାବାଙ୍କ ପୀଠରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ମୁଣ୍ଡ ନୁଆଁଇ ଥାଆନ୍ତି । ଚାରିନଙ୍ଗଳର ଦରଘା ସାହାରେ ମଧ୍ୟ ଉଭୟ ହିନ୍ଦୁ ଓ ମୁସଲମାନ ଉଭୟ ମଥା ଟେକିବା ସହିତ ସିରିଣି ଭୋଗ ଲଗାଇଥାନ୍ତି ।

ଚୈତନ୍ୟଙ୍କ ସମୟରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଏକ ସମନ୍ୱୟ ସେତୁ ନିର୍ମିତ ହୋଇଥିଲା । ଚୈତନ୍ୟ ମୁସଲମାନ ସମ୍ପ୍ରଦାୟରୁ ଅନେକ ଶିଷ୍ୟ ଗ୍ରହଣ କରି ନିଜର ଉଦାରତା ମନୋବୃତ୍ତିର ପରିଚୟ ଦେଇଥିଲେ । ପୂର୍ବରୁ ଆମର ସତ୍ୟନାରାୟଣ ପୂଜା ପ୍ରଚଳିତ ଥିଲା । ମାତ୍ର ପରବର୍ତ୍ତୀ କାଳରେ ସତ୍ୟ ସହିତ ପୀର ଶବ୍ଦକୁ ଯୋଡି ଦିଆଗଲା । ସତ୍ୟ ଅର୍ଥ ବିଷ୍ଣୁ । ଓଡିଶା ଓ ବଙ୍ଗଳାରେ ପୀର ଶବ୍ଦ ଅର୍ଥ ହେଉଛି ମୁସଲମାନ ଫକୀର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମାନେ ମୁସଲମାନ ସମ୍ପ୍ରଦାୟର ସାଧୁ ସନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରବ ର୍ତୀ କାଳରେ ସତ୍ୟ ପୀର ଏକ ଅର୍ଥରେ ବ୍ୟବହାର କରାଯାଇଛି । ଅର୍ଥାତ୍ ଉଭୟ ବିଷ୍ଣୁଙ୍କର ଅବତାରୀ ଅର୍ଥରେ ଗ୍ରହଣ କରାଯାଇଛି । କବି କର୍ଣ୍ଣଙ୍କ ଷୋଳ ପାଲାରେ ସତ୍ୟପୀରଙ୍କ ଠାରେ ଅଧିକ ଦେବତ୍ୱ ଓ ଅଲୌକିକତା ଆରୋପ କରାଯାଇଛି ।

କାଳକ୍ରମେ ସତ୍ୟପୀର ପୂଜା ଜନାଦୃତ ହେବା ପରେ ସତ୍ୟପୀରଙ୍କ ପାଇଁ ସ୍ୱତନ୍ତ୍ର ଆସ୍ଥାନର ଆବଶ୍ୟକତା ପଡିଲା । ସ୍କନ୍ଦ ପୁରାଣ ଅନୁଯାୟୀ ସତ୍ୟନାରାୟଣଙ୍କ ଆସ୍ଥାନର ଚାରି କୋଣରେ ଗଣେଶ, ଭାସ୍କର, ଶିବ ଓ ଦୁର୍ଗାଙ୍କ ପ୍ରତିଷ୍ଠା କରାଯାଇ ମଝିରେ ନାରାୟଣଙ୍କୁ ଅବସ୍ଥାପିତ କରାଯାଉଥିଲା । କିନ୍ତୁ ସତ୍ୟପୀର ପାଲାରେ ପଞ୍ଚ ଦେବତାଙ୍କୁ ପ୍ରତୀକ ଭାବରେ ଗ୍ରହଣ କରାଯାଇ ପାନ ଉପରେ ଗୁଆ ରଖାଯିବା ସହିତ ମୁକାମ(ପାଚିଲା କଦଳୀ ଓ ଲଡ୍ଡୁ) ରଖାଯାଇ ପୂଜାର୍ଚ୍ଚନା କରାଗଲା । ପାନ ଉପରେ ଗୁଆ ରଖିବା ମୁସଲମାନ ସଂସ୍କୃତି ହୋଇଥିବାରୁ ତାକୁ ସତ୍ୟପୀର ପୂଜାରେ ଗ୍ରହଣ କରାଯାଇଛି । ତା ପରେ ସମଗ୍ର ଆସ୍ଥାନର ଚାରିକୋଣରେ ଚାରୋଟି କାଣ୍ଡ ପୋତାଯାଏ । କାଣ୍ଡଗୁଡିକ ମୟୂର ଚନ୍ଦ୍ରିକା ଦ୍ୱାରା ଆଚ୍ଛାଦିତ ହୋଇଥାଏ । ତା ସହିତ ସତ୍ୟନାରାୟଣଙ୍କ ଠାରେ ଲଗା ଯାଉଥିବା ଭୋଗରେ ପାଚିଲା କଦଳୀ, କ୍ଷୀର, ଘିଅ, କନ୍ଦ ଆଦି ଭୋଗ ଲଗା ଯାଉଥିବା ବେଳେ ସତ୍ୟପୀରଙ୍କ ଭୋଗରେ ଶିରିଣିର ପ୍ରଚଳନ ହେଲା । ଏହି ଶିରିଣି ପୁଣି ଗହମ ବା ଚାଉଳଚୂନାରେ ଗୁଡ କଦଳୀ ସହିତ ସୁବାସିତ ମସଲା ପକାଯାଇ ଏକ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ ହୋଇଥାଏ । ଯାହାକି ଅନ୍ୟ କୌଣସି ପୂଜାରେ ଏପରି ଭୋଗ ସମର୍ପିତ ହୋଇ ନଥାଏ ।

ଅନେକ ସତ୍ୟପୀର ପାଲା ଓ ପାଲାକୁ ଏକ ବୋଲି ଭାବିଥାନ୍ତି । ମାତ୍ର ସତ୍ୟପୀର ପୂଜାରେ ପାଠ କରାଯାଉଥିବା କଥାମୃତ ଓଡ଼ିଆ ବଙ୍ଗଳାରେ ପ୍ରଚଳିତ ଥିଲା ବେଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ପାଲା' ଓଡ଼ିଶାର ନିଜସ୍ୱ ସଂସ୍କୃତି ଭାବରେ ସ୍ୱୀକୃତ । ତତ୍ ସହିତ ସାହିତ୍ୟ ପାଲାର ମୂଳ ଉତ୍ସ ଭାବରେ ଗୃହୀତ ହୋଇଥାଏ । ସତ୍ୟପୀର ପୂଜାର ପଦ୍ଧତି ସଂକୀର୍ଣ୍ଣ ଧାର୍ମିକ ଚିନ୍ତାଧାରା ମଧ୍ୟରେ ସୀମିତ ଥିବା ବେଳେ ପାଲା ବହୁମୂଖୀ ଭାବନା ଦ୍ୱାରା ପ୍ରଭାବିତ । ପାଲାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାହିତ୍ୟ ମାଧ୍ୟମରେ ଲୋକମାନଙ୍କର ମନୋରଞ୍ଜନ କରିବା । ସତ୍ୟପୀର ପୂଜାରେ କେବଳ ସତ୍ୟପୀରଙ୍କର ଗୁଣଗାନ କରାଯାଉଥିବା ବେଳେ ପାଲାରେ ସବୁ ଦେବଦେବୀଙ୍କର ଗୁଣ ଗାନ କରାଯାଇଥାଏ । ପାଲାକାରମାନେ ଗଣେଶ, ଶିବ, ଦୁର୍ଗା, ବିଷ୍ଣୁ, ସୂର୍ଯ୍ୟ ଆଦି ସବୁ ଦେବଦେବୀଙ୍କ ଜୟଗାନ କରିଥାନ୍ତି । ପାଲାରେ ନୃତ୍ୟ, ସଙ୍ଗୀତ, ବାଦ୍ୟ, ଅଭିନୟ ଓ ସଂଳାପ ସବୁ କିଛି ଦେଖିବାକୁ ମିଳିଥାଏ । ତତ୍ ସହିତ ନିର୍ଦ୍ଦିଷ୍ଟ କଥାବସ୍ତୁର ନାଟକୀୟ ପରିବେଷଣ ପାଲାରେ କରାଯାଇଥାଏ । ଓଡ଼ିଶାରେ ପାଲାର ଦୁଇଟି ରୂପ ଦେଖିବାକୁ ମିଳେ । ଗୋଟିଏ ହେଉଛି ବୈଠକୀ ପାଲା ଓ ଅନ୍ୟଟି ହେଉଛି ଠିଆ ପାଲା । ବୈଠକୀ ପାଲାରେ ଗାୟକ ବସି ପାଲା ପରିବେଷଣ କରୁଥିବା ବେଳେ ଠିଆ ପାଲାରେ ଗାୟକ, ବାୟକ, ପାଳିଆ ଆଦି ପାଞ୍ଚରୁ ଛଅ ଜଣ ଗୀତ, ନୃତ୍ୟ ଓ ସଂଳାପ ଆଦି ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ କଥାବସ୍ତୁକୁ ଦର୍ଶକମାନଙ୍କ ନିକଟରେ ପରିବେଷଣ କରିଥାନ୍ତି ।

ପାଲାରେ ଗାୟକ ବା ଗାହାଣ ବହୁ ଶାସ୍ତ୍ରଦର୍ଶୀ ହୋଇଥାଏ । ତା ସହିତ ସଂସ୍କୃତ ଓ ଓଡ଼ିଆ କାବ୍ୟକବିତାରେ ତାଙ୍କର ଗଭୀର ଜ୍ଞାନ ଥିବା ଥାଏ । ଗାୟକଙ୍କର ସ୍ମରଣ ଶକ୍ତି ମଧ୍ୟ ଅଧିକ ଥାଏ । ବିଷୟବସ୍ତୁକୁ ଆଗକୁ ବଢ଼ାଇବା ପାଇଁ ବିଭିନ୍ନ କବିଙ୍କର କବିତାଂଶ ବା ଶ୍ଳୋକକୁ ଆବୃତ୍ତି ବା ଗାନ କରି ଗାୟକ ନିଜର ଯୁକ୍ତିକୁ ଉପସ୍ଥାପନ କରିଥାନ୍ତି । ବାୟକ ମୃଦଙ୍ଗ ବାଦନ କରି ସଙ୍ଗୀତରେ ସ୍ୱର ଦେଇଥାଏ । ପାଳିଆ ଗୀତର ପାଳି ଧରିଥାନ୍ତି । ସ୍ଥଳ ବିଶେଷରେ ସେମାନେ ନୃତ୍ୟ ଓ ଅଭିନୟ ମଧ୍ୟ କରିଥାନ୍ତି । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଳିଆମାନଙ୍କ ଭିତରେ ଜଣେ ମୁଖ୍ୟ ପାଳିଆ ଥାଆନ୍ତି । ତାଙ୍କୁ ଶ୍ରୀପାଳିଆ କୁହାଯାଏ । ସେ ଗାୟକଙ୍କୁ ଅନେକ ସମୟରେ ସାହାଯ୍ୟ କରିଥାନ୍ତି । ଗାୟକଙ୍କ କଣ୍ଠ ପଡିଗଲେ ସେ କିଛି ସମୟ କଥାବସ୍ତୁକୁ ଆଗେଇ ନେଇଥାନ୍ତି । ପାଳିଆମାନେ ପାଦରେ ଘୁଙ୍ଗୁର ବାନ୍ଧିବା ସହିତ ହାତରେ ଝାଞ୍ଜ ବା କରତାଳ ଧରିଥାନ୍ତି ।

ପାଲା ସାଧାରଣତଃ ଖୋଲା ମଞ୍ଚରେ ପରିବେଷିତହୋଇଥାଏ । ପାଲାରେ ଶୃଙ୍ଗାର, କରୁଣ ଓ ବୀର ରସ ଆଦି ପରିବେଷିତ ହୋଇଥାଏ । ପାଲାରେ କଥୋପକଥନ ବା ଗଦ୍ୟ ଶୈଳୀ ମଧ୍ୟ ବିନା ପ୍ରସ୍ତୁତିରେ ପରିବେଷଣ କରାଯାଇଥାଏ । ଏଥିରୁ ପାଳିଆମାନଙ୍କର ଆଶୁ କବିତ୍ୱ ଓ ସୃଜନଶୀଳତତ ପରିଚୟ ମିଳିଥାଏ । ପୂର୍ବ କାଳରେ ଓ ଏବେ ମଧ୍ୟ ପିଲାମାନଙ୍କର ଏକୋଇଶା, ଜନ୍ମ ଦିନ ଓ ଷୋଳ ବର୍ଷ ପୂର୍ତ୍ତି ଉତ୍ସବରେ ପାଲା ପରିବେଷଣ କରାଯାଇଥାଏ । ଏହାର ଉତ୍ପତ୍ତି ସମ୍ପର୍କରେ ଗବେଷକମାନେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଥାନ୍ତି । କେତେକଙ୍କ ମତରେ 'ପାଲ୍ୟତେ' ସଂସ୍କୃତ ଶବ୍ଦରୁ ପାଲା ଶବ୍ଦ ନିଷ୍ପନ୍ନ ହୋଇ ଅଛି । ଆଉ କେତେକଙ୍କ ମତରେ 'ପାଞ୍ଚାଳି' ଶବ୍ଦରୁ ପାଲା ଶବ୍ଦ ସୃଷ୍ଟି । କାରଣ କବି 'କର୍ଣ୍ଣ' ଯେଉଁ ଷୋଳପାଲା ଲେଖିଛନ୍ତି ତାହା ପାଞ୍ଚାଳି ବୃତ୍ତ ବା ରାଗରେ ରଚନା କରାଯାଇଛି । ଆଉ କେତେକଙ୍କ ମତରେ 'ପର୍ଯ୍ୟାୟ' ଶବ୍ଦରୁ ପାଲା ଶବ୍ଦ ଆସିଅଛି । ରାଜ ଦରବାରରେ ପର୍ଯ୍ୟାୟ କ୍ରମେ ପାଲା ପରିବେଷଣ କରାଯାଉଥିଲା । ଏହା ଦିନ ଦିନ ଧରି ଚାଲୁଥିଲା । ଏହି ପର୍ଯ୍ୟାୟ ମଧ୍ୟ ଅପଭ୍ରଂଶ ହୋଇ ପାଲା ଶବ୍ଦ ସୃଷ୍ଟି ହୋଇଅଛି ବୋଲି କେତେକ ମତ ବ୍ୟକ୍ତ କରିଥାଆନ୍ତି ।

ଆଉ କେତେକଙ୍କ ମତରେ ଯିଏ ଗାୟକଙ୍କୁ ସାହାଯ୍ୟ କରେ ସେ ବାୟକ । ବାୟକ ଗାଉଥିବା ପଦଟିକୁ ଯେଉଁମାନେ ଦ୍ୱିତିୟ ବାର ଗାଆନ୍ତି ତାଙ୍କୁ ପାଳିଆ କୁହାଯାଏ । ଏହି ପାଳିଆ ଅପଭ୍ରଂଶ ହୋଇ ପାଲା ହୋଇଥିବା କେତେକ କହିଥାନ୍ତି । ଭାରତର ଅନ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଦେଶରେ ସତ୍ୟନାରାୟଣ ପୂଜା ପ୍ରଚଳିତ ଥିବା ବେଳେ କେବଳ ବଙ୍ଗଳା ଓ ଓଡ଼ିଶାରେ ଏହା ସତ୍ୟପୀର ରୂପେ ପୂଜା ପାଆନ୍ତି । ଓଡ଼ିଶାରେ କେବଳ ସତ୍ୟପୀରଙ୍କ ପୂଜା ପରେ ପାଲା ପରିବେଷଣ କରାଯାଏ । ପାଲା ଓଡ଼ିଶା ଓ ବଙ୍ଗଳାରେ ବେଶ୍ ଆଦୃତ ଓ ପ୍ରତିଷ୍ଠିତ । ଆସାମରେ ମଧ୍ୟ ପାଲାର ପ୍ରଚଳନ ଅଛି । ସତ୍ୟପୀର ପୂଜାରେ ଅନ୍ୟ ଦେବତାଙ୍କୁ ଗୌଣ କରାଯାଇ କେବଳ ସତ୍ୟପୀରଙ୍କ ଗୁଣ ଓ ଯଶ ଗାନ କରାଯାଉଥିବା ବେଳେ ପାଲାରେ ସବୁ ଦେବତାଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ପାଲା ପ୍ରଥମେ ଆସାମରେ ଉତ୍ପନ୍ନ ହୋଇଥିଲା ବୋଲି ବଂଶୀଧର ମହାନ୍ତି ମତବ୍ୟକ୍ତ କରିଥାନ୍ତି । କେହି କେହି ବଙ୍ଗଳାର କବିର ଗାନ ସହିତପାଲାକୁ ତୁଳନା କରନ୍ତି ।

ପାଲା ଓଡ଼ିଶାର ଏକ ସ୍ୱତନ୍ତ୍ର ବିଭବ ଓ ଶୈଳୀ । ଏହା ଓଡ଼ିଶାର ଏକ ସ୍ୱତନ୍ତ୍ର କଳା । ଈଶ୍ୱରଙ୍କ ପ୍ରତି ଭୟ ଥିବାରୁ ଲୋକେ କୌଣସି ଅପକର୍ମ କରନ୍ତି ନାହିଁ । ପାଲାରେ ପୌରାଣିକ ଉପଖ୍ୟାନକୁ ଯୁକ୍ତଯୁକ୍ତି ଭାବରେ ଉପସ୍ଥାପନ କରାଯାଉଥିବାରୁ ଲୋକେ ଏଥିପ୍ରତି ଆକୃଷ୍ଟ ହୁଅନ୍ତି । ୧୦୦ ବର୍ଷ ପୂର୍ବେ ଶକୁନ୍ତଳା ବିଷୟ ପାଲାରେ ଦୁଷ୍ମନ୍ତଙ୍କ ଗୁଣ ଓ ରୂପ ବର୍ଣ୍ଣନାରେ ପାଲାକାରମାନେ ଅଧିକ ସମୟ ଅତିବାହିତ କରି ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରୁଥିଲେ । ଏଥିରେ ରସଭଙ୍ଗ ହେବାରୁ ପାଲାକାରମାନେ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଲେ । ତା ପରେ ବାଦୀ ପାଲା ଆରମ୍ଭ ହେଲା । ପାଲା ଲୋକ ସାହିତ୍ୟ ଓ ବିଦଗଧ ସାହିତ୍ୟର ଏକ ମିଶ୍ରିତ କଳା । ସଙ୍ଗୀତ ପାଲାର ପ୍ରାଣ । ସଙ୍ଗୀତକୁ ବାଦ ଦେଇ ପାଲାର ପରିକଳ୍ପନା ସମ୍ଭବ ନୁହେଁ ।

ପୂର୍ବେ ପାଲା ଗାୟକମାନଙ୍କର ବେଶ ଭିନ୍ନ ଥିଲା । ସେମାନେ ଘାଘରା ପିନ୍ଧୁଥିଲେ । ହାତରେ ବାଲା, ବଟଫଳ ଓ ତାଇତ ପିନ୍ଧୁଥିଲେ । ମୋଟାମୋଟି କହିଲେ ଗାୟକର ବେଶ ପୁରୁଷ ସୁଲଭ ନହୋଇ ନାରୀ ସୁଲଭ ହେଉଥିଲା । ଗାୟକକୁ ସାହାଯ୍ୟ କରିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଞ୍ଚ ଜଣ ପାଳିଆ ରହୁଥିଲେ । ଏମାନଙ୍କର ବେଶ ମଧ୍ୟ ଅନୁରୂପ ଥିଲା । ଏମାନଙ୍କର ଏ ବେଶ ଗୋପୀ ଭାବର ଦ୍ୟୋତକ ବୋଲି ମତ ପ୍ରକାଶ ପାଏ । ସ୍ୱାଧୀନତା ପରବର୍ତ୍ତି କାଳରେ ପ୍ରଥମେ ନିରଞ୍ଜନ କର ଓ ହରି ନାଥ ଗାୟକ ଓ ବାୟକମାନଙ୍କ ବେଶରେ ପରିବର୍ତ୍ତନ ଆଣଥିଲେ ।

ପାଲା ଓଡ଼ିଶାର ନିଜସ୍ୱ ସଂସ୍କୃତି । ଗଣ ଜୀବନରେ ଏହାର ପ୍ରଭାବ ସୁଦୂର ପ୍ରସାରୀ । ଉପଯୁକ୍ତ ବାଖ୍ୟା ଓ ପ୍ରସାର ମାଧ୍ୟମରେ ଏହା ସାଧାରଣ ଲୋକଙ୍କ ମନରେ ପ୍ରଭାବ ବିସ୍ତାର କରିଥାଏ । ପାଲାରେ ବୌଦ୍ଧିକ ସାହିତ୍ୟର ଯେପରି ପ୍ରସାର ଓ ପ୍ରଚାର ହୁଏ ତାହା ଅନ୍ୟ କୌଣସି ଲୋକ ନାଟକରେ ପରିବେଷିତ ହୋଇ ପାରେ ନାହିଁ । କାରଣ ଗାୟକ ସଂସ୍କୃତ ଓ ଓଡିଆ କାବ୍ୟ କବିତାରୁ ଶହ ଶହ ଶ୍ଳୋକ ଓ ପଦ ମୁଖସ୍ତ କରି ତାକୁ ସ୍ଥଳ ବିଶେଷରେ ପ୍ରୟୋଗ କରିଥାଏ । ଯାହାକି ଶ୍ରୀଅକ୍ଷର ବିବର୍ଜିତ ଗ୍ରାମ୍ୟ ଜନତା ସେଥିରୁ ରସ ଆସ୍ୱାଦନ କରି ମନ୍ତ୍ର ମୁଗ୍ଧ ହୋଇଥାଏ । ସେଥିପାଇଁ ପାଲାର ପରିଧି ପୁରାଣ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ । ସୁଦକ୍ଷ ଗାୟକର ସ୍ମରଣଶକ୍ତି ତାକୁ ଜଣେ ପ୍ରତିଷ୍ଠିତ ଗାୟକର ସମ୍ମାନ ଦେଇଥାଏ । ସେ ବେଦ ପୁରାଣରୁ ଯେଉଁପରି ଶ୍ଳୋକ ଆବୃତ୍ତି କରିପାରେ ସେହିପରି ଜନସମାଜରେ ପ୍ରଚଳିତ କାହାଣୀ, ଆଖ୍ୟାୟିକାକୁ ଉପସ୍ଥାପନ କରି ଶ୍ରୋତାର ମନକୁ ଜୟ କରିପାରେ । ତା ସହିତ ଜନନାୟକ ଜୀବନୀ ସମ୍ବଳିତ କାହାଣୀ ଓ ଦେଶାତ୍ମବୋଧକର କଥାକୁ ଉପସ୍ଥାପନ କରି ଦର୍ଶକର ମନକୁ ଅତୀତ ଓ ବର୍ତ୍ତମାନ  ସହିତ ଯୋଡିଦେଇ ପାରେ ।

ପାଲାରେ କେବଳ ପୁରାଣ ଶାସ୍ତ୍ର କଥା ବୋଲାଯାଇ ଜନତାଙ୍କ ମନକୁ ସାହିତ୍ୟ ସହିତ ପରିଚିତ କରାଯାଏ ନାହିଁ । ଗାୟକ ଦୁଃଖପୂର୍ଣ୍ଣ କଥାର ବର୍ଣ୍ଣନା କରି ଜନତାଙ୍କ ଆଖି ଲୋତକାପ୍ଲୁତ କରିବା ସମୟରେ ଶ୍ରୀପାଳିଆ ବା ଅନ୍ୟ କୌଣସି ପାଳିଆ ହାସ୍ୟରସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବେଷଣ କରି ନିଜ ଆଶୁ କବିତ୍ୱର ପରିଚୟ ପ୍ରଦାନ କରିବାକୁ ଚେଷ୍ଟା କରିଥାଏ । ଏହା ଦ୍ୱାରା ଜନତାଙ୍କ ମୁଖରେ ନିର୍ମଳ ହାସ୍ୟରସ ସୃଷ୍ଟି ହୋଇଥାଏ । ନାଟକରେ ପରିବେଷିତ ହାସ୍ୟରସ ଠାରୁ ପାଲାରେ ପରିବେଷିତ ହାସ୍ୟରସର ସ୍ୱତନ୍ତ୍ରତା ଲକ୍ଷ୍ୟ କରାଯାଏ । ପୂର୍ବରୁ ସାହିତ୍ୟରେ ପରିବେଷଣ କରାଯାଇଥିବା ହାସ୍ୟରସର ଅବତାରଣା କରିବାକୁ ସେ ଚେଷ୍ଟା କରି ସେହି ଶୈଳୀରେ ନିଜର ବିଦବତା ଦେଖାଇ ଥାଏ । ବହୁ ବିଶିଷ୍ଟ କବିଙ୍କ ରଚନାକୁ ବ୍ୟଙ୍ଗ କରି ପାଳିଆ ତତ୍ କ୍ଷଣାତ ଏକ ହାସ୍ୟରସ ପରିବେଶ ସୃଷ୍ଟି କରିଥାଏ । ଯେମିତି ଆଜିର ସମାଜସେବୀ ବା ରାଜନୈତିକ ଲୋକଙ୍କୁ ତାସ୍ଲ୍ୟ କରି ପାଲାରେ ହାସ୍ୟରସ ସୃଷ୍ଟି କରାଯାଏ । ଗୋପବନ୍ଧୁ ଲେଖିଛନ୍ତି;

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।।
ଦେଶର ସ୍ୱରାଜ୍ୟ ପଥେ ଅଛି ଯେତେ ଗାଡ
ପୁରୁ ତହିଁ ପଡି ମୋର ମାଂସ ହାଡ ।।
ଏହାକୁ ଲକ୍ଷ୍ୟ କରି ପାଲାରେ ପାଳିଆ ଗାଏ-ଦେଶବାସୀ ସବୁ ମିଶନ୍ତୁ ମାଟିରେ
ଆମ୍ଭେ ଚାଲିଯିବୁ ତାଙ୍କରି ପିଠିରେ ।।
ଆମ୍ଭ ସ୍ୱାର୍ଥ ପଥେ ଅଛି ଯେତେ ଗାଡ଼
ପୁରୁ ତହିଁ ପଡି ଜନତାର ହାଡ ।।

ଆଗରୁ କୁହାଯାଇଛି ପାଲା ଓଡ଼ିଶାର ନିଜସ୍ୱ ସଂସ୍କୃତି । ଏହା ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ପ୍ରଚଳିତ ଓ ପରିବେଷିତ ହୋଇ ଜନଜୀବନକୁ ମନ୍ତ୍ରମୁଗ୍ଧ କରି ଆସୁଥିଲା । ଯେତେବେଳେ ରେଡିଓ, ଟେଲିଭିଜନ, ଯାତ୍ରା, ନାଟକର ବିକାଶ ଘଟି ନଥିଲା ସେତେବେଳେ ପାଲା ପରିବେଷିତ ହୋଇ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଜନସାଧାରଣଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିକଟରେ ପହଞ୍ଚାଇ ପାରୁଥିଲା । ପାଲା ଲୋକ ସାହିତ୍ୟ ଓ ବିଦଗଧ ସାହିତ୍ୟର ଏକ ମିଶ୍ରିତ କଳା । ଏହାର ଗଠନ ଶୈଳୀ ବେଶଭୁଷା ମଧ୍ୟ ସ୍ୱତନ୍ତ୍ର । ଓଡ଼ିଶାରେ ପରିବେଷିତ ପାଲାରେ ପାଞ୍ଚ କିମ୍ବା ଛଅ ଜଣ କଳାକାର ଅଂଶ ଗ୍ରହଣ କରନ୍ତି । ସେମାନେ ହେଲେ (୧) ଗାୟକ ବା ଗାହାଣ (୨) ଶ୍ରୀପାଳିଆ (୩) ମୃଦଙ୍ଗ ବାଦକ (୪) ଦୁଇ ବା ତିନି ଜଣ ପାଳିଆ ବା ସହଯୋଗକାରୀ । ଗାୟକଙ୍କ ହାତରେ ଚାମର ଓ ଏକ ହଳ ଛୋଟ ଗିନି ଥାଏ । କୌଣସି ଗୀତ ଗାଇବା ପାଇଁ ଗାୟକ ନିଜ ଡାହାଣ ହାତରେ ଗିନିକୁ ଗୁଡାଇ ସ୍ୱର ସୃଷ୍ଟି କରିଥାନ୍ତି । ଏହା ଶୁଣିବାକୁ ବହୁତ ଶୃତିମଧୁର ହୋଇଥାଏ । କେଉଁ କେଉଁ ଦଳ ଦାସକାଠି, ରାମ ତାଳି ଓ ଏକ ତାଳି ମଧ୍ୟ ବ୍ୟବହାର କରିଥାନ୍ତି । ବାୟକ ମୃଦଙ୍ଗ ବଜାଇ ପରିବେଷିତ ସଙ୍ଗୀତରେ ପ୍ରାଣ ସ ।ର କରିଥାଏ । ବେଳେବେଳେ ସେ ଏକୁଟିଆ କେବଳ ମୃଦଙ୍ଗ ବିଭିନ୍ନ ଶୈଳୀରେ ବଜାଇ ନିଜ ହସ୍ତର ପାରଦର୍ଶୀତା ପ୍ରଦର୍ଶନ କରିଥାଏ । ଚାମର ହେଉଛି ଗାୟକର ଅମୋଘ ଅସ୍ତ୍ର ଓ ଏକ ବିଶେଷ ଆକର୍ଷଣ । ଗାୟକର ପରିଚୟ ହେଉଛି ଚାମର । ଏହାକୁ ବୁଲାଇ ସେ ଶ୍ରୋତା, ଉଦ୍ୟୋକ୍ତା ଓ ଜନସାଧାରଣଙ୍କୁ ଆଶୀର୍ବାଦ ପ୍ରଦାନ କରିଥାଏ । ଗବେଷକମାନେ ଏହି 'ଚାମର'କୁ ଠିଆ ପାଲାର ରାଜଦଣ୍ଡ ଭାବରେ ବ୍ୟକ୍ତ କରିଛନ୍ତି । ଝାଞ୍ଜ ବା କରତାଳ ହେଉଛି ପାଲାର ମୁଖ୍ୟ ବାଦ୍ୟଯନ୍ତ୍ର । ଏହାକୁ ଗାୟକ ଓ ବାୟକ ବ୍ୟତୀତ ଅନ୍ୟ ତିନି ବା ଚାରିଜଣ ବ୍ୟବହାର କରିଥାନ୍ତି । ନିଜ ରୁଚି ଅନୁଯାୟୀ ଏହା ଛୋଟ ବା ବଡ ହୋଇଥାଏ । ଏହାର ସ୍ୱର ମାଧୁରୀ କାନକୁ ମଧୁର ଶୁଣାଯାଏ । ପାଳିଆମାନେ ସାଧାରଣତ ଗୋଡରେ ଘୁଙ୍ଗୁର ବାନ୍ଧି ଥାଆନ୍ତି । ଏହି ଘୁଙ୍ଗୁରର ଶବ୍ଦ ପରିବେଶକୁ ଅଧିକ ଶ୍ରୁତିମଧୁର କରିଥାଏ ।

ଶିକ୍ଷା ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି ଫଳରେ ଆଜି ପାଲାର ଆଦର ଧିରେ ଧିରେ କମିବାରେ ଲାଗିଛି । ସରକାରଙ୍କ ପ୍ରୋତ୍ସାହନ ସହିତ ସ୍ୱତନ୍ତ୍ର ଦଳ ଚିହ୍ନଟ କରି ସେମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରିବାକୁ ସୁଯୋଗ ପ୍ରଦାନ କରାଗଲେ ଲୋପ ପାଇଯାଉଥିବା ପାଲା ସଂସ୍କୃତି ବଞ୍ଚିଯିବ । ତା ସହିତ ଯେଉଁଠି ପାରମ୍ପରିକ ଭାବରେ ପାଲା ବର୍ଷ ବର୍ଷ ଧରି ଅନୁଷ୍ଠିତ ହେଉଛି ସେଠିକାର ସଂଗଠନ ବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ପ୍ରଦାନ କରି ତାଙ୍କ ମନୋବଳକୁ ବଢ଼ାଇବା ଦରକାର । ସମସ୍ତଙ୍କ ସହଯୋଗ ମିଳିଲେ ଲୋପ ପାଇଯାଉଥିବା ପାଲା ପୁଣି ଜନସାଧାରଣଙ୍କର ଆଦର ଲାଭ କରିବ ।

ସାହିତ୍ୟିକ ଓ ଶିକ୍ଷାବିତ୍

କୁସୁପୁର, ଭାୟା-କୁଆଁପାଳ-୭୫୪୨୦୪, କଟକ

ମୋ : ୯୪୩୭୫୨୬୬୨୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad